

ପୁରାଣେ ପୁରୁଷୋତ୍ତମ

▶ପୃଷ୍ଠା ୨ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-11 ♦BHUBANESWAR ♦SATURDAY ♦6 JULY 2024 ♦PAGE-16 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୧୧ ♦ଭୁବନେଶ୍ୱର ♦ଶନିବାର ♦୬ ଜୁଲାଇ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


**ବ୍ରିଟେନରେ ହାରିଲା କନଜରଭେଟିଭ ପାର୍ଟି**

## କିର୍ ଷ୍ଟାର୍ମର ନୂଆ ପ୍ରଧାନମନ୍ତ୍ରୀ

**ସୁନକଙ୍କ ଇସ୍ତଫା**



■ **ଲଣ୍ଡନ, ୫।୭ (ଏଜେନ୍ସି):** ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କୁ ବଡ଼ ଝଟ୍‌କା ଲାଗିଛି। ଶୁକ୍ରବାର ସୁନକଙ୍କ ନେତୃତ୍ୱାଧୀନ କନଜରଭେଟିଭ ପାର୍ଟି ୨୦୦ ବର୍ଷ ପରେ ସାଧାରଣ ନିର୍ବାଚନରେ ଶୋଚନୀୟ ପରାଜୟ ବରଣ କରିଛି। ଏଥିସହିତ ଦେଶରେ ସରକାର ପରିବର୍ତ୍ତନ ହୋଇଛି। ସୁନକ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ସେ ପରାଜୟ ପାଇଁ ନିଜକୁ ଦାୟୀ କରି କନଜରଭେଟିଭ ପାର୍ଟିର ଅଧ୍ୟକ୍ଷ ପଦ ମଧ୍ୟ ଛାଡ଼ିଛନ୍ତି ଏବଂ ଦଳକୁ କ୍ଷମା ମାଗିଛନ୍ତି। ଆଜି ସୁନକ ସପରିବାରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ୧୦ ଡାଉନିଂ ଷ୍ଟ୍ରିଟ୍ ଛାଡ଼ିଛନ୍ତି। ନିର୍ବାଚନରେ ବୃହତ ବିଜୟ ହାସଲ କରିଥିବା ଲେବର ପାର୍ଟିର ନେତା କିର୍ ଷ୍ଟର୍ମର (୬୧) ନୂଆ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ସେ ପତ୍ନୀଙ୍କ ସହ ୧୦ ଡାଉନିଂ ଷ୍ଟ୍ରିଟରେ ▶ପୃଷ୍ଠା-୯

## କୂଅରୁ ବିଷାକ୍ତ ଗ୍ୟାସ ନିର୍ଗତ, ୯ ଜଣଙ୍କ ମୃତ୍ୟୁ



■ **ରାୟପୁର, ୫।୭ (ଏଜେନ୍ସି):** ଛତିଶଗଡ଼ର ଜାଞ୍ଜଗୀର ଏବଂ କୋର୍ବାରେ ଶୁକ୍ରବାର ପୃଥକ ଘଟଣାରେ କୂଅ ମଧ୍ୟରୁ ବିଷାକ୍ତ ଗ୍ୟାସ ନିର୍ଗତ ଯୋଗୁଁ ୯ ଜଣଙ୍କ ମୃତ୍ୟୁ ହୋଇଛି। ଜାଞ୍ଜଗୀରରେ କୂଅରେ ପଡ଼ିଥିବା କାଠ କାଢ଼ିବାକୁ ଯାଇ ବାପା ଓ ଦୁଇ ପୁଅଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି କୋର୍ବାରେ କୂଅରେ ପଡ଼ିଯାଇଥିବା ବାପାକୁ ଉଦ୍ଧାର କରିବାକୁ ଯାଇ ପୁଅ ସହିତ ଅନ୍ୟ ୨ ଜଣଙ୍କ ଜୀବନ ଯାଇଛି। ସୂଚନା ପାଇ ପୁଲିସ ଏବଂ ଏସ୍‌ଡିଆରଏଫ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି। ସବୁ ମୃତଦେହ ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାୟ ଜାଞ୍ଜଗୀର ମୃତକଙ୍କ ସମ୍ପର୍କୀୟଙ୍କ ▶ପୃଷ୍ଠା-୯

**ସୁପ୍ରିମକୋର୍ଟରେ କେନ୍ଦ୍ରର ସତ୍ୟପାଠ**

# ବାତିଲ ହବନି ନିଟ୍ ପରୀକ୍ଷା



**ବଡ଼ଧରଣର ଜାଲିଆତି ହୋଇନାହିଁ: ଏନ୍‌ଟିଏ**

■ **ନୂଆଦିଲ୍ଲୀ, ୫।୭ (ଏଜେନ୍ସି):** ନିଟ୍-ୟୁଜି ପରୀକ୍ଷାକୁ ନେଇ ସାରା ଦେଶରେ ବିବାଦ ଲାଗି ରହିଥିବାବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଶୁକ୍ରବାର ସତ୍ୟପାଠ ଦାଖଲ କରାଯାଇଛି। ଏଥିରେ କେନ୍ଦ୍ର ସରକାର ନିଜର ପକ୍ଷ କରିଛନ୍ତି। ସମ୍ପୂର୍ଣ୍ଣ ପରୀକ୍ଷାକୁ ବାତିଲ କରାଯିବ ନାହିଁ ବୋଲି କୁହାଯାଇଛି। ସତ୍ୟପାଠ ଅନୁଯାୟୀ ପରୀକ୍ଷା ବାତିଲ କରି ନୂଆ ପରୀକ୍ଷା କରାଇବାର କୌଣସି ଉଦ୍ଦେଶ୍ୟ ନାହିଁ। ଏହା ଦ୍ୱାରା ଲକ୍ଷ ଲକ୍ଷ ସଚ୍ଚୋଟ ଛାତ୍ରଛାତ୍ରୀଙ୍କ ଉପରେ ଗୁରୁତର ପ୍ରଭାବ ପଡ଼ିବ। ୨୪ ଲକ୍ଷ ଛାତ୍ରଛାତ୍ରୀ ଦେଇଥିବା ଏହି ପରୀକ୍ଷାରେ ବଡ଼ଧରଣର ଅନିୟମିତତା ମଧ୍ୟ ହୋଇନାହିଁ। ରାଷ୍ଟ୍ରୀୟସ୍ତରରେ ଅନିୟମିତତା କିମ୍ବା ଗୋପନୀୟତା ଉଲ୍ଲଙ୍ଘନର ସ୍ପଷ୍ଟ ପ୍ରମାଣ ନ ମିଳିବା ପର୍ଯ୍ୟନ୍ତ ପୂର୍ବରୁ ଘୋଷିତ ଫଳାଫଳକୁ ବାତିଲ କରିବା ଭଳି ନିଷ୍ପତ୍ତି ନେବା ଯୁକ୍ତିସଙ୍ଗତ ହେବ ନାହିଁ। ସିଂହ ଭାଗ ଛାତ୍ରଛାତ୍ରୀ ବିନା ଅନିୟମିତତାରେ ପରୀକ୍ଷା ଦେଇଛନ୍ତି। ତାଙ୍କର ପ୍ରତିଯୋଗିତାମୂଳକ ଅଧିକାରକୁ ବିପଦରେ ପକାଯାଇପାରିବ ନାହିଁ। ଏହି ମାମଲାର ଟିକିନିଖି ଯାଞ୍ଚ ପାଇଁ ମଧ୍ୟ ସିବିଆଇକୁ କୁହାଯାଇଛି। ଏହି ମାମଲାରେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ।

ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ କୁହାଯାଇଛି ଯେ ନିଟ୍-ୟୁଜି ପରୀକ୍ଷା ବାତିଲ ପାଇଁ ଯଦି ନିଷ୍ପତ୍ତି ନିଆଯିବ ତେବେ ଏହା ଜନସ୍ୱାର୍ଥ ବିରୋଧୀ ହୋଇଯିବ। ପ୍ରଶ୍ନପତ୍ର ପ୍ରଘଟ ଭଳି କଥିତ ଘଟଣା ପରୀକ୍ଷା ପରିଚାଳନା ଉପରେ କୌଣସି ପ୍ରଭାବ ପକାଇ ନ ଥାଏ। ସମ୍ପୂର୍ଣ୍ଣ ନିରପେକ୍ଷତା ଏବଂ ଗୋପନୀୟତା ଅବଲମ୍ବନ କରି ଏହି ପରୀକ୍ଷା କରାଯାଇଛି। ପରୀକ୍ଷାରେ ବଡ଼ଧରଣର ଜାଲିଆତି ନେଇ ଯେଉଁ ଅଭିଯୋଗ କରାଯାଉଛି ତାହା ସମ୍ପୂର୍ଣ୍ଣ ଭୁଲ୍ ଏବଂ ଭ୍ରମାତ୍ମକ। ଏହାର କୌଣସି ଆଧାର ନାହିଁ। ସୂଚନାଯୋଗ୍ୟ ଯେ ନିଟ୍ ଜାଲିଆତି ଏବଂ ଗ୍ରେସ୍ ମାର୍କକୁ ନେଇ ସୁପ୍ରିମକୋର୍ଟରେ ଦାଏର ୨୬ ଆବେଦନ ଉପରେ ୮ ତାରିଖରୁ ଶୁଣାଣି ଆରମ୍ଭ ହେବ। ଏଥିରୁ ୨୨ଟି ଆବେଦନ ଛାତ୍ରଛାତ୍ରୀ, ଶିକ୍ଷକ, କୋଚିଂ ଇନ୍‌ଷ୍ଟିଚ୍ୟୁଟ ଏବଂ ୱେଲଫେୟାର ଆସୋସିଏସନ ପକ୍ଷରୁ ଦାଏର କରାଯାଇଛି। ସେହିପରି ଏନ୍‌ଟିଏ ପକ୍ଷରୁ ୪ ଆବେଦନ ଦାଏର କରାଯାଇଛି।

### ଅଗଷ୍ଟ ୧୧ ରୁ ନିଟ୍-ପିଜି ପରୀକ୍ଷା

■ **ଭୁବନେଶ୍ୱର, ୫।୭ (ସମିସ):** ଅଗଷ୍ଟ ୧୧ ତାରିଖରୁ ଅନୁଷ୍ଠିତ ହେବ ନିଟ୍-ପିଜି ପରୀକ୍ଷା। ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ପରୀକ୍ଷା ଅନୁଷ୍ଠିତ ହେବ। ନ୍ୟାସନାଲ୍ ବୋର୍ଡ ଅଫ୍ ଏକଜାମିନେସନ ଇନ୍ ମେଡିକାଲ ସାଇନସେସ୍ ବା ଏନ୍‌ବିଇଏମ୍‌ଏସ୍ ଏ ସଂକ୍ରାନ୍ତରେ ତାରିଖ ଘୋଷଣା କରିଛି। ଜୁନ୍ ୨୩ ତାରିଖରେ ଏହି ପରୀକ୍ଷା ହେବାର ଥିଲା, ମାତ୍ର ଶେଷ ମୁହୂର୍ତ୍ତରେ ଏହାକୁ ଅପ୍ରତ୍ୟାଶିତ ଭାବରେ ଘୁଞ୍ଚାଇ ଦିଆଯାଇଥିଲା। ଡାକ୍ତରୀ ପାଠ୍ୟକ୍ରମରେ ସ୍ନାତକୋତ୍ତର ପଢ଼ିବା ପାଇଁ ସାରା ଦେଶରେ ପ୍ରାୟ ୭୦ ହଜାର ସିଟ୍ ଉପଲବ୍ଧ ରହିଛି। ଏଥିପାଇଁ ପ୍ରାୟ ୨ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ଆବେଦନ କରିଛନ୍ତି।

**୧୭ ଦିନରେ ଭୁଶୁଡ଼ିଲା ୧୨ ପୋଲ**

## ୧୬ ଯନ୍ତ୍ରୀ ନିଲମ୍ବିତ

■ **ପାଟନା, ୫।୭ (ଏଜେନ୍ସି):** ବିହାରରେ ଗତ ୧୭ ଦିନରେ ୧୨ଟି ପୋଲ ଭୁଶୁଡ଼ି ଯାଇଛି। ଏହାକୁ ନେଇ ସାରା ଦେଶରେ ବିହାରର ଡବଲ୍ ଇଞ୍ଜିନ ସରକାରଙ୍କୁ ନିନ୍ଦା କରାଯାଉଛି। ଏବେ ଏହି ମାମଲାରେ ରାଜ୍ୟ ସରକାର ଶୁକ୍ରବାର ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ଦାୟିତ୍ୱରେ ଅବହେଳା ପାଇଁ ଜଳ ସମ୍ବଳ ବିଭାଗର ୧୬ ଜଣ ଯନ୍ତ୍ରୀ(ଇଞ୍ଜିନିୟର)ଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଛନ୍ତି। ବର୍ଷାଦିନ ପୂର୍ବରୁ ପୋଲଗୁଡ଼ିର ଅବସ୍ଥା ଠିକ୍ ଅଛି ନାହିଁ ତାହା ଯାଞ୍ଚ କରିବା ଯନ୍ତ୍ରୀଙ୍କ ଦାୟିତ୍ୱ, ମାତ୍ର ଏହି ଯନ୍ତ୍ରୀମାନେ ଠିକ୍ ଭାବେ ନିଦ କାମ କରିନାହାନ୍ତି। ବିହାରର ଉନ୍ନୟନ ସଚିବ ଚୈତନ୍ୟ ପ୍ରସାଦ କହିଛନ୍ତି, ଭାଙ୍ଗି ପଡ଼ିଥିବା ପୋଲଗୁଡ଼ିକ ଯେଉଁ ଠିକାଦାରମାନେ ନିର୍ମାଣ କରିଥିଲେ ସେମାନଙ୍କ ତାଲିକା ପ୍ରସ୍ତୁତ କରାଯାଉଛି ଓ ପୋଲ ଭାଙ୍ଗିଥିବାରୁ ସେମାନଙ୍କୁ ଦାୟୀ କରାଯିବ। କେବଳ ଶରନ ଜିଲ୍ଲାରେ ଗତ ୨୪ଘଣ୍ଟାରେ ତିନିଟି ପୋଲ ଭୁଶୁଡ଼ିଛି। ଗତ ବୁଧବାର ଦିନ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏସବୁ ପୋଲ ଭାଙ୍ଗିବାର ସମୀକ୍ଷା କରିଥିଲେ। ରାଜ୍ୟର ସମସ୍ତ ପୁରୁଣା ପୋଲ ଚିହ୍ନଟ କରାଯାଇ କେଉଁଗୁଡ଼ିକର ମରାମତି ଜରୁରୀ ତାହା ସ୍ଥିର କରିବାକୁ ମୁଖ୍ୟମନ୍ତ୍ରୀ ନୀତୀଶ ନିର୍ଦ୍ଦେଶ ଦେଇଛନ୍ତି।

**ରତ୍ନଭଣ୍ଡାର ଖୋଲିବାକୁ ନେଇ ତେଜିଲା ବିବାଦ**

## ପୁରୁଣା କମିଟି ଭଙ୍ଗ ପଛରେ ମନ୍ଦ ଉଦ୍ଦେଶ୍ୟ: ବିଜେଡି

**ଅଳଙ୍କାର ଗଣତି ନାମରେ ଭେଳିକି ଚାଲିଛି: କଂଗ୍ରେସ୍**

**କମିଟିର ନିଷ୍ପତ୍ତି ଅନୁସାରେ ପଦକ୍ଷେପ ନିଆଯିବ: ମନ୍ତ୍ରୀ**

■ **ଭୁବନେଶ୍ୱର, ୫।୭ (ସମିସ):** ୮ ତାରିଖରେ ରତ୍ନଭଣ୍ଡାର ଖୋଲାଯିବା ନିଷ୍ପତ୍ତିରେ ପରିବର୍ତ୍ତନ ପରେ ଏବେ ଉଷ୍ମ ହୋଇଛି ରାଜ୍ୟ ରାଜନୀତି। ପୁରୁଣା କମିଟି ଭାଙ୍ଗି ନୂଆ କମିଟି ଗଠନକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କୁ ସମାଲୋଚନା କରିଥିବାବେଳେ ଆଇନମନ୍ତ୍ରୀ ଖୁବ୍ ଶୀଘ୍ର ରତ୍ନଭଣ୍ଡାର ଖୋଲାଯିବ ବୋଲି ଘୋଷଣା କରିଛନ୍ତି।

ରତ୍ନଭଣ୍ଡାର ଯାଞ୍ଚ ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରତ୍ନଭଣ୍ଡାର ଖୋଲିବା ନିମନ୍ତେ ଜଷ୍ଟିସ୍ ଅରିଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ। ନୂଆ ସରକାର ଆସିବା ପରେ ଜୁଲାଇ ୮ ତାରିଖରେ ରତ୍ନଭଣ୍ଡାର ଖୋଲାଯିବ ବୋଲି ଘୋଷଣା କରାଗଲା। ଆନୁସଙ୍ଗିକ ପ୍ରକ୍ରିୟା ନିମନ୍ତେ କମିଟି ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ଶ୍ରୀ ପଶାୟତ ଆସି ଓଡ଼ିଶାରେ ପହଞ୍ଚିଲେ। କିନ୍ତୁ ବୈଠକର ଅବ୍ୟବହିତ ପୂର୍ବରୁ ସରକାର ପୁରୁଣା କମିଟିକୁ ଭଙ୍ଗ କରି ନୂଆ କମିଟି ଗଠନ କରିଛନ୍ତି। ରତ୍ନଭଣ୍ଡାର ଯାଞ୍ଚ, ଅଳଙ୍କାର ଗଣତି ସମ୍ପର୍କିତ ସମସ୍ତ ନିଷ୍ପତ୍ତି ନୂଆ କମିଟି ଉପରେ ନ୍ୟସ୍ତ କରାଯାଇଛି। ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ▶ପୃଷ୍ଠା-୯

**କଂଗ୍ରେସ ଭବନ ଉପରେ ବିଜେପିର ଆକ୍ରମଣ ପ୍ରସଙ୍ଗ**

# ସାରା ରାଜ୍ୟରେ ଛାତ୍ର ଓ ଯୁବ କଂଗ୍ରେସର ବିକ୍ଷୋଭ




**ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହେଲେ ଭୟଙ୍କର ହେବ ପରିଣତି**

**ପରବର୍ତ୍ତୀ ପରିସ୍ଥିତି ପାଇଁ ଦାୟୀ ରହିବେ ପୁଲିସ କର୍ତ୍ତୃପକ୍ଷ**

**ପୁଲିସ କମିସନରଙ୍କୁ ଦାବିପତ୍ର ଦେଲେ ରାଜ୍ୟ ନେତୃତ୍ୱ**

■ **ଭୁବନେଶ୍ୱର, ୫।୭(ସମିସ):** ଗତ ଜୁଲାଇ ୨ ତାରିଖରେ କଂଗ୍ରେସ ଭବନ ସମ୍ମୁଖରେ ବିଜେପି ଯୁବମୋର୍ଚ୍ଚା ଘଟାଇଥିବା ଅପ୍ରୀତିକରଣ ଘଟଣା ପ୍ରତିବାଦରେ ସାରା ରାଜ୍ୟରେ ପ୍ରତିବାଦ କରିଛି ଛାତ୍ର ଓ ଯୁବ କଂଗ୍ରେସ। ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରି ଦଳର ଛାମୁଆ ସଙ୍ଗଠନ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଛି। ଯଦି ପୁଲିସ ଏଥିରେ ନିରବ ରହେ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ପରବର୍ତ୍ତୀ ପରିସ୍ଥିତି ପାଇଁ ପୁଲିସ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି କଂଗ୍ରେସ ଚେତାବନୀ ଦେଇଛି। ଅଭିଯୁକ୍ତ ବିଜେପି ଯୁବମୋର୍ଚ୍ଚା କର୍ମୀଙ୍କୁ ଗିରଫ ଦାବିରେ ଛାତ୍ର ଓ ଯୁବ କଂଗ୍ରେସ କର୍ମକର୍ତ୍ତା ଓ ଦଳର ବରିଷ୍ଠ ନେତାମାନେ ଭୁବନେଶ୍ୱର କମିସନରେଟ୍ ପୁଲିସ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ପୁଲିସ କମିସନର ସଞ୍ଜୀବ ପଣ୍ଡାଙ୍କୁ ଦଳ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ପୂର୍ବତନ ପିସିସି ସଭାପତ ଜୟଦେବ ଜେନା କହିଛନ୍ତି ଯେ ବିଜେପି ଏକ ସ୍ୱତନ୍ତ୍ର ହିନ୍ଦୁ ଧର୍ମ ସୃଷ୍ଟି କରିବାପାଇଁ ଚେଷ୍ଟା କରୁଛି, ଯେଉଁଥିରେ ସନାତନ ଧର୍ମର ମୂଳମନ୍ତ୍ରକୁ ବିକୃତ କରାଯାଉଛି। ସେହିପରି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଭାରତୀୟ ଜନତାପାର୍ଟିର ହିଟଲରୀ ନୀତିକୁ ଦୃଢ଼ ନିନ୍ଦା କରିଛନ୍ତି। ସେହିପରି ବିଧାୟକ ରମେଶ ଚନ୍ଦ୍ର ଜେନା, ଶିବାନନ୍ଦ ରାୟ, ଜଗନ୍ନାଥ ପଟ୍ଟନାୟକ, ବିଜୟ ପଟ୍ଟନାୟକ, ଛାତ୍ର କଂଗ୍ରେସର ଓଡ଼ିଶା ପ୍ରଭାରୀ ଚୁନୁ ସିଂ, ମିନାକ୍ଷୀ ବାହିନୀପତିଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ।

ଏହି ଅବସରରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି ଯେ ଧର୍ମନାମରେ ଭାରତୀୟ ଜନତାପାର୍ଟି ନିରୀହ ଜନତାଙ୍କୁ ଭୂଆଁ ବୁଲାଉଛନ୍ତି। ଲୋକସଭାରେ ରାହୁଲ ଗାନ୍ଧୀ ହିନ୍ଦୁ ଧର୍ମ ସମ୍ପର୍କରେ ଯେଉଁ ବକ୍ତବ୍ୟ ରଖିଲେ ତାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାରତୀୟ ଜନତାପାର୍ଟି କଦର୍ଥ କରୁଛି। ରାହୁଲ ଗାନ୍ଧୀଙ୍କର ହିନ୍ଦୁ ଧର୍ମ ପ୍ରତି ଅସୀମ ସମ୍ମାନ, ଭକ୍ତି ଓ ଶ୍ରଦ୍ଧା ▶ପୃଷ୍ଠା-୯

### ଲୋକକଥା



ଓଡ଼ିଶାରେ ଏବେ 'ଫୁଲ' ସରକାର<br>ଛତିଶଗଡ଼ରେ 'ଫୁଲ',<br>କେନ୍ଦ୍ରରେ ବି ତ 'ଫୁଲ' ସରକାର<br>ଆଉ କିବା ମୂଳଚାଳ !<br>ମହାନଦୀ କଳବଳ<br>କେଉଁଠି ରହିଛି କେଁ ପଶି ଆହେ<br>ଉପାଡ଼ିବା ପାଇଁ ଖିଲ ?

## ଭିଜିଲାନ୍ସ ଜାଲରେ ତହସିଲ୍‌ଦାର



**ଭିଜିଲାନ୍ସକୁ ଦେଖି ରାସ୍ତା ଉପରେ ଫୋପାଡ଼ିଦେଲେ ୧.୧୫ ଲକ୍ଷ ଟଙ୍କା**

**ଭିଜିଲାନ୍ସ ଅଧିକାରୀଙ୍କ ଉପରେ ଗାଡ଼ି ମଡ଼େଇଦେବାକୁ ଉଦ୍ୟମ**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଶୌଚାଳୟ ଭିତରୁ ଧରିଲା ଭିଜିଲାନ୍ସ**

■ **ରାୟଗଡ଼ା, ୫।୭ (ସମିସ):** ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ତହସିଲ୍‌ଦାର ବିଚିତ୍ରାନନ୍ଦ ନାୟକ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି। ତାଙ୍କୁ ଧରିବା ପାଇଁ ପିଛା କରୁଥିବା ବେଳେ ଭିଜିଲାନ୍ସ କର୍ମଚାରୀଙ୍କ ଉପରେ ସେ ଗାଡ଼ି ମଡ଼ାଇ ଦେବାକୁ ଉଦ୍ୟମ କରିଥିଲେ। ଏଥିରେ ୩ ଜଣ ଭିଜିଲାନ୍ସ କର୍ମଚାରୀ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ସୂଚନା ଯୋଗ୍ୟ ଯେ, ଅଭିଯୋଗକାରୀଙ୍କ ଠାରୁ ମୋଟା ଅଙ୍କର ଲାଞ୍ଚ ନେଇ ରାୟଗଡ଼ା ଅଭିମୁଖେ ଯାଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ପିଛା କରିଥିଲା। ଡାଙ୍ଗସରଡ଼ା ନିକଟରେ ତାଙ୍କୁ ଅଟକାଇବାକୁ ଭିଜିଲାନ୍ସ ଟିମ୍ ପକ୍ଷରୁ ପ୍ରୟାସ କରାଯାଇଥିଲା। ଏହାକୁ ଦେଖି ଶ୍ରୀ ନାୟକ ୧.୧୫ ହଜାର ଟଙ୍କା ଥିବା ଏକ ବ୍ୟାଗକୁ ରାସ୍ତା ଉପରେ ଫୋପାଡ଼ି ଦେଇ ଦ୍ରୁତ ଗତିରେ ଗାଡ଼ି ଚଳାଇ ପଳାଇ ଯାଇଥିଲେ। ଶ୍ରୀ ନାୟକ ରାୟଗଡ଼ା ଜିଲ୍ଲାପାଳଙ୍କ ଅଫିସରେ ଏକ ବୈଠକରେ ଯୋଗ ଦେଇଥିବା ଖବର ପାଇ ଭିଜିଲାନ୍ସ ସେଠାରେ ପହଞ୍ଚିଥିଲା। ଭିଜିଲାନ୍ସ ଟିମ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଚାଲିଥିବା ବୈଠକ ଗୃହରେ ଖୋଜାଖୋଜି କରିଥିବାବେଳେ ତହସିଲଦାର ବାବୁ ଜଣକ କାର୍ଯ୍ୟାଳୟର ଏକ ଶୌଚାଳୟ ଭିତରେ ଲୁଚି ▶ପୃଷ୍ଠା-୯

**ପ୍ରତିଶ୍ରୁତି ପୂରଣ କରିବେ ମୋହନ ସରକାର**

# ରାଜକୋଷ ଉପରେ ୬୦ ହଜାର କୋଟି ବୋଝ

**ଏତେ ଟଙ୍କା ଆସିବ କେଉଁଠୁ ?**

**ସୁଭଦ୍ରା ଯୋଜନା ନିମନ୍ତେ ବର୍ଷକୁ ଲୋଡ଼ା ପ୍ରାୟ ୪୦,୦୦୦ କୋଟି**

**ଏମ୍‌ଏସପି ୩୧୦୦ ଟଙ୍କା କରିବାକୁ ୬୪୦୦ କୋଟି ଆବଶ୍ୟକ**

**ଭତ୍ତା ୩୦୦୦ ଟଙ୍କା କରାଯିବାକୁ ଆବଶ୍ୟକ ୧୧୦୦୦ କୋଟି**

■ **ଭୁବନେଶ୍ୱର, ୫।୭ (ସମିସ):** ଓଡ଼ିଶାର ଜିଡିପି ଓ ଋଣହାର ଅନୁପାତ ସାରା ଦେଶରେ ଅନ୍ୟ ରାଜ୍ୟ ଅପେକ୍ଷା ଯଥେଷ୍ଟ ଉନ୍ନତ। ଗତ କିଛିବର୍ଷ ହେଲା ରାଜ୍ୟ ସରକାର ନୂଆ ଋଣ ନେବା ପରିବର୍ତ୍ତେ ପୁରୁଣା ଋଣ ପରିଶୋଧ ଉପରେ ଗୁରୁତ୍ୱ ଦେଇ ଏକ ନୂଆ ଉଦାହରଣ ସୃଷ୍ଟି କରିଛନ୍ତି। ଦେଶର ବଡ଼ବଡ଼ ରାଜ୍ୟର ଜିଡିପି ଓ କରଜ ଅନୁପାତ ୩୦% ଅତିକ୍ରମ କରିଥିବା ସମୟରେ ଓଡ଼ିଶାରେ ଏହା ସର୍ବନିମ୍ନ ଅର୍ଥାତ୍ ମାତ୍ର ୧୩.୧% ରହିଛି। ମାତ୍ର ଓଡ଼ିଶାରେ ସରକାର ପରିବର୍ତ୍ତନ ପରେ ଏହି ଧାରା ଆଗକୁ ବଜାୟ ରହିବ କି ଅନ୍ୟ ରାଜ୍ୟ ପରି ଓଡ଼ିଶାକୁ ବଜାରରୁ ଋଣ ଉଠାଇବାକୁ ପଡ଼ିବ ତାହା ଉପରେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ହୋଇଛି। ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ପାଇଁ ଓଡ଼ିଶା ସରକାରଙ୍କୁ ବାର୍ଷିକ ଅନ୍ୟୂନ ୬୦ ହଜାର କୋଟି ଟଙ୍କାର ଆବଶ୍ୟକତା ରହିଛି। ଏହି ଅର୍ଥର ଭରଣା ପାଇଁ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ମାତ୍ର ଦୁଇଟି ରାସ୍ତା ରହିଛି। ଗୋଟିଏ ହେଉଛି କେନ୍ଦ୍ରୀୟ ଅନୁଦାନ ବୃଦ୍ଧି, ଦ୍ୱିତୀୟଟି ହେଉଛି ରାଜ୍ୟର ନିଜସ୍ୱ ରାଜସ୍ୱ ବୃଦ୍ଧି। ମାତ୍ର ବର୍ତ୍ତମାନ ପରିସ୍ଥିତିରେ ଦୁଇଟିଯାକ ସମ୍ଭବ ହେଉ ନ ଥିବା ଯୋଗୁଁ ଓଡ଼ିଶା ସରକାରଙ୍କୁ ଋଣ ଉପରେ ନିର୍ଭର କରିବାକୁ ପଡ଼ିବ।

୨୫ ବର୍ଷ ତଳେ ଋଣ ଜାଲରେ ଛନ୍ଦି ହୋଇଥିବା ଓଡ଼ିଶା ଏବେ ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇଥିବାବେଳେ ନୂଆ ଋଣ ପୁଣିଥରେ ଓଡ଼ିଶାକୁ ୨୫ ବର୍ଷ ତଳକୁ ଫେରାଇ ନେବ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଋଣ ଭାରରେ ମଧ୍ୟପ୍ରଦେଶ ସରକାର ଫସି ଯାଇଛନ୍ତି। ମୁଖ୍ୟତଃ ମାଗଣା ଯୋଜନା, ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ନିମନ୍ତେ ବିପୁଳ ଅର୍ଥର ଆବଶ୍ୟକତା ରାଜ୍ୟକୁ ଆର୍ଥିକ ଦୁର୍ଗତି ଆଡ଼କୁ ଟାଣି ନେଇଛି। ରାଜ୍ୟ ବଜେଟ୍‌ର ଏକ ଅଷ୍ଟମାଂଶ କେବଳ ଋଣ ଓ ସୁଧ ବାବଦକୁ ବ୍ୟୟ କରୁଛନ୍ତି ସମ୍ପୃକ୍ତ ରାଜ୍ୟ।

ମାତ୍ର ନୂଆ ସରକାର ଗଠନ ପରେ ଚଳିତ ଆର୍ଥିକ ବର୍ଷରୁ ଓଡ଼ିଶାକୁ ଅଧିକ ଋଣ କରିବା ଅନିବାର୍ଯ୍ୟ ହୋଇ ପଡ଼ିଛି। ଅନ୍ୟାନ୍ୟ ସରକାରୀ ବ୍ୟୟ ଓ ଆବଶ୍ୟକତା ବ୍ୟତିରେକ ପ୍ରମୁଖ ୩ଟି ଯୋଜନା ପାଇଁ ବର୍ଷକୁ ରାଜ୍ୟ ରାଜକୋଷ ଉପରେ ୬୦ ହଜାର କୋଟି ଟଙ୍କାର ବୋଝ ପଡ଼ିବ ବୋଲି ସରକାର ଆକଳନ କରିଛନ୍ତି। ▶ପୃଷ୍ଠା-୯

## ଓଡ଼ିଶା ଆସିବ ୫ ମହାବଳ

**ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରୁ ଆସିବେ ୪ ବାଘୁଣୀ ଓ ଗୋଟିଏ ଅଣ୍ଡିରା ବାଘ**



**ଡେବ୍ରୀଗଡ଼ ଓ ଶିମିଳିପାଳରେ ଛାଡ଼ିବ ବନ ବିଭାଗ**

**ବିଭିନ୍ନ ଅଭୟାରଣ୍ୟରେ ଛଡ଼ାଯିବ ୮୧୦ ଚିତ୍ରା ହରିଣ**

■ **ଭୁବନେଶ୍ୱର/ବୁର୍ଲା, ୫।୭ (ସମିସ):** ଓଡ଼ିଶାକୁ ଆସିବେ ୫ ମହାବଳ। ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଆସିବାକୁ ଥିବା ଏହି ୫ ଟି ମହାବଳ ବାଘଙ୍କ ମଧ୍ୟରୁ ଡେବ୍ରୀଗଡ଼ରେ ୩ ଓ ଶିମିଳିପାଳରେ ୨ ଟି। ଏହାଦ୍ୱାରା ରାଜ୍ୟରେ ବାଘ ବଂଶ ବୃଦ୍ଧି ପାଇବାର ନୂଆ ସମ୍ଭାବନା ସୃଷ୍ଟି ହେବ ବୋଲି ବନ ବିଭାଗ ସୂତ୍ରରୁ ସୂଚନା ମିଳିଛି। ରାଜ୍ୟରେ ଗତ କିଛି ମାସ ତଳୁ ପଶୁ ଅଦଳ ପ୍ରକ୍ରିୟା ଆରମ୍ଭ କରାଯାଇଛି ଓ ଏବେ ଏହା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଅଗଷ୍ଟ ମାସ ଶେଷ ସୁଦ୍ଧା ଏହି ୫ ବାଘ ଓଡ଼ିଶାରେ ପହଞ୍ଚିବେ। ଏହାମଧ୍ୟରେ ୩ ଟି ବାଘୁଣୀ ଥିବା ବେଳେ ୨ ଟି ଅଣ୍ଡିରା ବାଘ ରହିଛନ୍ତି। ଡେବ୍ରୀଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରେ ଗୋଟିଏ ଅଣ୍ଡିରା ସହ ୨ ଟି ବାଘୁଣୀ ଛାଡ଼ିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଶିମିଳିପାଳରେ ୨ ଟି ଅଣ୍ଡିରା ବାଘଙ୍କୁ ଛାଡ଼ିବାକୁ ଯୋଜନା କରାଯାଇଛି।

ଗତ ଫେବୃଆରୀ ମାସରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ବାଘ ଗଣନା ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ରାଜ୍ୟର ବିଭିନ୍ନ ଜଙ୍ଗଲରେ ୩୦ ଟି ମହାବଳ ବାଘ ଥିବା ବେଳେ ୮ ଟି ମହାବଳ ବାଘ ଛୁଆ (୧ ବର୍ଷରୁ କମ୍) ରହୁଛନ୍ତି। ଏଥି ମଧ୍ୟରେ କେବଳ ▶ପୃଷ୍ଠା-୯

ସମ୍ପୂର୍ଣ୍ଣା
ସକାଳ THE SAKALA
www.sakalaepaper.com



# ପୁରାଣେ ପୁରୁଷୋତ୍ତମ-୩

## ଭବିଷ୍ୟ ମହାପୁରାଣ

ଅଷ୍ଟାଦଶ ମହାପୁରାଣ ଶୃଙ୍ଖଳାରେ ଭବିଷ୍ୟପୁରାଣ ଅନ୍ୟତମ। ସମୁଦାୟ ୪ଟି ପର୍ବ (ବ୍ରାହ୍ମ, ମଧ୍ୟମ, ପ୍ରତିସର୍ଗ ଓ ଉତ୍ତର), ୫୮୫ ଅଧ୍ୟାୟ ତଥା ୨୬,୩୦୭ ଶ୍ଳୋକରେ ସନ୍ନିବଦ୍ଧ ଅତୀତରୁ ଭବିଷ୍ୟତର ଆକଳନ ଦ୍ୱାରା ଆର୍ଷ-କ୍ରାନ୍ତଦୃଷ୍ଟିର ପରିପ୍ରକାଶ ହୋଇଛି ଏଥିରେ। ଏହି ପୁରାଣର ବ୍ରାହ୍ମପର୍ବରେ ସୂର୍ଯ୍ୟତତ୍ତ୍ୱ, ଗାର୍ହସ୍ଥ୍ୟର ଧର୍ମ, କର୍ମକାଣ୍ଡପଦ୍ଧତିର ବର୍ଣ୍ଣନା ସହିତ ମଧ୍ୟମପର୍ବରେ 'ଇଷ୍ଟାପୂର୍ତ୍ତ (ଯଜ୍ଞ ଓ ଶ୍ରାଦ୍ଧପଦ୍ଧତି)' ସଂପର୍କିତ ବର୍ଣ୍ଣନା, ପ୍ରତିସର୍ଗପର୍ବରେ ମନୁ, ଅନେକ ରାଜବଂଶ ସହ ମଧ୍ୟଯୁଗୀୟ ଇତିହାସ ବର୍ଣ୍ଣିତ ଓ ଉତ୍ତରପର୍ବରେ ବ୍ରତ, ଉତ୍ସବ, ଦାନାଦିର ନିୟମ ଓ ସ୍ମାର୍ତ୍ତ-ରୀତି-ନୀତିର ବିସ୍ତୃତ ରହିଛି। ବ୍ରାହ୍ମପର୍ବର ୫୫ରୁ ୬୦ ଅଧ୍ୟାୟ ଯାଏଁ ସୂର୍ଯ୍ୟଙ୍କ ମହିମା ଓ ସୂର୍ଯ୍ୟରଥଯାତ୍ରାର ବିଶଦ ବିବରଣୀ ରହିଛି; ଯାହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସହ କେତେକାଂଶରେ ସଂପର୍କିତ। ଏହି ବ୍ରାହ୍ମପର୍ବର (୫୬/୨)ରେ ସୂର୍ଯ୍ୟଙ୍କ ରଥଯାତ୍ରାବର୍ଣ୍ଣନା ଅବକାଶରେ 'ଜଗନ୍ନାଥ'ଶବ୍ଦର ପ୍ରୟୋଗ ମଧ୍ୟ ଦେଖାଯାଏ- "ଭୂୟୋ ଭୂୟଃ ସୁରଶ୍ରେଷ୍ଠ ବିସ୍ତରାନ୍ମମ ଶ୍ରେୟସେ। ବଦ ସର୍ବଂ ଜଗନ୍ନାଥ ସର୍ବକୌତୂହଳଂ ହି ମେ।।" ଏଠାରେ(୫୬/୧୩) ସୂର୍ଯ୍ୟଙ୍କ ରଥର ପ୍ରତିଷ୍ଠା ଐଶାନ୍ୟକୋଣରେ କରାଯିବାର ନିୟମ ଉଲ୍ଲେଖ ରହିଛି; ଯାହାକି ମହାପ୍ରଭୁଙ୍କ ରଥପ୍ରତିଷ୍ଠାର ଅନୁବର୍ତ୍ତିତାକୁ ସୂଚାଏ। ଯଥା-"ପୂର୍ବୋତ୍ତରେ ଚ ଦିଗ୍ଭାଗେ ରଥସ୍ୟାଗ୍ନିଂ ପ୍ରକଳ୍ପୟେତ୍। ସମିଦ୍ଭିସ୍ତୁ ଘୃତାକ୍ତାଭିର୍ହୋମୟେଜ୍ଜାତବେଦସମ୍।।"ସେହିପରି ଏହି ପର୍ବ(୫୯/୫)ରେ କୃଷ୍ଣପକ୍ଷରେ ରବିଙ୍କ ପୂଜା ଓ ପରେ ରଥାରୋହି-ରବିରୂପି-ଜଗନ୍ନାଥଙ୍କ ଦର୍ଶନ ପରମଗତି ପ୍ରଦାନ କରିଥାଏ ବୋଲି ଉଲ୍ଲେଖ ରହିଛି- "କୃଷ୍ଣପକ୍ଷେ ତୁ ଯଃ କୃତ୍ୱା ରଥମାରୋପିତଂ ରବିମ୍। ପଶ୍ୟେଦ୍ଭକ୍ତ୍ୟା ଜଗନ୍ନାଥଂ ସ ଯାତି ପରମାଂ ଗତିମ୍।।" ପୁନଶ୍ଚ ସେହି ପର୍ବର (୬୦/୨)ରେ ମଧ୍ୟ ସୂର୍ଯ୍ୟ-ଜଗନ୍ନାଥଙ୍କ ଅଭେଦ ବର୍ଣ୍ଣିତ ହୋଇଛି- "ଯମାରାଧ୍ୟ ଜଗନ୍ନାଥଂ ମମ ପୂର୍ବପିତାମହାଃ। ତୁଷ୍ଟ୍ୟର୍ଥଂ ବ୍ରାହ୍ମଣାନାଂ ତୁ ଅନ୍ନମାପୁଶ୍ଚତୁର୍ବିଧମ୍।।"

ଏହି ପୁରାଣରେ ସୂର୍ଯ୍ୟରୂପି-ଜଗନ୍ନାଥଙ୍କ ସ୍ତୁତି କରାଯାଇଛି- "ଆରାଧ୍ୟତେ ଜଗନ୍ନାଥସ୍ତଦନୁଷ୍ଠାନତତ୍ପରୈଃ। ପରମାତ୍ମା ସ ମାର୍ତ୍ତଣ୍ଡଃ ସର୍ବେଶଃ ସର୍ବଭାବନଃ।।" ଅର୍ଥାତ୍ ରବିରୂପି-ଶ୍ରୀଜଗନ୍ନାଥଙ୍କଠାରେ ପୂଜା-ପର୍ବାଦିର ଅନୁଷ୍ଠାନମାଧ୍ୟମରେ ଆରାଧନା କରଣୀୟ। କାରଣ, ସେ ହିଁ ପରମାତ୍ମା, ସର୍ବେଶ୍ୱର ଓ ସର୍ବନିୟନ୍ତା।

ସେହି ପୁରାଣ-ପୁରୁଷୋତ୍ତମଙ୍କୁ ପ୍ରାଣରୁ ପ୍ରଣାମ।

ପ୍ରସ୍ତୁତି: ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ
ମୋ- ୯୪୩୭୫୬୬୩୨୪



## ଆଜିର ଇତିହାସ

- ୧୯୦୧-ଭାରତୀୟ ଜନସଂଘର ସଂସ୍ଥାପକ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମ।
- ୧୯୩୫: ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ଜନ୍ମ।
- ୧୯୪୬: ଆମେରିକା ରାଷ୍ଟ୍ରପତି ଜର୍ଜ ଡବ୍ଲୁ ବୁଶ୍ଙ୍କ ଜନ୍ମ।
- ୧୯୫୯: ଭେଲୋର ହସ୍ପିଟାଲରେ ପ୍ରଥମଥର ସଫଳତାପୂର୍ବକ ଓପନ ହାର୍ଟ ସର୍ଜରୀ ସମ୍ପନ୍ନ ହେଲା।
- ୧୯୬୨: ଭାରତ-ଚୀନ୍ ଯୁଦ୍ଧ ଯୋଗୁଁ ଦୀର୍ଘ ୪୪ ବର୍ଷ ଧରି ବନ୍ଦ ରହିଥିବା ନାଥୁଲା ପାସ୍‌କୁ ପୁଣି ଥରେ ଖୋଲି ଦିଆଗଲା।
- ୨୦୦୨: ଭାରତର ପ୍ରସିଦ୍ଧ ଉଦ୍ୟୋଗପତି ଧୀରୁଭାଇ ଅମ୍ବାନିଙ୍କ ପରଲୋକ।

# 'ର – ଡଗିଂଗ୍'

## ବିନା ମନୋରଞ୍ଜନରେ ବିମାନ ଯାତ୍ରା



ସାଧାରଣତଃ ବସ୍, ଟ୍ରେନ୍ ତଥା ବିମାନରେ ଦୀର୍ଘସମୟ ଧରି ଯାତ୍ରା କରୁଥିବାବେଳେ ଯାତ୍ରୀମାନେ ବହି ପଢ଼ନ୍ତି ନଚେତ୍ ଗୀତ ଶୁଣନ୍ତି। ଅଧିକାଂଶ ମୋବାଇଲ୍‌ରେ ବ୍ୟସ୍ତ ଥାଆନ୍ତି। କିନ୍ତୁ ନିକଟରେ ଏଥିସହ ଜଡ଼ିତ ଆଉ ଏକ ଧାରା ଭାଇରାଲ ହେବାରେ ଲାଗିଛି। ଏହାର ନାଁ ଦିଆଯାଇଛି 'ର-ଡଗିଂଗ୍'। ଏହି ଟ୍ରେଣ୍ଡ ଅନୁଯାୟୀ, ଯାତ୍ରୀମାନେ ମନୋରଞ୍ଜନ ବିନା ଯାତ୍ରା କରିଥାନ୍ତି। 'ର – ଡଗିଂଗ୍‌ର' ଅର୍ଥ ମନୋରଞ୍ଜନ ବିନା ଦୀର୍ଘ ସମୟ ଧରି ବିମାନରେ ଯାତ୍ରା କରିବା। ଯେଉଁଥିରେ ନାଚ, ଗୀତ, ବହି ପଢ଼ିବା , ଖାଦ୍ୟ ଏପରିକି ଶୋଇବା ମଧ୍ୟ ନିଷେଧ। କେବଳ ସମୟେ ସମୟେ ବିମାନ କେଉଁ ସ୍ଥାନରେ ପହଞ୍ଚିଲା ଏହାକୁ ଟ୍ରାକ୍ କରିବାପାଇଁ ମ୍ୟାପ୍ ଦେଖିପାରିବେ। ଏହି ଟ୍ରେଣ୍ଡ ଟିକ୍‌ଟକ୍‌ରୁ ଆରମ୍ଭ ହୋଇଥିବା କୁହାଯାଉଛି। ନିକଟରେ ଟିକ୍‌ଟକ୍‌ରେ ର – ଡଗିଂଗ୍ ସିରିଜ୍ ପୋଷ୍ଟ ହେବାପରେ ଏହା ଲୋକପ୍ରିୟ ହୋଇଥିଲା। ଯେଉଁଥିରେ ଯାତ୍ରୀମାନେ ମରୋରଞ୍ଜନ ବିନା କିପରି ଦୀର୍ଘସମୟ ଧରି ଯାତ୍ରା କରିଥିଲେ ସେମାନଙ୍କର ବ୍ୟକ୍ତିଗତ ଅନୁଭବ ବାଣ୍ଟିଥିଲେ। କିଛି ଦିନ ପୂର୍ବରୁ ମାଞ୍ଚେଷ୍ଟରର ସ୍ଥିତ ଡିଜେ ଓ୍ୟୁଡିନି ହେଡଫୋନ୍, ଫିଲ୍ମ ଏପରିକି ବିନା ପାଣିରେ ସାତ ଘଣ୍ଟାର ବିମାନ ଯାତ୍ରା କରିଥିବା କଥା କହିଥିଲେ। ସେହିପରି କିଛି ଯାତ୍ରୀ ବିନା ଇଣ୍ଟରନେଟ୍‌ରେ ଝରକାରେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରି ଯାତ୍ରା ପୂର୍ଣ୍ଣ କରିଥିବା କଥା କହିଛନ୍ତି। ତେବେ ଏହି ର-ଡଗିଂଗ୍ ଟ୍ରେଣ୍ଡ ପ୍ରଥମେ ବେଷ୍ଟ ନାମକ ଲଣ୍ଡନର ଜଣେ ୨୬ ବର୍ଷୀୟ ଯୁବକ ଆରମ୍ଭ କରିଥିଲେ। ସେ ନିଜର ସାତଘଣ୍ଟା ବିମାନଯାତ୍ରାର ଅନୁଭବ ବାଣ୍ଟିଥିଲେ। ସେ କେବଳ ଯାତ୍ରା କରିବା ସମୟରେ ମ୍ୟାପ୍ ଦେଖିଥିଲେ। ଏହାପରେ ଲୋକେ ଏହି ଟ୍ରେଣ୍ଡକୁ ଅନୁକରଣ କରିଥିଲେ।

# ଗୋଟେ ନଡ଼ିଆ, ଗୋଟେ ଟଙ୍କାରେ ବାହାଘର



ଯୌତୁକ ଜନିତ ବଧୂ ହତ୍ୟା, ନିର୍ଯାତନା ଆଦି ଘଟଣା ଆଜି ବି ବିଭିନ୍ନ ସମୟରେ ଦେଖିବାକୁ ମିଳୁଛି। ଏହି କ୍ରମରେ ଯୌତୁକକୁ ନେଇ ରାଜସ୍ଥାନରେ ଏକ ନିଆରା ମାମଲା ସାମ୍ନାକୁ ଆସିଛି। ରାଜସ୍ଥାନ ସିକର ଜିଲ୍ଲା ଦନ୍ତା ରାମଗଡ଼ରେ ରୁହନ୍ତି ଜୟ ନାରାୟଣ ଜାଖର। ସେ ବିନା ଯୌତୁକରେ ଅନୀତା ବର୍ମାଙ୍କୁ ବାହା ହେବା ନିଷ୍ପତ୍ତି ନେଇ ତାହାକୁ ସଫଳ ମଧ୍ୟ କରି ଦେଖାଇଛନ୍ତି। ଜୟ ଜୁନିୟର ଇଞ୍ଜିନିୟର୍ ଭାବେ କାର୍ଯ୍ୟ କରନ୍ତି। ତେବେ ବିବାହ ପୂର୍ବରୁ ସେ କନିଆ ଘରେ ଯୌତୁକକୁ ନେଇ ସର୍ତ୍ତ ରଖିଥିଲେ। ସର୍ତ୍ତ ଅନୁସାରେ, ସେ କିଛି ବି ଯୌତୁକ ନେବେ ନାହିଁ ଏବଂ ଅନୀତାଙ୍କ ଚାକିରି ହୋଇଗଲେ, ସେ ତାଙ୍କ ଦରମା ନିଜ ବାପାମାଆଙ୍କୁ ବର୍ଷେ ପର୍ଯ୍ୟନ୍ତ ଦେବେ। ଏହି ସର୍ତ୍ତରେ କନିଆ ଘର ସହମତି ପ୍ରକାଶ କରିବା ପରେ ହିଁ ବିବାହ ସମ୍ପନ୍ନ ହୋଇଥିଲା। ତେବେ ଅନୀତା ବର୍ମା ସ୍ନାତକୋତ୍ତର କରିଥିବା ବେଳେ ସରକାରୀ ଚାକିରି ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଜୟଙ୍କ ମତରେ, ଶିକ୍ଷା ହିଁ ହେଉଛି ବଡ଼ ଧନ। ଏହା ହିଁ ହେଉଛି ସବୁଠୁ ବଡ଼ ଯୌତୁକ। ତେଣୁ ସେ ଏକ ଟଙ୍କା ଓ ଗୋଟିଏ ନଡ଼ିଆରେ ଅନୀତାଙ୍କୁ ବିବାହ କରିଛନ୍ତି। ସେ କହିଛନ୍ତି, ତାଙ୍କ ବାପା ଓ ଜେଜେବାପା ସବୁବେଳେ ସାମାଜିକ କୁପ୍ରଥା ବିରୋଧରେ ସ୍ୱର ଉତ୍ତୋଳନ କରି ଆସିଛନ୍ତି। ସେମାନଙ୍କ ଏହି କାର୍ଯ୍ୟରେ ପ୍ରେରିତ ହୋଇ ଏବଂ ଯୌତୁକ ଭଳି କୁପ୍ରଥାକୁ ଶେଷ କରିବା ପାଇଁ ସେ ଏଭଳି ନିଷ୍ପତ୍ତି ନେଇଥିବା ଜୟ କହିଛନ୍ତି। ସେହିପରି ଜୟଙ୍କ ପରିବାର ଲୋକ ତାଙ୍କର ଏହି ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି। ଅନ୍ୟପକ୍ଷରେ ଜୟଙ୍କର ଏହି ନିଷ୍ପତ୍ତିକୁ ସମସ୍ତେ ଭୂରି ଭୂରି ପ୍ରଶଂସା କରୁଛନ୍ତି।



# ବିବାହ ପରେ ସୋନାକ୍ଷୀଙ୍କୁ ଝଟ୍‌କା

## 'ସନ୍ ଅଫ୍ ସର୍ଦ୍ଦାର'ର ସିକ୍ୱେଲରୁ ବାଦ୍ ପଡ଼ିଲେ

୨୦୧୨ ମସିହାରେ ଆସିଥିଲା 'ସନ୍ ଅଫ୍ ସର୍ଦ୍ଦାର' ଫିଲ୍ମ। ଏଥିରେ ଅଜୟ ଦେବଗନ ଓ ସଞ୍ଜୟ ଦତ୍ତଙ୍କ ଜବରଦସ୍ତ କମେଡି ଦେଖିବାକୁ ମିଳିଥିଲା। ଫିଲ୍ମଟି ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ ମଧ୍ୟ କରିଥିଲା। ଏଥିରେ ନାୟିକା ଭାବେ ସୋନାକ୍ଷୀ ସିହ୍ନା ଦେଖାଯାଇଥିଲେ। ଏବେ ୧୨ ବର୍ଷ ପରେ ଏହାର ସିକ୍ୱେଲ ଆସିବ। ଏହାର ଦ୍ୱିତୀୟ ପାର୍ଟରେ କିନ୍ତୁ ସୋନାକ୍ଷୀଙ୍କୁ ଦେଖିବାକୁ ମିଳିବ ନାହିଁ। ସୋନାକ୍ଷୀଙ୍କ ବଦଳରେ ଏଥିରେ ମୃଣାଳ ଠାକୁରଙ୍କୁ ନେବା ପାଇଁ ଯୋଜନା ଚାଲିଛି। ବହୁତ ଜଲ୍‌ଦି ଏହାର ସୁଟିଂ ସ୍କଟ୍‌ଲ୍ୟାଣ୍ଡରେ ଆରମ୍ଭ ହେବ। ସମସ୍ତ କଳାକାର ଲଗାତାର ୫୦ ଦିନ ଧରି ସ୍କଟଲାଣ୍ଡରେ ସୁଟିଂ କରିବେ। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ବିଜୟ କୁମାର ଅରୋରା ଅଛନ୍ତି। ତେବେ ଫିଲ୍ମର ମୁକ୍ତିଲାଭ ଦିନ ସ୍ଥିର ହୋଇ ନାହିଁ।

ବାସ୍ତୁ ଟିପ୍ସ

# କେଉଁ ଦିଗକୁ ମୁଣ୍ଡ କରି ଶୋଇବେ



ପ୍ରାଚୀନ କାଳରୁ ଭାରତୀୟ ଧର୍ମଶାସ୍ତ୍ରଗୁଡ଼ିକରେ ମାନବର ସୁଖ, ସମୃଦ୍ଧି, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଦିଗ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ନିୟମଗୁଡ଼ିକ ମାନି ମଣିଷ ସୁଖ- ଶାନ୍ତି ପୂର୍ବକ ବର୍ଷ ବର୍ଷ ପର୍ଯ୍ୟନ୍ତ ସୁସ୍ଥ ଏବଂ ଅବସାଦ ମୁକ୍ତ ଜୀବନ ବିତାଇ ପାରିବ। ଅନେକ ସମୟରେ ଲୋକେ ଭୁଲ୍ ଦିଗରେ ଶୋଇବା ଯୋଗୁଁ ସେମାନଙ୍କର ସ୍ୱାସ୍ଥ୍ୟରେ ଅବନତି ଦେଖାଯିବା ସହ ଘରେ ଅଶାନ୍ତି ଦେଖାଯାଏ। ତେବେ ବାସ୍ତୁ ଅନୁସାରେ କେଉଁ ଦିଗକୁ ମୁଣ୍ଡ କରି ଶୋଇବା ଉଚିତ ଆସନ୍ତୁ ଜାଣିବା। ପୂର୍ବ ଦିଗକୁ ମୁଣ୍ଡ କରି ଶୋଇବା ଦ୍ୱାରା ସୁନିଦ୍ରା ହେବା ସହ ଏକାଗ୍ରତା ବୃଦ୍ଧିପାଏ। ସେହିଭଳି ଦକ୍ଷିଣ ଦିଗକୁ ମୁଣ୍ଡ କରି ଶୋଇଲେ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ପଶ୍ଚିମ ଦିଗକୁ ମୁଣ୍ଡ କରି ଶୋଇବା ଦ୍ୱାରା ମଣିଷକୁ ଚିନ୍ତା ଘେରିଯାଏ। ଉତ୍ତର ଦିଗକୁ ମୁଣ୍ଡ କରି ଶୋଇବା ଅଶୁଭ ମନାଯାଏ। ଉତ୍ତର କିମ୍ବା ପଶ୍ଚିମ ଦିଗକୁ ମୁଣ୍ଡ ଦେଇ ଶୋଇବା ଦ୍ୱାରା ମଣିଷ ରୋଗାକ୍ରାନ୍ତ ହେବା ସହ ତାର ଆୟୁ ହ୍ରାସ ପାଇଥାଏ ବୋଲି କୁହାଯାଏ। ପୂର୍ବଦିଗକୁ ମୁଣ୍ଡ କରି ଶୋଇବା ଦ୍ୱାରା ବିଦ୍ୟା ଏବଂ ଦକ୍ଷିଣ ଦିଗକୁ ମୁହଁ କରି ଶୋଇବା ଦ୍ୱାରା ଆୟୁ ଏବଂ ଧନର ବୃଦ୍ଧି ହୋଇଥାଏ।

# କ୍ୟାଲେଣ୍ଡରଟିର ମୂଲ୍ୟ ୮୩ କୋଟି



ସାଧାରଣତଃ କ୍ରିସ୍‌ମାସ୍ ସମୟରେ କ୍ରିସ୍‌ମାସ୍ ଟୋପି ଓ ଟ୍ରି ସହ ଆଡଭେଣ୍ଟ କ୍ୟାଲେଣ୍ଡର ବିକ୍ରି କରାଯାଏ। ଏହି କ୍ୟାଲେଣ୍ଡରଗୁଡ଼ିକର ଦାମ୍ ପାଖାପାଖି ୧୦୦ ଟଙ୍କା ହୋଇଥାଏ। ଏହା ଡିସେମ୍ବର ମାସ ଆରମ୍ଭରୁ କ୍ରିସ୍‌ମାସ୍ ପର୍ଯ୍ୟନ୍ତ ବିକ୍ରି ହୁଏ। ଏହି ପରିପ୍ରେକ୍ଷୀରେ ଏମିତି ବି ଗୋଟିଏ କ୍ୟାଲେଣ୍ଡର ଅଛି, ଯାହାର ଦାମ୍ କୋଟିଏରୁ ଅଧିକ। ଗତବର୍ଷ ସ୍ୱିଜରଲ୍ୟାଣ୍ଡର ଗୋଟିଏ ପରିବାର ପାଇଁ କଳାକାର ଡେବି ୱିଙ୍ଗମ୍, ଏକ ଆଡଭେଣ୍ଟ କ୍ୟାଲେଣ୍ଡର ତିଆରି କରିଥିଲେ। ଯାହାର ଦାମ୍ ଭାରତୀୟ ମୁଦ୍ରାରେ ୮୩ କୋଟି ଥିଲା। ସେ ଯେଉଁ କ୍ୟାଲେଣ୍ଡର ତିଆରି କରିଥିଲେ, ତାହା ଥିଲା ଖୁବ୍ ସ୍ୱତନ୍ତ୍ର ଏବଂ ନିଆରା। ତା'ସହ ସାଧାରଣ କ୍ୟାଲେଣ୍ଡରଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏପରିକି ଅନେକ ଲୋକ ଏହି କ୍ୟାଲେଣ୍ଡରକୁ ଖୁବ୍ ପସନ୍ଦ କରିବାରୁ ଏହାର ଚାହିଦା ଖୁବ୍ ଅଧିକ ଥିଲା। ଅବଶ୍ୟ ଏହା ଖୁବ୍ ମହଙ୍ଗା ହୋଇଥିବାରୁ ସାଧାରଣ ଲୋକଙ୍କ ପକ୍ଷେ ଏହାକୁ କିଣିବା ସମ୍ଭବ ନୁହେଁ। ତେବେ ଏହି କ୍ୟାଲେଣ୍ଡରରେ କିଛି ଦାମୀ ଜିନିଷକୁ ସାମିଲ କରାଯାଇଥିଲା, ଯେଉଁଥିପାଇଁ ଏହାକୁ ସବୁଠୁ ମହଙ୍ଗା କ୍ୟାଲେଣ୍ଡର ବୋଲି କୁହାଯାଉଛି। ସାଧାରଣତଃ ଆଡଭେଣ୍ଟ କ୍ୟାଲେଣ୍ଡରଗୁଡ଼ିକରେ ଛୋଟ ଛୋଟ କାର୍ଡବୋର୍ଡ ଦ୍ୱାରଗୁଡ଼ିକ ପଛରେ ଚକଲେଟ୍ ଓ ଅନ୍ୟ ଜିନିଷ ରଖାଯାଇଥାଏ। ତେବେ ଡେବି ଏହି କ୍ୟାଲେଣ୍ଡରରେ ଡିଜାଇନର ଘଣ୍ଟା, ହୀରା, ସ୍ୱତନ୍ତ୍ର ଭାବେ ତିଆରି କରାଯାଇଥିବା କଳାକୃତିଗୁଡ଼ିକ ରଖିଥିଲେ। ତେଣୁ ଏହି ଆଡଭେଣ୍ଟ କ୍ୟାଲେଣ୍ଡରର ଦାମ୍ ୮୩ କୋଟି ଟଙ୍କା ଥିଲା। ସେହିପରି ଡେବି ଏହି କ୍ୟାଲେଣ୍ଡର ମାଧ୍ୟମରେ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ଉପହାରର ବ୍ୟବସ୍ଥା କରିଥିଲେ। ଏଥିରେ କିଛି ଯାତ୍ରା ଟିକେଟ୍ ସହ ହୀରା ଖଚିତ ଏକ ପର୍ସ ମଧ୍ୟ ଥିଲା। ସେହିପରି କ୍ୟାଲେଣ୍ଡରରେ ସାମିଲ ଥିବା କଳାକୃତିର ଦାମ୍ ଥିଲା ଦୁଇ କୋଟିରୁ ଅଧିକ। ଅନ୍ୟପଟେ ସମ୍ପୃକ୍ତ କଳାକାରଙ୍କୁ କ୍ୟାଲେଣ୍ଡର ତିଆରି ପାଇଁ ବର୍ଷେରୁ ଅଧିକ ସମୟ ଲାଗିଥିଲା। କେବଳ ସେତିକି ନୁହେଁ, ଅନ୍ୟ କ୍ୟାଲେଣ୍ଡର ତୁଳନାରେ ଏହାକୁ ଆକର୍ଷିତ କରିବା ପାଇଁ ଏନେଇ ତାଙ୍କୁ କଠିନ ପରିଶ୍ରମ ମଧ୍ୟ କରିବାକୁ ପଡ଼ିଥିଲା। ଏହି କ୍ୟାଲେଣ୍ଡର ଗତବର୍ଷ କ୍ରିସ୍‌ମାସରେ ଖୁବ୍ ଚର୍ଚ୍ଚା ସାଉଁଟି ଥିଲା।

## ଆଜିର ରାଶିଫଳ

**ମେଷ:** ସମସ୍ତ କାର୍ଯ୍ୟ ସଫଳତା ପୂର୍ବକ ପୂରଣ ହେବ। ଆର୍ଥିକସ୍ଥିତିରେ ସୁଧାର ଆସିବ। ମହିଳାମାନେ ଆଳସ୍ୟତା ଅନୁଭବ କରିପାରନ୍ତି। ନୂତନ ନିବେଶରୁ କ୍ଷତିଗ୍ରସ୍ତ ହୋଇପାରନ୍ତି।

**ବୃଷ:** ବିଭିନ୍ନ କାର୍ଯ୍ୟରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ଦକ୍ଷତା ପ୍ରମାଣିତ ହେବ । ଆୟ ବୃଦ୍ଧି ହେତୁ ଉତ୍ସାହିତ ହେବେ। ପରିବାରର ସହାୟତା ପାଇବେ । ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ।

**ମିଥୁନ:** କୌଣସି ଜରୁରୀ କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ପାରିବାରିକ ପରିବେଶ ଓ ଦାମ୍ପତ୍ୟ ଜୀବନରେ ସମନ୍ୱୟ ରହିବ। ଜୀବନରେ ଆଗକୁ ବଢ଼ିବା ପାଇଁ ସୁଯୋଗ ପାଇବେ। ଘରକୁ ଅତିଥି ଆସିପାରନ୍ତି।

**କର୍କଟ:** ପରିବାର ସମ୍ବନ୍ଧରେ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଆର୍ଥିକ ଉନ୍ନତି ପାଇଁ ନୂଆ ଉପାୟ ମିଳିବ। ଲଗାତାର ଚେଷ୍ଟା କରି ସଫଳତା ପାଇବେ। ନୂତନ ବ୍ୟବସାୟ ପାଇଁ ସମୟ ଅନୁକୂଳ।

**ସିଂହ:** ଦ୍ୱନ୍ଦ୍ୱରେ ପଡ଼ି ନିଷ୍ପତ୍ତି ନେବାରୁ ଦୂରେଇ ରୁହନ୍ତୁ। ବ୍ୟବସାୟରେ ସଫଳତା ପାଇବେ। ମାନସିକ ସ୍ତରରେ ଚାପଗ୍ରସ୍ତ ରହିବେ। ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଅବିଭାବକ ଚିନ୍ତାରେ ରହିବେ।

**କନ୍ୟା:** କ୍ୟାରିୟର ପାଇଁ ଯୋଜନା କରିବେ। କାର୍ଯ୍ୟକ୍ଷେତ୍ରରେ ମାନସମ୍ମାନ ବୃଦ୍ଧି ପାଇବ। ପ୍ରେମ ଓ ଦାମ୍ପତ୍ୟ ଜୀବନ ମଧୁର ରହିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ସରକାରୀ କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ତୁଳା:** କୌଣସି କାର୍ଯ୍ୟରେ ସଫଳତା ନପାଇ ନିରାଶ ରହିପାରନ୍ତି। ସାହିତ୍ୟ ତଥା ଅନ୍ୟାନ୍ୟ ସୃଜନଶୀଳ କଳା ପ୍ରତି ଆଗ୍ରହ ବୃଦ୍ଧି ପାଇବ। ମହିଳାମାନେ ଉଚିତ ନିଷ୍ପତ୍ତି ଗ୍ରହଣ କରିପାରିବେ।

**ବିଛା:** ଦୀର୍ଘ ସମୟ ଧରି ଅଟକି ରହିଥିବା କାର୍ଯ୍ୟ ପୂରଣହେବ। କାର୍ଯ୍ୟରେ ସଫଳତା ମିଳିବ। ଅତ୍ୟଧିକ ଚିନ୍ତା ମାନସିକ ଅବସାଦ ବଢ଼ାଇବ। ଉଧାର ଦେଇ ହଇରାଣରେ ପଡ଼ିପାରନ୍ତି।

**ଧନୁ:** ପାରିବାରିକ ସମ୍ପର୍କ ମଜଭୁତ ହେବ। ଆର୍ଥିକ ଲାଭ ମିଳିବ। ଜୀବନସାଥୀଙ୍କ ପରାମର୍ଶକ୍ରମେ କାର୍ଯ୍ୟ କରିବେ। ନୂଆ ଲକ୍ଷ୍ୟକୁ ନିର୍ଦ୍ଧାରିତ କରିବା ପାଇଁ ଦିନଟି ଉତ୍ତମ ରହିବ।

**ମକର:** ପରିବାର ସହିତ ସମୟ ଅତିବାହିତ କରିବେ। ଅଯଥା ଖର୍ଚ୍ଚ କରି ସମାଲୋଚିତ ହୋଇପାରନ୍ତି। ବ୍ୟବସାୟରେ କିଛି କ୍ଷତି ହୋଇପାରେ। ମହିଳାମାନଙ୍କ ଦାୟୀତ୍ୱ ବଢ଼ିବ। ଜମିଜମା ବିବାଦର ସମାଧାନ ହେବ।

**କୁମ୍ଭ:** କର୍ମସ୍ଥଳୀରେ କିଛି ନୂତନ କାର୍ଯ୍ୟ କରି ପ୍ରଶଂସାର ପାତ୍ର ହେବେ। ସୁଯୋଗର ସଠିକ୍ ଉପଯୋଗ କରିବେ। ମହିଳାମାନେ ସ୍ୱାଧୀନମନା ହେବେ। ଉଚ୍ଚଶିକ୍ଷା ପାଇଁ ବିଦ୍ୟାର୍ଥୀ ଯୋଜନା କରିପାରନ୍ତି।

**ମୀନ:** ତରବରିଆ ଭାବେ କୌଣସି କାମ କରନ୍ତୁ ନାହିଁ। ଅନ୍ୟକୁ ଧାର ଦେବା କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ଧାର୍ମିକ କାର୍ଯ୍ୟ ପ୍ରତି ମନ ଆକର୍ଷିତ ହେବ। ସକାରାତ୍ମକ ଚିନ୍ତାଧାରା ସହିତ ସମସ୍ତ କାର୍ଯ୍ୟ କରନ୍ତୁ।


ରଥଯାତ୍ରା ପାଇଁ ମନମୁଗ୍ଧକର ଝୋଟି ଚିତାରେ ସଜେଇ ହୋଇଛି ବଡ଼ଦାଣ୍ଡ

ଦିନକ ପରେ ରଥଯାତ୍ରା

# ଆଜି ରଥକୁ ଆଜ୍ଞାମାଳ ବିଜେ

ପୁରୀ, ୫।୭(ସମିସ): ଦିନକ ପରେ ରଥଯାତ୍ରା। ଅର୍ଥାତ୍ ରବିବାର ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ନବଦିନାତ୍ମକ ଯାତ୍ରା କରିବେ ମହାପ୍ରଭୁ। ଏଥିପାଇଁ ପ୍ରାୟ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଏ ବର୍ଷ ଅଧିକ ଭିଡ଼ ହେବା ସମ୍ଭାବନା ରହିଛି। ଏହାକୁ ନଜରରେ ରଖି ଶୃଙ୍ଖଳିତ ଭାବେ ଘୋଷଯାତ୍ରା ସମ୍ପନ୍ନ କରିବା ଲାଗି ଜିଲ୍ଲା ପ୍ରଶାସନ, ପୁଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ବିଧି ମୁତାବକ, ରଥଯାତ୍ରା ପୂର୍ବଦିନ ତିନିରଥରେ ଆଜ୍ଞାମାଳ ବିଜେ ପରେ ସିଂହଦ୍ୱାର ସମ୍ମୁଖରେ ଲାଗିଥାନ୍ତି। ତିନିରଥର ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଆଣି ରଥ ନିକଟରେ ପହଞ୍ଚାନ୍ତି। ପ୍ରଥମେ ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ, ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଏବଂ ଶେଷରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥରେ ଆଜ୍ଞାମାଳ ବିଜେ ହୁଏ। ଏହାପରେ ରଥଖଳାରୁ ତିନିରଥଙ୍କୁ ପୁଲିସ ଟାଣି ନେଇ ସିଂହଦ୍ୱାରରେ ଲଗାଇଥାନ୍ତି। ତେଣୁ ଶନିବାର ସକାଳଧୂପ ପରେ ସକାଳ ୮ଟା ୪୫ରେ ରଥଖଳାକୁ ଆଜ୍ଞାମାଳ ବିଜେ କରିବା ଲାଗି ନୀତି ନିର୍ଘଣ୍ଟ ହୋଇଛି। ଏଥର ପଟିଦିଅଁଙ୍କଠାରୁ ଆଜ୍ଞାମାଳ ଆସିବ। ଯେ ହେତୁ ଚଳିତବର୍ଷ ଅଣସର ୧୩ ଦିନିଆ ପକ୍ଷ ପଡ଼ିଛି ତେଣୁ ଠାକୁର ଅଣସର ପିଣ୍ଡିରେ ଥିବେ। ତେଣୁ ପଟିଦିଅଁଙ୍କଠାରୁ ରଥ ଆଜ୍ଞାମାଳ ଆସିବା ପରେ ତିନିରଥ ସିଂହଦ୍ୱାର ସମ୍ମୁଖରେ ଲାଗିବ ଏବଂ ରବିବାର ଅନୁଷ୍ଠିତ ହେବ ରଥଯାତ୍ରା।

# ପୁରୀରେ ରଥ ଟାଣିବେ ରାଷ୍ଟ୍ରପତି

## ଆଜିଠାରୁ ଦ୍ରୌପଦୀ ମୁର୍ମୁଙ୍କ ୪ ଦିନିଆ ଓଡ଼ିଶା ଗସ୍ତ

ଭୁବନେଶ୍ୱର, ୫।୭(ସମିସ): ଆସନ୍ତାକାଲିଠାରୁ ୪ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତି ଆସନ୍ତାକାଲି ସନ୍ଧ୍ୟା ୬ଟା ସମୟରେ ଭୁବନେଶ୍ୱର ବିମାନ ବନ୍ଦରରେ ସ୍ୱତନ୍ତ୍ର ବିମାନରେ ପହଞ୍ଚିବେ। ଏହାପରେ ସେ ଜୟଦେବଭବନରେ ହେବାକୁ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ ତମ ଶ୍ରାଦ୍ଧବାର୍ଷିକୀରେ ଯୋଗଦେବେ। ଏହାପରେ ଜୁଲାଇ ୭ ତାରିଖରେ ସେ ମହାପ୍ରଭୁ ଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରାରେ ଯୋଗ ଦେବେ। ରାଷ୍ଟ୍ରପତି ଜୁଲାଇ ୮ ତାରିଖରେ ଉଦୟଗିରି ଗୁମ୍ଫା ପରିଦର୍ଶନ ସହ ବିଭୂତି କାନୁନଗୋ କଳା ଓ ହସ୍ତଶିଳ୍ପ ମହାବିଦ୍ୟାଳୟ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବେ। ସେହି ଦିନ ସେ ଭୁବନେଶ୍ୱର ନିକଟସ୍ଥ ହରିଡ଼ାମଡ଼ା ଗ୍ରାମରେ ବ୍ରହ୍ମକୁମାରୀମାନଙ୍କର ଦିବ୍ୟ ରିଟ୍ରିଟ୍ କେନ୍ଦ୍ର ଉଦ୍‌ଘାଟନ କରିବା ସହ 'ସ୍ଥାୟିତ୍ୱ ପାଇଁ ଜୀବନଶୈଳୀ' ଅଭିଯାନର ଶୁଭାରମ୍ଭ କରିବେ। ଜୁଲାଇ ୯ ତାରିଖରେ ରାଷ୍ଟ୍ରପତି ଭୁବନେଶ୍ୱରସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ(ନାଇଜର)ର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ଯୋଗଦେବେ।



**୩୦ ପ୍ଲାଟୁନ୍ ଫୋର୍ସ, ୪ଏସ୍‌ଟିଓ ଟିମ୍ ନିୟୋଜିତ**

**ବିମାନବନ୍ଦରରୁ ଖଣ୍ଡଗିରି ପୁଲିସ କଲା ରିହର୍‌ସାଲ୍**

**ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ନୋ ଫ୍ଲାଇଙ୍ଗ୍‌ଜୋନ୍**

ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମକୁ ନଜରରେ ରଖି କମିଶନରେଟ୍ ପୁଲିସ ବ୍ଲୁ-ବୁକ୍ ଅନୁସାରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛି। ଶୁକ୍ରବାର ଅପରାହ୍ନରେ ପୁଲିସ ଏନେଇ ମଧ୍ୟ ରିହରସାଲ କରିଛି। ବିମାନବନ୍ଦରରୁ ଜୟଦେବ ଭବନ, ଜୟଦେବ ଭବନରୁ ରାଜଭବନ ଏବଂ ରାଜଭବନରୁ ଖଣ୍ଡଗିରି, ନାଇଜର ଏବଂ ହରିଡ଼ାମଡ଼ାକୁ କରାଯାଇଥିବା ପୁଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି। ଡିସିପିଙ୍କ ନେତୃତ୍ୱରେ ୬ ଜଣ ଅତିରିକ୍ତ ଡିସିପି, ୧୫ ଜଣ ଏସିପି ର୍‍ୟାଙ୍କ୍‌ର ଅଧିକାରୀ, ୨୫ ଇନ୍ସପେକ୍ଟର, ୧୦୦ ଅଫିସର ଏବଂ ୩୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହେବେ ବୋଲି ପୁଲିସ କମିଶନର ସୂଚନା ଦେଇଛନ୍ତି। ଏଥିସହ ୪ଟା ଏସ୍‌ଟିଓ ଟିମ୍, ବୋମା ନିଷ୍କ୍ରିୟକାରୀ ସ୍କ୍ୱାଡ୍ ଏବଂ ଡଗ୍ ସ୍କ୍ୱାଡ୍ ମୁତୟନ ରହିବେ। ଆହୁରି ମଧ୍ୟ ବାଟରେ କୌଣସି ସମସ୍ୟା ନହେବେ ସେଥିଲାଗି ବ୍ୟବସ୍ଥା କରାଯାଇଛି। ରାଷ୍ଟ୍ରପତିଙ୍କ ଯେଉଁ ଯେଉଁ ସ୍ଥାନରେ କାର୍ଯ୍ୟକ୍ରମ ରହିଛି ଏବଂ ଯେଉଁ ରାସ୍ତା ଦେଇ ଯିବେ, ସେହି ଜାଗାରେ ନୋ ଡ୍ରୋନ୍ ଜୋନ୍ ଭାବରେ ଘୋଷଣା କରାଯାଇଛି।

# ବିଜୟପାଲ ସିଂ ତୋମାର ବିଜେପିର ଓଡ଼ିଶା ପ୍ରଭାରୀ

ଭୁବନେଶ୍ୱର, ୫।୭(ସମିସ): ବିଜୟପାଲ ସିଂ ତୋମାର ବିଜେପିର ଓଡ଼ିଶା ପ୍ରଭାରୀ ହୋଇଛନ୍ତି। ତାଙ୍କ ସହ ଲତା ଉସେଣ୍ଡିଙ୍କୁ ଦଳ ଓଡ଼ିଶା ପାଇଁ ସହପ୍ରଭାରୀ ଭାବେ ଦାୟିତ୍ୱ ଦେଇଛି। ସାଧାରଣ ନିର୍ବାଚନ ପରେ ଦେଶର ବିଭିନ୍ନ ରାଜ୍ୟ ପାଇଁ ପ୍ରଭାରୀ ଓ ସହପ୍ରବାରୀ ନିଯୁକ୍ତ କରି ଶୁକ୍ରବାର ଦଳ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଗତ ନିର୍ବାଚନରେ ବିଜୟପାଲ ସିଂ ତୋମାର ଓଡ଼ିଶାର ନିର୍ବାଚନ ପ୍ରଭାରୀ ଭାବେ କାର୍ଯ୍ୟ କରିଥିବା ବେଳେ ଡି. ପୁରନ୍ଦେଶ୍ୱରୀ ରାଜ୍ୟ ବିଜେପି ପ୍ରଭାରୀ ଥିଲେ। ଥିବେ ନିର୍ବାଚନ ପରେ ପୁରନ୍ଦେଶ୍ୱରୀଙ୍କୁ ଦଳ ଏଠାରୁ ହଟାଇ ବିଜୟପାଲ ସିଂ ତୋମାରଙ୍କୁ ପ୍ରଭାରୀ ଭାବେ ନିଯୁକ୍ତି ଦେଇଛି। ସେହିପରି ପୂର୍ବରୁ ରାଜ୍ୟର ନିର୍ବାଚନ ସହପ୍ରଭାରୀ ଥିବା ଲତା ଉସେଣ୍ଡିଙ୍କୁ ଦଳ ସହପ୍ରଭାରୀ ଦାୟିତ୍ୱ ଦେଇଛି।

ଅନ୍ୟପଟେ ଓଡ଼ିଶାର ଦୁଇ ସାଂସଦଙ୍କୁ ଦଳ ପକ୍ଷରୁ ସାଂଗଠନିକ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ଦଳ କେରଳର ସହପ୍ରଭାରୀ ନିଯୁକ୍ତି କରିଛି। କେରଳ ପାଇଁ ବରିଷ୍ଠ ବିଜେପି ନେତା ପ୍ରକାଶ ଜାଭଡେକରଙ୍କୁ ଦଳ ପ୍ରଭାରୀ କରିଥିବା ବେଳେ ଶ୍ରମତୀ ଷଡ଼ଙ୍ଗୀଙ୍କୁ ସହପ୍ରଭାରୀ ଦାୟିତ୍ୱ ମିଳିଛି। ସେହିପରି ପୁରୀ ସାଂସଦ ସମ୍ବିତ ପାତ୍ରଙ୍କୁ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ସଂଯୋଜକ ଭାବେ ଦଳ ନିଯୁକ୍ତି ଦେଇଛି। ବି. ମୂରଲୀଧରନଙ୍କୁ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ସହ ସଂଯୋଜକ ଦାୟିତ୍ୱ ମିଳିଛି।

କୁସୁମାକୁ ନେଇ ନିର୍ଦ୍ଦିଷ୍ଟ ଗଣମାଧ୍ୟମର ଅପପ୍ରଚାରକୁ ନିନ୍ଦା

# ରଙ୍ଗଶାଳା ନୁହେଁ; କ୍ରୀଡ଼ା, ପର୍ଯ୍ୟଟନ ଓ ସ୍ୱାସ୍ଥ୍ୟର ସର୍ବୋତ୍ତମ କେନ୍ଦ୍ର: ପୌର କର୍ତ୍ତୃପକ୍ଷ






ଯାଜପୁର, ୫।୭(ସମିସ): ଗତ କିଛିଦିନ ଧରି ଯାଜପୁରର ଅସ୍ମିତା ତଥା ପରିଚୟ ପାଲଟିଥିବା କୁସୁମା ପୋଖରୀକୁ ନେଇ କେତେକ ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଉଦ୍ଦେଶ୍ୟମୂଳକ ଓ ଅରୁଚିକର ଖବର ପରିବେଷଣ କରୁଛନ୍ତି। ଯେଉଁ ଖବର ପଛରେ କୌଣସି ଆଧାର ନାହିଁ। ସତ୍ୟ ଓ ତଥ୍ୟଠାରୁ ବହୁ ଦୂରରେ। ନିଜର ମନଗଢ଼ା କାହାଣୀକୁ ଲୋକଙ୍କୁ ଜଣାଇ ବିଭ୍ରାନ୍ତି କରାଯାଉଛି। କେତେକ ନିର୍ଦ୍ଦିଷ୍ଟ ଗଣମାଧ୍ୟମର ଏଭଳି ହୀନ ଉଦ୍ୟମକୁ ଯାଜପୁର ପୌରପାଳିକା ପକ୍ଷରୁ କଡ଼ା ନିନ୍ଦା କରାଯାଇଛି। ଯାଜପୁର ପୌରପାଳିକା ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପରୋକ୍ତ ବିବରଣୀ ପ୍ରଦାନ କରାଯାଇଛି।

ଆଜି ଅପରାହ୍ନରେ ଯାଜପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅନୀଲ କୁମାର ମହାନ୍ତିଙ୍କ ପକ୍ଷରୁ ଆହୂତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶାର ସର୍ବପୁରାତନ ପୌର ପରିଷଦ ଭାବେ ଖ୍ୟାତି ଅର୍ଜନ କରିଥିବା ଯାଜପୁରର ସଫଳତା ସମ୍ପର୍କରେ ସୂଚନା ଦିଆଯିବା ସହିତ ଏହା ଏବେ କ୍ରୀଡ଼ା, ପର୍ଯ୍ୟଟନ, ସ୍ୱାସ୍ଥ୍ୟର ସର୍ବୋତ୍ତମ କେନ୍ଦ୍ର ଭାବେ ରାଜ୍ୟରେ ମାନ୍ୟତା ପାଇଥିବାବେଳେ କେତେକ କୁଚକ୍ରୀ ଗୋଷ୍ଠୀ ଏହାକୁ ବଦନାମ କରିବାକୁ ଉଦ୍ୟମ କରୁଥିବା ସୂଚନା ଦିଆଯାଇଛି। କୁସୁମା ପ୍ରକଳ୍ପକୁ ପରିଦର୍ଶନ ପାଇଁ ଦୈନିକ ଶହ ଶହ ପର୍ଯ୍ୟଟକ ଆସୁଛନ୍ତି ଓ କୁସୁମାରେ ନିୟୋଜିତ ଅଧିକାଂଶ ସୁରକ୍ଷା କର୍ମଚାରୀ ଭାବେ ମହିଳାମାନେ କାର୍ଯ୍ୟରତ। କିନ୍ତୁ କୁସୁମା ଭଳି ଏକ ପ୍ରକଳ୍ପକୁ ରଙ୍ଗଶାଳାର ଆଖ୍ୟା ଦେଇ ଜିଲ୍ଲାବାସୀଙ୍କ ଭାବାବେଗକୁ କୁଠାରଘାତ କରାଯାଇଛି ଓ ଯାହାକୁ ପୌରପାଳିକା ପକ୍ଷରୁ କଡ଼ା ଭାଷାରେ ନିନ୍ଦା କରାଯାଇଛି। କୁସୁମା ପରିସରରେ

■ **ତଥ୍ୟ ଓ ସତ୍ୟ ନ ଥାଇ ଉଦ୍ଦେଶ୍ୟମୂଳକ ଭାବେ ବିଭ୍ରାନ୍ତିକର ଖବର ପରିବେଷଣ କରାଯାଉଛି**

■ **ଯାଜପୁରବାସୀଙ୍କ ଭାବାବେଗ ଓ ଅସ୍ମିତା ଉପରେ କୁଠାରଘାତର ନିନ୍ଦା**

ଥିବା ୯ଟି କଟେଜ ସମ୍ପର୍କରେ କେତେକ ଗଣମାଧ୍ୟମ ଅପପ୍ରଚାର କରୁଛନ୍ତି। ସେମାନଙ୍କ ଗୋଚରାର୍ଥେ କେତେକ ତଥ୍ୟ ପୌରପାଳିକା ପକ୍ଷରୁ ଉପସ୍ଥାପନ ମଧ୍ୟ କରାଯାଇଥିଲା। ଯାଜପୁର ସହରରେ ୨୩ଟି କ୍ରୀଡ଼ା ବିଭାଗର ପ୍ରଶିକ୍ଷଣ ନିମନ୍ତେ ସରକାର ବ୍ୟବସ୍ଥା କରିଛନ୍ତି। ସମ୍ପୃକ୍ତ କ୍ରୀଡ଼ା ପ୍ରଶିକ୍ଷଣ ପାଇଁ ରାଜ୍ୟ ତଥା ଦେଶର ବିଭିନ୍ନ ଅଞ୍ଚଳରୁ ପେଶାଦାର କ୍ରୀଡ଼ା ପ୍ରଶିକ୍ଷକ ନିୟୋଜିତ ହେବେ। ଏହି କ୍ରୀଡ଼ା ପ୍ରଶିକ୍ଷକଙ୍କ ରହଣି ନିମନ୍ତେ ୯ଟି କଟେଜ ନିର୍ମାଣ କରାଯାଇଛି। ସମ୍ପୃକ୍ତ କଟେଜ ପାଇଁ ଆବଶ୍ୟକ ଜମିକୁ ପୌରପରିଷଦ ପକ୍ଷରୁ ରାଜ୍ୟ କ୍ରୀଡ଼ା ବିଭାଗକୁ ହସ୍ତାନ୍ତର କରାଯାଇଛି। ପୌର ପରିଷଦକୁ ମିଳିଥିବା ବିଭିନ୍ନ ପୁରସ୍କାର ଅର୍ଥ ରାଶିକୁ ଜମି କ୍ରୟରେ ବିନିଯୋଗ କରାଯାଇଥିଲା ଓ ଦୁଇଟି କମ୍ପାନୀର ସିଏସଆର ଫଣ୍ଡରୁ ପ୍ରାପ୍ତ ୮ କୋଟି ଟଙ୍କା ବ୍ୟୟରେ ଏହି କଟେଜ ନିର୍ମାଣ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

କେତେକ ନିର୍ଦ୍ଦିଷ୍ଟ ଗଣମାଧ୍ୟମରେ କଟେଜ ନିର୍ମାଣରେ ବହୁ କୋଟି ଟଙ୍କା ହେରଫେର ହେବା ଅଭିଯୋଗ ସମ୍ପୂର୍ଣ୍ଣ ମନଗଢ଼ା ଓ କପୋଳକଳ୍ପିତ। କୁସୁମା ପ୍ରକଳ୍ପ ନିର୍ମାଣ ଦିନଠାରୁ କେତେକ କୁଚକ୍ରୀ ଗୋଷ୍ଠୀ ନିର୍ଦ୍ଦିଷ୍ଟ ଗଣମାଧ୍ୟମକୁ ଅସ୍ତ୍ର କରି କୁସୁମା ସମ୍ପର୍କରେ ମିଥ୍ୟା ତଥ୍ୟ ପରିବେଷଣ କରିଆସୁଛନ୍ତି। ଏପରିକି ଏ ସମ୍ପର୍କରେ ରାଜ୍ୟ ସରକାର, କେନ୍ଦ୍ର ସରକାର, ସିବିଆଇ, ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବିଭିନ୍ନ ଦପ୍ତରକୁ ବିଭିନ୍ନ ବିଭ୍ରାନ୍ତି କରିବାରେ ଲାଗିଛନ୍ତି। ତେଣୁ ଏହି ପ୍ରକଳ୍ପ ପାଇଁ ଯେତେବେଳେ ଯେଉଁ ତଥ୍ୟ ସୂଚନା ଅଧିକାର ଆଇନରେ ମଗାଯାଉଛି, ତା'ର ତଥ୍ୟ ଠିକଣା ସମୟରେ ପ୍ରଦାନ କରାଯାଉଛି ବୋଲି ପୌରପାଳିକା ପକ୍ଷରୁ ସୂଚନା ଦିଆଯାଇଛି। ଆଜି ଯେଉଁମାନେ ଯାଜପୁର ଜିଲ୍ଲାକୁ ବଦନାମ କରୁଛନ୍ତି, ସେମାନଙ୍କୁ ଆଗାମୀ ଦିନରେ ଜିଲ୍ଲାବାସୀ ଜବାବ ଦେବେ ବୋଲି ଯାଜପୁର ପୌରପାଳିକା ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା ମଧ୍ୟ ଉପସ୍ଥିତ ଥିଲେ।

ଆଜି ମଧ୍ୟରାତ୍ରରୁ ଟ୍ରାଫିକ କଟକଣା

# ଡ୍ରୋନ୍ ସହାୟତାରେ ଟ୍ରାଫିକ୍ ପରିଚାଳନା

ପୁରୀ, ୫।୭(ସମିସ): ଏବର୍ଷ ରଥଯାତ୍ରାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ଚାଲିଛି। ତେବେ ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନା ପାଇଁ ସ୍ୱତନ୍ତ୍ର ଟ୍ରାଫିକ ମୋବିଲିଟି ପ୍ଲାନ ପ୍ରସ୍ତୁତ କରିଛି ପୁଲିସ। ଏ ସଂକ୍ରାନ୍ତରେ ଶୁକ୍ରବାର ଅତିରିକ୍ତ ଡିଜିପି ଦୟାଳ ଗଙ୍ଗୱାର ବିସ୍ତୃତ ସୂଚନା ଦେଇଛନ୍ତି। ଶନିବାର ମଧ୍ୟ ରାତ୍ରରୁ ଟ୍ରାଫିକ କଟକଣା ଲାଗୁ ହେବ। ଚଳିତବର୍ଷ ରଥଯାତ୍ରାରେ ଏଥିପାଇଁ ଏକ ହ୍ୱାଟ୍ସଆପ ଚାର୍ଟବୋଟ୍ କରାଯାଇଛି। ଏଥିରେ ସ୍କାନର ରହିଛି। ଏହି କ୍ୟୁଆର ସ୍କାନର କୋଡ୍ ମାଧ୍ୟମରେ ଜଣେ ବ୍ୟକ୍ତି ସହଜରେ ଟ୍ରାଫିକ ବ୍ୟବସ୍ଥା ସମ୍ପର୍କରେ ଜାଣିପାରିବ। ସମୁଦାୟ ରଥଯାତ୍ରାରେ କେବଳ ଟ୍ରାଫିକ ସୁପରିଚାଳନା ପାଇଁ ୫୦ ପ୍ଲାଟୁନ ଫୋର୍ସ ଓ ୪୫୦ ଅଧିକାରୀ ନିୟୋଜିତ ହୋଇଛନ୍ତି। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ମାଳତୀପାଟପୁରଠାରେ ୩ ଲେନ୍ ଟ୍ରାଫିକ ବ୍ୟବସ୍ଥା କରାଯାଇଛି। ଗୋଟିଏ

**ଅତ୍ୟାଧୁନିକ ସିସିଟିଭି କ୍ୟାମେରା ସହ ସଂଯୋଗ ହେବ ଏଆଇ**

**ପ୍ରଥମଥର ରଥଯାତ୍ରାକୁ ଆସୁଥିବା ଯାନବାହନର ହେବ ଗଣତି**



ଟ୍ରାଫିକ ସୁପରିଚାଳନା ପାଇଁ ଅତ୍ୟାଧୁନିକ ସିସିଟିଭି କ୍ୟାମେରା ସହ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହାର କରାଯିବ। ପ୍ରଥମଥର ପାଇଁ ରଥଯାତ୍ରାକୁ ଆସୁଥିବା ଯାନବାହାନ ଗଣତି ହେବ। ବସ୍, କାର, ବାଇକ୍ ଓ ଅଟୋର ଗଣତି ହେବ। ଅତ୍ୟାଧୁନିକ ସିସିଟିଭି କ୍ୟାମେରାକୁ ଏଆଇବି ସଂଯୁକ୍ତ କରାଯିବ। ଆନ୍ତଃ ଓ ବାହ୍ୟ ଟ୍ରାଫିକ ସହ ପୁରୀ-ବ୍ରହ୍ମଗିରି, ପୁରୀ-ଭୁବନେଶ୍ୱର ଏବଂ ପୁରୀ-କୋଣାର୍କ ରାସ୍ତାରେ ସ୍ୱତନ୍ତ୍ର ଟ୍ରାଫିକ ପରିଚାଳନା ହେବ। ବିଭିନ୍ନ ସ୍ଥାନରେ ବ୍ଲାକ ସ୍ପଟ ଚିହ୍ନଟ କରାଯାଇଛି। ସେହିସବୁ ସ୍ଥାନରେ ଡ୍ରୋନର ସହାୟତା ନିଆଯିବ। ଏଥର ପ୍ରଥମଥର ପାଇଁ ଓଡ଼ିଶା ପୁଲିସ ଟ୍ରାଫିକ ସୁପରିଚାଳନା ପାଇଁ ଅତ୍ୟାଧୁନିକ ଜ୍ଞାନ କୌଶଳର ସହାୟତା ନେଇଛି। ବାଇକ ପାଇଁ, ଗୋଟିଏ ପାସ୍‌ଧାରୀ ଗାଡି ପାଇଁ ଏବଂ ଅନ୍ୟଟି ଯାତ୍ରୀବାହୀ ବସ୍ ପାଇଁ ଉଦ୍ଦିଷ୍ଟ ରହିବ। ରଥଯାତ୍ରା ସମୟରେ ୧୦୦ରୁ ୧୫୦ ଟୁରିଷ୍ଟ ବସ୍, ୪୦୦ରୁ ୫୦୦ ରେଗୁଲାର ବସ୍ ଓ ରାଜ୍ୟର ବିଭିନ୍ନ ବ୍ଲକରୁ ୧୯୦ଟି ସ୍ୱତନ୍ତ୍ର ବସ୍ ଆସିବ। ସହର ଭିତରେ ଓ ବିଭିନ୍ନ ସ୍ଥାନରେ ୩୬ରୁ ୪୦ ଟି କ୍ରିଟିକାଲ ସ୍ଥାନ ଚିହ୍ନଟ ହୋଇଛି। ପୁରୀ-ବ୍ରହ୍ମଗିରି, ପୁରୀ-ଭୁବନେଶ୍ୱର ଏବଂ ପୁରୀ-କୋଣାର୍କ ପଟୁ ଆସୁଥିବା ବସ୍ ଓ ଦୁଇଚକିଆ ଗାଡିଗୁଡିକ ପାର୍କିଂ ପାଇଁ ସ୍ୱତନ୍ତ୍ର ପାର୍କିଂ ସ୍ଥାନ କରାଯାଇଛି। ରଥଯାତ୍ରାଠାରୁ ସୁନାବେଶ ପର୍ଯ୍ୟନ୍ତ ଟ୍ରାଫିକ ବ୍ୟବସ୍ଥା ଆଦୌ କୋହଳ କରାଯିବ ନାହିଁ ବୋଲି କହିଛନ୍ତି ଅତିରିକ୍ତ ଡିଜିପି ଶ୍ରୀ ଗଙ୍ଗୱାର।

## ପ୍ରଥମଥର ପିଏଡିର ସହାୟତା ନେଇଛି ପୁଲିସ

ଶୃଙ୍ଖଳିତ ରଥଯାତ୍ରା ଲାଗି ଓଡ଼ିଶା ପୁଲିସ ଚଳିତବର୍ଷ ପ୍ରଥମଥର ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା ଲାଗି ଅତ୍ୟାଧୁନିକ ଜ୍ଞାନ କୌଶଳର ସହାୟତା ନେଇଛି। ଟ୍ରାଫିକ ସୁପରିଚାଳନା ନିମନ୍ତେ ପ୍ରଥମ ଥର ପାଇଁ ପବ୍ଲିକ ଆନାଉନ୍ସମେଣ୍ଟ ଡ୍ରୋନ(ପିଏଡି)ର ସହାୟତା ନିଆଯାଇଛି। ବିଶେଷକରି ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ଟ୍ରାଫିକ ସୁପରିଚାଳନା ପାଇଁ ଏହି ଡ୍ରୋନ ବ୍ୟବହୃତ ହେବ। ୧୫ କେଜି ଓଜନ ବିଶିଷ୍ଟ ଏହି ଡ୍ରୋନ କେଉଁ ସ୍ଥାନରେ ଗହଳି କିମ୍ବା ଟ୍ରାଫିକ ଜାମ୍ ହେଲେ ସେହିଠାରେ ପହଞ୍ଚି ଜନସାଧାରଣଙ୍କୁ ସୂଚନା ପ୍ରଦାନ କରିବ। ଜନଗହଳି ଓ ଭିଡ଼ ନିୟନ୍ତ୍ରଣ ସହ ଟ୍ରାଫିକ ସୁପରିଚାଳନା ପାଇଁ ଏହାକୁ ବ୍ୟବହାର କରାଯିବ। ଏହି ଡ୍ରୋନ ୩୦ରୁ ୧୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ଉଡିପାରିବ। କିନ୍ତୁ ସୁରକ୍ଷା ଦୃଷ୍ଟିରୁ ଏହାକୁ ୧୦ରୁ ୩୦ ମିଟର ଉଚ୍ଚତା ମଧ୍ୟରେ ଉଡାଯିବ। ପ୍ରଥମେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କେଉଁ କେଉଁ ଜାଗାରେ ଭିଡ଼ ହେଉଛି ତାହାର ସୂଚନା ଦେବ। କଣ୍ଟ୍ରୋଲ ରୁମ୍‌ରୁ ଏହି ସୂଚନା ପାଇବା ପରେ ଡ୍ରୋନ ସେଠାରେ ପହଞ୍ଚି ଭିଡ଼ ଭାଙ୍ଗି ଆଗକୁ ଆଗକୁ ବଢ଼ିବା ପାଇଁ ଆନାଉନ୍ସ କରିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭିଡ଼ ଭିତରକୁ ବେଳେ ବେଳେ ପୁଲିସ ଯିବା ମଧ୍ୟ କଷ୍ଟସାଧ ହୋଇଥାଏ। ସେହି ଜାଗାରେ ଏହି ଡ୍ରୋନ ଭିଡ଼ ଭାଙ୍ଗିବା ଲାଗି ଉପଯୋଗୀ ହେବ। ରଥଯାତ୍ରାରେ ୫ରୁ ୧୦ଟି ଡ୍ରୋନ ବ୍ୟବହାର କରାଯିବ ବୋଲି ସୂଚନା ମିଳିଛି।

# ୮ ତାରିଖରେ ହାଇକୋର୍ଟ ଛୁଟି

କଟକ, ୫।୭(ସମିସ): ଆସନ୍ତା ରବିବାର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ରଥଯାତ୍ରା ଉପଲକ୍ଷେ ଏହା ପର ଦିନ ଅର୍ଥାତ ୮ ତାରିଖ ସୋମବାର ହାଇକୋର୍ଟ ଛୁଟି ରହିବ। ଏ ସଂକ୍ରାନ୍ତରେ ହାଇକୋର୍ଟ ରେଜିଷ୍ଟ୍ରି ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଛୁଟି ପରିବର୍ତ୍ତେ ଆସନ୍ତା ଅଗଷ୍ଟ ୩୧ ତାରିଖ ଶନିବାରକୁ ହାଇକୋର୍ଟ କାର୍ଯ୍ୟ ଦିବସ ଭାବେ ଗ୍ରହଣ କରାଯାଇଛି। ପ୍ରକାଶଥାଉକି ରାଜ୍ୟ ସରକାର ଆସନ୍ତା ସୋମବାରକୁ ସରକାରୀ ଛୁଟି ଘୋଷଣା କରିଛନ୍ତି।

# ରଥଯାତ୍ରା ଦିନ ତମାମ ବର୍ଷା

ଭୁବନେଶ୍ୱର, ୫।୭ (ସମିସ): ବଙ୍ଗୋପସାଗର ଉପରେ ରହିଥିବା ଘୂର୍ଣ୍ଣିବଳୟ ଯୋଗୁଁ ରାଜ୍ୟରେ ବର୍ଷା ଜାରି ରହିଛି। ରାଜ୍ୟର ଏକାଧିକ ସ୍ଥାନରେ ବର୍ଷା ହେଉଥିବା ବେଳେ ଧୀରେ ଧୀରେ ବର୍ଷାର ପ୍ରକୋପ ବୃଦ୍ଧି ପାଇବା ନେଇ ଆକଳନ କରାଯାଇଛି। ବିଶେଷ କରି ରଥଯାତ୍ରାରେ ପୁରୀ ସମେତ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।



**୭ ଓ ୮ ତାରିଖରେ ବର୍ଷା ଆଶଙ୍କା**

**୧୦ ପରେ ବଢ଼ିବ ବର୍ଷାର ପରିମାଣ**

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ଡକ୍ଟର ମନୋରମା ମହାନ୍ତିଙ୍କ କହିବା ଅନୁସାରେ ୬ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ତେବେ ୭ ତାରିଖରେ କନ୍ଧମାଳ, ଗଞ୍ଜାମ, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ମୟୂରଭଞ୍ଜ, କେନ୍ଦୁଝର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଜପତି, ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା ୭ ତାରିଖରେ ଦକ୍ଷିଣ ଓଡ଼ିଶା ଉପକୂଳରେ ସଂଲଗ୍ନ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ୮ ତାରିଖରେ ଆଭ୍ୟନ୍ତରୀଣ ଓଡ଼ିଶା ଓ ଛତିଶଗଡ଼ ଉପରେ ରହିବାର ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହୋଇପାରେ। ତେବେ ଏହି ସମୟରେ ଭାରି ବର୍ଷାର ସମ୍ଭାବନା କମ୍ ରହିଛି। ପ୍ରତ୍ୟେକ ଦିନ ଅନେକ ସ୍ଥାନରେ ସ୍ୱଳ୍ପ, କେତେକ ସ୍ଥାନରେ ମଧ୍ୟମ ଓ ଗୋଟିଏ ଦୁଇଟି ସ୍ଥାନରେ ଭାରି ବର୍ଷା (୬୫ ମିମିରୁ ଅଧିକ) ହୋଇପାରେ। ତେବେ ୭ ଓ ୮ ଅର୍ଥାତ ରଥଯାତ୍ରାର ଉଭୟ ଦିନରେ ପୁରୀରେ ସମୁଦାୟ ୩୦-୩୫ ମିମି ଲେଖାଏଁ ବର୍ଷା ହୋଇପାରେ। ୭ ତାରିଖ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଝିପି ଝିପିରୁ ସ୍ୱଳ୍ପ ରାତି ପର୍ଯ୍ୟନ୍ତ ୮ ରେ ସକାଳେ ଝିପିଝିପି ଓ ସନ୍ଧ୍ୟା ୬ ଟା ପରେ ଶୁଖିଲା ପାଗ ରହିବାର ସମ୍ଭାବନା ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ ୧୦ ତାରିଖରୁ ମୌସୁମୀ ଅଧିକ ସକ୍ରିୟ ହେବାରୁ ବର୍ଷାର ପ୍ରକୋପ ବଢ଼ିବ ବୋଲି ସେ କହିଛନ୍ତି। ୧୦-୧୫ ମଧ୍ୟରେ ଦକ୍ଷିଣ ଆଭ୍ୟନ୍ତର ଓ ଉପକୂଳରେ ଅନେକ ସ୍ଥାନରେ ମଧ୍ୟମ ଓ କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଗଜପତି, ଗଞ୍ଜାମ, ରାୟଗଡ଼ା, କନ୍ଧମାଳ, ବୌଦ୍ଧ, ଖର୍ଦ୍ଧା, ପୁରୀ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ ଓ କଟକ ଜିଲ୍ଲାରେ ଅଧିକ ବର୍ଷା ହେବ। ବାଲେଶ୍ୱର, ଯାଜପୁକ, କେନ୍ଦ୍ରାପଡ଼ାରେ ସବୁଠୁ କମ୍ ବର୍ଷା ହେବା ନେଇ ପ୍ରଫେସର ପଶୁପାଳକ ଆକଳନ କରିଛନ୍ତି। ଶୁକ୍ରବାର ଢେଙ୍କାନାଳରେ ୨୮ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ତାଳଚେର ୧୮, ପାରଳାଖେମୁଣ୍ଡି ୧୧ ମିମି ବର୍ଷା ରେକର୍ଡ କରାଯାଇଛି।

■ ଶାଳୀ-ଭିଣୋଇ ବିଷ ପିଇବା ଘଟଣା

# ଭିଣୋଇ ପରେ ଶାଳୀର ମୃତ୍ୟୁ

ବେହେରା, ୫।୭(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ପଲସପାଣି ଗ୍ରାମରେ ବିଷପିଇ ଶାଳୀ ଭିଣୋଇଙ୍କ ଆମହତ୍ୟା ଉଦ୍ୟମବେଳେ ଗୁରୁବାର ଭିଣୋଇଙ୍କର ମୃତ୍ୟୁ ଘଟିଥିବାବେଳେ ଶୁକ୍ରବାର ଶାଳୀର ମଧ୍ୟ ମୃତ୍ୟୁ ଘଟିଛି। କୋକସରା ଥାନା ଅଧୀନ ପଲସପାଣି ଗ୍ରାମର ତୁଳସୀରାମ ନାଏକ ନିଜ ଶାଳୀ ସୁନିତା ବୋଡକିଆଙ୍କ ସହ ମଙ୍ଗଳବାର ଘରଛାଡ଼ି ଚାଲିଯାଇଥିଲେ। ଉଭୟ ପରିବାର ଲୋକେ ଏକ ବୈଠକ କରି ପୁଅ ଝିଅକୁ ଡ଼କାଇ ସମାଧାନର ରାସ୍ତା ଖୋଜୁଥିଲେ। କିନ୍ତୁ ଉଭୟେ ଶାଳୀ ଓ ଭିଣୋଇ ଆପୋଷ କଥାବାର୍ତ୍ତା ହେବା ବାହାନାରେ ଟିକେ ଦୂରକୁଯାଇ ବିଷପାନ କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଭିଣୋଇକୁ ମୃତ ଘୋଷଣା କରିଥିବାବେଳେ ଶାଳୀର ଅବସ୍ଥା ସଙ୍କଟାପନ୍ନ ଥିଲା। ଶୁକ୍ରବାର ସନ୍ଧ୍ୟାରେ ଉକ୍ତ ଯୁବତୀଙ୍କ ମୃତ୍ୟୁ ଘଟିଛି।

■ ଫାର୍ମର ଜିପିଏଫ ଋଣ ହେରଫେର ମାମଲା

# ପୂର୍ବତନ ଫାର୍ମ ଅଧୀକ୍ଷକ ଏବଂ ବରିଷ୍ଠ କିରାଣିଙ୍କୁ ୪ ବର୍ଷ ସଜା

ଭୁବନେଶ୍ୱର, ୫।୭(ସମିସ): ବୌଦ୍ଧ ଜିଲ୍ଲା ପାଲଜହର ଫାର୍ମର ୧୪ ଜଣ କର୍ମଚାରୀ ଜିପିଏଫ ଋଣ ହେରଫେର ମାମଲାରେ ଦୁଇ ଜଣଙ୍କୁ ଜେଲ୍‌ଦଣ୍ଡ ମିଳିଛି। ଫାର୍ମର ପୂର୍ବତନ ଅଧୀକ୍ଷକ ନରେନ୍ଦ୍ର କୁମାର ଦଳେଇ ଏବଂ ବରିଷ୍ଠ କିରାଣି ସୁଧିର କୁମାର ରାଉତଙ୍କୁ ୪ବର୍ଷ ଜେଲ୍ ଦଣ୍ଡ ସହ ୧୦ ହଜାର ଜେଲ୍‌ଦଣ୍ଡ ଜରିମାନା ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦେୟ ହେଲେ ୬ମାସ ଅଧିକ ସଜା ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି ଫୁଲବାଣୀ ଭିଜିଲାନ୍ସ କୋର୍ଟ। ଏହି ରାୟ ପରେ ନରେନ୍ଦ୍ର କୁମାର ଏବଂ ସୁଧିର କୁମାର ରାଉତଙ୍କୁ ଜେଲ୍ ଯିବାକୁ ପଡ଼ିଛି। ନରେନ୍ଦ୍ର ଚାକିରିରୁ ଅବସର ନେଇଯାଇଥିବା ବେଳେ ବରିଷ୍ଠ କିରାଣି ସୁଧିର କୁମାର ବୌଦ୍ଧ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ(ସିଡିଏଓ) ଅଫିସରେ ବରିଷ୍ଠ କିରାଣି ଭାବେ କାର୍ଯ୍ୟ କରୁଛନ୍ତି। ଏହି ରାୟ ପରେ ତାଙ୍କୁ ଚାକିରିରୁ ବିଦା କରିବା ପାଇଁ ଭିଜିଲାନ୍ସ ବିଭାଗ କମ୍ପିଟାଣ୍ଟ ଅଥରିଟିଙ୍କୁ ଚିଠି ଲେଖିଛି। ଉଭୟ ବୌଦ୍ଧ ପାଲଜହର ଫାର୍ମରେ ଥିବା ସମୟରେ ସେଠାରେ କାମ କରୁଥିବା ୧୪ ଜଣ କର୍ମଚାରୀଙ୍କ ଜିପିଏଫ ଋଣକୁ ହରିଲୁଟ୍ କରିଥିଲେ। ଏପରିକି ସରକାରୀ ରେକର୍ଡଗୁଡ଼ିକୁ ଜାଲିଆତି କରି ୨୦୦୧ ମସିହାରୁ ୨୦୦୩ ମସିହା ପର୍ଯ୍ୟନ୍ତ ଏହି ଅର୍ଥ ହଡ଼ପ କରିଥିଲେ। ଏନେଇ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ଏହାର ସତ୍ୟାସତ ଜଣାପଡ଼ିଥିଲା। ଭିଜିଲାନ୍ସ ଏନେଇ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରିଥିଲା। ଉଭୟ ଜାମିନ୍‌ରେ ଆସିବା ପରେ ଚାକିରି କରିଥିଲେ। କିନ୍ତୁ ଏହି ରାୟ ପରେ ଦଣ୍ଡ ଭୋଗିବାକୁ ଦୁଇ ଜଣଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି।

ସକାଳ
THE SAKALA
www.sakalaepaper.com

## ୧୪ ବର୍ଷର ବନବାସ ଶେଷ

# ଇଂଲଣ୍ଡରେ ଲେବର ପାର୍ଟିର ବିପୁଳ ବିଜୟ




ଲଣ୍ଡନ, ୫।୭ (ଏଜେନ୍ସି)

ବ୍ରିଟେନରେ ଲେବର ପାର୍ଟିର ୧୪ ବର୍ଷର ବନବାସ ଶେଷ ହୋଇଛି। ଦେଶର ସାଧାରଣ ନିର୍ବାଚନରେ ଦଳ ବିପୁଳ ବିଜୟ ହାସଲ କରିଛି। ଲେବର ପାର୍ଟିର ନେତା କିର୍ ଷ୍ଟାର୍ମର ଇଂଲଣ୍ଡର ନୂଆ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଗୁରୁବାର ହୋଇଥିବା ନିର୍ବାଚନରେ ତାଙ୍କ ଦଳ ୪୧୨ ଆସନ ଜିତିଛି। ବର୍ତ୍ତମାନର କଞ୍ଜରଭେଟିଭ୍ ପାର୍ଟି ନେତା ପ୍ରଧାନମନ୍ତ୍ରୀ ଋଷି ସୁନକ ପରାଜୟ ସ୍ୱୀକାର କରି ଷ୍ଟାର୍ମରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୁନକ ଆଜି ବକିଙ୍ଗହମ୍ ପ୍ୟାଲେସ୍ ପହଞ୍ଚି ଇଂଲଣ୍ଡର ରାଜା ଚାର୍ଲସ ତୃତୀୟଙ୍କୁ ଭେଟି ନିଜ ଇସ୍ତଫା ପତ୍ର ଦେଇଛନ୍ତି। ସେ କଞ୍ଜରଭେଟିଭ୍ ପାର୍ଟିର ନେତା ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ପରାଜୟ ପାଇଁ ନିଜକୁ ଦାୟୀ କରି ପିସ୍ତଲ ଫୁଟାଇ ସୁନକ କଞ୍ଜରଭେଟିଭ୍ ପାର୍ଟିର ନୂଆ ନେତା ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିବା ଘୋଷଣା କରିଛନ୍ତି। ସୁନକଙ୍କ କଞ୍ଜରଭେଟିଭ୍ ପାର୍ଟି ଗତ ୧୪ ବର୍ଷ ଧରି ଇଂଲଣ୍ଡରେ କ୍ଷମତାରେ ଥିଲା। ଷ୍ଟାର୍ମର କଞ୍ଜରଭେଟିଭ୍ ପାର୍ଟିର ଶାସନର ଅନ୍ତ ଘଟାଇଛନ୍ତି। କଞ୍ଜରଭେଟିଭ ଦଳ ୧୨୧ଟି ଏବଂ ଅନ୍ୟାନ୍ୟ ଦଳ ୧୧୫ଟି ଆସନ ଜିତିଛନ୍ତି।

ବିଜୟୀ ହେବା ପରେ ଷ୍ଟାର୍ମର କହିଛନ୍ତି ଯେ ପରିବର୍ତ୍ତନ ଆରମ୍ଭ ହୋଇଛି। ତାଙ୍କ ସରକାର ପ୍ରଥମେ ଦେଶକୁ ପ୍ରାଧାନ୍ୟ ଦେବ ଓ ପରେ ପାର୍ଟି ନୀତି ଆପଣାଇବ। ଇଂଲଣ୍ଡ ସମ୍ପ୍ରତି ଆର୍ଥିକ ସଙ୍କଟରେ ପଡ଼ିଛି। ଶାସନ ବ୍ୟବସ୍ଥା, ପ୍ରଶାସନିକ ଅନୁଷ୍ଠାନଗୁଡ଼ିକ ଉପରୁ ଲୋକଙ୍କ ଭରସା ତୁଟିବାରେ ଲାଗିଛି, ସମାଜରୁ ସଂପ୍ରତି ହଜିବାକୁ ଯାଉଛି। ସେ ଦୃଢ଼ ଭାବେ ଏ ସବୁ ଆହ୍ୱାନର ସମ୍ମୁଖୀନ କରିବେ ଏବଂ ଲୋକଙ୍କ ଆସ୍ଥାଭାଜନ ହେବେ। ପ୍ରଧାନମନ୍ତ୍ରୀ ମାର୍କର ଏଞ୍ଜେଲା ରେନରଙ୍କୁ ଉପ-ପ୍ରଧାନମନ୍ତ୍ରୀ, ରଚେଲ ରିଭ୍ସ, ପ୍ରଥମ ମହିଳା ଅର୍ଥମନ୍ତ୍ରୀ, ଡେଭିଡ ଲେମି ବିଦେଶମନ୍ତ୍ରୀ, ୟେଟି କୁପର ସ୍ୱରାଷ୍ଟ୍ରମନ୍ତ୍ରୀ, ଜନ୍ ହିଲି ପ୍ରତିରକ୍ଷାମନ୍ତ୍ରୀ ବନାଇଛନ୍ତି।



ବିଦାୟୀ ପ୍ରଧାନମନ୍ତ୍ରୀ ଋଷି ସୁନକ ଦୁଇଟି ଆସନ ରିଚମଣ୍ଡ ଓ ନର୍ଥାଲେରଟନ୍‌ରୁ ଲଢ଼ି ଉଭୟ ଆସନରେ ଜିତିଛନ୍ତି। କିନ୍ତୁ ତାଙ୍କ କଞ୍ଜରଭେଟିଭ୍ ପାର୍ଟି ଗତ ଦୁଇ ଶତାବ୍ଦୀର ନିର୍ବାଚନ ଇତିହାସରେ ସବୁଠାରୁ ନିକୃଷ୍ଟ ପ୍ରଦର୍ଶନ କରିଛି। କଞ୍ଜରଭେଟିଭ୍ ପାର୍ଟିର ପ୍ରତିରକ୍ଷା ଓ ଶିକ୍ଷା ମନ୍ତ୍ରୀଙ୍କ ସମେତ ୧୨ କ୍ୟାବିନେଟ ମନ୍ତ୍ରୀ ଓ ୨୪ କନିଷ୍ଠ ମନ୍ତ୍ରୀ ଓ ୭ ଜଣ ସଚେତକ, ପୂର୍ବତନ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ୍ ମଧ୍ୟ ହାରିଯାଇଛନ୍ତି।

- ଗତ ୨୦୦ ବର୍ଷରେ କଞ୍ଜରଭେଟିଭ ପାର୍ଟିର ଶୋଚନୀୟ ପରାଜୟ
- ଉଭୟ ଆସନରୁ ଜିତିଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଋଷି ସୁନକ
- ନିର୍ବାଚନ ହାରିଲେ ୧୨ କ୍ୟାବିନେଟ, ୨୪ କନିଷ୍ଠ ମନ୍ତ୍ରୀ

### ଭାରତପ୍ରେମୀ ଷ୍ଟାର୍ମର

ଇଂଲଣ୍ଡ ପ୍ରଧାନମନ୍ତ୍ରୀ ତଥା ଲେବର ପାର୍ଟି ନେତା କିର୍ ଷ୍ଟାର୍ମର ହେଉଛନ୍ତି ଜଣେ ମାନବାଧିକାର ଓକିଲ। ସେ ପିଲାଦିନେ ବେଶ୍ୟାଳୟ ଛାତ ଉପରେ ରହି ପାଠ ପଢ଼ୁଥିଲେ। ଦିନେ ରାଜନୀତି ଛାଡ଼ି ପୁସ୍ତକ ବିକିବାକୁ ଇଚ୍ଛା ରଖିଥିବା ଷ୍ଟାର୍ମର ଆଜି ବ୍ରିଟେନ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଭଗବାନଙ୍କୁ ମାନୁ ନ ଥିବା ଷ୍ଟାର୍ମର ଭାରତ ଓ ଭାରତବାସୀଙ୍କୁ, ଭାରତର ସଂସ୍କୃତି ଓ ପରମ୍ପରାକୁ ସେ ଉଚ୍ଚ ସମ୍ମାନ ଦିଅନ୍ତି। ନିର୍ବାଚନ ପ୍ରଚାର ସମୟରେ ସେ କହିଥିଲେ, ତାଙ୍କ ଦଳ ସରକାର ଗଢ଼ିଲେ ଭାରତ ସହ ସମ୍ପର୍କକୁ ନିବିଡ଼ତର କରିବାକୁ ପ୍ରୟାସ କରିବ। ତାଙ୍କ ସରକାର ଭାରତ ସହ ମୁକ୍ତ ବାଣିଜ୍ୟ ରାଜିନାମା କରିବ। ଗତ ବର୍ଷ ଇଣ୍ଡିଆ ଗ୍ଲୋବାଲ୍ ଫୋରମ୍‌ରେ ଷ୍ଟାର୍ମର କହିଥିଲେ, ଲେବର ପାର୍ଟି ଇଂଲଣ୍ଡରେ ସରକାର ଗଢ଼ିଲେ ଗଣତନ୍ତ୍ର ଓ ଜନତାଙ୍କ ଆଶାଆକାଂକ୍ଷାର ଆଧାରରେ ଭାରତ-ଇଂଲଣ୍ଡ ସମ୍ପର୍କକୁ ନୂଆ ଉଚ୍ଚତାକୁ ନେବ। ବିଶ୍ୱ ସୁରକ୍ଷା, ଜଳବାୟୁ ସୁରକ୍ଷା, ଅର୍ଥନୈତିକ ସୁରକ୍ଷା କ୍ଷେତ୍ରରେ ଭାରତ ସହ ନୂଆ ରଣନୈତିକ ଭାଗିଦାରୀର ଯୁଗାରମ୍ଭ ହେବ। ଇଂଲଣ୍ଡରୁ ହିନ୍ଦୁ ଭୟ(ହିନ୍ଦୁଫୋବିଆ) ହଟାଇବ। ଗତ ସପ୍ତାହରେ ଷ୍ଟାର୍ମର ଉତ୍ତର ଲଣ୍ଡନର କିଙ୍ଗସବରିରେ ଥିବା ଶ୍ରୀ ସ୍ୱାମୀନାରାୟଣ ମନ୍ଦିରକୁ ଯାଇଥିଲେ। ନିର୍ବାଚନ ପ୍ରଚାର ବେଳେ ଷ୍ଟାର୍ମର ବ୍ରିଟିଶ୍ ହିନ୍ଦୁଙ୍କୁ ସମର୍ଥନ କରି ହିନ୍ଦୁ ମନ୍ଦିରଗୁଡ଼ିକରେ ଦୁଷ୍ଟମାନେ କରୁଥିବା ଉପଦ୍ରବ ବିରୋଧରେ ବିବୃତି ଦେଇଥିଲେ।

### ରେକର୍ଡ ୨୬ ଭାରତୀୟ ବଂଶୋଦ୍ଭବ ସାଂସଦ ନିର୍ବାଚିତ

ଇଂଲଣ୍ଡ ନିର୍ବାଚନରେ ଭାରତୀୟ ବଂଶୋଦ୍ଭବ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ କନଜରଭେଟିଭ ଦଳ ପରାଜିତ ହୋଇଛି। ମାତ୍ର ଏଥିରେ ଭାରତୀୟ ବଂଶୋଦ୍ଭବ ନେତା ରେକର୍ଡ ବିଜୟ ହାସଲ କରିଛନ୍ତି। ପ୍ରଥମ ଥର ପାଇଁ ୨୬ ଜଣ ନେତା ସାଂସଦ ନିର୍ବାଚିତ ହୋଇଛନ୍ତି। କଞ୍ଜରଭେଟିଭ ପାର୍ଟିରୁ ସୁନକଙ୍କ ସହିତ ସୁଏଲା ବ୍ରେଭରମାନ,ପ୍ରୀତି ପଟେଲ,ଗଗନ ମୋହିନ୍ଦ୍ର, ଶିବାନୀ ରାଜା ବିଜୟୀ ହୋଇଛନ୍ତି। ତେବେ ଲେବର ପାର୍ଟିରୁ ସର୍ବାଧିକ ଭାରତୀୟ ବଂଶୋଦ୍ଭବ ସାଂସଦ ହୋଇଛନ୍ତି। ସୀମା ମଲହୋତ୍ରା, ଲିସା ନ୍ୟାଣ୍ଡି, ପ୍ରୀତି କୌର ଗିଲ୍, ତନମନଜିତ ସିଂହ ଧେଶୀ, ନବେନ୍ଦୁ ମିଶ୍ରା, ନଦିଆ ହ୍ୱିଟଟୋମ୍ ପୁଣିଥରେ ଏବଂ ଜାସ୍ ଅଠୱାଲ, ବାଗି ଶଙ୍କର, ସତବୀର କୌର, ହରପ୍ରୀତ ଉପ୍ପଲ, ୱାରିନ୍ଦର ଜସ୍, ଗୁରିନ୍ଦର ଜୋସାନ, କନିଷ୍କ ନାରାୟଣ, ସୋନିଆ କୁମାର, ସୁରିନା ବ୍ରେକନବ୍ରିଜ, କିରିଥ ଏନଟ୍ୱିଷ୍ଟିଲ, ଜିଭୁନ ସନ୍ଧେର ଏବଂ ସୋଜାନ ଜୋସେଫ ପ୍ରଥମ ଥର ପାଇଁ ସାଂସଦ ହୋଇଛନ୍ତି।

### ପରାଜୟର ୫ କାରଣ

ଆର୍ଥିକ ମାନ୍ଦାବସ୍ଥା, ଦରବୃଦ୍ଧି ଓ ମୁଦ୍ରାସ୍ଫୀତି, ସାଧାରଣ ସେବା ଯୋଗାଣରେ ବିଫଳତା, ପ୍ରବାସୀ ସମସ୍ୟା, ଋଷି ସୁନକଙ୍କ ବିପୁଳ ଧନ ସମ୍ପତ୍ତି, ସୁନକଙ୍କ ରାଜନୈତିକ ପ୍ରଭାହୀନତା ଆଦି କାରଣରୁ କଞ୍ଜରଭେଟିଭ୍ ପାର୍ଟିର ୧୪ ବର୍ଷ ଶାସନର ଅନ୍ତ ଘଟାଇ ଇଂଲଣ୍ଡବାସୀ ଲେବର ପାର୍ଟିକୁ କ୍ଷମତାସୀନ କରାଇଛନ୍ତି।

**ସୁନକଙ୍କ ସମ୍ପତ୍ତି:** ଋଷି ହେଉଛନ୍ତି ଇଂଲଣ୍ଡର ଜଣେ ବଡ଼ ଧନୀ। ତାଙ୍କର ଓ ତାଙ୍କ ପତ୍ନୀ ଅକ୍ଷତା ମୂର୍ତ୍ତିଙ୍କ ପାଖରେ ରହିଛି ୬୫୧ ନିୟୁତ ପାଉଣ୍ଡ ମୂଲ୍ୟର ସମ୍ପତ୍ତି। ଇଂଲଣ୍ଡର ରାଜାଙ୍କର ମଧ୍ୟ ଏତେ ସମ୍ପତ୍ତି ନାହିଁ। ଦରବୃଦ୍ଧିରେ ସାଧାରଣ ଲୋକେ ହନ୍ତସନ୍ତ ହେଉଥିବା ବେଳେ ସୁନକଙ୍କ ସମ୍ପତ୍ତି ଦିନକୁ ଦିନ ବଢ଼ିଚାଲିଥିବା ଖବର ପ୍ରସାରିତ ହୁଅନ୍ତେ ଲୋକେ ତାଙ୍କ ପ୍ରତି ବିମୁଖ ହୋଇଛନ୍ତି।

**ନିମ୍ନ ଅଭିବୃଦ୍ଧି ହାର:** ଋଷି ସୁନକଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ୨୦୨୩ରେ ଇଂଲଣ୍ଡର ଅର୍ଥନୈତିକ ଅଭିବୃଦ୍ଧି ହାର ଥିଲା ୦.୧%। ୨୦୨୪ ଆରମ୍ଭରେ ଦେଶ ଆର୍ଥିକ ମାନ୍ଦାବସ୍ଥାର ସମ୍ମୁଖୀନ ହୋଇଥିଲା। ବିତ୍ତୀୟ କ୍ଷେତ୍ରରେ ଅନ୍ୟ ବିକଶିତ ଦେଶଙ୍କ ତୁଳନାରେ ଇଂଲଣ୍ଡର ପ୍ରଦର୍ଶନ ଅତି ନିକୃଷ୍ଟ ରହିଥିଲା।

**ଊର୍ଦ୍ଧ୍ୱମୁଖୀ ମୁଦ୍ରାସ୍ଫୀତି:** ଅର୍ଥନୈତିକ ଅଭିବୃଦ୍ଧି ହାର ଅତ୍ୟନ୍ତ ନିଚା ରହିଥିବା ବେଳେ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ବସ୍ତୁର ଦର କ୍ରମାଗତ ବଢ଼ିଚାଲିଥିଲା। ଦରବୃଦ୍ଧି ସାଧାରଣ ଜନତାର ଜୀବନ ଧାରଣକୁ ଅତିଷ୍ଠ କରିପକାଇଥିଲା। ୨୦୨୨ରେ ମୁଦ୍ରାସ୍ଫୀତି ହାର ଥିଲା ଗତ ୪୦ ବର୍ଷ ମଧ୍ୟରେ ସର୍ବାଧିକ। ଇଂଲଣ୍ଡର ଗରିବ ଓ ନିମ୍ନ ଆୟକାରୀ ବର୍ଗ ସରକାରଙ୍କ ଉପରେ କ୍ରୋଧିତ ହୋଇଥିଲେ।

**ସାଧାରଣ ସେବାରେ ବିଫଳତା:** ନ୍ୟାସନାଲ ହେଲଥ୍ ସର୍ଭିସ ଭଳି ସ୍ୱାସ୍ଥ୍ୟ ସେବା ଯୋଗାଣ ବ୍ୟବସ୍ଥାରେ ସମସ୍ତ ନାଗରିକ ଅଳ୍ପ ଖର୍ଚ୍ଚରେ ଗୁଣାତ୍ମକ ମାନର ସ୍ୱାସ୍ଥ୍ୟସେବା ପାଇଥାନ୍ତି। କିନ୍ତୁ ଏଥିପାଇଁ ଦରକାର ମୁତାବକ ପାଣ୍ଠି ସଂଗ୍ରହ କରିବାକୁ ସୁନକ ସରକାର ସମର୍ଥ ହୋଇନଥିଲେ। ସାଧାରଣ ଜନତା ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହୋଇଥିବାରୁ ସରକାରଙ୍କ ପ୍ରତି ବିମୁଖ ହୋଇଥିଲେ।

**ପ୍ରବାସୀ ଓ ଶରଣାର୍ଥୀ ସମସ୍ୟା**

ଇରାନ, ତୁର୍କିୟେ ଓ ଆଫଗାନିସ୍ତାନ ଭଳି ହିଂସା ଉପଦ୍ରୁତ ଦେଶରୁ ଇଂଲଣ୍ଡକୁ ସହସ୍ର ସହସ୍ର ସଂଖ୍ୟାରେ ଶରଣାର୍ଥୀ ଆସିବାରୁ ସ୍ଥାନୀୟ ଲୋକେ ଶଙ୍କାକୁଳ ଥିଲେ। ପ୍ରବାସୀଙ୍କ ଏହି ସ୍ରୋତକୁ ରୋକିବାକୁ ସରକାର ଚାହୁଁନାହାନ୍ତି ବୋଲି ଭୋଟରଙ୍କ ମନରେ ଏକ ଅବଧାରଣା ସୃଷ୍ଟି ହୋଇଥିଲା।

---

**ଦେଶକୁ କାଳ ବାୟୁ ପ୍ରଦୂଷଣ**

## ବର୍ଷକୁ ଦିଲ୍ଲୀରେ ଯାଉଛି ୧୨ ହଜାର ଜୀବନ

ନୂଆଦିଲ୍ଲୀ, ୫।୭ (ଏଜେନ୍ସି): ଭାରତରେ ବାୟୁ ପ୍ରଦୂଷଣ ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି। ଏଥିଯୋଗୁଁ ବର୍ଷକୁ ୩୩ ହଜାର ଲୋକଙ୍କ ଜୀବନ ଯାଉଛି। କେବଳ ୧୦ ସହରରେ ଏତେ ସଂଖ୍ୟକ ଲୋକଙ୍କ ମୃତ୍ୟୁ ହେଉଛି। ଏହି ତାଲିକାରେ ରାଜଧାନୀ ଦିଲ୍ଲୀ ଆଗରେ ରହିଛି। ଏଠାରେ ବର୍ଷକୁ ୧୨ ହଜାର ଜୀବନ ଯାଉଛି। ସେହିପରି ମୁମ୍ବଇରେ ୫,୧୦୦, କୋଲକାତାରେ ୪,୭୦୦, ଚେନ୍ନଇରେ ୨,୯୦୦, ଅହମଦାବାଦରେ ୨,୫୦୦, ବେଙ୍ଗାଲୁରୁରେ ୨,୧୦୦, ହାଇଦରାବାଦରେ ୧,୬୦୦, ପୁନେରେ ୧,୪୦୦ ଏବଂ ବାରାଣସୀରେ ବର୍ଷକୁ ୮୩୦ ଜଣଙ୍କ ଜୀବନ ଯାଉଛି। ସିମ୍‌ଲାରେ ବାୟୁ ପ୍ରଦୂଷଣସ୍ତର ସବୁଠୁ କମ୍ ରହିଛି। ଏଠାରେ ବର୍ଷକେ ୫୯ ଜଣଙ୍କ ମୃତ୍ୟୁ ହେଉଛି। 'ଦ ଲାନସେଟ ପ୍ଲାନେଟାରୀ ହେଲ୍‌ଥ'ରେ ପ୍ରକାଶିତ ଅଧ୍ୟୟନରେ ଏହି ସୂଚନା ଦିଆଯାଇଛି। ବାୟୁରେ ପିଏମ ୨.୫ର ମାତ୍ରା ବଢ଼ି ଚାଲିଛି। ଏଥିଯୋଗୁଁ ଅଧିକ ଜୀବନ ଯାଉଛି ବୋଲି କୁହାଯାଇଛି।



**ବିଶ୍ୱର ପ୍ରଥମ ଘଟଣା**

## ଆତ୍ମହତ୍ୟା କଲା ପ୍ରାଶାସନିକ ଅଧିକାରୀ 'ରୋବୋ'

ସିଓଲ, ୫।୭ (ଏଜେନ୍ସି): ଦକ୍ଷିଣ କୋରିଆରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ବିଶ୍ୱରେ ପ୍ରଥମ ଥର ପାଇଁ ଏକ ରୋବୋ ଆତ୍ମହତ୍ୟା କରିଛି। ଏହି ରୋବୋ ପ୍ରାଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲା। ଗୁମି ସିଟି କାଉନସିଲ ଏହି ରୋବୋକୁ ନିଯୁକ୍ତି ଦେଇଥିଲା। ସୂଚନା ଅନୁଯାୟୀ ଗତ ଗୁରୁବାର ଅପରାହ୍ଣ ୪ଟା ସମୟରେ ଏହି ରୋବୋ ହଠାତ୍ ସିଡିରୁ ଖସିପଡ଼ିଥିଲା। ପରେ ଏହା ଆଉ କାମ କରି ନ ଥିଲା। ରୋବୋ ଅଚଳ ହୋଇ ଯାଇଥିଲା। ଏହା ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ଭିତରେ ଶୋକର ଲହରି ଖେଳିଯାଇଛି। ଏହାକୁ ଦେଶର ପ୍ରଥମ ରୋବୋ ଆତ୍ମହତ୍ୟା କୁହାଯାଉଛି। ସିଟି କାଉନସିଲର ସୂଚନା ଅନୁଯାୟୀ ପ୍ରଥମ ଏବଂ ଦ୍ୱିତୀୟ ମହଲା ମଧ୍ୟରେ ଥିବା ସିଡ଼ିରେ ଏହି 'ରୋବୋ ସୁପରଭାଇଜର' ପଡ଼ି ରହିଥିଲା। ଏହା ପୂର୍ବରୁ ରୋବୋ ଗୋଟିଏ ସ୍ଥାନରେ ଘୂରି ବୁଲୁଥିବା ଦେଖାଯାଇଥିଲା। ଏ ପର୍ଯ୍ୟନ୍ତ ରୋବୋଟ ଖସି ପଡ଼ିବାର ପ୍ରକୃତ କାରଣ ଜଣାପଡ଼ି ନାହିଁ। ମାମଲା ତଦନ୍ତାଧୀନ ରହିଛି। ଏହାର ଯନ୍ତ୍ରାଂଶ ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇ ଦିଆଯାଇଛି। ଅତ୍ୟଧିକ କାର୍ଯ୍ୟଚାପ ଯୋଗୁଁ ରୋବୋ ଆତ୍ମହତ୍ୟା କଲା ବୋଲି ସ୍ଥାନୀୟ କର୍ମଚାରୀ କହୁଛନ୍ତି।



**ପୋକ୍ସୋ ମାମଲା**

## ୧୫ରେ କୋର୍ଟରେ ହାଜର ହେବେ ୟେଦ୍ୟୁରପ୍ପା

ବେଙ୍ଗାଲୁରୁ, ୫।୭(ଏଜେନ୍ସି): କର୍ଣ୍ଣାଟକର ବରିଷ୍ଠ ବିଜେପି ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଏସ୍ ୟେଦ୍ୟୁରପ୍ପାଙ୍କୁ ପୋକ୍ସୋ (ନାବାଳିକ/ନାବାଳିକାଙ୍କୁ ଯୌନ ଉତ୍ପୀଡ଼ନରୁ ସୁରକ୍ଷା) ମାମଲାରେ ଆସନ୍ତା ୧୫ରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ବେଙ୍ଗାଲୁରୁର ଫାଷ୍ଟ ଟ୍ରାକ୍ ସ୍ପେଶିଆଲ୍ କୋର୍ଟ-୧ ଗତକାଲି ସମନ ଜାରି କରିଛନ୍ତି। ଏହି କୋର୍ଟରେ ସିଆଇଡି ଜୁନ୍ ୨୭ରେ ୟେଦ୍ୟୁରପ୍ପାଙ୍କ ବିରୋଧରେ ୭୫୦ ପୃଷ୍ଠାର ଆରୋପ ପତ୍ର(ଚାର୍ଜସିଟ୍) ଦାଖଲ କରିଛି। ଜୁଲାଇ ୧୫ରେ ଚାର୍ଜ ଫ୍ରେମ୍ ହେବା ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ଚାର୍ଜସିଟ୍‌ରେ ଅଭିଯୋଗ ଅଛି ଯେ ଗତ ଫେବୃଆରୀ ୨ ତାରିଖରେ ୟେଦ୍ୟୁରାପ୍ପା ଜଣେ ୧୭ ବର୍ଷୀୟା ବାଳିକାକୁ ଯୌନ ଉତ୍ପୀଡ଼ନ ଦେଇଥିଲେ। ପରେ ପୀଡ଼ିତା ନାବାଳିକା ଓ ତାଙ୍କ ମା'ଙ୍କୁ ୨ଲକ୍ଷ ଟଙ୍କା ଦେଇ ଚୁପ୍ କରାଇଦେବାକୁ ଏବଂ ଫେସ୍ ବୁକ୍ ଆକାଉଣ୍ଟରେ ଓ ଆଇଫୋନରେ ଥିବା ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ। ସିଆଇଡି ତା'ର ଚାର୍ଜସିଟ୍‌ରେ ୟେଦ୍ୟୁରପ୍ପା ଓ ଅନ୍ୟ ତିନି ଜଣ ଅରୁଣ, ରୁଦ୍ରେଶ ଓ ମାରିସ୍ୱାମୀଙ୍କୁ ଅଭିଯୁକ୍ତ ଦର୍ଶାଇଛି।



---

## ସାଂସଦ ଭାବେ ଶପଥ ନେଲେ ଅମ୍ରିତପାଲ, ରସିଦ



ନୂଆଦିଲ୍ଲୀ, ୫।୭(ଏଜେନ୍ସି): ଅମ୍ରିତପାଲ ସିଂହ ଓ ଇଂଜିନିୟର ରସିଦ ଆଜି ଲୋକସଭା ସାଂସଦ ଭାବେ ଶପଥ ଗ୍ରହଣ କରିଛନ୍ତି। ଉଭୟ ନବନିର୍ବାଚିତ ସାଂସଦ ଲୋକସଭା ବାଚସ୍ପତିଙ୍କ ଚେମ୍ବରରେ ଶପଥ ପାଠ କରିଛନ୍ତି। ଏଥିପାଇଁ ଆସାମର ଦିବ୍ରୁଗଡ଼ ସେଣ୍ଟ୍ରାଲ ଜେଲରେ ଥିବା ଅମ୍ରିତପାଲଙ୍କୁ ୪ଦିନିଆ ପାରୋଲରେ ଦିଲ୍ଲୀ ଅଣାଯାଇଛି। ଜଣେ ଏସ୍‌ଏସ୍‌ପିଙ୍କ ନେତୃତ୍ୱରେ ପଞ୍ଜାବ ପୁଲିସ୍‌ର ଏକ ଆଠଜଣିଆ ଟିମ୍ ତାଙ୍କୁ ଏକ ସ୍ୱତନ୍ତ୍ର ସାମରିକ ବିମାନରେ ଆଣି ଗତକାଲି ଅପରାହ୍ନରେ ଦିଲ୍ଲୀ ପହଞ୍ଚିଥିଲା। 'ୱାରିସ୍ ପଞ୍ଜାବ ଦେ' ନାମକ ପଞ୍ଜାବର ଏକ ଚରମପନ୍ଥୀ ସଂଗଠନର ମୁଖ୍ୟ ଅମ୍ରିତପାଲ ସିଂହ ଜେଲ୍‌ରେ ଥାଇ ସ୍ୱାଧୀନ ପ୍ରାର୍ଥୀ ଭାବେ ପଞ୍ଜାବର ଖାଦୁର ସାହେବ ସଂସଦୀୟ କ୍ଷେତ୍ରରୁ ଲୋକସଭା ନିର୍ବାଚନ ଲଢ଼ି ବିଜୟୀ ହୋଇଛନ୍ତି।

ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ବଳରେ ଅମ୍ରିତପାଲ ସିଂହ ଓ 'ୱାରିସ୍ ପଞ୍ଜାବ ଦେ' ସଂଗଠନର ଅନ୍ୟ ୧୦ଜଣ ସଦସ୍ୟଙ୍କୁ ଗତବର୍ଷ ପଞ୍ଜାବ ପୁଲିସ୍ ଗିରଫ କରିଥିଲା। ଆଜି ଶପଥ ଗ୍ରହଣ କରିଥିବା ଇଞ୍ଜିନିୟର ରସିଦ ଜମ୍ମୁ-କାଶ୍ମୀରର ବାରମୂଲା ସଂସଦୀୟ କ୍ଷେତ୍ରରୁ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି। ଅମ୍ରିତପାଲଙ୍କ ଭଳି ରସିଦ ମଧ୍ୟ ଜେଲ୍‌ରେ ଥାଇ ସ୍ୱାଧୀନ ପ୍ରାର୍ଥୀ ଭାବେ ଲୋକସଭା ନିର୍ବାଚନ ଲଢ଼ି ଜିତିଛନ୍ତି। ବାରମୂଲାରେ ରସିଦ ନ୍ୟାସନାଲ୍ କନ୍‌ଫରେନ୍ସ ନେତା ଓମର ଅବଦୁଲ୍ଲାଙ୍କୁ ହରାଇଛନ୍ତି।

**● କେଜ୍ରିୱାଲଙ୍କ ଜାମିନ ମାମଲା**

## ସିବିଆଇକୁ ଜବାବ ମାଗିଲେ ହାଇକୋର୍ଟ



ନୂଆଦିଲ୍ଲୀ, ୫।୭ (ଏଜେନ୍ସି): ମଦ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇ ତିହାର ଜେଲ୍‌ରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଜାମିନ ଆବେଦନ ଉପରେ ଶୁକ୍ରବାର ଦିଲ୍ଲୀ ହାଇକୋର୍ଟରେ ଶୁଣାଣି ହୋଇଛି। ଜଷ୍ଟିସ ନିନା ବଂଶଲଙ୍କ ଖଣ୍ଡପୀଠ ଏହି ମାମଲାରେ ସିବିଆଇକୁ ୭ ଦିନ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଟ୍ରାଏଲ କୋର୍ଟରେ ଆବେଦନ କରିବା ପରିବର୍ତ୍ତେ ସିଧାସଳଖ ହାଇକୋର୍ଟ କାହିଁକି ଆସିଲେ ବୋଲି କେଜ୍ରିୱାଲଙ୍କ ଓକିଲଙ୍କୁ ପ୍ରଶ୍ନ କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ୧୭ ତାରିଖରେ ହେବ। ଜୁନ୍ ୧୬ରେ କେଜ୍ରିୱାଲଙ୍କୁ ସିବିଆଇ ଗିରଫ କରିଥିଲା। ଏବେ ସେ ୧୨ ତାରିଖ ପର୍ଯ୍ୟନ୍ତ ଏଜେନ୍ସି ହେପାଜତରେ ଅଛନ୍ତି।

## ପଞ୍ଜାବରେ ଶିବସେନା ନେତାଙ୍କୁ ନିହଙ୍ଗଙ୍କ ଆକ୍ରମଣ



ଲୁଧିଆନା, ୫।୭ (ଏଜେନ୍ସି): ପଞ୍ଜାବ ଲୁଧିଆନାର ସିଭିଲ ହସ୍ପିଟାଲ ବାହାରେ ଶୁକ୍ରବାର ଦ୍ୱିପହରେ ଶିବସେନା ଟକସାଲି ନେତା ସନ୍ଦୀପ ଥାପରଙ୍କ ଉପରେ ୩ ନିହଙ୍ଗ ଶିଖ୍ ଆକ୍ରମଣ କରିଛନ୍ତି। ଏମାନେ ଖଣ୍ଡାରେ ଦିନ ଦ୍ୱିପହରେ ସମସ୍ତଙ୍କ ଉପସ୍ଥିତିରେ ରାସ୍ତା ମଝିରେ ତାଙ୍କୁ ହାଣି ପକାଇଛନ୍ତି। ଆକ୍ରମଣ ସମୟରେ ସନ୍ଦୀପଙ୍କ ସହ ଗନ୍‌ମ୍ୟାନ ଥିଲେ। ତାଙ୍କ ପାଖରେ ରିଭଲବର ଥିଲା, ମାତ୍ର ନିହଙ୍ଗ ଏହାକୁ ଛଡ଼ାଇ ନେଇଥିଲେ। ଆକ୍ରମଣ ପରେ ନିହଙ୍ଗ ସନ୍ଦୀପଙ୍କ ସ୍କୁଟି ନେଇ ଫେରାର ହୋଇ ଯାଇଥିଲେ। ପରେ ଗୁରୁତର ଅବସ୍ଥାରେ ସନ୍ଦୀପଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାକୁ ନେଇ ହିନ୍ଦୁ ନେତାଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ପ୍ରକାଶ ପାଇଛି। ସେମାନେ ରାସ୍ତା ଜାମ କରିଦେଇଛନ୍ତି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି।

**ଜାଲି ନୋଟ୍ ମାମଲାରେ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ**

# ଅପରାଧୀ ଜନ୍ମ ହୁଅନ୍ତିନି; ପ୍ରସ୍ତୁତ କରାଯା'ନ୍ତି

ନୂଆଦିଲ୍ଲୀ, ୫।୭ (ଏଜେନ୍ସି)



ଅପରାଧୀ ଜନ୍ମ ହୁଅନ୍ତିନି, ବରଂ ପ୍ରସ୍ତୁତ କରାଯାଆନ୍ତି। ପ୍ରତ୍ୟେକ ସନ୍ଥଙ୍କ ଅତୀତ ଏବଂ ପାପୀ (ଅପରାଧୀ) ଙ୍କ ଭବିଷ୍ୟତ ଥାଏ। ପ୍ରତ୍ୟେକଙ୍କ ଭଲ ଗୁଣ ରହିଥାଏ। ତେଣୁ ଏବେ ଯିଏ ଅପରାଧୀ ଅଛି, ତା' ଭବିଷ୍ୟତ ସୁଧୁରିବ ନାହିଁ ବୋଲି କୁହାଯାଇପାରିବ ନାହିଁ। ଅନେକ ସମୟରେ ଅପରାଧୀ, କିଶୋର ଏବଂ ବୟସ୍କଙ୍କ ସହ ବ୍ୟବହାର କରିବା ସମୟରେ ମାନବିକ ମୂଲ୍ୟବୋଧକୁ ଦେଖାଯାଇ ନ ଥାଏ। ଯଦି ଅପରାଧ ଘଟେ ତେବେ ତା ପଛରେ ଅନେକ କାରଣ ରହିଥାଏ। ଏହା ପଛରେ ସାମାଜିକ, ଆର୍ଥିକ, ମାତାପିତାଙ୍କ ଉପେକ୍ଷା, ନିଜ ଲୋକଙ୍କ ଅଣଦେଖା, ବିପରିତ ପରିସ୍ଥିତ, ଦାରିଦ୍ର୍ୟତା ଏବଂ ଲୋଭ ଆଦି କାରଣ ଥାଇପାରେ ବୋଲି ସୁପ୍ରିମକୋର୍ଟଙ୍କ ଜଷ୍ଟିସ ଜେବି ପାରଦିୱାଲ ଏବଂ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି। ୨୦୨୦ର ଏକ ଜାଲି ନୋଟ୍ ମାମଲାର ଏନଆଇଏ ଅନ୍ଧେରିରୁ ଜଣେ ଯୁବକକୁ ଗିରଫ କରିଥିଲା। ଏହି ନକଲି ନୋଟ ପାକିସ୍ତାନରୁ ଅଣା ଯାଇଥିବା ଏଜେନ୍ସି ଦାବି କରିଥିଲା। ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଦେବାପରେ ଯୁବକ ସୁପ୍ରିମକୋର୍ଟ ଯାଇଥିଲେ।

ଗତ ବୁଧବାର ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କହିଥିଲେ ଯେ ମାମଲା ଯେତେ ଗୁରୁତର ହୋଇଥିଲେ ବି ଅଭିଯୁକ୍ତର ତତ୍କାଳ ଶୁଣାଣିର ଅଧିକାର ରହିଛି। ଟ୍ରାଏଲ କୋର୍ଟ ଏବଂ ହାଇକୋର୍ଟ ଆଇନର ସିଦ୍ଧାନ୍ତକୁ ଭୁଲି ଯାଇଛନ୍ତି। ଦଣ୍ଡ ଭାବେ ଜାମିନକୁ ଅଟକା ଯାଇପାରିବ ନାହିଁ। ଅପରାଧ ଗୁରୁତର ହୋଇଥିବା କହି ଏଜେନ୍ସି ଜାମିନକୁ ଅଟକାଇ ପାରିବେ ନାହିଁ। ମାମଲାରେ ଏହାର ଉଲ୍ଲଙ୍ଘନ କରାଯାଇଛି। ଏହା ଧାରା ୨୧ର ବିରୋଧୀ। ଏହା ସହିତ କୋର୍ଟ ଅଭିଯୁକ୍ତକୁ ଜାମିନ ଦେଇଛନ୍ତି। ମୁମ୍ବାଇ ସହର ନ ଛାଡ଼ି ୧୫ ଦିନରେ ଥରେ ଏନଆଇଏ ଅଫିସ କିମ୍ବା ଥାନାରେ ହାଜର ହେବାକୁ ସର୍ତ୍ତ ରଖିଛନ୍ତି।

## ହାଥରସ୍ ପୀଡ଼ିତଙ୍କ ସମ୍ପର୍କୀୟଙ୍କୁ ଭେଟିଲେ ରାହୁଲ



ଲକ୍ଷ୍ନୌ, ୫।୭(ଏଜେନ୍ସି): ଲୋସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆଜି ସକାଳେ ହାଥରସ୍ ପହଞ୍ଚି ସତ୍‌ସଂଗ ଦଳାଚକଟାରେ ମୃତାହତ ବ୍ୟକ୍ତିମାନଙ୍କ ସମ୍ପର୍କୀୟଙ୍କୁ ଭେଟିଛନ୍ତି। ରାହୁଲଙ୍କୁ ପୀଡ଼ିତଙ୍କ ସମ୍ପର୍କୀୟମାନେ କହିଛନ୍ତି, ସତ୍‌ସଂଗ ସ୍ଥଳରେ ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା, କିନ୍ତୁ ଆବଶ୍ୟକ ସଂଖ୍ୟାରେ ପୁଲିସ୍ ନଥିଲେ। ତେଣୁ ଏଭଳି ମର୍ମନ୍ତୁଦ ଘଟଣା ଘଟିଛି। ରାହୁଲ କହିଛନ୍ତି, ଏହି ଦୁଃଖଦ ଘଟଣାକୁ ରାଜନୈତିକ ଦୃଷ୍ଟିକୋଣରୁ ଦେଖୁନାହାନ୍ତି। ଶତାଧିକ ଲୋକଙ୍କ ଜୀବନ ଯାଇଛି। ପ୍ରଶାସନ ତାହାର କାମ ଠିକ୍ ଭାବେ କରିନଥିବା ସ୍ପଷ୍ଟ ଜଣାପଡୁଥିଲେ ସୁଦ୍ଧା ଉତ୍ତରପ୍ରଦେଶ ସରକାର କୌଣସି ପ୍ରଶାସନିକ ଅଧିକାରୀଙ୍କୁ ସେଥିପାଇଁ ଉତ୍ତରଦାୟୀ କରିନାହାନ୍ତି। ମୁଖ୍ୟ ଅଭିଯୁକ୍ତ ଧରା ପଡ଼ିନାହିଁ। ସତ୍‌ସଂଗ ପ୍ରବଚକ ଭୋଲେବାବାଙ୍କ ନାମ ଏଫ୍‌ଆଇଆର୍‌ରେ ନାହିଁ। ମୃତାହତମାନେ ଗରିବ ହୋଇଥିବାରୁ ସେମାନଙ୍କୁ ସର୍ବାଧିକ କ୍ଷତିପୂରଣ ଯଥାସମ୍ଭବ ଶୀଘ୍ର ଦିଆଯିବା ପାଇଁ ରାହୁଲ ଦାବି କରିଛନ୍ତି।

## ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକଲ୍ ବଣ୍ଟନ



**ବିଞ୍ଝାରପୁର, ୫।୭(ସମିସ):** ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକଲ ବଣ୍ଟନ କରାଯାଇଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଡିଓ ଦିବ୍ୟେନ୍ଦୁ ଦାସ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ରୂପେ ବ୍ଲକ ଅଧକ୍ଷା ରଞ୍ଜିତା କୁମାରୀ ଦାସ, ଉପାଧ୍ୟକ୍ଷ ସେକ ଇରସାଦ, ସମିତି ସଭ୍ୟ କୈଳାସ ମଲ୍ଲିକ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗମାନେ ସମାଜର ବୋଝ ନୁହଁନ୍ତି ବୋଲି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ଆଉଁରୀ, ମାଁସଡା, କଲ୍ୟାଣପୁର, ଓଳେଇ-ଚନ୍ଦନପୁର ପଞ୍ଚାୟତର ୮ ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଟ୍ରାଇସାଇକଲ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଧର୍ମେନ୍ଦ୍ର କୁମାର ସାହୁ ପରିଚାଳନା କରିଥିବାବେଳେ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ନୀଳମଣିଙ୍କ ସ୍ମୃତିଚାରଣ ସଭା



**କବାଟବନ୍ଧ, ୫।୭ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ତାଳଜଙ୍ଗ ପଞ୍ଚାୟତ ବଳରାମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ କର୍ମଚାରୀ ନୀଳମଣି ମିଶ୍ରଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ବ୍ରଜକିଶୋର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ପଣ୍ଡିତ ବୀରେନ୍ଦ୍ର ଶତପଥୀ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଘୁନାଥ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ କଳାକାର ସ୍ୱାଇଁ, ପ୍ରାଣକୃଷ୍ଣ ପ୍ରଧାନ, ଆଦିକନ୍ଦ ଆଚାର୍ଯ୍ୟ, ଅଗଣିତ ଚରଣ ମିଶ୍ର, ଗୋଲେଖ ବିହାରୀ ମିଶ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର କର, ପୂର୍ବତନ ଛାତ୍ରୀ ମମତା ମିଶ୍ର, ସୁସ୍ମିତା ମିଶ୍ର ପ୍ରମୁଖ ନୀଳମଣି ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ବିପିନ ବିହାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱର୍ଗତ ନୀଳମଣିଙ୍କ ପୁଅ ସନ୍ତୋଷ, ବୋହୂ, ଝିଅଜ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ସୁକିନ୍ଦା, ୫।୭(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ଫସାଇଲୋସ୍ଥ ସତ୍ୟନାରାୟଣ ମେମୋରିଆଲ ହାଇସ୍କୁଲର ଶିକ୍ଷକ ଅଜୟ କୁମାର ଖୁଣ୍ଟିଆଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିନ୍ତାମଣି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ସ୍ଥାୟୀ ସଭାପତି ମିଲୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରହଲ୍ଲାଦ ରାଉତ, ଓଷ୍ଟାର ସଭାପତି ଶ୍ରୀପତି ବାରିକ, ସମ୍ପାଦକ ଅମୂଲ୍ୟ ନାୟକ, ଅବସରପ୍ରାପ୍ତ ଶିକ୍ଷକ ବିଜୟ ପଲେଇ, ତ୍ରିଲୋଚନ ମହାନ୍ତ, ପୁରାତନ ଛାତ୍ର ସଂସଦ ସଦସ୍ୟ ଚଞ୍ଚଳ ମହାପାତ୍ର, ଫସାଇଲୋ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମାକାନ୍ତ ସ୍ୱାଇଁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଶ୍ରୀ ମହାପାତ୍ର ବିଦାୟୀ ଶିକ୍ଷକ ଶ୍ରୀ ଖୁଣ୍ଟିଆଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ବିଦାୟୀ ଶିକ୍ଷକଙ୍କ କର୍ତ୍ତବ୍ୟ ନିଷ୍ଠ, ଛାତ୍ର ବତ୍ସଳ ଓ ଶିକ୍ଷାନୁଷ୍ଠାନ ପ୍ରତି ଭଲ ପାଇବା ଗୁଣର ଉଚ୍ଚ ପ୍ରଶଂସା କରିଥିଲେ।



ବରୀ ବ୍ଲକ୍ କାର୍ଯ୍ୟାଳୟରେ ଅବ୍ୟବସ୍ଥା

# ନା ଅଛି ପାନୀୟ ଜଳ, ନା ଅଛି ଶୌଚାଳୟ

**ବରୀ, ୫।୭(ସମିସ)**

ସରକାର ପାନୀୟଜଳ ଓ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଥିବାବେଳେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି ବରୀ ବ୍ଲକ କାର୍ଯ୍ୟାଳୟ ପରିସରରେ। ସରକାରଙ୍କ ପକ୍ଷରୁ ସ୍ୱଚ୍ଛ ପାନୀୟଜଳ ଯୋଗାଣ କ୍ଷେତ୍ରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବାବେଳେ ପ୍ରଶାସନିକ ଅଧିକାରୀଙ୍କ ଇଚ୍ଛାଶକ୍ତି ଅଭାବରୁ ତା'ର ସଫଳ ରୂପାୟନ ହେବା ସମ୍ଭବ ହୋଇପାରିନାହିଁ। ବରୀ ବ୍ଲକ କାର୍ଯ୍ୟାଳୟରେ ମୌଳିକ ସୁବିଧା ନାହିଁ। ଏଠାରେ ନା ଅଛି ପାନୀୟଜଳ, ନା ଅଛି ଶୌଚାଳୟ। ଯଦ୍ୱାରା ବ୍ଲକକୁ ଆସୁଥିବା ଲୋକେ ନାନା ଅସୁବିଧା ଭୋଗ କରୁଛନ୍ତି। ଏସବୁ ସମସ୍ୟାରେ ସୁଧାର ଆଣିବାକୁ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ବରୀ ବ୍ଲକ କାର୍ଯ୍ୟାଳୟକୁ ୨୯ଟି ପଞ୍ଚାୟତର ଲୋକେ ବିଭିନ୍ନ ସମସ୍ୟା ନେଇ ଆସିଥା'ନ୍ତି। କିନ୍ତୁ କାର୍ଯ୍ୟାଳୟ ପରିସରରେ ଥିବା ପାନୀୟଜଳ ପାଇଁ ଉଦ୍ଦିଷ୍ଟ ଟ୍ୟାପ୍ ଦୀର୍ଘଦିନ ଧରି ଅଚଳ ପଡ଼ିଯାଇଥିବାବେଳେ ଲୋକେ ପାନୀୟଜଳ ପାଇଁ ନିକଟସ୍ଥ ଦୋକାନ୍ରୁ ପାଣି ବୋତଲ କ୍ରୟ କରି ତୃଷ୍ଣା ମେଣ୍ଟାଇବାକୁ ବାଧ୍ୟ ହେଉଛନ୍ତି। ଏତଦବ୍ୟତୀତ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା ଥିଲେ ମଧ୍ୟ ଦୂରଦୂରାନ୍ତରୁ ଆସୁଥିବା ମହିଳା ଆବଶ୍ୟକ ସ୍ଥଳେ ଶୌଚ ହେବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ବ୍ଲକ ପରିସରରେ ପାନୀୟ ଜଳ ସୁବିଧା ପାଇଁ ବୋରୱେଲ ଖୋଳାଯାଇଥିବାବେଳେ ଏହା ଅଚଳ ହେବା ପରେ ବି ଦାୟିତ୍ୱରେ ଥିବା ଅଧିକାରୀ ଏ କ୍ଷେତ୍ରରେ ଗୁରୁତ୍ୱ ନ ଦେବା ଯୋଗୁଁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏତଦ୍ବ୍ୟତୀତ





କାର୍ଯ୍ୟାଳୟ ଲାଗିଥିବା ଶୀତଳ ପାନୀୟ ଜଳ ମେସିନ ଉପରେ ଶିଉଳି ଲାଗିଯାଇଥିଲେ ବି ଦାୟିତ୍ୱରେ ଥିବା ଅଧିକାରୀ ଓ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ନଜରକୁ ଆସୁନାହିଁ। ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରତିଦିନ ଶହ ଶହ ଲୋକ କାର୍ଯ୍ୟାଳୟକୁ ଆସି ଏଭଳି ଅସୁବିଧାର ସମ୍ମୁଖୀନ ହେଉଥିଲେ ହେଁ ଏହାର ସମାଧାନ କ୍ଷେତ୍ରରେ ନିଘୋଡ଼ ନିଦରେ ଶୋଇ ରହିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି ବହୁ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ପଞ୍ଚାନନ ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ, ମୁଁ ଏଠାକୁ କମ୍ ଦିନ ପୂର୍ବରୁ ଆସିଛି। ଏହାର ଠିକ୍ ପରେ ପରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଯାଇଥିଲା। ଖୁବଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ନବ ଉତ୍କଳ ମହିଳା ସମିତି ସମ୍ପାଦିକାଙ୍କୁ ସମ୍ବର୍ଦ୍ଧନା

**ବ୍ୟାସନଗର, ୫।୭(ସମିସ)**



ସ୍ଥାନୀୟ ସାପଗଡ଼ିଆସ୍ଥ ନବ ଉତ୍କଳ ମହିଳା ସମିତି ଅଫିସ୍ ଗୃହରେ ସଭାନେତ୍ରୀ ଅମୂଲୀ ପହିଙ୍କ ଅଧ୍ୟକ୍ଷତାରେ ସମ୍ପାଦିକା ଜୟନ୍ତୀ ଜେନାଙ୍କୁ ଡକ୍ଟରେଟ୍ ଉପାଧି ମିଳିଥିବା ଅବସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀମତୀ ଜେନା ଦୀର୍ଘ ୨୨ ବର୍ଷ ଅକ୍ଲାନ୍ତ ଶ୍ରମ ଓ ନିସ୍ୱାର୍ଥପର ସେବାରେ ବ୍ରତୀ ରହିଥିବା ଯୋଗୁଁ ତାଙ୍କୁ ବିଶ୍ୱ ଚାରିଟେବୁଲ ଫାଉଣ୍ଡେସନ୍ ପକ୍ଷରୁ କଟକର ଶତାବ୍ଦୀ ଭବନରେ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା। ଏ ନେଇ ସମ୍ପାଦିକା ଶ୍ରୀମତୀ ଜେନାଙ୍କ ତ୍ୟାଗପୂର୍ଣ୍ଣ ଜୀବନର ସଫଳତାକୁ ନେଇ ଏ ସମ୍ବର୍ଦ୍ଧନା ସମାରୋହର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ସହରର ବିଭିନ୍ନ ଗଣସଂଗଠନର ନେତୃତ୍ୱଙ୍କ ସମେତ ସମିତିର ଶତାଧିକ ନେତୃବୃନ୍ଦ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ବ୍ୟାସନଗରର ପୌରାଧ୍ୟକ୍ଷା ଶ୍ରୀମତୀ ସଙ୍ଗୀତା ପିଙ୍ଗୁଆ, ଉଦଘାଟକ ଭାବେ ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଦୁଷ୍ମନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଓ ସୁଲେଖିକା ଶ୍ରୀମତୀ ସନ୍ଧ୍ୟାରାଣୀ ଘଡ଼ାଇ, ଆଡଭୋକେଟ୍ ବିବେକାନନ୍ଦ ମହାନ୍ତି, ବରିଷ୍ଠ ସାମ୍ବାଦିକ ହାରାଧନ ବାନାର୍ଜୀ, ସମାଜସେବୀ ତଥା ସହିଦ ଭଗତସିଂ ଯୁବକ ସଂଘ ସଭାପତି ରାଜେନ୍ଦ୍ର ବିଶ୍ୱାଳ, ସମ୍ପାଦକ ହେମନ୍ତ ଧିର, ଶ୍ରମିକ ନେତା ପରମାନନ୍ଦ ସେଠୀ, ସାମ୍ବାଦିକ ଦୁଷ୍ମନ୍ତ ରାଉତ, ସମାଜସେବୀ ରାଜା ବାରୁଣୀ ବସୁକଣ୍ଠ ପାଇକରାୟ, ରାମଚନ୍ଦ୍ର ବାରିକଙ୍କ ସହିତ ସମିତିର ଉପଦେଷ୍ଟା ଶାନ୍ତିଲତା ମାଝୀ, ମମତା ବର୍ଦ୍ଧନ, ଦୀପ୍ତି ପଣ୍ଡା, ପ୍ରଭାତୀ ପରିଡ଼ା, ଜେମାମଣି କଅଁର, ସୁଜାତା ବାରିକ, କବିତା ପତ୍ର, ସ୍ୱପ୍ନାରାଣୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଯଜ୍ଞେଶ୍ୱର ବିଦ୍ୟାଳୟ ପରିସରରେ ଚାରାରୋପଣ

**ବରୀ, ୫।୭(ସମିସ):** ବରୀ ବ୍ଲକ ବୋଦୁଅ ପଞ୍ଚାୟତର ଯଜ୍ଞେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ବିଶ୍ୱଭୂଷଣ ଜେନାଙ୍କ ସମେତ ସ୍ଥାନୀୟ ସରପଞ୍ଚ ଦେବୀପ୍ରସାଦ ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ ସୁମିତ୍ରା ପଣ୍ଡା, ଶରତ ଚନ୍ଦ୍ର ଜେନା, ସ୍ନିଗ୍ଧାରାଣୀ ଓଝା, ମୋହନ ପରମାଣିକ, ସର୍ବେଶ୍ୱର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ପରିବେଷଣ ସୁରକ୍ଷା ଲାଗି ବିଭିନ୍ନ ବିଦ୍ୟାଳୟ ଓ ବିଭିନ୍ନ ଅନୁଷ୍ଠାନ ପରିସରରେ ଚାରାରୋପଣ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।



## ସରକାରୀ ବିଦ୍ୟାଳୟରେ ବନ ମହୋତ୍ସବ

**କୟାଁଗୋଲା, ୫।୭(ସମିସ):** ଦଶରଥପୁର ବ୍ଲକ ଅଧୀନସ୍ଥ କୟାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ କୁଳମଣି ମଲ୍ଲିକ ଓ ଶିକ୍ଷକ ଶିକ୍ଷୟିତ୍ରୀ ଗାୟତ୍ରୀ ମାଝୀ, ସୌଭାଗ୍ୟ ରଞ୍ଜନ ଦାସ, ସୁଶ୍ରୀ ସଙ୍ଗୀତା ମଲ୍ଲିକ, ସାବିତ୍ରୀ ସାହୁ, ସ୍ୱରାଜ ତ୍ରିପାଠୀ, ସ୍ୱାଗତିକା ନନ୍ଦ, ଶିକ୍ଷାକର୍ମୀ ଦେବାଶିଷ ନାୟକ, ସରୋଜ ଯେନା, ଅଂଶୁମାନ ଦାସ ଓ ଅତିଥି ଭାବେ ଜୟଚଣ୍ଡୀ ସିଆରସିସି ଖଗେଶ୍ୱର ସାହୁ, ସମାଜସେବୀ, ଶିକ୍ଷାବିତ ବୈକୁଣ୍ଠନାଥ ପରିଡ଼ା, ପରିଚାଳନା କମିଟି ସଭାପତି ବିଜୟ କୁମାର ନାୟକ, ସଭ୍ୟ ସୌମ୍ୟରଞ୍ଜନ ପରିଡ଼ା ଓ ଅନ୍ୟାନ୍ୟ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବୃକ୍ଷ ରୋପଣ କରି କିପରି ସବୁଜ ସୁନ୍ଦର କରି ବିଦ୍ୟାଳୟର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଓ ଆମେ ଗଛଟିଏ ଲଗାଇ ଭବିଷ୍ୟତ ପିଢ଼ିକୁ ସୁରକ୍ଷିତ ରଖିବା ଆମର କର୍ତ୍ତବ୍ୟ ସେହି ବିଷୟରେ ଆଲୋଚନା କରିଥିଲେ।




ପତରାଜପୁର ବିଦ୍ୟାଳୟରେ ବନ ମହୋତ୍ସବ

## 'ପରିବେଶ ସୁରକ୍ଷା ଓ ସନ୍ତୁଳନ ପାଇଁ ବୃକ୍ଷରୋପଣ ହିଁ ଏକମାତ୍ର ବିକଳ୍ପ'



**ବାଲିଚନ୍ଦ୍ରପୁର, ୫।୭(ସମିସ):** ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନସ୍ଥ ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୭୫ତମ ବନ ମହୋତ୍ସବ ପ୍ରଧାନଶିକ୍ଷକ ଜୟନ୍ତ କୁମାର ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ରାକେଶ ବାରିକ ଯୋଗଦେଇ ତାପ ଓ ଶୀତଳତା ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ବୃକ୍ଷରାଜି ଓ ବନାନୀ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ପ୍ରଧାନଶିକ୍ଷକ ଶ୍ରୀ ପରିଡ଼ା ଅଁଳା, ପିଜୁଳି, ପଣସ, ଶିସୁ, ଆମ୍ବ, କୃଷ୍ଣଚୂଡ଼ା, ରାଧାଚୂଡ଼ା, ନିମ୍ବ, ଜାମୁ ଇତ୍ୟାଦି ମିଶାଇ ବିଦ୍ୟାଳୟ ପରିସରରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରାଯିବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀ ବିଜୟ ପରିଡ଼ା, ବିଘ୍ନେଶ୍ୱର ସିଂ, ଅନନ୍ତ ସାହୁ, ଦୁଃଶାସନ ସେଠୀ, ଏମଡି ନସିମ, ସୋହେଲ ଖାଁ, ହରପ୍ରିୟା ମହାରଣା, ରୋନିଲତା ତରାଇ, ଶୁଭସ୍ମିତା ପରିଡ଼ା, ଦେବୀଦତ୍ତା ଦେବସ୍ମିତା ଦାସ, ସସ୍ମିତା ଜେନା, ନର୍ମଦା ମହାନ୍ତି, ମଧୁସ୍ମିତା ପଣ୍ଡା, ଅମ୍ରିତା ସିଂ, ଭାରତୀ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଦିଶା ସୁପ୍ରିୟା ପ୍ରିୟଦର୍ଶିନୀ, ଅର୍ପିତା ବାରିକ, ଫୈଜିୟା ଖାନମ, ଇଲମା ଫିରଦୋସ, ଦୀପାଞ୍ଜଳି ବେହେରା, ଆସ୍ମା ବେଗମ, ଆଦିତ୍ୟ ବେହେରା, ଆଶିକ ଖା ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। କ୍ରୀଡ଼ା ଶିକ୍ଷକ ଦେବାଶିଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ସଫେଇ ହେଉନି କେନାଲ

# ଧାନଚାଷ ପାଇଁ ଚିନ୍ତାରେ ଚାଷୀ

**ଦଶରଥପୁର, ୫।୭ (ସମିସ)**



ଦଶରଥପୁର ବ୍ଲକରେ ଚଳିତବର୍ଷ ୧୨ ହଜାର ୬ ଶହ ହେକ୍ଟରର ଚାଷଜମିରେ ଧାନ ଚାଷ ହେବା ନେଇ ବ୍ଲକ କୃଷି ବିଭାଗ ଆକଳନ କରିଛି। ଏ ସମସ୍ତ ଚାଷ ଜମିରେ ଜଳସେଚନ ପାଇଁ କେନାଲ ପାଣି ହିଁ ଜଳସେଚନର ଏକମାତ୍ର ମାଧ୍ୟମ ହୋଇଥିବା ସ୍ଥଳେ ବ୍ଲକର ଚାଷୀ କେନାଲ ପାଣିରେ ଚାଷ କାର୍ଯ୍ୟ କରିବାକୁ ଅନାଇ ରହିଛନ୍ତି। ସାଧାରଣତଃ ପ୍ରତିବର୍ଷ ଜିଲ୍ଲା ଜଳସେଚନ ବିଭାଗ ଜୁଲାଇ ମାସ ପ୍ରାରମ୍ଭରୁ କେନାଲ ସଫେଇ ଓ ଘାଇ ମରାମତି କାର୍ଯ୍ୟ ଶେଷ ପରେ ଜୁଲାଇ ୧୫ ସୁଦ୍ଧା କେନାଲରେ ପାଣି ଛାଡ଼ିଥାଏ। ମାତ୍ର ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ବର୍ତ୍ତମାନ ସୁଦ୍ଧା ବ୍ଲକର ପ୍ରମୁଖ କେନାଲର ସଫେଇ କରାଯାଇ ନ ଥିବାରୁ ଧାନଚାଷକୁ ନେଇ ବ୍ଲକର ଚାଷୀ ଚିନ୍ତା ପ୍ରକଟ କରିଛନ୍ତି। ସେହିପରି ପୂର୍ବ ବର୍ଷମାନଙ୍କରେ ଠିକ୍ ଭାବେ କେନାଲ ସଫେଇ କରାଯାଉ ନ ଥିବାରୁ କେନାଲ ପୋତି ହେବା ସହିତ ଦୀର୍ଘ ମାସ ହେବ ଅନାବନା ଗଛ ଓ ଘାସରେ ପରିପୂର୍ଣ୍ଣ ହୋଇଛି। ଏହାକୁ ସଠିକ୍ ଭାବେ ସଫେଇ କରା ନ ଗଲେ ପାଣି ସବୁଠି ପହଞ୍ଚିବା କଷ୍ଟସାଧ୍ୟ ହେବ ବୋଲି ଚାଷୀ ପ୍ରକାଶ କରିଛନ୍ତି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଚାଷୀ ସଂଗଠନ ପକ୍ଷରୁ ଅବଗତ କରାଯିବା ସତ୍ତ୍ୱେ କେନାଲ ସଫେଇ କୌଣସି ପଦକ୍ଷେପ ନିଆଯାଇନାହିଁ। ତୁରନ୍ତ ଏ ଦିଗରେ ଯାଜପୁର ଜଳସେଚନ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।

ସକାଳ
THE SAKALA



## ରକ୍ତଦାନ ଶିବିର; ୧୬୦ ୟୁନିଟ୍ ସଂଗୃହୀତ




**ଯାଜପୁର, ୫।୭(ସମିସ):** ଯାଜପୁର ବ୍ଲକ ବାଣପୁର ଡିହସାହିରେ ଅନନ୍ତ ଗୋପାଳ ଭକ୍ତ ସମାଜ ସେବା ସଂଘ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବର ଅନୁଷ୍ଠିତ ହୋଇଯାଇଛି। ସେବା ସଂଘ ସମ୍ପାଦକ ନିକୁଞ୍ଜ କୁମାର ଦେଓଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ଛତିଆବଟର ମଣିମା ପ୍ରଦ୍ୟୁମ୍ନ କୁମାର ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶିବାଶିଷ ମହାରଣା, ନିରଞ୍ଜନ ଦାସ, ବିଶ୍ୱରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଯାଜପୁର ଜିଲ୍ଲାର ଅନନ୍ତ ଗୋପାଳ ଭକ୍ତ ସମାଜ ସେବା ସଂଘ ସଦସ୍ୟ ରକ୍ତଦାନ କରିଥିଲେ। ଏହି ଶିବିରରୁ ୧୬୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ସଂଘ ପକ୍ଷରୁ ବିଭୂତି ଭୂଷଣ ପାଲ, ଅଚ୍ୟୁତାନନ୍ଦ ନାୟକ, ସରୋଜ ବିଶ୍ୱାଳ, ମୋହନ ଚରଣ ଦାସ, ଅଚ୍ୟୁତାନନ୍ଦ ବାଡି ପ୍ରମୁଖ ପରିଚାଳନା କରିଥିଲେ।

# ବରୀ ବିଧାୟକଙ୍କୁ ରସୁଲପୁର ବିଡିଓଙ୍କ ଅଣଦେଖା

**କୁଆଖିଆ, ୫।୭(ସମିସ)**

ବରୀ ବିଜେଡି ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଆଜି ରସୁଲପୁର ବ୍ଲକକୁ ସମୀକ୍ଷା କରିବାକୁ ଆସିଥିଲେ। ରସୁଲପୁର ବ୍ଲକ ବିଡିଓ ଅବନୀକାନ୍ତ ସାହୁ ଜାଣିଶୁଣି ଅନୁପସ୍ଥିତ ରହିବା କାରଣରୁ ବିଧାୟକ ସମୀକ୍ଷା ବୈଠକକୁ ବାତିଲ କରିଥିଲେ। ସମୀକ୍ଷା ବୈଠକ ସମ୍ପର୍କରେ ୬ଦିନ ପୂର୍ବରୁ ବିଡିଓ ଶ୍ରୀ ସାହୁଙ୍କୁ

### ଅନୁପସ୍ଥିତ ଯୋଗୁଁ ସମୀକ୍ଷା ବୈଠକ ବାତିଲ

ଅବଗତ କରାଯାଇଥିଲା। କାହାକୁ ନ ଜଣାଇ ବିଡିଓ ରାତିଅଧିଆ ଛୁଟିରେ ଚାଲିଯିବା ଘଟଣା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ଏହି ଘଟଣାର ତଦନ୍ତ କରାଯାଇ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ବିଧାୟକ ଦାବି କରିଥିଲେ। ଏହାଛଡା ସମୀକ୍ଷା ବୈଠକରେ ଯୋଗଦେବା ପୂର୍ବରୁ ବିଧାୟକ ଶ୍ରୀ ମଲ୍ଲିକ ବ୍ଲକ ପରିସରରେ ପହଞ୍ଚି ବିଭିନ୍ନ



ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଥିବା ସମୟରେ ବିଧାୟକଙ୍କ ସମର୍ଥକ ଓ ବିଜେଡି ନେତା ଜୟ ନବୀନ, ଜୟ ବିଜେଡି ସ୍ଲୋଗାନ ଦେଇଥିଲେ।

ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ସ୍ୱାଗତ ଓ ସମୀକ୍ଷା ବୈଠକରେ ଯାଜପୁର ଉପଜିଲାପାଳ ଅଂଶୁମାନ ଶତପଥି ଅଧ୍ୟକ୍ଷତା କରିଥିଲେ। ଉକ୍ତ ବୈଠକରେ ମୁଖ୍ୟଅତିଥି ଭାବରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଯୋଗଦେଇ ବୈଠକରେ ବିଡିଓଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ବିଡିଓଙ୍କ ବିନା ସମୀକ୍ଷା କରାଯାଇପାରିବନାହିଁ। ବିଡିଓଙ୍କ ସହ ଯୋଗାଯୋଗ କରି ଆଉ ଏକ ତାରିଖ ସ୍ଥିର କରାଯାଉ, ଉକ୍ତ ଦିନ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟକୁ ସମୀକ୍ଷା କରାଯିବ ବୋଲି ସୂଚନା ଦେଇଥିଲେ। ତୁରନ୍ତ ବିଡିଓଙ୍କ ଛୁଟି ନେବା ପଛର ଅସଲ କାରଣ ସମ୍ପର୍କରେ ଜାଣିବା ସହ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ଯାଜପୁର ଉପଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଏହାବ୍ୟତୀତ ବ୍ଲକର ପ୍ରଶାସନିକ ଅଧିକାରୀ ଓ ଅଧସ୍ତନ କର୍ମଚାରୀ ରାଜନୀତିରୁ ଊର୍ଦ୍ଧ୍ୱରେ ରହି କାର୍ଯ୍ୟ କରିବା ସହ ସୀମା ଉଲ୍ଲଂଘନ ନ କରିବାକୁ ପରାମର୍ଶ ଦେଇଥିଲେ। ବ୍ଲକର ସମସ୍ତ ଜନପ୍ରତିନିଧି, ଜନସାଧାରଣଙ୍କୁ ଗଣତାନ୍ତ୍ରିକ ଅଧିକାର ପ୍ରଦାନ ଦିଗରେ ବ୍ଲକ ପ୍ରଶାସନ ଧ୍ୟାନ ଦେଉ ବୋଲି କହିଥିଲେ। ଏସବୁ ଦିଗରେ ବ୍ୟତିକ୍ରମ ଘଟିଲେ ବିଜେଡି ବିରୋଧୀ ଦଳର ଭୂମିକା ନିର୍ବାହ କରିବାକୁ ପଛଘୁଞ୍ଚା ଦେବ ନାହିଁ ବୋଲି ବକ୍ତବ୍ୟ ଛଳରେ ଚେତାବନୀ ଦେଇଥିଲେ। ବିଧାୟକଙ୍କ ଏତାଦୃଶ ବକ୍ତବ୍ୟରେ ଜନପ୍ରତିନିଧି ଓ ଦଳୀୟ ଛାମୁଆ କର୍ମୀ ଉତ୍ସାହିତ ହୋଇ ଉଠିଥିବା ଦେଖାଯାଇଥିଲା। ସମ୍ମାନିତ ଅତିଥି ଭାବେ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ ଯୋଗଦେଇ ବ୍ଲକ ପ୍ରଶାସନ ଆଗକୁ ଶୃଙ୍ଖଳିତ ହୋଇ କାର୍ଯ୍ୟ କରିବାକୁ ପଡ଼ିବ। ପରିବର୍ତ୍ତିତ ରାଜନୈତିକ ପରିସ୍ଥିତି ସହ ଖାପ୍‌ଖୁଆଇବା ସହ ଦଳମତ ନିର୍ବିଶେଷରେ କାର୍ଯ୍ୟକ୍ରମ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ଯାଜପୁର ଉପଜିଲ୍ଲାପାଳ ଶ୍ରୀ ଶତପଥୀ ବିଧାୟକଙ୍କ ଦାବିକୁ ସ୍ୱୀକାର କରିବା ସହ ବିଡିଓ ତାଙ୍କର ପାରିବାରିକ କାରଣରୁ ଛୁଟିରେ ଯାଇଥିବା ସଫେଇ ଦେଇଥିଲେ। ବିଡିଓ ସାହୁ ଅଚାନକ ଛୁଟି ନେବା କାରଣକୁ ତଦନ୍ତ ପରିସରଭୁକ୍ତ କରାଯିବ। ଏ ଦିଗରେ କୌଣସି ଅନିୟମିତତା ହୋଇଥିବା ଜଣାପଡ଼ିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାଛଡା ଆଗକୁ ଏଭଳି ଘଟଣାର ପୁନରାବୃତ୍ତି ଯେମିତି ନ ଘଟିବ, ସେଥିପ୍ରତି ଜିଲ୍ଲା ପ୍ରଶାସନ ଧ୍ୟାନ ଦେବ ବୋଲି ମତ ରଖିଥିଲେ। ଏବିଡିଓ ଦିବ୍ୟକାନ୍ତି ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ, ବିଭାଗୀୟ ଅଧିକାରିଣୀ ପ୍ରୀତିପିୟୁଷ ଦାସ ଉପସ୍ଥିତ ଥିଲେ। ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଜୟନ୍ତୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ରିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ

**ବ୍ୟାସନଗର, ୫।୭(ସମିସ):** ସ୍ଥାନୀୟ ବ୍ୟାସନଗର ସହରସ୍ଥ ଗଣେଶ ବଜାରରେ ଥିବା ରିଟ୍ ଇଣ୍ଟରନ୍ୟାସନାଲ ସ୍କୁଲରେ ଶୁକ୍ରବାର ଜଣେ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଯାଜପୁରରୋଡ୍ ଆଦର୍ଶ ଥାନା ଅର୍ନ୍ତଗତ ଗୋଶାଳା ମହାତାବନଗର ଅଞ୍ଚଳର ସରୋଜ ସାମଲଙ୍କ ପୁତ୍ର ଅର୍ଣ୍ଣବ ସାମଲ(୬) ସ୍ଥାନୀୟ ରିଟ୍ ଇଣ୍ଟରନ୍ୟାସନାଲ ସ୍କୁଲରେ ୟୁକେଜି-୨ରେ ପଢୁଥିଲେ। ଶୁକ୍ରବାର ବିଦ୍ୟାଳୟକୁ ଆସି କିଛି ସମୟ ପଢ଼ିବା ପରେ ଟିଫିନ ଖାଇବା ସମୟରେ ଦେହ କ'ଣ ହେଉଛି, ବାନ୍ତି ଲାଗୁଛି ଶିକ୍ଷକଙ୍କୁ ଜଣାଇଥିଲେ। ଅର୍ଣ୍ଣବକୁ ଅଧ୍ୟକ୍ଷଙ୍କ ରୁମକୁ ନିଆଯିବା ପରେ ତାଙ୍କୁ ବାନ୍ତି ଲାଗୁଥିବା କହିଥିଲେ। ଅଧ୍ୟକ୍ଷ ବାତ ରୋଗ ଅଛି କି ପଚାରିବା ପରେ ଛାତ୍ର ଜଣଙ୍କ ମନା କରିବା ପରେ ନିକଟରେ ଥିବା ଶିଶୁ ରୋଗ ବିଶେଷଜ୍ଞ ପୁଲକ ରଞ୍ଜନ ମଲ୍ଲିକଙ୍କୁ ଦେଖାଇବାରୁ ସେ ପିଲାର ପଲ୍ସ କମୁଥିବା କହିବା ସହିତ ତୁରନ୍ତ ସରକାରୀ ଡାକ୍ତରଖାନା ନେଇ ଅକ୍ସିଜେନ ଲଗାଇବାକୁ କହିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କ ପରିବାର ଲୋକଙ୍କୁ ଜଣାଇବା ସହିତ



ପରିବାର ଲୋକଙ୍କ ଉପସ୍ଥିତିରେ ତାଙ୍କୁ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ଅର୍ଣ୍ଣବଙ୍କୁ ମୃତ ଘୋଷଣା କରିଥିଲେ। ତେବେ ନିଜର ଏକମାତ୍ର ପୁତ୍ରର ଏଭଳି ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରି ନ ଥିଲେ। ପୁଅ ଜୀବିତ ଥିବା ଅନୁମାନ କରି ପରିବାର ଲୋକେ ପୁଅକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ମଧ୍ୟ ଡାକ୍ତର ଅର୍ଣ୍ଣବଙ୍କୁ ମୃତ ଘୋଷଣା କରିବା ପରେ ମୃତ ଶରୀରର ବ୍ୟବଚ୍ଛେଦ କରି ଅପରାହ୍ନ ପ୍ରାୟ ୫ଟା ସମୟରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ ଯାଜପୁରରୋଡ ଆଦର୍ଶ ଥାନାରେ୨୮।୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଏଏସଆଇ ଅନିରୁଦ୍ଧ ବିଶ୍ୱାଳ ସୂଚନା ଦେଇଛନ୍ତି। ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯିବା ପରେ ମେଡିକାଲ ଓ ମହତାବ ନଗରରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ତେବେ ଅର୍ଣ୍ଣବଙ୍କ ମୃତ୍ୟୁକୁ ନେଇ ବିଭିନ୍ନ ଚର୍ଚ୍ଚା ଜୋର ଧରିଛି। ଖାଦ୍ୟ ବିଷାକ୍ତକରଣ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା କେହି କହୁଥିବାବେଳେ ସାପ କାମୁଡ଼ାରେ ତାଙ୍କର ମୃତ୍ୟୁ ହୋଇଥିବା କେହି କେହି ଆଶଙ୍କା କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

## ଛଟେଇ ପ୍ରତିବାଦରେ ସଫେଇ କର୍ମଚାରୀଙ୍କ ଧାରଣା

**ବ୍ୟାସନଗର, ୫।୭(ସମିସ):** ସହରକୁ ସ୍ୱଚ୍ଛ ରଖୁଥିବା ସଫେଇ କର୍ମଚାରୀଙ୍କୁ ଅଣଦେଖା କରାଯାଉଥିବା ଦେଖିବାକୁ ମିଳିଛି। ଫଳସ୍ୱରୂପ ଶୁକ୍ରବାର ସକାଳେ ଶତାଧିକ ସଫେଇ କର୍ମଚାରୀ ସାଥୀଙ୍କୁ ଛଟେଇ କରାଯାଉଥିବା ଅଭିଯୋଗରେ ବ୍ୟାସନଗର ପୌର ପରିଷଦ ଅଫିସ ଆଗରେ ଧାରଣା ଦେଇଥିଲେ।

ସୂଚନା ମୁତାବକ, ସହରର ସ୍ୱଚ୍ଛତା ବଜାୟ ରଖିବା ନିମନ୍ତେ ପୌର ପରିଷଦ କର୍ତ୍ତୃପକ୍ଷ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରିଛନ୍ତି। ଠିକାଦାରଙ୍କୁ ପୌର ପ୍ରଶାସନ ପକ୍ଷରୁ ୨୨୦ରୁ ଅଧିକ ସ୍ୱଚ୍ଛ ସାଥୀ ନିୟୋଜିତ ହେବାକୁ ନିର୍ଦ୍ଦେଶ ରହିଛି। ବିଭିନ୍ନ ସମୟରେ ସମ୍ପୃକ୍ତ ଠିକାଦାର ୨୨୦ କର୍ମଚାରୀଙ୍କ ବଦଳରେ ୧୩୦ ଜଣଙ୍କୁ ନେଇ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଟେଣ୍ଡର ନିୟମାନୁସାରେ ସମସ୍ତ କର୍ମଚାରୀଙ୍କୁ କାର୍ଯ୍ୟ ପ୍ରଦାନ କରି ପୌର ପରିଷଦକୁ ସ୍ୱଚ୍ଛ ରଖିବାକୁ ନିୟମ ରହିଥିବାବେଳେ ସମ୍ପୃକ୍ତ ଠିକାଦାର ୧୩୦ କର୍ମଚାରୀ ନିଯୁକ୍ତ କରି ୨୨୦ କର୍ମଚାରୀଙ୍କ ଦରମା ଚଳୁ କରୁଛି। ଫଳରେ ଏହି ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଛଟେଇ ହୋଇ ପରିବାର ପ୍ରତିପୋଷଣ କରିବାରେ ଅସୁବିଧା ଭୋଗ କରୁଛନ୍ତି। ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ଠିକାଦାର କିମ୍ବା ପୌର ପ୍ରଶାସନ କର୍ଣ୍ଣପାତ କରୁ ନ ଥିବା ପ୍ରତିବାଦରେ ସଫେଇ କର୍ମଚାରୀ ଶୁକ୍ରବାର ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଦରମା ଟଙ୍କା କମ୍ ଦିଆଯାଉଥିବା ଅଭିଯୋଗ କରିବା ସହିତ ଛଟେଇ ନେଇ ଅଭିଯୋଗ କଲେ ଠିକାଦାର ଓ ସୁପରଭାଇଜର ଧମକ ଦେଉଥିବା ଏହି କର୍ମଚାରୀ ଅଭିଯୋଗ କରିଛନ୍ତି।

## ପଙ୍କପାଳ ବାଲିଘାଟରେ ଚଢ଼ଉ, ମେସିନ୍ ସହ ହାଇୱା ଜବତ



**ଯଖପୁରା, ୫।୭(ସମିସ):** ଆଜି ୧୧ଟାବେଳେ ଖଣି ବିଭାଗ ପକ୍ଷରୁ ସ୍ଥାନୀୟ ପୁଲିସ ସହାୟତାରେ ପଙ୍କପାଳ ବାଲିଘାଟରେ ଚଢ଼ଉ କରାଯାଇଥିଲା। ବାଲିଘାଟ ଲିଜଧାରୀ ଦିଲ୍ଲୀପ ସାହୁ ବାଲିଘାଟ ୧କୁ ଲିଜ୍ ଆକାରରେ ନେଇଛନ୍ତି। ଖାତା ନମ୍ବର ୨୯୪, ପ୍ଲଟ ନମ୍ବର ୧୦୮୯ରୁ ବାଲି ଉଠାଇବା ପାଇଁ ଅନୁମତି ନେଇଥିବାବେଳେ ନିଜ ପରିସୀମା ବାହାରକୁ ଯାଇ ବାଲି ଖନନ କରୁଥିବା ଦେଖିବାକୁ ମିଳିଥିଲା। ଏହା ଏକ କୃଷି ଘାଟ ହୋଇଥିବାରୁ ଘାଟରୁ କୌଣସି ପ୍ରକାରର ମେସିନ ଦ୍ୱାରା ବାଲି ନ ଉଠାଇବା ପାଇଁ ଚୁକ୍ତିରେ ଉଲ୍ଲେଖ ଥିଲା। ଘାଟରେ ତିନୋଟି ହାଇୱା ଗାଡି ଓ ଗୋଟିଏ ମେସିନ ଥିବା ଦେଖିବାକୁ ପାଇଥିଲେ। ଏଥିରୁ ଗୋଟିଏ ବାଲି ବୋଝେଇ ଗାଡ଼ିର ଟିପି ଥିବାବେଳେ ଗୋଟିଏ ଖାଲି ଗାଡି ଥିଲା ଓ ଅନ୍ୟ ବାଲି ବୋଝେଇ ଗାଡ଼ିର ନ ଥିଲା। ଖଣି ବିଭାଗ ପକ୍ଷରୁ ମେସିନ ଓ ଗୋଟିଏ ହାଇୱା ଗାଡିକୁ ସିଜ କରି ଠିକାଦାରଙ୍କ ମାର୍ଫତରେ ଦିଆଯାଇଥିଲା। ଖଣି ନିଗମ ବିନା ଅନୁମତିରେ ସିଜ ହୋଇଥିବା ମେସିନ ଓ ଗାଡ଼ିକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ କରିପାରେବେ ନାହି ବୋଲି ଡିଡିଏମ ଆଦେଶ ଦେଇଥିଲେ। ଏଥିସହିତ ସର୍ବସାଧାରଣ ରାସ୍ତା ଉପରେ ବାଲି ବୋଝେଇ ଗାଡ଼ି ଯିବା ଦ୍ୱାରା ବାଲି ପଡ଼ି ବାଟୋଇ ଓ କଲେଜ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡିଡିଏମ ଏଥିପାଇଁ ଘାଟ ମାଲିକଙ୍କୁ ସବୁଦିନ ରାସ୍ତାରୁ ବାଲି ଉଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିୟମାନୁଯାୟୀ ସମସ୍ତ କାଗଜପତ୍ର ଠିକ୍ କରି ଓ ଲିଜ ଆକାରରେ ଦିଆଯାଇଥିବା ଘାଟର ପରିସୀମାକୁ ମପାଯାଇ ଏହାକୁ ଖୁଣ୍ଟ ମାଧ୍ୟମରେ ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏବେ ଦେଖିବାକୁ ରହିଲା ସରକାରଙ୍କ ନିୟମ ଅନୁଯାୟୀ ବାଲି ଉଠାଯାଉଛି ନା, ଯେପରି ଚାଲୁଥିଲା ସେପରି ଚାଲିବ।

## ହିଙ୍ଗୁଳା ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଇଁ ଶୁଭ କଳସ ସ୍ଥାପନ




**ବ୍ୟାସନଗର, ୫।୭(ସମିସ):** ଶଙ୍ଖଚିଲା ସରକାରୀ ହିଙ୍ଗୁଳା ଉଚ୍ଚବିଦ୍ୟାଳୟର ୭୫ତମ ପ୍ରତିଷ୍ଠା ଦିବସକୁ ବିଦ୍ୟାଳୟର ପୁରାତନ ଛାତ୍ର ସଂଘ ଓ ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା ମଣ୍ଡଳୀ ଓ କର୍ମଚାରୀଙ୍କ ସହ ଅଞ୍ଚଳବାସୀ ମହାସମାରୋହରେ ପାଳନ କରିବାକୁ ମନସ୍ଥ କରିଛନ୍ତି। ଶୁକ୍ରବାର ଏ ପରିପ୍ରେକ୍ଷୀରେ ସକାଳ ୧୦ଟା ସମୟରେ ମା' ହିଙ୍ଗୁଳାଙ୍କୁ ସମୂହ ପୂଜାର୍ଚ୍ଚନା କରି ଶୁଭ କଳସ ସ୍ଥାପନା ପୂର୍ବକ ମା'ଙ୍କ ପାଖରୁ ଆଶୀର୍ବାଦ ନେଇଛନ୍ତି। ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଞ୍ଚଳବାସୀ, ପୁରାତନ ଛାତ୍ରସଂଘ, ବରିଷ୍ଠ କର୍ମକର୍ତ୍ତା ଓ ବିଭିନ୍ନ ପୁରାତନ ବ୍ୟାଚର ଛାତ୍ରଛାତ୍ରୀ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ ଶୁଭ କଳସ ଶୋଭାଯାତ୍ରାରେ ଆମ୍ବ କଳସ ଧରି ପୁରାତନ ଛାତ୍ର ସଂଘ ଉପଦେଷ୍ଟା କୃଷ୍ଣଚନ୍ଦ୍ର ସାହୁ ଓ ଉପସଭାପତି ବିଷ୍ଣୁଚରଣ ସାହୁଙ୍କ ନେତୃତ୍ୱରେ ମା'ଙ୍କ ପୀଠରୁ ବାହାରି ବିଦ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ବିଦ୍ୟାଳୟ ପରିସରରେ କଳସ ସ୍ଥାପନ କରିଥିଲେ। ଏ ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂଘ ସଭାପତି ଦୀନବନ୍ଧୁ ନାୟକ, ସମ୍ପାଦକ ବିନୋଦ ବିହାରୀ ସାହୁ, କୋଷାଧ୍ୟକ୍ଷ ରଘୁନାଥ ସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିଜିତ ବାରିକ, କାର୍ଯକାରୀ ସଭାପତି ଶ୍ରୀଧର ଦାସ, ଉପଦେଷ୍ଟା ବୈକୁଣ୍ଠ ଚରଣ ଜେନା, ଯୁଗ୍ମସମ୍ପାଦକ ଅକ୍ଷୟ ଜେନା, ଅନନ୍ତ ଚରଣ ମଳିକ, ସହସମ୍ପାଦକ ଦେବ ପ୍ରକାଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଅମୃତିଆରେ ଯୁବକଙ୍କୁ ହତ୍ୟା; ଅଭିଯୁକ୍ତ କୋର୍ଟ ଚାଲାଣ



**ପାଣିକୋଇଲି, ୫।୭(ସମିସ):** ପାଣିକୋଇଲି ପୁଲିସ ଅମୃତିଆ ହତ୍ୟାକାଣ୍ଡ ଘଟଣାରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ପଞ୍ଚାୟତରେ ଜଣେ ଯୁବକଙ୍କୁ ବିଲ ମଝିରେ ହତ୍ୟା କରାଯାଇଥିବାବେଳେ ଗୁରୁବାର ପୁଲିସ ମୃତଦେହ ଜବତ କରି ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଯୁବକ ଜଣକ ହେଉଛନ୍ତି ଅମୃତିଆ ଗ୍ରାମର ମଦନ ଓଝାଙ୍କ ପୁଅ ଶରତ ଓରଫ ସରୋଜ(୨୯)। ଉକ୍ତ ଘଟଣାରେ ଗ୍ରାମର ରାମଚନ୍ଦ୍ର ଓଝାଙ୍କ ପୁଅ ରଞ୍ଜନକୁ ପୁଲିସ ଉକ୍ତ ହତ୍ୟା ଘଟଣାରେ ଅଭିଯୁକ୍ତ ସନ୍ଦେହରେ ଥାନାରେ ଅଟକ ରଖିଥିଲା। ଆଜି ରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଛି। ନେଇ ରଞ୍ଜନ ପ୍ରତିଶୋଧ ପରାୟଣ ହୋଇ ସରୋଜଙ୍କୁ ହତ୍ୟା କରିଥିବା ନେଇ ଗ୍ରାମବାସୀ ଓ ପୁଲିସ ସନ୍ଦେହ କରିଥିଲେ। ଏ ନେଇ ମୃତକଙ୍କ ଦାଦା ମୋହନ ଓଝାଙ୍କ ଅଭିଯୋଗ କ୍ରମେ ପୁଲିସ ୩୩୪/୨୪ରେ ହତ୍ୟା ମାମଲା ରୁଜୁ କରି ରଞ୍ଜନକୁ ଅଟକ ରଖି ତଦନ୍ତ କରିଥିଲା। ରଞ୍ଜନ ହତ୍ୟାକରୀ ବୋଲି ସ୍ୱୀକାର କରିବା ପରେ ଗିରଫ କରିଥିଲା। ବୁଧବାର ରାତିରେ ସରୋଜ ବରୁଣ୍ଡାଇ ବଜାରରୁ ଘରକୁ ବିଲ ବାଟେ ଆସୁଥିବାବେଳେ ଏହାର ସୁଯୋଗରେ ଦେଖି ବରୁଣ୍ଡାଇରେ ବାଇକ ରଖି ରଞ୍ଜନ ତାର ପିଛା କରିଥିଲା। ବିଲ ମଝିରେ ଏକ ମଦ ବୋଲତ ଭାଙ୍ଗି ସରୋଜର ମୁହଁ, ପାଟି

ସୂଚନା ମୁତାବକ, ରଞ୍ଜନ ଓ ଶରତ ଦୁଇ ସମ୍ପର୍କୀୟ ଭାଇ। ତେବେ ଗତ କିଛିମାସ ତଳେ ସରୋଜଙ୍କ ମୋବାଇଲ ଫୋନ ଚୋରି ହୋଇଥିଲା। ଯାହାକୁ ନେଇ ସେ ରଞ୍ଜନ ଉପରେ ସନ୍ଦେହ ପ୍ରକାଶ କରିବା ସହିତ ସରୋଜ ଗ୍ରାମରେ କହି ବୁଲୁଥିଲେ। ଯାହାକୁ ମୁଣ୍ଡ ଆଦି ସ୍ଥାନକୁ ବାରମ୍ବାର ଆକ୍ରମଣ କରିଥିଲା। ସରୋଜ ବିଲରେ କାଦୁଅରେ ପଡ଼ିଯିବା ପରେ ସେ ତା' ତଣ୍ଟି ଚିପି ହତ୍ୟା କରି ପୁଣି ବରୁଣ୍ଡାଇ ଯାଇ ବାଇକ ଆଣି ଗାଁ ପୋଖରୀରେ ଗାଧୋଇ ଘରକୁ ଯାଇଥିବା ରଞ୍ଜନ ସ୍ୱୀକାର କରିଥିବା ଜଣାପଡ଼ିଛି।

## ଆକ୍ରମଣ ମାମଲାରେ ପୁଲିସ ଚୁପ୍; ପୀଡ଼ିତ ପରିବାର ଏସ୍‌ପିଙ୍କ ଦ୍ୱାରସ୍ଥ

**ପାଣିକୋଇଲି, ୫।୭(ସମିସ):** କୋରେଇ ଥାନା ଅନ୍ତର୍ଗତ ଚଞ୍ଚାଣିଆ ଗ୍ରାମର ବଳରାମ ଜେନାଙ୍କୁ ସେହି ଗ୍ରାମର କାର୍ତ୍ତିକ ଚନ୍ଦ୍ର ବାରିକ ଓ ତାଙ୍କ ପତ୍ନୀ ଗାଳିଗୁଲଜ ସହ ମରଣାନ୍ତକ ଆକ୍ରମଣ କରିଥିଲେ। ବଳରାମ କୋରେଇ ଥାନାରେ ଗତ ୧ ତାରିଖରେ ଅଭିଯୋଗ କରିଥିଲେ। ପୁଲିସ ୨୮୭/୨୪ରେ ମାମଲା ରୁଜୁ କରିବା ସହ ତଦନ୍ତ ଭାର ଜଣେ ଡିଏସପିଙ୍କୁ ଦିଆଯାଇଛି। ତଦନ୍ତ ଚାଲୁଥିବାବେଳେ କାର୍ତ୍ତିକ ବାରିକ ପାଲଟା ଅଭିଯୋଗ କରିବା ସହ ଜୀବନରୁ ମାରଦେବାକୁ ଷଡ଼ଯନ୍ତ୍ର କରୁଛି। ଫଳରେ ବଳରାମଙ୍କ ପରିବାର ଭୟଭୀତ ହୋଇଛନ୍ତି। ଯାହାକୁ ନେଇ କୋରେଇ ପୁଲିସଠାରୁ ଆଶା ତୁଟାଇ ଉକ୍ତ ପରିବାର ଏସ୍‌ପିଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ବଳରାମଙ୍କ ପରିବାର ସହ ମୂଳନିବାସୀ ୟୁନାଇଟେଡ ଫୋରମର ସହଦେବ ଜେନା ଓ ଯାଜପୁର ସିଭିଲ ସୋସାଇଟ ଫୋରମର ବିଶ୍ୱନାଥ ପାତ୍ରଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଛି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି।

## ବଜ୍ରାଘାତରେ ମହିଳା ଗୁରୁତର

**କାଳିଆପାଣି, ୫।୭(ସମିସ):** ଆଜି ସନ୍ଧ୍ୟାରେ ପଡ଼ୋଶୀ ଘରେ ବଜ୍ରପାତ ହେବାରୁ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଖଣି ଅଞ୍ଚଳ ରାଁସୋଳ ପଞ୍ଚାୟତ ଅନ୍ତର୍ଗତ ମହୁଲଖାଲ ଗ୍ରାମର ଡାକ୍ତର ମହାନ୍ତଙ୍କ ଘର ଉପରେ ବଜ୍ରପାତ ହେବାରୁ ଛାତ ଫାଟି ଯାଇଥିଲା। ଏହା ପ୍ରଭାବରେ ଡାକ୍ତର ମହାନ୍ତଙ୍କ ପଡୋଶୀ ଘର ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ମାଟି କାନ୍ଥ ଫାଟିଯାଇଥିବା ଦେଖିବାକୁ ମିଳିଛି। ଏଥିରେ ପୂର୍ଣ୍ଣଚନ୍ଦ୍ରଙ୍କ ସ୍ତ୍ରୀ ଯଶୋଦା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ତାଙ୍କ ସ୍ୱାସ୍ଥାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

### ପୁଣି ଚର୍ଚ୍ଚାରେ ବିବାଦୀୟ ଫାର୍ମାସିଷ୍ଟ

# ବଦଳି ପରେ ବି ମେଡିକାଲ୍‌ରେ ଅନଧିକାର ପ୍ରବେଶ

**ବ୍ୟାସନଗର, ୫।୭(ସମିସ):** ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଘଟଣା ଦୁର୍ଘଟଣା ଚର୍ଚ୍ଚାର ଅନ୍ତ ଘଟୁନି। କିଛିଦିନ ତଳେ ଦାନ୍ତ ଡାକ୍ତର ଓ ଫାର୍ମାସିଷ୍ଟଙ୍କ ବିବାଦ ପରେ ଉଭୟଙ୍କୁ ଏଠାରୁ ବଦଳି କରାଯାଇଥିଲା। ବଦଳି ପରେ ମଧ୍ୟ ସମ୍ପୃକ୍ତ ଫାର୍ମାସିଷ୍ଟ ପୁଣି ବିବାଦ ମଧ୍ୟକୁ ଧସେଇ ପସିଛନ୍ତି। ଶୁକ୍ରବାର ସମ୍ପୃକ୍ତ ଫାର୍ମାସିଷ୍ଟ ପ୍ରଜ୍ଞାପରମିତା ସାହୁ ତାଙ୍କ ବଦଳି ବାତିଲ ସମ୍ପର୍କୀୟ ଉଚ୍ଚ ନ୍ୟାୟାଳୟଙ୍କ ଅନୁମତି ପତ୍ର ଧରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରବେଶ କରିଛନ୍ତି। ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ପରେ ମେଡିକାଲ ଅଧିକାରୀଙ୍କୁ ପ୍ରଦାନ କରିବା ପରେ ସେମାନଙ୍କ ଅନୁମତି ପରେ ମେଡିକାଲ ପରିସରରେ ପଶି କାର୍ଯ୍ୟ କରିପାରିଥା'ନ୍ତେ। ମାତ୍ର ଶ୍ରୀମତୀ ସାହୁ କାହାକୁ କିଛି ନ ଜଣାଇ ମେଡିକାଲ ପରିସରରେ ପ୍ରବେଶ କରି ନିଜ ରୁମ୍‌ରେ ବସିଥିବା ଖବର ପାଇ ଗଣମାଧ୍ୟମ ପ୍ରତିନିଧି ମେଡିକାଲ ଅଫିସର ଡା. ଦେବାଶିଷ ସାହୁଙ୍କୁ ଖବର ଦେବା ପରେ ଘଟଣା ସମ୍ପର୍କରେ ମେଡିକାଲ ଅଧିକାରୀ ଅବଗତ ହୋଇଥିଲେ। ତେବେ ମେଡିକାଲ ଅଧିକାରୀ ଡା. ସାହୁ ଅନ୍ୟ କାର୍ଯ୍ୟରେ ମେଡିକାଲ ବାହାରେ ଥିବାରୁ ସେ ଶ୍ରୀମତୀ ସାହୁଙ୍କୁ ମେଡିକାଲ କକ୍ଷ ପରିସରରୁ ବାହରକୁ ଯିବାକୁ କହିଥିଲେ। ତେବେ ସେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ବଳରେ ଆସିଥିବା କହିବା ପରେ ମେଡିକାଲ ଅଧିକାରୀ ଏହାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦେଖାଇ ତାଙ୍କଠାରୁ ଅନୁମତି ଆଣିବା ପରେ ଏଠାକୁ ଆସିବେ ବୋଲି କହିବା ପରେ ସେ ମେଡିକାଲ ପରିସରରୁ ବାହାରକୁ ଯାଇଥିଲେ।

- ହସ୍ତାନ୍ତର କରିନାହାନ୍ତି ଅଫିସ ଚାବି
- ଅନଧିକାର ପ୍ରବେଶ ନେଇ ଏତଲା ଦିଆଯିବ: ସିଡିଏମଓ

ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଉକ୍ତ ଫାର୍ମାସିଷ୍ଟଙ୍କ ବଦଳି ଓ ପରେ ଛୁଟିରେ ଯିବା ପରେ ସରକାରୀ ନିୟମାନୁସାରେ ତାଙ୍କ ରୁମର ଚାବି ସେ ମେଡିକାଲ ଅଫିସରଙ୍କୁ ହସ୍ତାନ୍ତର କରିବା କଥା। ଏହା କାହିଁକି ଉଲ୍ଲଂଘନ ହେଲା ତାହା ତଦନ୍ତ ସାପେକ୍ଷ। ଅନ୍ୟପକ୍ଷରେ ତାଙ୍କର ବଦଳି ହେବା ପରେ ମଧ୍ୟ ସେ ବିନା ଉପରିସ୍ଥ ଅଧିକାରୀଙ୍କ ପରାମର୍ଶରେ ମେଡିକାଲର ଗୁରୁତ୍ୱପୂର୍ଣ୍ଣ ଅଫିସରେ କିପରି ପଶିଲେ ତାକୁ ନେଇ ବଡ଼ ପ୍ରଶ୍ନ ଛିଡ଼ା ହୋଇଛି। ନୂତନ ମେଡିକାଲ ଅଧିକାରୀ ଯୋଗଦାନ କରିବା ପରେ ସମାନ ଢଙ୍ଗରେ ପୂର୍ବତନ ମେଡିକାଲ ଅଧିକାରୀ ଦାୟିତ୍ୱ ହସ୍ତାନ୍ତର ନ କରି ଛୁଟିରେ ଯିବା ଏକପ୍ରକାର ଷଡ଼ଯନ୍ତ୍ର ଦିଗକୁ ଇଙ୍ଗିତ କରୁଛି। ତେବେ ଆଗାମୀ ଦିନରେ ମେଡିକାଲ ପରିସରରେ କୌଣସି ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରାଯିବନି ବୋଲି ମେଡିକାଲ ଅଫିସର ଡା. ଦେବାଶିଷ ସାହୁ କହିଛନ୍ତି। ସମ୍ପୃକ୍ତ ଲେଡି ଫାର୍ମାସିଷ୍ଟଙ୍କ ବଦଳି ପରେ ବିନା ଉଚ୍ଚପଦସ୍ଥ ଅଧିକାରୀଙ୍କ ଅନୁମୋଦନ ବିନା ଏଭଳି ବେନିୟମ ବା ଅନଧିକାର ମେଡିକାଲ ମଧ୍ୟକୁ ପ୍ରବେଶକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବାଶିଷ ମହାରଣା ବେଆଇନ କହିବା ସହିତ ଏ ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ସମ୍ପୃକ୍ତ ଲେଡି ଫାର୍ମାସିଷ୍ଟ ଆଣିଥିବା ହାଇକୋର୍ଟଙ୍କ ଅର୍ଡର ଉପରେ ଆମର ଲିଗାଲ ଅଫିସର ତର୍ଜମା କରିବା ପରେ ଯାହା କିଛି ନିର୍ଣ୍ଣୟ ନିଆଯିବ ବୋଲି ଡା. ମହାରଣା କହିଛନ୍ତି।

## ପୂର୍ବତନ ମନ୍ତ୍ରୀଙ୍କ ବିୟୋଗରେ ପ୍ରଫୁଲ୍ଲ ଘଡ଼ାଇଙ୍କ ଶୋକ

**ଦାନଗଦି, ୫।୭(ସମିସ):** ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ବରିଷ୍ଠ ନେତା ସୁରେନ୍ଦ୍ର ନାଥ ନାୟକଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ନାୟକ କାକଟପୁର ନିର୍ବାଚନମଣ୍ଡଳୀରୁ ୭ ଥର ବିଧାୟକ ଭାବେ ନିର୍ବାଚିତ ହୋଇ ନିଜ ଅଞ୍ଚଳର ବିକାଶ କରିବା ସହିତ ବିଭିନ୍ନ ସମୟରେ ପଞ୍ଚାୟତିରାଜ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ରାଜସ୍ୱ ଓ ପ୍ରଶମନ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ମନ୍ତ୍ରୀ ଭାବେ ରାଜ୍ୟ ପାଇଁ ଜନହିତକର କାର୍ଯ୍ୟ କରିଯାଇଛନ୍ତି। ତାଙ୍କ ବିୟୋଗ ଫଳରେ ରାଜ୍ୟ ରାଜନୈତିକ ଆକାଶରେ ଏକ ଉଜ୍ଜ୍ୱଳ ନକ୍ଷତ୍ରର ଅବସାନ ଘଟିଲା ଓ ମୁଁ ମୋର ଜଣେ ଆପଣାର ମଣିଷକୁ ହରାଇଲି। ସ୍ୱର୍ଗତ ନାୟକଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ଡ. ଘଡ଼ାଇ ସମବେଦନା ଜଣାଇଛନ୍ତି।

## ବଜ୍ରପାତରେ ଆହତ ଯୁବତୀଙ୍କ ମୃତ୍ୟୁ

**ବ୍ୟାସନଗର, ୫।୭(ସମିସ):** ବାନ୍ଧଗୋଡ଼ା ଗ୍ରାମର ଜଣେ ଯୁବତୀ ବାଡ଼ିରେ ଶୁଖୁଥିବା ଲୁଗା ନେବାବେଳେ ବଜ୍ରପାତରେ ଆହତ ହୋଇଥିଲେ। ପରିବାର ଲୋକେ ଯୁବତୀଙ୍କୁ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଗତକାଲି ଅପରାହ୍ନରେ କେନ୍ଦୁଝର ଜିଲ୍ଲା ବାନ୍ଧଗୋଡା ଗାଁରେ ଘୂର୍ଣ୍ଣିଝଡ଼ ବର୍ଷା ହେଉଥିଲା। ଏହି ସମୟରେ ଗାଁର ଯୁବତୀ ବାଡିରୁ ଶୁଖିଲା ଲୁଗା ଆଣିବାକୁ ଯାଇଥିଲେ। ଲୁଗା ନେଉଥିବାବେଳେ ତାଙ୍କୁ ବଜ୍ରାଘାତ ହୋଇଥିଲା। ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ଯୁବତୀଙ୍କୁ ଯାଜପୁରରୋଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ।

**ସଚିବଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

# ବିକଶିତ ଓଡ଼ିଶା ନିର୍ମାଣ ଦିଗରେ ଯତ୍ନବାନ୍ ହୁଅ

ଭୁବନେଶ୍ୱର, ୫।୭(ସମିସ): ଆମ ସରକାର ଲୋକମାନଙ୍କ ପାଖରେ ଉତ୍ତରଦାୟୀ। ଜନପ୍ରତିନିଧି ଭାବରେ ଏବଂ ସରକାର ଭାବରେ ଆମେ ଲୋକଙ୍କ ଭିତରେ ରହିବାର ପ୍ରତିବଦ୍ଧତା ନେଇ କାମ କରୁଛୁ। ୨୧ଟି ପ୍ରମୁଖ ନିର୍ବାଚନ ପ୍ରତିଶୃତି ଗୁଡିକ କିପରି ଠିକ୍ ଭାବେ କାର୍ଯ୍ୟକାରୀ ହେବ, ତାହା ଆପଣମାନଙ୍କର ଗୁରୁଦାୟିତ୍ୱ। ଲୋକଙ୍କ ଆଶା, ଆକାଂକ୍ଷା ପୂରଣ ଦିଗରେ ଆପଣମାନେ କାର୍ଯ୍ୟ କରନ୍ତୁ। ବିକଶିତ ଓଡ଼ିଶା ନିର୍ମାଣ ପାଇଁ କାମ କରିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ଆପଣମାନଙ୍କର ଅଛି। କିନ୍ତୁ ଆପଣମାନଙ୍କୁ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱର ସୀମା ଭିତରେ କାମ କରିବାକୁ ହେବ ବୋଲି ସଚିବମାନଙ୍କୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ଆଜି ଅପରାହ୍ନରେ ଖାରବେଳ ଭବନ ଠାରେ ବିଭିନ୍ନ ବିଭାଗର ସଚିବଙ୍କ ବୈଠକରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନୂଆ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି ଓ ନିର୍ବାଚନ ପ୍ରତିଶୃତି ପାଳନ ପାଇଁ ବିଧିବଦ୍ଧ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶାର ୧୦୦ ବର୍ଷ ପୂରଣ ହେବାକୁ ଯାଉଛି। ୨୦୪୭ରେ ମଧ୍ୟ ଦେଶର ସ୍ୱାଧୀନତାର ୧୦୦ ବର୍ଷ ପୂରଣ ହେବ। ତେଣୁ ଉଭୟ ଭିଜନକୁ ଦୃଷ୍ଟିରେ ରଖି ଆମକୁ ଓଡ଼ିଶା ପାଇଁ ଏକ ଭିଜନ-୨୦୩୬ ପ୍ରସ୍ତୁତ କରିବାକୁ ହେବ। କଠିନ ପରିଶ୍ରମ କରି ଆମର ସବୁ ଲକ୍ଷ୍ୟକୁ ହାସଲ କରିବାକୁ ପଡ଼ିବ। ଏହାଦ୍ୱାରା ବିକଶିତ ଭାରତରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ସୁନାମ ହାସଲ କରିପାରିବ ବୋଲି ସେ କହିଥିଲେ।

ଲୋକଙ୍କ ଅଭିଯୋଗ ଶୁଣାଣି ପ୍ରକ୍ରିୟାକୁ ଅଧିକ ଦକ୍ଷ ଓ ପ୍ରଭାବଶାଳୀ କରିବା ପାଇଁ ପରାମର୍ଶ ଦେଇ ସେ କହିଛନ୍ତି ଯେ ଲୋକଙ୍କ ସହିତ ମିଶି ଆଲୋଚନା କରିବା ଦ୍ୱାରା ସରକାରଙ୍କ ପ୍ରତି ଲୋକଙ୍କ ଭରସା ସୃଷ୍ଟି ହୁଏ। ଜନତା ଓ ସରକାରଙ୍କ ମଧ୍ୟରେ କୌଣସି ପ୍ରାଚୀର ରହିବା ଉଚିତ ନୁହେଁ। ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ଯେଉଁ ଭରସା

**କାର୍ଯ୍ୟରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଅନିବାର୍ଯ୍ୟ**

**ଭିଜନ୍-୨୦୩୬ ପ୍ରସ୍ତୁତ କରିବା ପାଇଁ ପରାମର୍ଶ**

ସୃଷ୍ଟି ହୋଇଛି, ସେ ଭରସା ଅତୁଟ ରହିବା ଦରକାର। ଲୋକମାନେ ଯେଉଁ ସମସ୍ୟା ନେଇ ଆମ ପାଖକୁ ଆସୁଛନ୍ତି, ତାହାର ସମାଧାନ ହେବା ଅତି ଜରୁରୀ। ଏଥିପାଇଁ ଟେକ୍ନୋଲୋଜି ସହିତ ଉପଯୁକ୍ତ ତଦାରଖ ବ୍ୟବସ୍ଥା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ପ୍ରତ୍ୟେକ ବିଭାଗର କାର୍ଯ୍ୟକ୍ରମ ଯେପରି ଓଡିଆ ଭାଷାରେ ହୋଇପାରିବ, ସେଥିପାଇଁ ପଦକ୍ଷେପ ନେବା ସହ କେନ୍ଦ୍ର ସରକାରଙ୍କ ଏକାଧିକ ଲୋକପ୍ରିୟ ଯୋଜନା ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାର ସଫଳ ରୂପାୟନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ପ୍ରତିଶୃତିକୁ ପାଳନ କରିବା ପାଇଁ ବଜେଟ ପରିମାଣ ଉପରେ ବିଚାର ବିମର୍ଶ କରନ୍ତୁ ଏବଂ ସେ ସବୁ ପ୍ରସଙ୍ଗରେ ଆଜିର ଦିନରେ କଣ ସ୍ଥିତି ଅଛି, ତା ଉପରେ ରିପୋର୍ଟ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ସେ ପୁଣି କହିଛନ୍ତି ଯେ ସବୁ ବିଭାଗର ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀ ମାନଙ୍କ ସହିତ ତଳସ୍ତରର କର୍ମଚାରୀଟିଏ ମଧ୍ୟ ସରକାରଙ୍କ ସଫଳତା ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ। ଆମ ଦଳର ମତାମତ ସହିତ ବିରୋଧୀ ଦଳର ମତାମତକୁ ମଧ୍ୟ ଆମକୁ ଗୁରୁତ୍ୱର ସହ ନେବାକୁ ପଡ଼ିବ। ତୃଣମୂଳସ୍ତରରେ ଜନପ୍ରତିନିଧି ମାନଙ୍କ ମତାମତ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସମସ୍ତେ ଏକ ଟିମ୍ ହୋଇ ଓଡ଼ିଶାର ବିକାଶର ଲକ୍ଷ୍ୟ ହାସଲ କରିବା ପାଇଁ କାମ କରିବାକୁ ପଡ଼ିବ। ଓଡ଼ିଶା ଏବେ ଦେଶର ଏକ ପ୍ରମୁଖ ବିକାଶଶୀଳ ରାଜ୍ୟ ଭାବେ ମୁଣ୍ଡ ଟେକିଛି। ରାଜ୍ୟକୁ ବିକାଶର ଶିଖରରେ ପହଞ୍ଚାଇବା ଲକ୍ଷ୍ୟରେ ଆମେ କାମ ଆରମ୍ଭ କରିଛୁ। ଶିକ୍ଷା, ସ୍ୱାସ୍ଥ୍ୟ, ଦୁର୍ନୀତି ବିରୋଧୀ ପରିବେଶ, ସାମାଜିକ ନ୍ୟାୟ, ଆର୍ଥିକ ପ୍ରଗତି, ଜନଜାତି କଲ୍ୟାଣ ଓ ଉତ୍ତରଦାୟୀ ପ୍ରଶାସନ ଯୋଗାଇ ଦେବା ପାଇଁ ଆମେ ବଦ୍ଧପରିକର। ପ୍ରଶାସନିକ ସଂସ୍କାର ଓ ବିଶ୍ୱସନୀୟ ସେବା ପ୍ରଦାନ ଦିଗରେ ଆପଣମାନଙ୍କ ନିଷ୍ଠା ଓ କାର୍ଯ୍ୟଦକ୍ଷତା ଆମକୁ ସଫଳତାର ଶୀର୍ଷରେ ପହଞ୍ଚାଇବ, ଏ ବିଶ୍ୱାସ ମୋର ରହିଛି। ଆପଣମାନଙ୍କ ସହଯୋଗରେ ଏକ ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟ ହାସଲ ହେବ ବୋଲି ସେ ଆଶା ଓ ବିଶ୍ୱାସ ପ୍ରକଟ କରିଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ।

# ଶପଥ ନେଲେ ଝାଡ଼ଖଣ୍ଡ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ବି.ଆର୍ ଷଡ଼ଙ୍ଗୀ

କଟକ, ୫।୭(ସମିସ): ଝାଡ଼ଖଣ୍ଡ ହାଇକୋର୍ଟରେ ନୂତନ ମୁଖ୍ୟ ବିଚାରପତି ଭାବେ ଡକ୍ଟର ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଷଡ଼ଙ୍ଗୀଙ୍କୁ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ ଶପଥପାଠ କରାଇଥିଲେ। ରାଞ୍ଚିସ୍ଥିତ ରାଜଭବନ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ, ବିଧାନସଭା ବାଚସ୍ପତି ରବୀନ୍ଦ୍ରନାଥ ମହାତୋ, ହାଇକୋର୍ଟର ସମସ୍ତ ବିଚାରପତିଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସମାରୋହରେ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ଦେବବ୍ରତ ଦାଶ, ଜଷ୍ଟିସ ମୃଗାଙ୍କ ଶେଖର ସାହୁ, ଜଷ୍ଟିସ ଆଦିତ୍ୟ ମହାପାତ୍ର, ଜଷ୍ଟିସ ଭି. ନରସିଂହ, ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ, ଜଷ୍ଟିସ ଗୌରୀଶଙ୍କର ଶତପଥୀ, ଜଷ୍ଟିସ ଚିତ୍ତରଞ୍ଜନ



ଦାଶ, ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ବି.ପି.ଦାସ, ପୂର୍ବତନ ଆଡଭୋକେଟ ଜେନେରାଲ ଅଶୋକ ପରିଜା, ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ସଭାପତି ବିଜୟ ଦାଶ, ଆଇନଜୀବୀ ଦେବସ୍ମାନ ଦାସ, ଆଇନଜୀବୀ ଇଂଜିନିୟର ଏନ.କେ. ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ଜଷ୍ଟିସ ଚୌଧୁରୀ ପ୍ରତାପ କେଶରୀ ମିଶ୍ରଙ୍କ ଦେହାନ୍ତ

କଟକ, ୫।୭(ସମିସ): ଓରିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ପ୍ରତାପ କେଶରୀ ମିଶ୍ରଙ୍କ ଗୁରୁବାର ରାତିରେ ଭୁବନେଶ୍ୱର କଳିଙ୍ଗ ହସପିଟାଲ ଠାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ତାଙ୍କ ପୈତୃକ ଘର କଟକ ଜିଲ୍ଲା ମାହାଙ୍ଗାର ଭେଡ଼ାସ୍ଥିତ ଗ୍ରାମ୍ୟ ଶ୍ମଶାନରେ ସ୍ୱର୍ଗତ ମିଶ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ ପୁଅ ଚୌଧୁରୀ ପ୍ରସନଜିତ ମିଶ୍ର ମୁଖାଗ୍ନି ଦେଇଥିବା ବେଳେ ସାନପୁଅ ଆଇନଜୀବୀ ସତ୍ୟଜିତ ମିଶ୍ର ଉପସ୍ଥିତ ଥିଲେ।



ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଚାରପତି, ପ୍ରାକ୍ତନ ବିଚାରପତି, ବିଚାର ବିଭାଗୀୟ ଅଧିକାରୀ, ଆଇନଜୀବୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ମିଶ୍ରଙ୍କ କଟକ ସୂର୍ଯ୍ୟବିହାରସ୍ଥିତ ବାସଭବନରେ ପହଞ୍ଚି ପାର୍ଥିବ ଶରୀରକୁ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ, ଝିଅ, ଜ୍ୱାଇଁ ଓ ପୁତ୍ରବଧୂଙ୍କ ସମେତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଜଷ୍ଟିସ ଚିତ୍ତରଞ୍ଜନ ଦାଶ, ଆଡଭୋକେଟ ଜେନେରାଲ ଜ୍ୟୋତି ପଟ୍ଟନାୟକ, କଟକ ମେୟର ସୁବାସ ସିଂହ, ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ, ପୂର୍ବତନ ବିଧାୟକ ଅମର ପ୍ରସାଦ ଶତପଥୀ, ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ପଞ୍ଚାନନ କାନୁନଗୋଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସୂର୍ଯ୍ୟବିହାରସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଓଡ଼ିଶା ହାଇକୋର୍ଟ ପରିସରକୁ ତାଙ୍କ ମରଶରୀର ନିଆଯାଇଥିଲା। ସେଠାରେ ବିଚାରପତି ଓ ହାଇକୋର୍ଟ ବାର କର୍ମକର୍ତ୍ତାଙ୍କ ସମେତ ଆଇନଜୀବୀମାନେ ତାଙ୍କୁ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ମିଶ୍ର ୧୯୪୨ ଜାନୁଆରୀ ୫ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ୧୯୭୧ ନଭେମ୍ବର ୮ରେ ସେ ଓକିଲାତି ପେସାରେ ଯୋଗ ଦେଇଥିଲେ। ଦୀର୍ଘ ୨୭ବର୍ଷରୁ ଅଧିକ ସମୟ ଧରି ହାଇକୋର୍ଟରେ ଆଇନଜୀବୀ ଭାବେ ସେ ଦକ୍ଷତାର ସହ ବହୁ ମାମଲା ପରିଚାଳନା କରିଥିଲେ। ଦୀର୍ଘ ସମୟ ଧରି ଆୟକର ବିଭାଗର ଷ୍ଟାଣ୍ଡିଂ କାଉନସିଲ ରହିଥିଲେ। ୧୯୯୯ମସିହା ଜୁନ୧୭ରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ସେ ନିଯୁକ୍ତି ପାଇଥିଲେ। ୨୦୦୪ଜାନୁଆରି ୪ରେ ସେ ଅବସର ଗ୍ରହଣ କରିଥିଲେ। ବିଚାରପତି କାର୍ଯ୍ୟକାଳ ସମୟରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଥିଲେ। ଅବସର ପରେ ସେ ଗାନ୍ଧୀବାଦୀ ବିଚାରଧାରାରେ ବିଭିନ୍ନ ସଂଗଠନ ସହ ଜଡ଼ିତ ରହି ଶେଷ ଜୀବନ ପର୍ଯ୍ୟନ୍ତ ସମାଜସେବା କାର୍ଯ୍ୟରେ ନିୟୋଜିତ ଥିଲେ। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

# ପରଲୋକରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ରନାଥ ନାୟକ

ଭୁବନେଶ୍ୱର, ୫।୭(ସମିସ): ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଘନିଷ୍ଠ ସହଯୋଗୀ, ପୂର୍ବତନ ମନ୍ତ୍ରୀ ତଥା କାକଟପୁରର ପୂର୍ବତନ ବିଧାୟକ ସୁରେନ୍ଦ୍ରନାଥ ନାୟକ(୯୩)ଙ୍କର ପରଲୋକ ଘଟିଛି। ଦୀର୍ଘ ଦିନ ହେବ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ ଓ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ବିଳମ୍ବିତ ରାତିରେ ଭୁବନେଶ୍ୱର ବାସଭବନରେ ତାଙ୍କର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୭୭ରୁ ୧୯୮୦ ମସିହା ପର୍ଯ୍ୟନ୍ତ ସେ ବିଧାନସଭାର ଉପବାଚସ୍ପତି ଥିଲେ। ୧୯୯୦ରେ ବିଜୁବାବୁଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ସେ ରାଜସ୍ୱ ଓ ଅବକାରୀ ମନ୍ତ୍ରୀ ଓ ନବୀନଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ୨୦୦୨ରୁ ୨୦୦୪ ପର୍ଯ୍ୟନ୍ତ ସେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଥିଲେ। ୨୦୦୪ରେ କୃଷି ମନ୍ତ୍ରୀ

**କାକଟପୁରରୁ ୭ଥର ବିଧାୟକ ରୂପେ ନିର୍ବାଚିତ ହୋଇଥିଲେ**

**ବିଜୁ ଓ ନବୀନଙ୍କ ସରକାରରେ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ**

**ଶୋକପ୍ରକାଶ କଲେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ**

**ଶୋକବ୍ୟକ୍ତ ସହ ପରିବାରକୁ ନବୀନ ପଟ୍ଟନାୟକଙ୍କ ସମବେଦନା**



ଦେହାନ୍ତ ହୋଇଯାଇଛି। ଶେଷଶଯ୍ୟା ନିକଟରେ ତାଙ୍କର ପରିବାର ଓ ପ୍ରିୟଜନ ଉପସ୍ଥିତ ଥିଲେ। ଆଜି ସକାଳେ ତାଙ୍କର ମର ଶରୀରକୁ ଅଶୋକ ନଗରସ୍ଥିତ ତାଙ୍କର ରାଜନୈତିକ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହାପରେ ମରଶରୀରକୁ ବିଧାନସଭା, ସଚିବାଳୟ ଓ ବିଜେଡି କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଉପସ୍ଥିତ ବ୍ୟକ୍ତିମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହାପରେ ତାଙ୍କ ମରଶରୀରକୁ ପିପିଲି ଦେଇ ନିମାପଡ଼ା, ଗୋପ, କୋଣାର୍କ, କାକଟପୁର, ଅସ୍ତରଙ୍ଗ ନିଆଯାଇଥିଲା ଓ ନିଜ ପୈତୃକ ଗାଁ ଅଣକଣାକୁ ନେଇ ସେଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

୧୯୬୦ ମସିହାରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାବେ ନିଜର ରାଜନୈତିକ ଯାତ୍ରା ଆରମ୍ଭ କରିଥିଲେ ସୁରେନ୍ଦ୍ରନାଥ। ୧୯୭୧ରେ ସେ ପ୍ରଥମେ ଉତ୍କଳ କଂଗ୍ରେସ ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଜରୁରୀକାଳୀନ ପରିସ୍ଥିତି ସମୟରେ ସେ କାରାବରଣ କରିଥିଲେ। ସେ ୧୯୭୭, ୧୯୮୫, ୧୯୯୦, ୧୯୯୫ ଉପନିର୍ବାଚନ, ୨୦୦୦ ଓ ୨୦୦୪ ନିର୍ବାଚନରେ ପୁନର୍ବାର ହୋଇଥିଲେ। ୨୦୧୨ରେ ସେ ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ହୋଇଥିଲେ।

ତାଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଦୁଃଖପ୍ରକାଶ କରିଛନ୍ତି। ସେ ତାଙ୍କର ଦୀର୍ଘ ରାଜନୈତିକ ଜୀବନରେ ଓଡ଼ିଶାର ବିକାଶ ଏବଂ ଓଡ଼ିଶାବାସୀଙ୍କ କଲ୍ୟାଣ ପାଇଁ ଅନେକ କାର୍ଯ୍ୟ କରିଯାଇଛନ୍ତି। ସେ ତାଙ୍କ ଶୋକସନ୍ତପ୍ତ ପରିବାର-ବର୍ଗ ଏବଂ ଅନୁଗାମୀମାନଙ୍କ ପ୍ରତି ସମବେଦନା ଜ୍ଞାପନ କରୁଛି ବୋଲି କହିଛନ୍ତି। ରାଜ୍ୟପାଳ ରଘୁବର ଦାସ ମଧ୍ୟ ଶୋକବ୍ୟକ୍ତ କରିବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ସୁରଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି ଓ ସ୍ୱର୍ଗତ ନାୟକ ଜଣେ ଲୋକପ୍ରିୟ ନେତା ଓ ଦକ୍ଷ ପ୍ରଶାସକ ଥିଲେ। ଓଡ଼ିଶାର ଉନ୍ନତି ପାଇଁ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ସୁରଙ୍କ ବିୟୋଗରେ ଶୋକବ୍ୟକ୍ତ କରିବା ସହ ପରିବାରକୁ ସାନ୍ତ୍ୱନା ପ୍ରଦାନ କରିଛନ୍ତି। ରାଜ୍ୟ ମନ୍ତ୍ରୀ ମଣ୍ଡଳର ବହୁ ସଦସ୍ୟ ଶୋକପ୍ରକାଶ କରିଥିଲେ।

**■ ସରକାରୀ ବାସଭବନକୁ ନେଇ ବିଭ୍ରାନ୍ତିକର ଖବର ପ୍ରସାରଣ**

# ନ୍ୟୁଜ୍ ଚ୍ୟାନେଲ କର୍ତ୍ତୃପକ୍ଷଙ୍କୁ ପ୍ରଣବପ୍ରକାଶଙ୍କ ଓକିଲ ନୋଟିସ

ଭୁବନେଶ୍ୱର, ୫।୭(ସମିସ): ମିଛ, ଭିତ୍ତିହୀନ ଓ ଅସମ୍ମାନଜନକ ଖବର ପରିବେଷଣ ପ୍ରତିବାଦରେ ଏକ ନିର୍ଦ୍ଦିଷ୍ଟ ଓଡ଼ିଆ ଟିଭି ଚ୍ୟାନେଲକୁ ନୋଟିସ ପଠାଇଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବପ୍ରକାଶ ଦାସଙ୍କ ଓକିଲ ତରଣୀକାନ୍ତ ମିଶ୍ର। ମିଛ ଖବର ପ୍ରସାରଣ କରି ଉଦ୍ଦେଶ୍ୟମୂଳକ ଭାବରେ ପ୍ରଣବ ପ୍ରକାଶଙ୍କ ଚରିତ୍ର ସଂହାର କରିବାକୁ ଉଦ୍ୟମ କରାଯାଇଥିବାରୁ ସମ୍ପୃକ୍ତ ଚ୍ୟାନେଲ କର୍ତ୍ତୃପକ୍ଷଙ୍କୁ ୧୫ ଦିନ ମଧ୍ୟରେ ନିସର୍ତ୍ତ କ୍ଷମାପ୍ରାର୍ଥନା କରୁ, ନଚେତ୍ ପ୍ରଣବପ୍ରକାଶ ମାନହାନୀ ମାମଲା ରୁଜୁ କରିବେ ବୋଲି ଶ୍ରୀ ମିଶ୍ର ନୋଟିସରେ ଉଲ୍ଲେଖ କରିଛନ୍ତି।

**୧୫ଦିନରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ନ କଲେ ମାନହାନୀ ମକଦ୍ଦମା**

ନୋଟିସରେ କୁହାଯାଇଛି ଯେ ଏକ ପ୍ରତିଷ୍ଠିତ ପରିବାରରୁ ଆସିଥିବା ପ୍ରଣବପ୍ରକାଶ ଦାସ ବିଜେଡିରେ ଦୀର୍ଘ ବର୍ଷ ଧରି କାମ କରିବା ସହ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି। ଗତ ୧୫ ବର୍ଷର ରାଜନୈତିକ ଜୀବନରେ ତାଙ୍କ ନାଁରେ କୌଣସି ଅଭିଯୋଗ ବି ନାହିଁ, କିନ୍ତୁ ସମ୍ପୃକ୍ତ ଚ୍ୟାନେଲ ଉଦ୍ଦେଶ୍ୟମୂଳକ ଭାବେ ପ୍ରଣବ ପ୍ରକାଶ ଦାସଙ୍କ ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିବା ପାଇଁ ଲଗାତର ମିଛ ଖବର ପରିବେଷଣ ଚଳାଇଛନ୍ତି। ସମ୍ପୃକ୍ତ ଚ୍ୟାନେଲ ପ୍ରଣବଙ୍କ ସରକାରୀ କ୍ୱାଟର୍ସ ସମ୍ପର୍କରେ ବିଭ୍ରାନ୍ତିକର ଖବର ପରିବେଷଣ କରିବା ସହ ଏହାକୁ ସାରଥୀ ଆଶ୍ରମ ସହ ତୁଳନା କରିଛି ଏବଂ ଏଥିସହ ସରକାରୀ କ୍ୱାଟର୍ସରେ ଖଟିଆ ସେବା ହେଉଥିବା ଭଳି ମିଛ ଖବର ପରିବେଷଣ କରିଛି। ଏପରିକି କ୍ୱାଟର୍ସକୁ ରଙ୍ଗଶାଳା ଓ ମଧୁଶାଳା ଭାବେ ଚିତ୍ରିତ କରି ସାଧାରଣରେ ପ୍ରଣବଙ୍କ ଭାବମୂର୍ତ୍ତି କ୍ଷୁର୍ଣ୍ଣ କରିବା ପାଇଁ ହୀନ ଉଦ୍ୟମ କରିଛି। ମିଛ ଖବର ଦ୍ୱାରା ଉଦ୍ଦେଶ୍ୟମୂଳକ ଭାବେ ପ୍ରଣବଙ୍କ ଚରିତ୍ର ସଂହାର କରିବାକୁ ଉଦ୍ୟମ ହୋଇଛି। ଏସବୁ ଖବର ପରିବେଷଣ ଦ୍ୱାରା ପ୍ରଣବଙ୍କ ସମ୍ମାନ ହାନି ହୋଇଥିବାରୁ ସମ୍ପୃକ୍ତ ଚ୍ୟାନେଲ ପରିବେଷିତ ଖବରକୁ ମିଛ ବୋଲି ସ୍ୱୀକାର କରିବାକୁ ନୋଟିସରେ କୁହାଯାଇଛି। ଏହା ସହିତ ଚ୍ୟାନେଲ କର୍ତ୍ତୃପକ୍ଷ ପ୍ରଣବଙ୍କୁ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବା ସହ ଏଭଳି ଖବର ପରିବେଷଣରୁ ନିବୃତ୍ତ ରହିବାକୁ ପ୍ରଣବପ୍ରକାଶଙ୍କ ଓକିଲ ନୋଟିସରେ ଉଲ୍ଲେଖ କରିଛନ୍ତି।

# ଶାରଦା ଓ ସଂଗ୍ରାମଜିତଙ୍କୁ କାର୍ଯ୍ୟରୁ ଅବ୍ୟାହତି

ଭୁବନେଶ୍ୱର, ୫।୭(ସମିସ): ସୁଡ଼ା ପ୍ରକଳ୍ପ ନିର୍ଦ୍ଦେଶକ ଶାରଦା ପଣ୍ଡା ଓ ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକଙ୍କୁ କାର୍ଯ୍ୟରୁ ଅବ୍ୟହତି ଦିଆଯାଇଛି। ଏହି ଦୁଇ ଅଧିକାରୀଙ୍କ ଅବସର ପରେ ରାଜ୍ୟ ସରକାର ସେମାନଙ୍କ ଦାୟିତ୍ୱ ସମ୍ପ୍ରସାରଣ କରିଥିଲେ। ସାରଦାଙ୍କ ସ୍ଥାନରେ ରବୀନ୍ଦ୍ର କୁମାର ସାହୁ ସୁଡ଼ା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ସଂଗ୍ରାମଜିତଙ୍କ ସ୍ଥାନରେ ଦେବାଶିଷ ସିଂହଙ୍କୁ ପୌର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି।

# ନଗର ଉନ୍ନୟନ ମନ୍ତ୍ରୀ ସବୁ ଉନ୍ନୟନ ପ୍ରାଧିକରଣର ଅଧ୍ୟକ୍ଷ

ଭୁବନେଶ୍ୱର, ୫।୭(ସମିସ): ଭୁବନେଶ୍ୱର, କଟକ ସମେତ ଅନ୍ୟ ୭ଟି ଉନ୍ନୟନ ପ୍ରାଧିକରଣର ଅଧ୍ୟକ୍ଷଙ୍କୁ ସରକାର ହଟାଇ ଦେବା ସହ ସେହି ସ୍ଥାନରେ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ଫଳରେ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ (ବିଡିଏ), କଟକ ଉନ୍ନୟନ ପ୍ରାଧିକରଣ(ସିଡିଏ) ବ୍ରହ୍ମପୁର ଉନ୍ନୟନ ପ୍ରାଧିକରଣ, ସମ୍ବଲପୁର ଉନ୍ନୟନ ପ୍ରାଧିକରଣ, ରାଉରକେଲା ଉନ୍ନୟନ ପ୍ରାଧିକରଣ, ପୁରୀ-କୋଣାର୍କ ଉନ୍ନୟନ ପ୍ରାଧିକରଣ, ପାରାଦୀପ ଉନ୍ନୟନ ପ୍ରାଧିକରଣ, କଳିଙ୍ଗନଗର ଉନ୍ନୟନ ପ୍ରାଧିକରଣ ଓ ତାଳଚେର-ଅନୁଗୁଳ ମେରାମୁଣ୍ଡଳୀ ଉନ୍ନୟନ ପ୍ରାଧିକରଣର ଅଧ୍ୟକ୍ଷ ଭାବେ ନଗର ଉନ୍ନୟନ ମନ୍ତ୍ରୀ କାର୍ଯ୍ୟ କରିବେ।

**୭୫ତମ ବନ ମହୋତ୍ସବ**

## ‘ଏକ ପେଡ୍ ମା’ କେ ନାମ୍’ ଅଭିଯାନରେ ଓଡ଼ିଶା ଆଗୁଆ

# ସର୍ବାଧିକ ୧.୪୮ ଲକ୍ଷ ଫଟୋ ଅପ୍‌ଲୋଡ୍

ଭୁବନେଶ୍ୱର, ୫।୭(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ସାରା ଦେଶରେ ଆରମ୍ଭ ହୋଇଥିବା ‘ଏକ ପେଡ୍ ମା କେ ନାମ୍’ ଅଭିଯାନରେ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ସର୍ବାଧିକ ୧ ଲକ୍ଷ ୪୮ ହଜାର ଫଟୋ ଅପଲୋଡ୍ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶୁକ୍ରବାର ଡୁମୁଡୁମା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୫ତମ ବନ ମହୋତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଏହି ଅଭିଯାନରେ ଜନତାଙ୍କ ସହଭାଗୀତା ଖୁବ୍ ଉତ୍ସାହଜନକ ଏବଂ ଓଡ଼ିଶାରେ ଏହା ସଫଳ ହେଉଛି। ସବୁ ରାଜ୍ୟ ମଧ୍ୟରେ ଓଡ଼ିଶା ସବୁଠାରୁ ଆଗରେ ରହିଛି। ଆମର ଲୋକସଂଖ୍ୟା ସାଢେ ଚାରି କୋଟି ହୋଇଥିବାରୁ, ଆମର ୫ଲକ୍ଷ ଗଛ ଲଗାଯିବାର ଲକ୍ଷ୍ୟ ରହିଥିବା ବେଳେ ଅତି କମ୍‌ରେ ସାଢେ ଚାରି କୋଟି ଗଛ ଲଗାଇବା ଦରକାର। ସମସ୍ତେ ଏହି ଅଭିଯାନରେ ଅଧିକରୁ ଅଧିକ ସାମିଲ ହୋଇ ଗଛ ଲଗାଇ ଫଟୋ ଅପଲୋଡ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ



ମାଝୀ ଆହ୍ୱାନ ଦେଇ ଅଭିଯାନର ସଫଳତା ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ବନ ଅଧିକାରୀ ମିଳିତ ଭାବେ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଆହୁରୀ ମଧ୍ୟ କହିଥିଲେ ଯେ, ବଜ୍ରପାତଜନିତ ଦୁର୍ଘଟଣାରୁ ଜନସାଧାରଣଙ୍କୁ ରକ୍ଷା କରିବା ପାଇଁ ବନ ବିଭାଗ ତରଫରୁ ଏ ବର୍ଷ ରାଜ୍ୟରେ ଜଙ୍ଗଲ ବ୍ଲକ ଚତୁପାର୍ଶ୍ୱରେ ୧୯ ଲକ୍ଷ ତାଳଗଛ ଲଗାଯିବାର କାର୍ଯ୍ୟକ୍ରମ ରହିଛି। ଯାହା ଆମର ବଜ୍ର କବଚ ହେବ। ପରିବେଶର ସନ୍ତୁଳନ ଆମ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ। ଆମେ ସମସ୍ତେ ସଚେତନ ହେଲେ, ପରିବେଶ ପରିବର୍ତ୍ତନକୁ ଆମେ ରୋକି ପାରିବା। ଏଥିପାଇଁ ସାଧାରଣ ଲୋକଙ୍କର ସହଯୋଗିତା ଓ ସହଭାଗିତା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ ଜଙ୍ଗଲ, ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଲେ ଯେ, ପରିବେଶର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ। ଆଧୁନିକ ଜୀବନଶୈଳୀରେ ପରିବର୍ତ୍ତନ ଓ ଜମି, ଜଳ ଓ ଜଙ୍ଗଲର ସୁରକ୍ଷା ବର୍ତ୍ତମାନ ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ। ତେଣୁ ଏଥିରେ

**ଅଭିଯାନର ସଫଳତା ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ବନ ଅଧିକାରୀଙ୍କ ମିଳିତ ପରିଚାଳନା ପାଇଁ ନିର୍ଦ୍ଦେଶ**

**ସାରା ରାଜ୍ୟରେ ପାଞ୍ଚ କୋଟି ଗଛ ଲଗାଇବାର ଲକ୍ଷ୍ୟ**

ସମସ୍ତଙ୍କ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଚଳିତ ବର୍ଷ ପଥପାର୍ଶ୍ୱ ବନୀକରଣ ଏବଂ ସହରାଞ୍ଚଳ ବନୀକରଣ ନିମନ୍ତେ ୩୦ ମାସିଆ ଚାରା ଉତ୍ପାଦନ କରାଯିବ ବୋଲି କହିଥିଲେ। ଏହି ମହୋତ୍ସବରେ ଏଥିରେ ଏକାମ୍ର ବିଧାୟକ ବାବୁ ସିଂ, ଜଙ୍ଗଲ ବିଭାଗର ବିଭାଗୀୟ ଅଧିକାରୀଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ଏହି ଅବସରରେ ନବରଙ୍ଗପୁରର ବତାସର ବନସଂରକ୍ଷଣ ସମିତି ଏବଂ ସୁନ୍ଦରଗଡ଼ର ସାଗରପାଲି ବନସଂରକ୍ଷଣ ସମିତିକୁ ‘ରାଜ୍ୟ ସ୍ତରୀୟ ବିଜୁ ପଟ୍ଟନାୟକ ପୁରସ୍କାର’ ପ୍ରଦାନ କରାଯାଇଥିଲା। ଉଭୟ ଅନୁଷ୍ଠାନଙ୍କୁ ୧ ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ୭୫ତମ ବନ ମହୋତ୍ସବ ୨୦୨୪ ନାମକ ଏକ ପୁସ୍ତିକା ଉନ୍ମୋଚନ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଯାଇଥିଲା। ପ୍ରାରମ୍ଭରେ ପ୍ରଧାନ ମୁଖ୍ୟ ମନସଂରକ୍ଷକ ଦେବୀଦତ୍ତ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ଅଶ୍ୱିନୀ କର ଦନ୍ୟବାଦ ଅର୍ପଣ କରିଥିଲେ।

**■ ଘର ଛାତ ମାପଚୁପ୍ ବେଳେ ଅଘଟଣ**

# ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ୍ୟୁ

ଆନନ୍ଦପୁର, ୫।୭(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରାଞ୍ଚଳ ଫକୀରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଛକରେ ଥିବା ଶିକ୍ଷକ ଭୀମସେନ ଦାସଙ୍କ ଘର ଉପରେ ଚଢ଼ି ଛାତ ମାପଚୁପ୍ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଶ୍ରମିକର ମୃତ୍ୟୁ। ମୃତ ଶ୍ରମିକ ହେଲେ ଫକୀରପୁର ଗ୍ରାମର ରାଜେଶ ରଣା। ଆଜି ଶିକ୍ଷକ ଭୀମସେନ ଦାସ ତାଙ୍କର ଦୁଇମହଲା ଘରର ଛାତ ପଡ଼ିବା ପାଇଁ ସେଣ୍ଟ୍ରିଂ କାମରେ ରାଜେଶକୁ ନିୟୋଜିତ କରିଥିଲେ।

**ଶିକ୍ଷକଙ୍କ ନାଁରେ ଥାନାରେ ଏତଲା**

**ମୃତଦେହ ରଖି ରାସ୍ତା ଅବରୋଧ**

**ଆନନ୍ଦପୁର-ଭଦ୍ରକ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ**

ତେବେ ସେ ଛାତ ଛପରେ ଚଢି ମାପଚୁପ୍ କରୁଥିବା ବେଳେ ଅସାବଧାନତା ବଶତଃ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯିବାରୁ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଲୋକ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ତେବେ ଏ ନେଇ ପରିବାର ଲୋକ ଭୀମସେନଙ୍କୁ ଦାୟୀ କରିଛନ୍ତି। ୧୧ କେଭି ତାରଠାରୁ ୩ ମିଟର ଦୂରରେ ଘର କରିବାକୁ ନିୟମ ଥିବା ବେଳେ ୧୧ କେଭିର ମାତ୍ର ଦୁଇଫୁଟ ଛାଡ଼ି ଘର ନିର୍ମାଣ କରୁଥିବାରୁ ଏପରି ଅଘଟଣ ଘଟିଲା ବୋଲି ପରିବାରବର୍ଗ ଅଭିଯୋଗ କରିଛନ୍ତି। ମୃତ ଯୁବକ ପରିବାରର ଏକମାତ୍ର ରୋଜଗାରକ୍ଷମ ହୋଇଥିବାରୁ ପରିବାର ବର୍ଗଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଲୋକେ ଦାବି କରିଛନ୍ତି। ପରିବାର ଲୋକ ମୃତଦେହ ରଖି ଆନନ୍ଦପୁର-ଭଦ୍ରକ ରାସ୍ତାକୁ ଅବରୋଧ କରିବାରୁ ଦୀର୍ଘ ସମୟ ଧରି ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ଖବରପାଇ ପୁଲିସ ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା, ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ, ତହସିଲଦାର ସଂଗ୍ରାମ କେଶରୀ ଭଳ, ଘସିପୁର ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ସହିତ ଆଲୋଚନା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷରେ ଏନେଇ ଟିପିଏନ୍‌ଡିଓଏଲ୍‌ର କନିଷ୍ଠ ଯନ୍ତ୍ରୀ ବିଶ୍ୱଜିତ ଆଇଚ ଶିକ୍ଷକଙ୍କ ନାମରେ ଆନନ୍ଦପୁର ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି। ତଦନ୍ତ ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ କହିଛନ୍ତି।

ଆମେ ଗର୍ବିତ ଯେ ଇଂଲଣ୍ଡର ସଂସଦୀୟ ପରମ୍ପରା ଅତି ପ୍ରାଚୀନ! ପ୍ରକୃତରେ, ଇଂଲଣ୍ଡ ସଂସଦୀୟ ବ୍ୟବସ୍ଥାର ଜନନୀ!
-ଜନ୍ ବ୍ରାଇଟ୍ (ବ୍ରିଟିଶ୍ ରାଜନେତା ଓ ସଂସ୍କାରକ)

ସକାଳ
THE SAKALA

## ବ୍ରିଟେନ୍‌ରେ ଶାସନ କ୍ଷମତା ପରିବର୍ତ୍ତନ

# ୧୪ ବର୍ଷ ପରେ ଲେବର ପାର୍ଟିର ବିପୁଳ ବିଜୟ

ବ୍ରିଟେନ୍‌ର ସାଧାରଣ ନିର୍ବାଚନ ଫଳାଫଳ ସମଗ୍ର ୟୁରୋପରେ ଏକ ବ୍ୟତିକ୍ରମ ଆଣିଛି। ୟୁରୋପୀୟ ସଂଘ ଅଧୀନସ୍ଥ ଦେଶମାନଙ୍କ ମଧ୍ୟରୁ ଅଧିକାଂଶ ରାଷ୍ଟ୍ରରେ ରକ୍ଷଣବାଦୀ ଓ ଦକ୍ଷିଣ ପନ୍ଥୀମାନଙ୍କର ବିଜୟ ଘଟୁଥିବା ବେଳେ ବ୍ରିଟେନ୍‌ରେ ଭାରତୀୟ ବଂଶୋଦ୍ଭବ ଋଷି ସୁନକଙ୍କ ନେତୃତ୍ୱରେ ପରିଚାଳିତ ଟୋରି (କନ୍‌ଜରଭେଟିଭ୍) ଦଳ ଅତି ଖରାପ ଜନସମର୍ଥନ ପାଇ କ୍ଷମତାଚ୍ୟୁତ ହୋଇଛି। ଏଥିସହିତ ଶାସକ କନ୍‌ଜରଭେଟିଭ୍ ପାର୍ଟିର ଦୀର୍ଘ ୧୪ ବର୍ଷର ଶାସନର ଅନ୍ତ ଘଟିଛି ଏବଂ ଲେବର ପାର୍ଟି (ଶ୍ରମିକ ଦଳ) ବିପୁଳ ବିଜୟ ସହିତ କ୍ଷମତାକୁ ଫେରିଛି।

ଏ ଆଲେଖ୍ୟ ଲେଖା ହେବା ବେଳକୁ ମୋଟ୍ ୬୫୦ ଆସନ ବିଶିଷ୍ଟ ବ୍ରିଟିଶ ନିମ୍ନ ସଦନ 'ହାଉସ୍ ଅଫ୍ କମନ୍ସ'ରେ ଲେବର ପାର୍ଟିକୁ ଆବଶ୍ୟକ ୩୨୬ ଆସନର ସଂଖ୍ୟା ଗରିଷ୍ଠତା ମିଳି ସାରିଲାଣି ଏବଂ ଦଳର ଅନେକ ପ୍ରାର୍ଥୀ ବହୁ ଆସନରେ ଆଗୁଆ ଅଛନ୍ତି। ଦଳକୁ ୪୧୦ ଆସନ ମିଳିବା ପ୍ରାୟ ନିଶ୍ଚିତ ବୋଲି ନିର୍ବାଚନ ସମୀକ୍ଷକମାନେ ମତ ଦେଇଛନ୍ତି। ଏହି ନିର୍ବାଚନରେ ପ୍ରଧାନମନ୍ତ୍ରୀ ଋଷି ସୁନକ ଜିତିଯାଇଥିଲେ ମଧ୍ୟ ତାଙ୍କ ମନ୍ତ୍ରିମଣ୍ଡଳର ଅଧିକାଂଶ ସଦସ୍ୟ ପରାସ୍ତ ହୋଇଛନ୍ତି। ସୁନକ ତାଙ୍କ ଦଳର ପରାଜୟକୁ ସ୍ୱୀକାର କରିବା ସହ ବିପୁଳ ବିଜୟ ପାଇଁ ଲେବର ପାର୍ଟିର ମୁଖ୍ୟ କେର୍ ଷ୍ଟାରମ୍‌ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଷ୍ଟାରମ୍‌ରଙ୍କ ସାଂଗଠନିକ ଦକ୍ଷତା, ନେତୃତ୍ୱ ଓ କଠୋର ପରିଶ୍ରମ ପାଇଁ ଲେବର ପାର୍ଟି ଐତିହାସିକ ବିଜୟ ହାସଲ କରିଛି। ଲେବର ପାର୍ଟି ପାଇଁ ଏହି ବିଜୟ ଐତିହାସିକ ଏଇଥି ପାଇଁ ଯେ ଅତୀତରେ କନ୍‌ଜରଭେଟିଭ୍ ପାର୍ଟି କୌଣସି ସାଧାରଣ ନିର୍ବାଚନରେ ଏତେ ଖରାପ ପ୍ରଦର୍ଶନ କରିନଥିଲା।

ସାଧାରଣ ନିର୍ବାଚନରେ ବିଜୟ ଶ୍ରେୟ କେବଳ ରାଜନୈତିକ ନେତାଙ୍କୁ ଯାଏ ନାହିଁ। ବିଭିନ୍ନ କାରଣ ପାଇଁ ଶାସକ ଦଳ ମଧ୍ୟ ପରାଜିତ ହୋଇଥାଏ ଏବଂ ବିପକ୍ଷ ପାଇଁ ଏକ ବିଜୟର ସୁଯୋଗ ସୃଷ୍ଟି ହୁଏ। ବ୍ରିଟେନ୍‌ରେ ଠିକ୍ ସେୟା ହୋଇଛି। ସୁନକ ସରକାର ହାରିବାର ଯେଉଁ ପ୍ରମୁଖ କାରଣ ରାଜନୈତିକ ବିଶ୍ଳେଷକମାନେ ନିର୍ଣ୍ଣୟ କରିଛନ୍ତି, ସେଥିରେ ରହିଛି ମାତ୍ରାଧିକ ମୁଦ୍ରାସ୍ଫୀତି ଓ ଲୋକଙ୍କ ଜୀବନଧାରଣର ଖର୍ଚ୍ଚ ଆକାଶଛୁଆଁ ହେବା, ଦେଶର ଅର୍ଥନୈତିକ ମାନ୍ଦାବସ୍ଥା ଓ ବେକାରୀ, ସ୍ୱାସ୍ଥ୍ୟ ସେବା ସମେତ ଲୋକଙ୍କୁ ମୌଳିକ ସେବା ଯୋଗାଣରେ ସରକାରୀ ବିଫଳତା, ଦଳ ମଧ୍ୟରେ ତୀବ୍ର ଗୋଷ୍ଠୀକନ୍ଦଳ, ପ୍ରବାସନ ବା ଇମିଗ୍ରେସନ ସଂକଟ ଏବଂ ସର୍ବୋପରି ଜଣେ ଧନାଢ୍ୟ ପ୍ରଧାନମନ୍ତ୍ରୀ ଭାବେ ସୁନକଙ୍କ ପରିଚୟ ଅଥଚ ଭୋଟରଙ୍କୁ ଆକର୍ଷିତ କରିବାର ବିଫଳତା। ଏସବୁ କାରଣ ମିଶି କନ୍‌ଜରଭେଟିଭ ପାର୍ଟି ବିରୋଧରେ ଏକ ସରକାର ବିରୋଧୀ ଜନମତ ସୃଷ୍ଟି ହୋଇଥିଲା, ଯାହା ନିର୍ବାଚନରେ ଲେବର ପାର୍ଟିର ବିଜୟରେ ସହାୟକ ହେଲା।

ଗୋଟିଏ ସରକାର କ୍ରମାଗତ ୧୪ ବର୍ଷ କ୍ଷମତାରେ ରହିଲେ ତା' ବିରୋଧରେ ଏକ ପ୍ରତିକୂଳ ଜନମତ ସୃଷ୍ଟି ହୁଏ ଏବଂ ତାହା ଅସ୍ୱାଭାବିକ ନୁହେଁ। ସୁନକ କିନ୍ତୁ ସେହି ସରକାରୀ ବିରୋଧୀ ଜନମତ (ଆଣ୍ଟି ଇନ୍‌କମ୍ବାନ୍ସି)କୁ ପ୍ରତିହତ କରିବାରେ ସଫଳ ହେଲେ ନାହିଁ। ଏହି ବିଫଳତା ପଛରେ ବହୁଦା ବିଭକ୍ତ ଦଳ ଓ ଦେଶର ଖରାପ ଅର୍ଥନୈତିକ ସ୍ଥିତିକୁ ଅଧିକ ଦାୟୀ କରାଯାଉଛି। ଏବେ ଭାରତଠାରୁ ବ୍ରିଟେନ୍ ଯାଏଁ ସବୁ ସଂସଦୀୟ ଗଣତନ୍ତ୍ରରେ ଗୋଟିଏ କଥା ସ୍ପଷ୍ଟ ହୋଇଯାଉଛି ଯେ ଯେଉଁ ସରକାର ଲୋକଙ୍କ କାମ କରୁନାହିଁ ଏବଂ ମୌଳିକ ଆଶା ଆକାଂକ୍ଷା ପୂରଣ କରିବାରେ ବିଫଳ ହେଉଛି, ନିର୍ବାଚନରେ ଭୋଟରମାନେ ତା'କୁ ପ୍ରତ୍ୟାଖ୍ୟାନ କିମ୍ବା କୋଣଠେସା କରୁଛନ୍ତି। ସ୍ୱାସ୍ଥ୍ୟସେବା, ଖାଦ୍ୟ ନିରାପତ୍ତା, ଦରଦାମ ଉପରେ ନିୟନ୍ତ୍ରଣ, ଲୋକଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଣ ଏବଂ ରୋଜଗାର ସୁବିଧା ପ୍ରଦାନ ଏବେ ଭୋଟରଙ୍କର ପ୍ରଥମ ଆବଶ୍ୟକତା ପାଲଟିଛି। ଆହୁରି ମଧ୍ୟ କୌଣସି ଦେଶ ବାହାର ଦେଶରୁ ଶ୍ରମିକ, ବୃତ୍ତିଜୀବୀ, କର୍ମଚାରୀ, ସେବା ଯୋଗାଣକାରୀ ଓ ଶରଣାର୍ଥୀ ନିଜ ଦେଶକୁ ଅଧିକ ଆସନ୍ତୁ ଏକଥା ଚାହୁଁ ନାହାନ୍ତି। ନିଜ ଦେଶ ପ୍ରଥମେ ନିଜ ନାଗରିକଙ୍କ ପାଇଁ ଏବଂ ଦେଶର ଅର୍ଥନୀତି ଉପରେ ଅନାବଶ୍ୟକ ବାହ୍ୟ ଚାପକୁ ଭୋଟର ବିରୋଧ କରୁଛନ୍ତି। ତେଣୁ ଇମିଗ୍ରେସନ ନୀତି ବ୍ରିଟେନ୍‌ର ଏହି ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିଛି।

ଲେବର ପାର୍ଟି ସ୍ୱଭାବତଃ ଉଦାର ଏବଂ ଶ୍ରମିକ, କର୍ମଚାରୀ ଓ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ କାମ କରିଥାଏ। ଯେତେବେଳେ କ୍ରମାଗତ ଭାବେ ତିନିଟି ପାଳି କନ୍‌ଜରଭେଟିଭ୍ ଦଳ କ୍ଷମତାରେ ରହି ଦେଶର ଓ ଜନତାଙ୍କର ମୌଳିକ ସମସ୍ୟା ସମାଧାନ କରିବାରେ ବିଫଳ ହେଲା, ସେତେବେଳେ ଭୋଟର ବିରୋଧୀ ଲେବର ପାର୍ଟିକୁ ସମର୍ଥନ ଜଣାଇଲେ। ଆଉ ଗୋଟେ ବଡ଼କଥା ହେଉଛି ଋଷି ସୁନକଙ୍କ ପ୍ରସଙ୍ଗ। ସେ ମୂଳ ବ୍ରିଟିଶ ନାଗରିକ ନୁହନ୍ତି। ସେ ଜଣେ ହିନ୍ଦୁ ଓ ଭାରତୀୟ ମୂଳର। ତାଙ୍କ ଶଶୁର ଇନ୍‌ଫୋସିସ୍‌ର ମାଲିକ ନାରାୟଣ ମୂର୍ତ୍ତି ବିଶ୍ୱର ଅନ୍ୟତମ ଧନୀ ବ୍ୟକ୍ତି। ସୁନକଙ୍କ ପତ୍ନୀ ଓ ପରିବାରର ମଧ୍ୟ ବ୍ରିଟେନ୍‌ରେ ଭଲ ବ୍ୟବସାୟ ଓ ପୁଞ୍ଜି ନିବେଶ ରହିଛି। ଦେଶର ନିମ୍ନଗାମୀ ଅର୍ଥ ବ୍ୟବସ୍ଥାକୁ ସୁଧାରିବାରେ ଏହି ଧନାଢ୍ୟ ପରିବାର ନିଜର ପୁଞ୍ଜି ନିବେଶ ଓ ବିତ୍ତୀୟ ପରିଚାଳନା ମାଧ୍ୟମରେ ସହାୟକ ହେବ ବୋଲି ଯେଉଁ ଆଶା କରାଯାଉଥିଲା, ତାହା ବିଫଳ ହୋଇଥିଲା। ଦଳ ଭିତରେ ଗୋଷ୍ଠୀ ବିବାଦ ଓ ସୁନକଙ୍କ ଜାତିଗତ ପରିଚୟକୁ ନେଇ କନ୍ଦଳ ଥିଲା। ରକ୍ଷଣଶୀଳ ବ୍ରିଟିଶରମାନେ ଜଣେ ଭାରତୀୟ ମୂଳର ପ୍ରଧାନମନ୍ତ୍ରୀଙ୍କୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିଲେ, ଯଦିଓ ଦେଶର ସାମ୍ବିଧାନିକ ବିଧିବ୍ୟବସ୍ଥାରେ ଏପରି କିଛି ପ୍ରତିବନ୍ଧକ ନଥିଲା। ସୁତରାଂ ସୁନକଙ୍କ ପରାଜୟ ଅବଧାରିତ ଥିଲା। ଏବେ କନ୍‌ଜରଭେଟିଭ୍ ପାର୍ଟି ନିଜକୁ ପୁନର୍ବାର ସଂଗଠିତ ଓ ମଜଭୁତ କରିବାକୁ ଏକ ସୁଯୋଗ ପାଇବ ଓ ପରାଜୟରୁ ଶିକ୍ଷା ଲାଭ କରିବ।

ବ୍ରିଟେନ୍‌ରେ ଏହି ସତ୍ତା ପରିବର୍ତ୍ତନ ସହିତ ଭାରତର ସ୍ୱାର୍ଥ ଜଡ଼ିତ। ବ୍ରିଟେନ୍ ବିଶ୍ୱର ଅନ୍ୟତମ ପ୍ରମୁଖ ଆର୍ଥିକ ରାଜଧାନୀ ଏବଂ ଅଧିକାଂଶ ନିବେଶ ଓ ଆର୍ଥିକ କାରବାରର କେନ୍ଦ୍ର। ଭାରତୀୟ ବାଣିଜ୍ୟ ବ୍ୟବସାୟର ସୁରକ୍ଷା ପାଇଁ ଏକ ଅନୁକୂଳ ବ୍ରିଟିଶ ଶାସନର ଆବଶ୍ୟକତା ରହିଛି। ଭାରତ-ବ୍ରିଟେନ୍ ସମ୍ପର୍କ ଦୀର୍ଘକାଳ ଧରି ମୋଟାମୋଟି ଭଲ ଅଛି। କନ୍‌ଜରଭେଟିଭ୍ ଶାସନ କାଳ, ବିଶେଷତଃ ସୁନକଙ୍କ ଶାସନ କାଳରେ ଏହା ଭଲ ଥିଲା। ଭାରତ ସହିତ ସୁନକଙ୍କ ପାରିବାରିକ ଭାବଗତ ସମ୍ପର୍କ ଏବଂ ଜାତିଗତ ପରିଚୟ ଏହି ପ୍ରକ୍ରିୟାକୁ ଅଧିକ ଦୃଢ଼ କରିଥିଲା। ଏବେ ଲେବର ପାର୍ଟି ଶାସନରେ ଦ୍ୱିପାକ୍ଷିକ ସ୍ୱାର୍ଥ ଓ ବାଣିଜ୍ୟିକ ତଥା କୂଟନୈତିକ ଦୃଷ୍ଟିକୋଣରୁ ଭାରତ-ବ୍ରିଟେନ୍ ସମ୍ପର୍କ ବିଶେଷ ପ୍ରଭାବିତ ହେବାର ସମ୍ଭାବନା କ୍ଷୀଣ। ଏବେ ବ୍ରିଟେନ୍‌ର ଯେଉଁ ଅର୍ଥନୈତିକ ସଂକଟ ଓ ଅନ୍ୟାନ୍ୟ ସମସ୍ୟା ସୃଷ୍ଟି ହୋଇଛି, ତାହାର ସମାଧାନ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧିଶୀଳ ଭାରତ ସମୟୋଚିତ ସାହାଯ୍ୟ ଓ ପରାମର୍ଶ ଦେଇପାରିବ। ତେଣୁ ବ୍ରିଟେନ୍‌ର ନୂଆ ସରକାର ଭାରତ ସହିତ ସୁ-ସମ୍ପର୍କ ରଖିବାକୁ ଅବଶ୍ୟ ଅଗ୍ରାଧିକାର ଦେବ।

ଗଣତନ୍ତ୍ରରେ ଜନତା ସର୍ବଶକ୍ତିମାନ। ସେମାନେ ନିର୍ବାଚନରେ ଉଚିତ ନିଷ୍ପତ୍ତି ନେଇଥା'ନ୍ତି। ଯେଉଁ ଦଳ ପ୍ରତ୍ୟାଖ୍ୟାତ ହୁଏ, ସେ ଦଳ ପରାଜୟର ଆତ୍ମସମୀକ୍ଷା କରି ନିଜକୁ ପ୍ରସ୍ତୁତ କରିବା ଯେତିକି ଆବଶ୍ୟକ, ନିର୍ବାଚିତ ସରକାର ମଧ୍ୟ ଜନତାଙ୍କ ଆଶା ଆକାଂକ୍ଷାକୁ ଭଲ ଭାବେ ବୁଝି ତାହା ପୂରଣ କରିବାକୁ ପ୍ରୟାସ କରିବା ସେତିକି ଜରୁରୀ। କୁହାଯାଏ, ଲୋକେ ସେହି ସରକାରକୁ ଜୟମାଲ୍ୟ ପିନ୍ଧାନ୍ତି, ଯିଏ ଶୃଙ୍ଖଳିତ ଭାବେ କାମ କରି ଜନତାଙ୍କ ଆଶାଆକାଂକ୍ଷା ପୂରଣ କରେ। ଏଥିରେ ସରକାରଙ୍କ ବାକ୍‌ଚାତୁରି ବା ଶସ୍ତା ବିଜ୍ଞାପନ କିଛି ପ୍ରଭାବ ପକାଏ ନାହିଁ। ଲେବର ପାର୍ଟିର ଏହି ବିପୁଳ ବିଜୟ ପାଇଁ ଭାବି ପ୍ରଧାନମନ୍ତ୍ରୀ କେର୍ ଷ୍ଟାରମରଙ୍କୁ ଅଭିନନ୍ଦନ।

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ମହାତ୍ମାଙ୍କ ଦୃଷ୍ଟିରେ ଉତ୍କଳମଣି



**ପ୍ରହଲାଦ କୁମାର ସିଂହ**
ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମହାପ୍ରୟାଣର ୯୬ ବର୍ଷ ପରେ ବି ଓଡ଼ିଆ ଜାତି ସେହି ପୁଣ୍ୟାତ୍ମାଙ୍କୁ ଝୁରୁଛି ଏବଂ ଯେତେଦିନ ପର୍ଯ୍ୟନ୍ତ ଏ ଜାତି ରହିଥିବ ସେତେଦିନ ପର୍ଯ୍ୟନ୍ତ କୃତଜ୍ଞତାର ସହିତ ତାଙ୍କୁ ସ୍ମରଣ କରି ଚାଲିଥିବ। ସେବା, ସଂଗ୍ରାମ, ସମର୍ପଣ, ସତ୍ୟାଗ୍ରହ, ସଂକଳ୍ପ, କରୁଣା ଓ ତ୍ୟାଗର ପ୍ରତୀକ ଥିଲେ ଦାସେ ଆପଣେ। ମାତ୍ର ୫୧ବର୍ଷ ବୟସରେ ତାଙ୍କର ପବିତ୍ର କର୍ମମୟ ଜୀବନର ଅବସାନ ଘଟିଥିଲା କର୍ମଭୂମି ସାକ୍ଷୀଗୋପାଳର ସତ୍ୟବାଦୀ ବିଦ୍ୟାଳୟ ପରିସରରେ।

ମହାମାନବ ମହାତ୍ମା ଗାନ୍ଧୀଙ୍କଠାରୁ ଉତ୍କଳମଣି ଥିଲେ ବୟସରେ ପ୍ରାୟ ୮ବର୍ଷ ସାନ। ଉଭୟେ ଉଭୟଙ୍କୁ ସ୍ନେହ, ଶ୍ରଦ୍ଧା ଓ ସମ୍ମାନ କରୁଥିଲେ। ଦୁର୍ଭିକ୍ଷ ପ୍ରପୀଡ଼ିତ ଲୋକଙ୍କ ସେବା କରିବା କ୍ଷେତ୍ରରେ ଗୋପବନ୍ଧୁ ଯେପରି ସମର୍ପିତ ହୋଇ କାମ କରୁଥିଲେ ଏବଂ 'ସ୍ୱରାଜ' ସଂଗ୍ରାମକୁ ଓଡ଼ିଶାରେ ବ୍ୟାପକ କରିବା ପାଇଁ ଲାଗିଥିଲେ, ତାହା ଥିଲା ଅନନ୍ୟ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଚାଲିଥିବା ଆନ୍ଦୋଳନର ସେ ବି ଥିଲେ ଅନ୍ୟତମ କର୍ଣ୍ଣଧାର। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଅସ୍ମିତାର ସମୃଦ୍ଧି ଲାଗି ସେ ମଧ୍ୟ ଯେ କୌଣସି ଆହ୍ୱାନକୁ ହସିହସି ଗ୍ରହଣ କରୁଥିଲେ। ପାଠ ପଢ଼ିବା ବୟସରେ ଗାଁ ପାଖ ଭାର୍ଗବୀ ନଦୀ ତଟବର୍ତ୍ତୀ ଶ୍ମଶାନ ଘାଟ ନିକଟରେ ସତୀର୍ଥମାନଙ୍କ ସହ ସେ ଶପଥ ନେଇଥିଲେ, ଜନ୍ମବେଳେ ଦେଶ ମାତୃକାକୁ ଯାହା ଦେଖିଥିଲେ ତାହାଠାରୁ ଭଲ ଦେଖି ମାରିବାକୁ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରାୟ ୧୫ବର୍ଷ ପୂର୍ବରୁ ଗାନ୍ଧିଜୀ ଓଡ଼ିଶାକୁ ଜାତୀୟସ୍ତରରେ ସ୍ୱତନ୍ତ୍ର ପରିଚିତି ଦେବା ପାଇଁ ଗଠନ କରାଇଥିଲେ ଗୋପବନ୍ଧୁଙ୍କ ଅଧକ୍ଷତାରେ 'ଉତ୍କଳ ପ୍ରଦେଶ କଂଗ୍ରେସ କମିଟି'। ଗୋପବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଓଡ଼ିଶାରେ ଗାନ୍ଧିଜୀଙ୍କ ପ୍ରଥମ ସପ୍ତାହବ୍ୟାପୀ ଗସ୍ତ ଆରମ୍ଭ ହୋଇଥିଲା ୧୯୨୧ ମାର୍ଚ୍ଚ ୨୩ ତାରିଖରେ। ସତ୍ୟାଗ୍ରହ ସଂଗ୍ରାମର ପବିତ୍ର ଧାରାକୁ ଉତ୍କଳ ମାଟିରେ ପ୍ରବାହିତ କରିବା କ୍ଷେତ୍ରରେ ଭଗୀରଥଙ୍କ ଭୂମିକା ନେଇଥିଲେ ଗୋପବନ୍ଧୁ।

ପ୍ରଥମ ଓଡ଼ିଶା ଗସ୍ତ ପରେ ଗାନ୍ଧିଜୀ ୧୩/୦୪/୧୯୨୧ରେ 'ୟଙ୍ଗ ଇଣ୍ଡିଆ' ପତ୍ରିକାରେ ଗୋପବନ୍ଧୁଙ୍କ ଭୂୟସୀ ପ୍ରଶଂସା କରି ଲେଖିଥିଲେ ଯେ ତାଙ୍କ ଭଳି କିଛି ସାଧୁକର୍ମୀ ମିଳିଗଲେ ବର୍ଷକ ଭିତରେ 'ସ୍ୱରାଜ' ଆସିଯିବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ରହିଛି। ସେତେବେଳେ 'ନବଜୀବନ' ପତ୍ରିକାରେ ଅନ୍ୟ ଏକ ଆଲେଖ୍ୟରେ ଗାନ୍ଧିଜୀ ପୁଣି ଲେଖିଛନ୍ତି, 'ପ୍ରକୃତିର କ୍ରୋଧ ହେତୁ ଓଡ଼ିଶାର ଲୋକେ ଦୁଃଖ ପାଉଛନ୍ତି। କେତେବେଳେ ବର୍ଷା ଅଭାବରୁ ଫସଲ ହେଉନାହିଁ ତ ଆଉ କେତେବେଳେ ଅତ୍ୟଧିକ ବୃଷ୍ଟିପାତ ଯୋଗୁଁ ବନ୍ୟାରେ ଫସଲ ଓ ଘରଦ୍ୱାର ଧୋଇ ଯାଉଛି। ଏମିତି ଏକ ଭଗବାନଙ୍କ ପରିତ୍ୟକ୍ତ ଅଞ୍ଚଳରେ ଜଣେ ପ୍ରକୃତ ନେତା ଅଛନ୍ତି, ସେ ହେଉଛନ୍ତି ଗୋପବନ୍ଧୁ ଦାସ... I... ଗୋପବନ୍ଧୁ ଓ ତାଙ୍କ ସହକର୍ମୀମାନେ ପୂର୍ବରୁ ଖାଦ୍ୟରେ କେତେ ଟୋପା ଘିଅ ଖାଉଥିଲେ, ଅସହଯୋଗ ଆନ୍ଦୋଳନ ଆରମ୍ଭ ହେବା ପରେ ସେମାନେ ତାହା ଛାଡ଼ି ଦେଇଛନ୍ତି। ଆମ ଦେଶରେ ଏପରି କ୍ୱଚିତ ଲୋକ ଥିବେ ଯେଉଁମାନେ ସ୍ୱେଚ୍ଛାକୃତ ଭାବେ ଏତେ ଦୁଃଖରେ ବଞ୍ଚିଥିବେ। ମୁଁ ପଚାରିଥିଲି ଯେ ଏଭଳି ଖାଦ୍ୟ ଖାଇ ରହିଲେ ସ୍ୱାସ୍ଥ୍ୟହାନି ଘଟିବ ନାହିଁ କି? ଏହାର ଉତ୍ତରରେ ଗୋପବନ୍ଧୁବାବୁ କହିଥିଲେ ଯେ ଏ ପ୍ରକାରର ଦୈନ୍ୟ ଓ ଅଭାବ 'ସ୍ୱରାଜ' ପାଇଁ ମାନିନେବା କ'ଣ ଉଚିତ୍ ନୁହେଁ। ମୁଁ ଚୁପ୍ ହୋଇଗଲି। ଯେତେବେଳେ ଜଣେ ଲୋକ କୌଣସି ଦୁଃଖଯନ୍ତ୍ରଣାର ସମ୍ମୁଖୀନ ହୁଏ, ସେ ଜାଣିପାରେ ନାହିଁ ଭଗବାନ ତା'କୁ ତାହା ସହିବାର କେତେ ଶକ୍ତି ଦିଅନ୍ତି।' ଗାନ୍ଧିଜୀ ଆହୁରି ଲେଖିଥିଲେ, 'ସାଧାରଣ ଜନତାଙ୍କ ସ୍ୱାର୍ଥ ଲାଗି ଗୋପବନ୍ଧୁବାବୁ ବିହାର-ଓଡ଼ିଶା କାଉନ୍‌ସିଲର୍ ସଭ୍ୟପଦ ସହିତ ଓକିଲାତି ବୃତ୍ତି ବି ଛାଡ଼ି ଦେଇଥିଲେ ଏବଂ ବ୍ରିଟିଶ ସରକାରର ଅନୁକମ୍ପା ନନେଇ ତାଙ୍କର ପ୍ରାଣଠାରୁ ଅଧିକ ପ୍ରିୟ ସତ୍ୟବାଦୀ ବନବିଦ୍ୟାଳୟକୁ ବାଜି ଲଗାଇ ଦେଇଥିଲେ।'

ଗୋପବନ୍ଧୁ ଓ ତାଙ୍କ ପ୍ରତିଷ୍ଠିତ 'ସମାଜ'କୁ ଦବାଇ ରଖିବା ପାଇଁ ସରକାରୀ ସ୍ତରରେ ଷଡ଼ଯନ୍ତ୍ର ଚାଲିଥିବା ବେଳେ ଏ ପ୍ରସଙ୍ଗରେ ସେ ଗାନ୍ଧୀଙ୍କ ପରାମର୍ଶ ଲୋଡ଼ିଥିଲେ। ଏକ ତାରବାର୍ତ୍ତାରେ ୧୯୨୧ ଅକ୍ଟୋବର ୮ ତାରିଖରେ ଗୋପବନ୍ଧୁଙ୍କୁ ଗାନ୍ଧୀ କହିଥିଲେ, 'କେବଳ ନିର୍ଭୀକ ଓ ସତ୍ୟ ବିବୃତି ଦିଅନ୍ତୁ। ପରିଣାମକୁ ଖାତିର କରନ୍ତୁ ନାହିଁ।' ସତକୁ ସତ ସମାଜ ସମ୍ପାଦକ ଗୋପବନ୍ଧୁଙ୍କ ବିରୋଧରେ ଏକ ଫୌଜଦାରୀ ମାମଲା ରୁଜୁ କରାଯାଇ ତାଙ୍କୁ ଖୋରଧା ଜେଲ୍‌ରେ ବନ୍ଦୀ କରି ରଖାଯାଇଥିଲା। ସେ ଜାମିନରେ ନଯାଇ ଓଲଟା ତାଙ୍କ ଭଳି ଜଣେ ସତ୍ୟାଗ୍ରହୀଙ୍କୁ କଠୋରରୁ କଠୋରତମ ଦଣ୍ଡବିଧାନ କରିବା ପାଇଁ ବିଚାରପତିଙ୍କୁ ଆହ୍ୱାନ ଦେଇଥିଲେ। ତେବେ ସ୍ୱାଧୀନଚେତା ବିଚାରପତି ଜଣକ ଏହି ମାମଲାରେ ଗୋପବନ୍ଧୁଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେଇଥିଲେ ଏବଂ ଯେଉଁ ସରକାର ବିଚାର ବିଭାଗର ନିରପେକ୍ଷତାକୁ ପ୍ରଭାବିତ କରିବା ପାଇଁ ଚାପ ପ୍ରୟୋଗ କରନ୍ତି ସେହି ସରକାରରେ ସେ କାମ କରିବାକୁ ଉଚିତ୍ ନମଣି ବିଚାରପତି ପଦବୀରୁ ବି ଇସ୍ତଫା ଦେଇଥିଲେ। ଏହି ବିଚାରପତି ଜଣକ ଥିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ବଡ଼ଭାଇ ସୁରେଶ ଚନ୍ଦ୍ର ବୋଷ। ଏଠାରେ ଉଲ୍ଲେଖନୀୟ ଯେ ଏହାପରେ ମହାତ୍ମା ଗାନ୍ଧୀଙ୍କ ବିରୋଧରେ ବି ମାମଲା ରୁଜୁ କରାଯାଇ ତାଙ୍କୁ ୬ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା।

ଗାନ୍ଧୀ ଓ ଗୋପବନ୍ଧୁଙ୍କ ଭିତରେ ବହୁ ପତ୍ର ବିନିମୟ ହୋଇଛି। ଏ ସବୁ ଏବେ ଇତିହାସର ଦସ୍ତାବିଜ ଭାବେ 'କଲେକ୍ଟେଡ୍ ୱାର୍କ୍ସ ଅଫ୍ ମହାତ୍ମା ଗାନ୍ଧୀ'ରେ ସଂରକ୍ଷିତ ହୋଇ ରହିଛି। ଏଥିରୁ ଗୋଟିଏ ଚିଠିରେ ଗୋପବନ୍ଧୁଙ୍କୁ ଗାନ୍ଧୀ ଲେଖିଛନ୍ତି, 'ଭୂତର ଆଦେଶ ପରି ଓଡ଼ିଶା ମୋ ମନକୁ ଆଚ୍ଛନ୍ନ କରି ରଖିଛି। ଏପରି ଏକ ଗୌରବୋଜ୍ଜ୍ୱଳ ତଥା ବୀରତ୍ୱପୂର୍ଣ୍ଣ ମାଟି ଦାରିଦ୍ର୍ୟ ପ୍ରପୀଡ଼ିତ ଏବଂ ଏହାର କର୍ମୀମାନେ ସତ୍ ଅଥଚ ଅସହାୟ। ଏଣେତେଣେ ବୁଲି ନିଜ ଶରୀରର ସ୍ୱାଭାବିକ ଅବସ୍ଥାକୁ ଆପଣ ନଷ୍ଟ କରନ୍ତୁ ନାହିଁ। ସରଳ ସ୍ୱାସ୍ଥ୍ୟବିଧି ପାଳନ କରି ନିଜ ସ୍ୱାସ୍ଥ୍ୟ ରକ୍ଷା କରନ୍ତୁ।' ଗୋପବନ୍ଧୁ ବଞ୍ଚିଥିବା ବେଳେ ଗାନ୍ଧିଜୀ ୧୯୨୧ ଓ ୧୯୨୭ରେ ସତ୍ୟବାଦୀ ଆସିଥିଲେ। ୧୯୨୮ ନେତ୍ରୋତ୍ସବ ପୂର୍ବରୁ ଗୋପବନ୍ଧୁଙ୍କ ଦେହାନ୍ତ ଘଟିଲା ଜୁନ୍ ୧୭ ତାରିଖରେ। ଏହାପରେ ଗାନ୍ଧିଜୀ ୧୯୩୪ ମଇ ୮ ତାରିଖରେ ପୁରୀ ଶ୍ରୀମନ୍ଦିରର ସିଂହଦ୍ୱାର ନିକଟରେ ଗୋପବନ୍ଧୁଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରି କହିଥିଲେ, 'ଗୋପବନ୍ଧୁ ଆମକୁ ଅପୂର୍ବ ଆଦର୍ଶ ଦେଖାଇ ଯାଇଛନ୍ତି। ସେ ଜଣେ ତ୍ୟାଗୀ ଦେଶସେବକ ଥିଲେ। ଆପଣମାନେ ତାଙ୍କ ଆଦର୍ଶ ଯେତେ ଦେଖିଛନ୍ତି ଓ ଜାଣିଛନ୍ତି ମୁଁ ହୁଏତ ସେତେ ଜାଣିନାହିଁ। ତେବେ ତାଙ୍କର ଧର୍ମନିଷ୍ଠା, ସତ୍ୟନିଷ୍ଠା, ସାଧୁତା, ସରଳତା ଓ ବୀରତ୍ୱର ପ୍ରଭାବ ମୋ ଜୀବନ ଉପରେ ପଡ଼ିଛି। ଆଜି ଏ ପୁଣ୍ୟ ଭୂମିରେ ମୁଁ ତାଙ୍କର ଅଭାବ ଅଧିକ ଅନୁଭବ କରୁଛି... I... ତାଙ୍କ ମହତ୍ ଆତ୍ମା ଅମର ହୋଇ ରହିଛି ଓ ଚିରକାଳ ପାଇଁ ରହିବ। ମୋର ଆଶା ଯେ କେବଳ ଉତ୍କଳ କାହିଁକି ସମଗ୍ର ଭାରତ ପଣ୍ଡିତ ଗୋପବନ୍ଧୁଙ୍କ ତ୍ୟାଗ ମାର୍ଗ ଅନୁସରଣ କରି ତାଙ୍କ ସ୍ମୃତିର ପ୍ରଭାବରେ ନିଜକୁ ଧନ୍ୟ କରିବ।' ପରଦିନଠାରୁ ଗାନ୍ଧିଜୀ ଆରମ୍ଭ କରିଥିଲେ ଓଡ଼ିଶାରେ ତାଙ୍କର 'ହରିଜନ ପଦଯାତ୍ରା'। ଏହି ଅବସରରେ ସେ ସତ୍ୟବାଦୀ ଆସି ଗୋପବନ୍ଧୁଙ୍କ ହାତଗଢ଼ା କାଦୁଆ ଆଶ୍ରମରେ ରହିଥିଲେ। ସେତେବେଳେ ସେଠାରେ ଖଦି କାମ ଧିମା ପଡ଼ିଯାଇଥିବାରୁ ଗାନ୍ଧିଜୀ ସ୍ୱତନ୍ତ୍ର ଆର୍ଥିକ ବ୍ୟବସ୍ଥା କରିବା ସହ 'ଦାସେ ଆପଣେ'ଙ୍କ ନାମରେ ଏହି ଅନୁଷ୍ଠାନକୁ 'ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସଂଘ' ନାମରେ ନାମିତ କରିବା ସହ ଏହି ଦାୟିତ୍ୱ ଗୋପବନ୍ଧୁ ଚୌଧୁରୀଙ୍କ ଉପରେ ନ୍ୟସ୍ତ କରିଥିଲେ।

'ନବଜୀବନ' ପତ୍ରିକାରେ ୧୯୨୮ ଜୁଲାଇ ପହିଲା ସଂସ୍କରଣରେ 'ଜଣେ ସଚ୍ଚା ସେବକ' ଶିରୋନାମାରେ ଗାନ୍ଧିଜୀ ଗୋପବନ୍ଧୁଙ୍କ ପ୍ରତି ତାଙ୍କ ଅନ୍ତରର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିରେ ସେ ଲେଖିଥିଲେ, 'ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମୃତ୍ୟୁ ଫଳରେ ଭାରତବର୍ଷ, ବିଶେଷକରି ଉତ୍କଳ, ଜଣେ ସଚ୍ଚା ଓ ଶୁଦ୍ଧମନା ସେବକଙ୍କୁ ହରାଇଲା। ସେ ଓଡ଼ିଶାର ରତ୍ନ ଥିଲେ... I... ଗୋପବନ୍ଧୁବାବୁଙ୍କ ମନରେ କୌଣସି ଗ୍ଳାନି ମୁଁ କେବେ ଅନୁଭବ କରିନାହିଁ। ଓଡ଼ିଶାର ଦାରିଦ୍ର୍ୟ ଦୂର ଲାଗି ଖଦି ଉପରେ ସେ ଗୁରୁତ୍ୱ ଦେଉଥିଲେ। ଏଥିପାଇଁ ମୋ ସହିତ ବାରମ୍ବାର ପରାମର୍ଶ କରୁଥିଲେ। ଲାଲାଜୀଙ୍କ ଲୋକସେବକ ମଣ୍ଡଳ ସହିତ ଗୋପବନ୍ଧୁବାବୁଙ୍କ ସୁସମ୍ପର୍କ ଥିଲା। ସେ ଏହି ମଣ୍ଡଳର ଉପ-ସଭାପତି ଥିଲେ। ଆମେ ଏହାହିଁ ଆଶା କରିବା ଯେ ଓଡ଼ିଶାର ସ୍ୱେଚ୍ଛାସେବକମାନେ ତାଙ୍କର କାମକୁ ମୁଣ୍ଡାଇବେ। ସାଧୁ ପୁରୁଷମାନେ ମରି ସୁଦ୍ଧା ଅମର, ଅସାଧୁ ଲୋକ ବଞ୍ଚିଥିଲେ ବି ମଲା ପରି। ଗୋପବନ୍ଧୁବାବୁଙ୍କ ଭଳି ସାଧୁ ପୁରୁଷଙ୍କ ଦୈହିକ ମୃତ୍ୟୁରେ ଆମେ ସ୍ୱାର୍ଥପରବଶ ହୋଇ ଦୁଃଖ କରୁଛୁ, ମାତ୍ର ପବିତ୍ର ଦୃଷ୍ଟିରେ ଦେଖିଲେ ଜାଣିବା ଯେ ଈଶ୍ୱର ନିର୍ଦ୍ଦୟ ନୁହନ୍ତି, ନ୍ୟାୟବନ୍ତ। ସେ ଜୀବିତ ଥିଲା ବେଳେ ଆମେ ତାଙ୍କର ପବିତ୍ର ଜୀବନକୁ ଅନୁକରଣ କରିପାରି ନାହୁଁ, ବର୍ତ୍ତମାନ ତାଙ୍କର ଗୁଣଗୁଡ଼ିକ ସ୍ମରଣ କରି ଆମେ ନିଜ ଭିତରେ ସେଭଳି କରିପାରିବାର ଶକ୍ତି ଜନ୍ମାଇବା ଉଚିତ୍।'

'ୟଙ୍ଗ ଇଣ୍ଡିଆ'ର ୧୯୨୮ ଜୁନ୍ ୨୧ ସଂସ୍କରଣରେ 'ସ୍ୱର୍ଗୀୟ ଗୋପବନ୍ଧୁବାବୁ' ଶୀର୍ଷକରେ ଗାନ୍ଧିଜୀ ଅନ୍ୟ ଏକ ଶ୍ରଦ୍ଧାଞ୍ଜଳିରେ ଲେଖିଛନ୍ତି, 'ଦୁଃଖ ବା ବିପତ୍ତିରେ ଓଡ଼ିଶାର ଶ୍ରେଷ୍ଠ ସୁପୁତ୍ରମାନଙ୍କ ଭିତରୁ ପଣ୍ଡିତ ଗୋପବନ୍ଧୁ ଦାସ ଅନ୍ୟତମ। ସେ ଓଡ଼ିଶାକୁ ନିଜର ସର୍ବସ୍ୱ ସମର୍ପଣ କରିଦେଇଥିଲେ। ଗୋପବନ୍ଧୁବାବୁଙ୍କ ନିଷ୍କଳଙ୍କ ଚରିତ୍ର ଓ ଦୃଢ଼ତା ସମ୍ପର୍କରେ ମୁଁ ଅନେକ ଜାଣିଛି... I... ଗୋପବନ୍ଧୁ ନିଜ ମାର୍ଗରୁ କେବେ ବିଚ୍ୟୁତ ହୋଇ ନାହାନ୍ତି। ତାଙ୍କ କୀର୍ତ୍ତି ଚିରକାଳ ଲାଗି ଜୀବିତ ରହିବ। ତାଙ୍କ ଜୀବନର ଗୋଟିଏ ଅଭିଳାଷ ଥିଲା ଖଣ୍ଡବିଖଣ୍ଡିତ ଉତ୍କଳକୁ ଏକତ୍ରୀକରଣ କରି ତାକୁ ସୁଖୀ ଦେଖିବେ... I... ଗୋପବନ୍ଧୁବାବୁଙ୍କ ମୃତ୍ୟୁରେ ଦେଶ ଆହୁରି ଗରିବ ହୋଇଗଲା। ସେ ସଶରୀରରେ ଆମ ପାଖରେ ନଥିଲେ ବି ତାଙ୍କ ଆତ୍ମା ଆମ ନିକଟରେ ରହିଛି। ଏହି ପୁଣ୍ୟାତ୍ମା ଓଡ଼ିଶାର କର୍ମୀଙ୍କୁ ପଥପ୍ରଦର୍ଶନ କରନ୍ତୁ... I... ତାଙ୍କ ମୃତ୍ୟୁ ପରେ କର୍ମୀମାନେ ନିଜ ନିଜର ସେବା କାର୍ଯ୍ୟରେ ମିଳିତ ଭାବେ ପୂର୍ବାପେକ୍ଷା ଅଧିକ ଯତ୍ନ କରନ୍ତୁ ଏବଂ ଅଧିକ ଆତ୍ମତ୍ୟାଗ କରନ୍ତୁ, ସେମାନଙ୍କ ଭିତରେ ବେଶୀ ଏକତା ଆସୁ ଏବଂ ଏହି ପ୍ରେରଣା ସେମାନଙ୍କୁ ମିଳୁ। ଏହି ବିରଳ ସ୍ୱର୍ଗତଃ ଦେଶଭକ୍ତଙ୍କ ପରିବାର ଓ ଶିଷ୍ୟମାନଙ୍କ ପ୍ରତି ସମବେଦନା ପ୍ରକଟ କରୁଛି।'

ଗାନ୍ଧିଜୀ ଲବଣ ସତ୍ୟାଗ୍ରହ, ନିଶା ନିବାରଣ, ଅସ୍ପୃଶ୍ୟତା ନିବାରଣ, ନାରୀ ଜାଗରଣ, ଗ୍ରାମୋଦ୍ୟୋଗ ଆଦି କାର୍ଯ୍ୟକ୍ରମ ଆରମ୍ଭ କରିବାର ଢେର ପୂର୍ବରୁ ଗୋପବନ୍ଧୁ ଏ ସଂକ୍ରାନ୍ତରେ ସମାଜ ପୃଷ୍ଠାରେ, ସଭା ସମିତିରେ ଏମିତି କି ବିହାର-ଓଡ଼ିଶା ବିଧାନ ପରିଷଦରେ ପ୍ରସଙ୍ଗ ବାରମ୍ବାର ଉଠାଇଛନ୍ତି। ଗୋପବନ୍ଧୁଙ୍କ ପ୍ରସଙ୍ଗରେ ଗାନ୍ଧିଜୀ ଯେତେ କଥା କହିଛନ୍ତି ଓ ଲେଖିଛନ୍ତି ଏବଂ ଗାନ୍ଧିଜୀ ଓ ତାଙ୍କ ନେତୃତ୍ୱରେ ପରିଚାଳିତ ସ୍ୱାଧୀନତା ସଂଗ୍ରାମ ସଂକ୍ରାନ୍ତରେ ଗୋପବନ୍ଧୁ ଯେତେସବୁ ମନ୍ତବ୍ୟ ଦେଇଛନ୍ତି ଓ କାମ କରିଛନ୍ତି ସେ ସବୁକୁ ଲେଖି ବସିଲେ ପୋଥିଟିଏ ହେବ। ଦେଶ ପାଇଁ ବାରମ୍ବାର କାରାବରଣ କରିବା ଥିଲା ଏହି ମହାପୁରୁଷମାନଙ୍କ ଲାଗି ପବିତ୍ର ପ୍ରବାସ। ଗୋପବନ୍ଧୁଙ୍କ ଅବର୍ତ୍ତମାନରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇଛି ଏବଂ ଦେଶ ବି ବ୍ରିଟିଶ କବଳରୁ ମୁକୁଳିଛି। ଗୋପବନ୍ଧୁଙ୍କ ବିୟୋଗର ୯୬ବର୍ଷ ପରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୮୭ ବର୍ଷ ପରେ ଏବଂ ସ୍ୱାଧୀନତା ପ୍ରାପ୍ତିର ୭୭ବର୍ଷରେ ଗାନ୍ଧୀ-ଗୋପବନ୍ଧୁଙ୍କୁ କୃତଜ୍ଞତାର ସହ ସ୍ମରଣ କରିବା ବେଳେ ଯେଉଁ ଲକ୍ଷ୍ୟ ନେଇ ସେମାନେ କାମ କରିଥିଲେ ତାହା କେତେଦୂର ସଫଳ ହୋଇଛି ତା'ର ସମୀକ୍ଷା କରି ବିଫଳତାର କାରଣ ଓ ନିରାକରଣ ଖୋଜି ଆଗକୁ ବଢ଼ିପାରିଲେ ତାହା ହେବ ଗାନ୍ଧୀ-ଗୋପବନ୍ଧୁଙ୍କ ସମେତ ଯେଉଁ ଲକ୍ଷ ଲକ୍ଷ ସଂଗ୍ରାମୀଙ୍କ ଜୀବନଦାନ, କାରା ଓ ନିର୍ଯାତନା ବରଣ ଭିତ୍ତିଭୂମିରେ ଆମେ ସ୍ୱାଧୀନତା ପାଇଛୁ, ସେମାନଙ୍କ ପ୍ରତି ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି।

## ଲୋକମତ

### ଅନୁପ୍ରବେଶକାରୀ ଓ ଶରଣାର୍ଥୀଙ୍କ ତଥ୍ୟ ରହୁ

ଆମ ରାଜ୍ୟର ବିକାଶ କଥା ଚିନ୍ତା କଲାବେଳେ ସାଧାରଣତଃ ଏହାର ମୂଳବାସିନ୍ଦା ତଥା ପ୍ରବାସୀମାନଙ୍କ ପ୍ରସଙ୍ଗଗୁଡ଼ିକୁ ବିଚାରକୁ ନିଆ ଯାଇଥାଏ। କିନ୍ତୁ ବେଆଇନ ଅନୁପ୍ରବେଶକାରୀ ତଥା ଶରଣାର୍ଥୀମାନଙ୍କ କଥା ପ୍ରାୟତଃ ଆମ ମନକୁ ଆସି ନଥାଏ କିମ୍ବା ଜାଣି ଶୁଣି ସେଗୁଡ଼ିକୁ ଗୌଣ କରି ଦିଆଯାଇଥାଏ। ଆର୍ଥିକ, ରାଜନୈତିକ, ସାମାଜିକ, ଆଇନଗତ ତଥା ସୁରକ୍ଷା ଦୃଷ୍ଟିକୋଣରୁ ସେମାନେ ଆମ ରାଜ୍ୟର ଅବିଚ୍ଛେଦ୍ୟ ଅଙ୍ଗ ଏବଂ ସେମାନଙ୍କର ପ୍ରସଙ୍ଗଗୁଡ଼ିକ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। 'ପଞ୍ଚତନ୍ତ୍ର'ରେ ବର୍ଣ୍ଣିତ 'ଅଜ୍ଞାତ କୁଳଶୀଳସ୍ୟ ବାସୋନଦେୟ' ନ୍ୟାୟରେ ଯଦି ସେମାନଙ୍କର ଅଜ୍ଞାତ ପରିଚୟଗୁଡ଼ିକୁ ଜ୍ଞାତ କରା ନଯାଏ ତେବେ ସେମାନେ ହୁଏତ ଭବିଷ୍ୟତ ପିଢ଼ି ପାଇଁ ବିପଦର କାରଣ ହୋଇପାରନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ଯଥାଶୀଘ୍ର ସେମାନଙ୍କର ପ୍ରକୃତ ସଂଖ୍ୟା ସମ୍ପର୍କିତ ତଥ୍ୟ ସଂଗ୍ରହ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବା ସହିତ ଏହି ତଥ୍ୟକୁ ସର୍ବସାଧାରଣଙ୍କ ଅବଗତି ନିମିତ୍ତ ପ୍ରକାଶ କରିବା ଜରୁରୀ।

ଡ ସୀତାକାନ୍ତ ତ୍ରିପାଠୀ, ଅର୍ଣ୍ଣପାଳ, ଭଦ୍ରକ

### ସୁପ୍ରିମକୋର୍ଟରେ ଓଡ଼ିଆ ବିଚାରପତି ନାହାନ୍ତି

ସୁପ୍ରିମକୋର୍ଟରେ ବିଚାରପତି ନିଯୁକ୍ତି ସମୟରେ ସାଧାରଣତଃ ସବୁ ରାଜ୍ୟକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଥାଏ। ହେଲେ ଦୀର୍ଘ ୧୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ କେହି ଓଡ଼ିଆ ବିଚାରପତି ନିଯୁକ୍ତ ହୋଇନାହାନ୍ତି। ଶେଷ ଥର ପାଇଁ ଜଷ୍ଟିସ ଦୀପକ ମିଶ୍ର ୨୦୧୧ ମସିହାରେ ଯୋଗ ଦେଇ ୨୦୧୮ ରେ ମୁଖ୍ୟ ବିଚାରପତି ପଦରୁ ଅବସର ନେଲେ। ଏବେ ଗୋଟିଏ ଗୋଟିଏ ରାଜ୍ୟରୁ ଏକାଧିକ ବିଚାରପତି ସୁପ୍ରିମକୋର୍ଟରେ ନିଯୁକ୍ତ। ୨୦୦୦ ମସିହାରେ ସୃଷ୍ଟ ଉତ୍ତରାଖଣ୍ଡ ଭଳି ଛୋଟ ଏକ ରାଜ୍ୟରୁ ସୁଦ୍ଧା ଉଚ୍ଚତମ ନ୍ୟାୟାଳୟରେ ବିଚାରପତି ରହିଛନ୍ତି। ସେହିପରି ସୁପ୍ରିମକୋର୍ଟ ବାରରେ ବହୁ ଦକ୍ଷ ଓଡ଼ିଆ ଆଇନଜୀବୀ ରହିଥିଲେ ସୁଦ୍ଧା ସର୍ବୋଚ୍ଚ ନ୍ୟାୟାଳୟରେ ସେମାନଙ୍କ ମଧ୍ୟରୁ କାହାକୁ ସିଧାସଳଖ ବିଚାରପତି ଭାବରେ ନିଯୁକ୍ତି ମିଳିପାରିନାହିଁ। ବାର୍‌ରୁ ସୁପ୍ରିମକୋର୍ଟ ବିଚାରପତି ଭାବରେ ସିଧାସଳଖ ନିଯୁକ୍ତ ହୋଇ ଜଷ୍ଟିସ ଉଦୟ ଉମେଶ ଲଳିତ ଭାରତର ୪୯ତମ ମୁଖ୍ୟ ବିଚାରପତି ପଦରୁ ଅବସର ନେଇଥିବା ବେଳେ ଶ୍ରୀ ପି ଏସ୍ ନରସିଂହ ଓ ଶ୍ରୀ କେ ଭି ବିଶ୍ୱନାଥନ ଏବେ ବିଚାରପତି ଭାବରେ କାର୍ଯ୍ୟରତ। ଓଡ଼ିଶାର ଦୃଢ଼ ସ୍ୱର ଓ ନ୍ୟାଯ୍ୟ ଦାବି କେନ୍ଦ୍ର ସରକାରଙ୍କ ପାଖରେ ଠିକଣା ଢଙ୍ଗରେ ଉପସ୍ଥାପିତ ହୋଇ ନ ପାରିବା ଏହାର ପ୍ରମୁଖ କାରଣ ହୋଇପାରେ। ସୁପ୍ରିମକୋର୍ଟରେ ଏବେ ଦୁଇଟି ବିଚାରପତି ପଦ ଖାଲି ଥିବା ଦୃଷ୍ଟିରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ଭାରତର ମୁଖ୍ୟ ବିଚାରପତିଙ୍କୁ ଭେଟି ଓଡ଼ିଶାର ଯଥାର୍ଥ ଦାବି ଶୀଘ୍ର ଉପସ୍ଥାପନା କରିବାର ଆବଶ୍ୟକତା ରହିଛି।

ପ୍ରତାପ ନାୟକ
ଭୁବନେଶ୍ୱର, ମୋ: ୭୭୫୦୮୫୨୮୧୯

### ରାଜ୍ୟ ଜନଜାତି ସଂଗ୍ରହାଳୟରେ ମିଲେଟ୍ କାଫେ ହେଉ

ଆମ ରାଜ୍ୟର ରାଜଧାନୀରେ ୟୁନେସ୍କୋ ମାନ୍ୟତାପ୍ରାପ୍ତ 'ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ' ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ ପ୍ରସିଦ୍ଧି ଲାଭ କରି ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ସଂଗ୍ରହାଳୟରେ ଥିବା ପ୍ରମୁଖ ଆକର୍ଷଣ କେନ୍ଦ୍ର (ପାଞ୍ଚଟି ପ୍ରଦର୍ଶନୀ ହଲ୍; ଆଦିବାସୀଙ୍କ ପବିତ୍ର ସ୍ଥଳୀ; ପିଭିଟିଜି ଗ୍ୟାଲେରୀ; ଆଦିବାସୀ କୁଟୀରର ପ୍ରତିକୃତି; ଅଡିଟୋରିୟମ୍; ହର୍ବାଲ୍ ବଗିଚା; ସ୍ମରଣିକା ଦୋକାନ ଇତ୍ୟାଦି) ପରିଦର୍ଶନ କରିବା ପାଇଁ ୫ ରୁ ୬ ଘଣ୍ଟା ସମୟ ଲାଗିଥାଏ। ଆହୁରି ମଧ୍ୟ ସଂଗ୍ରହାଳୟରେ ଓଡ଼ିଶାର ପୁଷ୍ଟିଶସ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ତଥା ପୁଷ୍ଟିଶସ୍ୟରେ ଥିବା ପୁଷ୍ଟିକର ଉପାଦାନ ବିଷୟରେ ଅବଗତ କରିବା ସହିତ ବିଭିନ୍ନ ପ୍ରକାରର ମିଲେଟ୍ ନମୁନା ପ୍ରଦର୍ଶିତ ହୋଇଛି। ଯଦିଓ ସଂଗ୍ରହାଳୟରେ ଭୋଜନାଳୟର ବ୍ୟବସ୍ଥା ଅଛି, କିନ୍ତୁ ସବୁ ସମୟରେ ଜଳଖିଆ ଅଥବା ଚାହା/କଫି ପାଇଁ କାଫେର ବିଶେଷ ବ୍ୟବସ୍ଥା ନାହିଁ। ଏହି ପରିପ୍ରେକ୍ଷୀରେ, ସଂଗ୍ରହାଳୟରେ ଏକ ମିଲେଟ୍ କାଫେର ଆବଶ୍ୟକତା ଅଛି। ମିଲେଟ୍‌ରେ ଅଧିକ ପୋଷକତତ୍ତ୍ୱ ଥିବାରୁ କାଫେରେ ମିଲେଟ୍‌ରୁ ପ୍ରସ୍ତୁତ ଖାଦ୍ୟ ଯଥା ପିଠା, ବିସ୍କୁଟ୍, ଲଡ୍ଡୁ, କେକ୍ ଇତ୍ୟାଦି ସହିତ କୋରାପୁଟ କଫି ଅନ୍ତର୍ଭୁକ୍ତ କରା ଯାଇପାରିବ। ଫଳସ୍ୱରୂପ, ଦର୍ଶକମାନେ ମିଲେଟ୍ ତଥା କୋରାପୁଟ୍ କଫିର ସ୍ୱାଦ ପାଇବା ସହିତ ପରିଦର୍ଶନ ସମୟରେ ଅଧିକ ଫୂର୍ତ୍ତି ଅନୁଭବ କରିପାରିବେ। ଏହି କାଫେରେ ମଧ୍ୟ ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତ ହଳଦୀ, ପାଳୁଅ, କଫି, ହରିଡ଼ା, ବାହାଡ଼ା, ଅଁଳା, ମହୁ ଇତ୍ୟାଦିକୁ ପ୍ୟାକେଟ୍ ମାଧ୍ୟମରେ ବିକ୍ରି ବ୍ୟବସ୍ଥା କରାଯାଇ ପାରିବ। ଓଡ଼ିଶାର 'ମିଲେଟ ମିଶନ୍'କୁ ଏହା ଯଥାର୍ଥରେ ପ୍ରତିପାଦିତ କରିପାରିବ। ତତ୍‌ସହିତ ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଦିଗରେ ସହାୟକ ହେବ।

ନବ୍‌ନିତ୍ ପାଣିଗ୍ରାହି
ରାୟଗଡ଼ା, ମୋ: ୯୮୬୧୧୩୮୮୩୬

### ଜନ୍ମଦାତାଙ୍କ ପ୍ରତି ଅବିଚାର ସ୍ପୃହଣୀୟ ନୁହେଁ

ଯେଉଁ ବାପାମା'ଗୋଟେ ପିଲାକୁ ଜନ୍ମ ଦିଅନ୍ତି, ପିଲାର ଖୁସି ପାଇଁ ନିଜର ସବୁ ଖୁସିକୁ ପଛରେ ପକେଇ ଦିଅନ୍ତି, ସେଇ ପିଲା ଯେତେବେଳେ ସ୍ୱାର୍ଥାନ୍ଧ ହେଇଯାଉଛି, ଏପରିକି ଯେଉଁ ବାପାମା' ତା'କୁ ଜନ୍ମ ଦେଇଛନ୍ତି ତାଙ୍କୁ ନୃଶଂସ ହତ୍ୟା କରିବାକୁ ବି ପଛାଉନି, ଏହା ସୁସ୍ଥ ସମାଜ ପାଇଁ କେବେ ଗ୍ରହଣୀୟ ନୁହେଁ। ଏହା ଚିନ୍ତାର ବିଷୟ। ବାପାମା' ସବୁବେଳେ ଚାହାନ୍ତି ନିଜ ପିଲାକୁ ସବୁ ବିପଦରୁ ରକ୍ଷା କରିବାକୁ ଯେମିତି ତାଙ୍କ ପିଲାର କୌଣସି ଅଭାବ ଅସୁବିଧା ନ ରହୁ। କିନ୍ତୁ ପିଲାମାନେ ଆଜିର ଚାକଚମକ୍ ସମାଜ ଭିତରେ ପ୍ରଥଭ୍ରଷ୍ଟ ହୋଇଯାଉଛନ୍ତି। ନିଜକୁ ଆଧୁନିକ ଦେଖେଇ ହେବା ନିଶାରେ ନିଜ ବାପାମା'ଙ୍କ କଥା ଟିକେ ଚିନ୍ତା କରୁନାହାନ୍ତି। ସମାଜରେ କିଛି ଘଟଣା ଏମିତି ଘଟୁଛି, ଯାହା ଫଳରେ ସଭ୍ୟ ସମାଜର ମଣିଷ କହିବାକୁ ନିଜକୁ ଲଜ୍ଜା ଲାଗୁଛି। ମଣିଷକୁ ସବୁଠାରୁ ବିଚାରବନ୍ତ ପ୍ରାଣୀ ବୋଲି କୁହାଯାଏ। ଏହାର କେବଳ କାରଣ ହେଉଛି ମଣିଷ ପାଖରେ ଚିନ୍ତା କରିବାର କ୍ଷମତା ଅଛି। କିନ୍ତୁ ଏହା କିପରି ଚିନ୍ତା, ଯାହା ଫଳରେ ଯିଏ ତମକୁ ଜନ୍ମ ଦେଇ ଏହି ସଂସାରକୁ ଆଣିଛି, ତା'କ ହତ୍ୟା କରିବାକୁ ଚିନ୍ତା କରୁଛି। ଆଜି ମଧ୍ୟ ଏମିତି ବହୁତ ପିଲା ଅଛନ୍ତି, ଯେଉଁମାନେ ବାପାମା'ଙ୍କ ପାଇଁ ନିଜ ଖୁସି ତ୍ୟାଗ କରିଦେଉଛନ୍ତି। ସେମାନେ ଆଜିର ସମାଜରେ ଉଦାହରଣୀୟ ନିଶ୍ଚୟ।

ରବିନାରାୟଣ ପଟ୍ଟନାୟକ
ଭୁବନେଶ୍ୱର, ମୋ: ୯୯୩୮୧୧୩୨୨୬

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ସକାଳ THE SAKALA



## ସ୍ୱାମୀର ତୀରମାଡ଼ରେ ସ୍ତ୍ରୀ ଗୁରୁତର



**ତୁରୁମୁଙ୍ଗା/ପାଟଣା, ୫।୭ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଥାନା ହରିଡାଗୋଠ ଗ୍ରାମରେ ସ୍ୱାମୀର ତୀର ମାଡ଼ରେ ସ୍ତ୍ରୀ ଗୁରୁତର ହୋଇଛି। ଗୁରୁତର ସ୍ତ୍ରୀକୁ ପ୍ରଥମେ କରଞ୍ଜିଆ ପରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ସ୍ତ୍ରୀ ହେଲେ ସଜନୀ ମୁଣ୍ଡା (୨୯)। ତୀରମାଡ଼ କରି ଘଟଣାସ୍ଥଳରୁ ସ୍ୱାମୀ ବିଶ୍ୱନାଥ ମୁଣ୍ଡା (୪୦) ଫେରାର ହୋଇଯାଇଛି। ପାଟଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆଠ ବର୍ଷ ପୂର୍ବେ ହରିଡାଗୋଠ ଗ୍ରାମର ସଜନୀଙ୍କର ହରିଚନ୍ଦନପୁର ଅନ୍ତର୍ଗତ ହାତୀକୁଚା ଗ୍ରାମର ବିଶ୍ୱନାଥ ମୁଣ୍ଡାଙ୍କ ସହିତ ବିବାହ ହୋଇଥିଲା। ବର୍ଷେ ହେଲା ଉଭୟଙ୍କ ମଧ୍ୟରେ କଳିଝଗଡା ଲାଗି ରହିଥିଲା। ଏଥିପାଇଁ ୨ ମାସ ହେବ ସ୍ତ୍ରୀ ସଜନୀ ବାପଘର ହରିଡାଗୋଠରେ ରହିଥିଲେ। ଗତକାଲି ତାଙ୍କ ସ୍ୱାମୀ ହରିଡାଗୋଠକୁ ଆସି ସ୍ତ୍ରୀ ସହିତ ଝଗଡା କରିଥିଲେ। ତେବେ ଏଥିରେ ଉତ୍କ୍ଷିପ୍ତ ହୋଇ ସଜନୀ ବାସନ ମାଜୁଥିବା ସମୟରେ ତାଙ୍କ ଉପରକୁ ତୀରମାଡ଼ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ସଜନୀକୁ ଉଦ୍ଧାର କରି ପ୍ରଥମେ କରଞ୍ଜିଆ ମେଡ଼ିକାଲକୁ ନେଇଥିଲେ। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ଘଟଣାସ୍ଥଳରେ ପାଟଣା ପୁଲିସ ପହଞ୍ଚି ଗୋଟିଏ ଧନୁ ସହ ୩ଟି ତୀରକୁ ଜବତ କରି ତଦନ୍ତ ଚଳାଇଛି।

## କଲଭର୍ଟକୁ ଧକ୍କା ଦେଇ ଖଣ୍ଡଖଣ୍ଡ ହୋଇଗଲା ଟ୍ରକ୍



**ତୁରୁମୁଙ୍ଗା, ୫।୭ (ସମିସ):** କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ମୁମ୍ବାଇ କଲିକତା ରାଜପଥର ଚେମେଣା ଚିଲିଦା ରାସ୍ତା ମଝିରେ ଥିବା ପୋଲ ଉପରେ ଏକ ୧୨ ଚକିଆ ଲୁହାପଥର ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଗାଡିର ଆଗ ଚକ ଫାଟି ଯିବାରୁ ଏହି ଦୁର୍ଘଟଣା ଘଟିଥିବା ବେଳେ ଚେଚିସରୁ ଇଞ୍ଜିନ ଓ କ୍ୟାବିନ ଅଲଗା ହୋଇଯାଇ ପୋଲ ଉପରେ ଟ୍ରକ୍‌ର କ୍ୟାବିନ ଝୁଲି ରହିଛି। ଦୁର୍ଘଟଣାରେ ଟ୍ରକ୍ ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଛନ୍ତି। ଟ୍ରକଟି କେନ୍ଦୁଝର ପଟରୁ ଖଡ଼ଗପୁରକୁ ଲୁହାପଥର ବୋଝେଇ କରି ଯାଉଥିବା ସମୟରେ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଘଟଣା ସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

● ଦୋକାନ ଆଜବେଷ୍ଟସ ଭାଙ୍ଗି ଚୋରି ଘଟଣା

## ଚୋରା ଗାଡ଼ି ସହ ଚୋରି ସାମଗ୍ରୀ ଜବତ

**ବଡ଼ବିଲ, ୫।୭ (ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଭୋଳା ଗ୍ୟାରେଜ ନିକଟରେ ଥିବା ଜଗନ୍ନାଥ ମନ୍ଦିର ପାଶ୍ୱର୍ରେ ଥିବା ଏକେ ଅଟୋ ପାର୍ଟ ଦୋକାନର ଆଜବେଷ୍ଟସ ଭାଙ୍ଗି ଦେଢ଼ ଲକ୍ଷ ନଗଦ ଓ ପ୍ରାୟ ଛ' ଲକ୍ଷ ଟଙ୍କାର ପାର୍ଟସ ଚୋରି ଘଟଣାରେ ଚୋରା ଗାଡ଼ି ସହ ଚୋରି ସାମଗ୍ରୀ ଜବତ ହେଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଗତ ତିନି ତାରିଖ ବିଳମ୍ବିତ ରାତିରେ ଉକ୍ତ ଦୋକାନରୁ ଚୋରି କରିବା ପୂର୍ବରୁ ଚୋର ମାନେ ବଡ଼ବିଲ ଥାନା ପିଏଚ୍‌ଡି ଅଞ୍ଚଳରୁ ସୋନୁ ନାମକ ଯୁବକଙ୍କ ଘର ଆଗରୁ ଏକ ଟାଟା ଏସି ଗାଡିକୁ ପ୍ରଥମେ ଚୋରି କରି ସେହି ଗାଡିରେ ଏକେ ଅଟୋ ପାର୍ଟସରୁ ଚୋରି କରିଥିବା ଜିନିଷ ଲଦି ଦୁର୍ବୃତ୍ତ ମାନେ କେନ୍ଦୁଝର ଅଭିମୁଖେ ଚାଲି ଯାଉଥିବା ବେଳେ ସୋନୁର ସାଙ୍ଗ ମାନେ ରିମୂଳି ନିକଟରୁ ସେମାନଙ୍କୁ ଠାବ କରିବା ସହ ପିଏଚ୍‌ଡି ଅଞ୍ଚଳର ତିନି ଜଣ ଚୋରଙ୍କୁ ମାଡି ବସି ପୁଲିସକୁ ଖବର ଦେଇଥିଲେ। ଏହା ପରେ ସେଠାରେ ପୁଲିସ ପହଞ୍ଚି ଉକ୍ତ ତିନି ଜଣଙ୍କୁ ହେପାଜତକୁ ନେବା ସହ ଗାଡି ଓ ଚୋରି ହୋଇଥିବା ଜିନିଷକୁ ଜବତ କରିଛି।

## ବିଦ୍ୟାଳୟ ଫାଟକରୁ ଖସଗଲାଣି ଟାଇଲ୍



**ଯୋଡା, ୫।୭ (ସମିସ):** କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ୍ ଅଫିସ ନିକଟରେ ଥିବା ବନେଇକଳା ସରକାରୀ ଉଚ୍ଚ ବିଦ୍ୟାଳୟ ମୁଖ୍ୟ ଗେଟ ତୋରଣରୁ ଟାଇଲ ଖସିପଡ଼ିଛି। ଏହା ସହିତ ଶ୍ରେଣୀ ଗୃହରେ ହୋଇଥିବା ଛାତର ଫଲ୍ସ ସିଲିଂରୁ ବର୍ଷା ହେଲେ ନିୟମିତ ପାଣି ଝରୁଛି ବୋଲି ଅଭିଯୋଗ ହୋଇଛି। ଏପରିକି ରୋଷେଇ ଶାଳ ସମ୍ପୂର୍ଣ ପରିତ୍ୟକ୍ତ ହୋଇ ପଡ଼ିଛି ଓ ସାପର ଭୟ ରହିଛି ବୋଲି ଅଭିଭାବକ ମାନେ କହିଛନ୍ତି। ପ୍ରାର୍ଥନା ଗୃହ ଓ ସଭାଗୃହରେ ଲାଗିଥିବା ଟାଇଲ ନିମ୍ନମାନର କାର୍ଯ୍ୟ ହେତୁ ଝଡି ପଡ଼ିଲାଣି। ପାନୀୟ ଜଳ ପାଇଁ ଗଭୀର ନଳକୂପ ଖୋଳାଯାଇଥିଲେ ମଧ୍ୟ ଏଥିରେ କାଦୁଅ ମିଶ୍ରିତ ଜଳ ଆସୁଛି। ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ସ୍କୁଲରେ ସମୁଦାୟ ୪୭୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ମଧ୍ୟାହ୍ନ ଭୋଜନ ପାଇଁ ପରିବ୍ୟାପ୍ତ ସ୍ଥାନ ଅଭାବ ହେତୁ ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବାରମ୍ବାର ସ୍କୁଲ ପକ୍ଷରୁ ପୌର ପାଳିକାରେ ଅଭିଯୋଗ କରାଯାଇଥିବା ସ୍କୁଲର ପ୍ରଧାନ ଶିକ୍ଷକ ଯଯାତି କେଶରୀ ବେହେରା, ଶିକ୍ଷକ ରଙ୍ଗାଧର ଜେନା, ଛୋଟଲାଲ ମୁଣ୍ଡା କହିଛନ୍ତି। ଏ ସଂକ୍ରାନ୍ତରେ ବିଦ୍ୟାର୍ଥୀମାନଙ୍କ ସୁରକ୍ଷା ପାଇଁ ପୌରପାଳିକ ଅଧ୍ୟକ୍ଷ ଡାକ୍ତର ଜଗଦୀଶ ପ୍ରସାଦ ସାହୁଙ୍କୁ ପଚାରିବାରୁ ସେ କହିଥିଲେ ଯେ, ପୌରପାଳିକା ମୁଖ୍ୟଯନ୍ତ୍ରୀଙ୍କୁ ଏହାର ମରାମତି ପାଇଁ କୁହାଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ଦାବି କରିଛନ୍ତି।

## ବଦଳୁନି ଡାହିସାହି ଗାଁ ମୁଣ୍ଡ ରାସ୍ତା ଅବସ୍ଥା

# ଗାଁକୁ ପଶିପାରୁନି ଜରୁରିକାଳୀନ ଗାଡ଼ି

**ହାଟଡ଼ିହୀ, ୫।୭ (ସମିସ)**

ହାଟଡ଼ିହୀ ବ୍ଲକ ବାଲିବରେଇ ପଞ୍ଚାୟତ ଟିଲୋଗଡ଼ିଆ ଡାହିସାହିଟି ସମ୍ପୂର୍ଣ୍ଣ ଆଦିବାସୀବହୁଳ ଗାଁଟିଏ। ପାଖାପାଖି ୨ଶହରୁ ଉର୍ଦ୍ଧ୍ୱର୍ ଘର ଆଦିବାସୀ ପରିବାର ଏଠାରେ ବସବାସ କରନ୍ତି। ଆଜକୁ ଅଢ଼େଇ ବର୍ଷ ପୂର୍ବେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ତରଫରୁ ଗାଁ ମୁଣ୍ଡରେ ଥିବା ସଂସ୍କୃତ ଟୋଲ ବିଦ୍ୟାଳୟ ଠାରୁ ବିଦ୍ୟାଧରପୁର ବ୍ୟାରେଜର ଦକ୍ଷିଣ ଦିଗକୁ ଲମ୍ବିଥିବା କେନାଲ ମୁଣ୍ଡଯାଏଁ ଏକ ପକ୍କାରାସ୍ତା ନିର୍ମାଣ କରାଯିବା ନେଇ ସରକାର ୧କୋଟିରୁ ଉର୍ଦ୍ଧ୍ୱର୍ ଆର୍ଥିକ ସହାୟତା ଯୋଗାଇଥିବା କୁହାଯାଇ ଥିବାବେଳେ ଚତୁର ଠିକାଦାର ଜଣକ ଅନୁଦାନ ଅର୍ଥରାଶିର ପରିମାଣ ଫଳରେ ଉଲ୍ଲେଖ କରିନାହାଁନ୍ତି। ଦୁର୍ଭାଗ୍ୟର ବିଷୟ ସମ୍ପୃକ୍ତ ଠିକାଦାର ଦୀର୍ଘ ଅଢେଇ ବର୍ଷ ମଧ୍ୟରେ କେବଳ ଗାଁ ଭିତର ରାସ୍ତାରୁ ପ୍ରାୟ ୫ଶହ ମିଟର ମାଟିରାସ୍ତାକୁ କଂକ୍ରିଟ ଢଳେଇ ପକାଇ ବାଦବାକି କାମ କରିଥିବା ଦେଖିବାକୁ ମିଳିଛି। ଫୋନ ଯୋଗେ ଗ୍ରାମବାସୀ ସମ୍ପୃକ୍ତ ଠିକାଦାରଙ୍କ ସହିତ ଯୋଗାଯୋଗ କରିଥିଲେ ସୁଦ୍ଧା ସେ ଆଦୌ ଫୋନ ଗ୍ରହଣ କରୁନଥିବା ଗ୍ରାମବାସୀମାନେ କହିଛନ୍ତି। ଏବେ ଗାଁ ରାସ୍ତାର କିଛି ଅଂଶ କାଦୁଅ ସଡ଼ ସଡ଼ ହୋଇଥିବା ବେଳେ ଗାଁର ଦୁଇମୁଣ୍ଡ ସମ୍ପୂର୍ଣ୍ଣ କାଦୁଅରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଛି। ଚିକିଟା ମାଟି



## ଗାଁମୁଣ୍ଡ ଯାଏଁ ଖଟିଆରେ ବୁହାହେଉଛନ୍ତି ରୋଗୀ

କାଦୁଅରେ ପଶି ଖାଲି ପାଦରେ ଯା'ଆସ କରିବା ଅସମ୍ଭବ ହୋଇପଡୁଥିଲା ବେଳେ ବାଇକ ନେଇଯିବା ଅନେକ କଷ୍ଟଦାୟକ ହୋଇପଡୁଛି। ଆବଶ୍ୟକସ୍ଥଳେ ଗାଁ ଭିତରକୁ ଜରୁରୀକାଳୀନ ଗାଡ଼ି ଆଦୌ ପଶିପାରୁନି। କଦର୍ଯ୍ୟ ରାସ୍ତାପାଇଁ ଆମ୍ବୁଲାନ୍ସ ଗାଁ ଭିତରକୁ ପଶି ନପାରିବାରୁ ଗାଁ ଲୋକେ ରୋଗୀକୁ ଖଟିଆରେ ବୋହି ଗାଁ ମୁଣ୍ଡରେ ଅଟକି ଥିବା ଆମ୍ବୁଲାନ୍ସ ଯାଏଁ ଆଣିଥାନ୍ତି। ପ୍ରକାଶ ଥାଉକି, ଗତବର୍ଷ ଏହି ରାସ୍ତାର ନିର୍ମାଣ କାର୍ଯ୍ୟରେ ସମ୍ପୃକ୍ତ ଠିକାଦାର ନିଜର ମନମାନୀ ଯୋଗୁଁ ଅବହେଳା କରିବାରୁ ଗ୍ରାମବାସୀ ତୀବ୍ର ଅସନ୍ତୋଷ ହୋଇ ରାସ୍ତାରେ ଧାନତଳି ପୋତି ଏହାର କଡ଼ା ପ୍ରତିବାଦ କରିଥିଲେ। ଗତବର୍ଷ ପରି ପୁନର୍ବାର ଉକ୍ତ ଠିକାଦାର ଜଣକ କାମ ବନ୍ଦ ରଖିଥିବାରୁ ଗାଁ ମଝିର କିଛି ଅଂଶକୁ ବାଦଦେଲେ ଅନେକ ସ୍ଥାନ କାଦୁଅରେ ଭର୍ତ୍ତି ହୋଇରହିଛି। ମୁଖ୍ୟତଃ ଗାଁର ୨ମୁଣ୍ଡ ସାଙ୍ଘାତିକ ଭାବେ ପାଣିକାଦୁଅରେ ଭର୍ତ୍ତିଥିବାରୁ ଗାଁ ଲୋକେ ବାହାରକୁ ବାହାରିବା କଷ୍ଟକର ହୋଇପଡ଼ିଛି। ଅଙ୍ଗନୱାଡି ଠାରୁ ଆରମ୍ଭ କରି ସ୍କୁଲ-କଲେଜର ଛାତ୍ରଛାତ୍ରୀ ଯିବାଆସିବା କରିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହିତ ଅନେକ ସମୟରେ ପଡ଼ି ଖଣ୍ଡିଆଖାବରା ହେଉଛନ୍ତି। ନିକଟ ଅତୀତରେ ଯୁବରାଜ ବେସ୍ରା ନାମକ ଜଣେ ଯୁବକ ଗାଁ ମୁଣ୍ଡ କାଦୁଅରେ ବାଇକରୁ ପଡ଼ି ଗୁରୁତର ହୋଇ ଏବେ ଚିକିତ୍ସାଧୀନ ଅବସ୍ଥାରେ ଘରେ ପଡ଼ିରହିଛନ୍ତି। ଏଭଳି ସମସ୍ୟା ପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ନପଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟ ବୋଲି କୁହାଯାଏ। ଏହି ଡାହିସାହି ଗାଁରେ ବସବାସ କରୁଥିବା ୨ଶହରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାରଙ୍କ ସମସ୍ୟା ପ୍ରତି ଆନନ୍ଦପୁର ଉପଜିଲ୍ଲାପାଳ ଦୃଷ୍ଟି ଦେଇ ତୁରନ୍ତ ଏହାର ସମାଧାନ କରାଇବାକୁ ଗ୍ରାମର କୁନି ମାଝୀ, ନହା ହାଁସଦା, ପାର୍ବତୀ ମାଝୀ, ଲକ୍ଷ୍ମୀ ମୁର୍ମୁ, ସମ୍ବରା ମୁର୍ମୁ, ଟାଟା ମୁର୍ମୁ, କାଳନ୍ଦୀ ଟୁଡୁ, ଶ୍ୟାମ ହେମ୍ବ୍ରମ, କୁଆଁର ହାଁସଦା, ଦଶରଥ ମୁର୍ମୁଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ଆଗାମୀ ୧୫ଦିନ ମଧ୍ୟରେ ଦାବି ପୂରଣ ନହେଲେ ଗ୍ରାମବାସୀ ଏହାର କଡ଼ା ପ୍ରତିବାଦରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

## ଗଛଲତାରେ ଲୁଚି ଗଲାଣି ବେଲବାହାଲି-ଡିହସାହି ମୁଖ୍ୟ ରାସ୍ତା



**ବେଲବାହାଲି, ୫।୭ (ସମିସ):** ଆନନ୍ଦପୁର ବ୍ଲକ ବେଲବାହାଲି ପଞ୍ଚାୟତ ଅନ୍ତର୍ଗତରେ ଥିବା ଡିହସାହି ଆରଡ଼ି ରାସ୍ତାର ଉଭୟ ପାଶ୍ୱର୍ରେ ଏବେ ଅନାବନା ଗଛ ଲତା ଯୋଗୁଁ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଡିହସାହିର ଗ୍ରାମବାସୀ। ସୂଚନା ଅନୁଯାୟୀ ବେଲବାହାଲି ଠାରୁ ପ୍ରାୟ ୨ କିଲୋମିଟର ବ୍ୟବଧାନ ଭିତରେ ଥିବା ଡିହସାହିର ମୁଖ୍ୟ ରାସ୍ତାର ଉଭୟ ପାଶ୍ୱର୍ରେ ବହୁ ଅନାବନା ଗଛ ଲତା ଯୋଗୁଁ ଯିବା ଆସିବା ରାସ୍ତାକୁ ସଂକୁଚିତ କରିଦେଇଛି। ଫଳରେ ଏହି ରାସ୍ତାରେ ପରସ୍ପରକୁ ବିପରୀତ ଦିଗରୁ ଆସୁଥିବା ଦୁଇଚକିଆ ବାଇକ୍ ଅତିକ୍ରମ କରିବା କଷ୍ଟକର ହୋଇପଡ଼ିଲାଣି। ଗଛଲତା ରାସ୍ତାକୁ ମାଡି ଆସି କ୍ରମଶଃ ସଂକୁଚିତ କରିଥିବାରୁ ବିଭିନ୍ନ ସ୍ଥାନରେ ଥିବା ବାଙ୍କ ରାସ୍ତାରେ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ଏହି ରାସ୍ତାଟି ମାତ୍ର ଦୁଇ ବର୍ଷ ତଳେ ତିଆରି କରାଯାଇଥିବା ବେଳେ ବର୍ତ୍ତମାନ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ହୋଇ ଯାତାୟତରେ ବିଶେଷ ଅସୁବିଧା ସୃଷ୍ଟି ହୋଉଛି। ଅସରାଏ ବର୍ଷା ହେଲେ ପାଣି ଜମି ରହୁଥିବାରୁ ରାସ୍ତାରେ ଚଳପ୍ରଚଳ କରିବା କଷ୍ଟକର ହୋଇପଡ଼ିଛି। ଆନନ୍ଦପୁର ସଦରମହକୁମା, ବ୍ଲକ କାର୍ଯ୍ୟାଳୟ, କୋର୍ଟ କଚେରିକୁ ପ୍ରତିଦିନ ଏହି ରାସ୍ତାରେ ଆସୁଥିବା ଲୋକେ ସନ୍ଧ୍ୟାପରେ ଫେରିବା କଷ୍ଟକର ହୋଇପଡୁଥିବା ବେଳେ ସ୍କୁଲ କଲେଜ ଛାତ୍ରଛାତ୍ରୀମାନେ ଯିବାଆସିବା ସମୟରେ ନାହିଁ ନଥିବା ହୀନସ୍ତା ଭୋଗ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏଣୁ ପ୍ରଶାସନ ଏହି ରାସ୍ତାକୁ ଦୃଷ୍ଟିଦେଇ ମରାମତି କରିବା ସହ ଦୁଇ ପାର୍ଶ୍ୱ ସଫା କରିବାକୁ ସାଧାରଣରେ ଦାବି ହେଉଛି।

## ଅସରାଏ ବର୍ଷାରେ ଭାସିଗଲା ପୂର୍ତ୍ତ ବିଭାଗ ଗାର୍ଡ ୱାଲ୍



**ତେଲକୋଇ, ୫।୭ (ସମିସ):** ତେଲକୋଇ କୁନ୍ତଳା ପୂର୍ତ୍ତ ବିଭାଗ ରାସ୍ତାର ତେଲକୋଇ ପତ୍ରଫଡ଼ି ନିକଟରେ ନିର୍ମାଣାଧୀନ ଗାର୍ଡ ୱାଲ ଅସରାଏ ବର୍ଷାରେ ଭାସି ଯାଇଛି। ପାଖାପାଖି ୨୦ ରୁ ୩୦ ଫୁଟ ଲମ୍ବର ଗାର୍ଡ ୱାଲ ଧୋଇ ନେଇଥିବା ଦେଖାଯାଇଛି। ନିମ୍ନମାନର କାର୍ଯ୍ୟ ଯୋଗୁଁ ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ତେବେ ପ୍ରକାଶ ଥାଉକି ଉକ୍ତ ରାସ୍ତାକୁ ପୂର୍ତ୍ତ ବିଭାଗ ପକ୍ଷରୁ ଉନ୍ନତି କରଣ ହେଉଥିବା ବେଳେ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ସମେତ ନିମ୍ନ ମାନର କାର୍ଯ୍ୟ କରାଯାଉ ଥିବା ନେଇ ଅଭିଯୋଗ ହୋଇଥିଲା। ନିର୍ମାଣ କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏ ସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ମତ୍ର ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ ଖାମ ଖିଆଲି ମନୋଭାବ ଯୋଗୁଁ ନିମ୍ନମାନର ନିର୍ମାଣ କାର୍ଯ୍ୟ ହୋଇଥିବା ସ୍ପଷ୍ଟ ହୋଇଛି। ପୁରୁଣା ଗାର୍ଡ ୱାଲ ଉପରେ କଂକ୍ରିଟ ଢାଳି ଗାର୍ଡ ୱାଲ ନିର୍ମାଣ କରାଯାଇଥିବାରୁ ତାହା ବର୍ଷା ଜଳରେ ଧୋଇ ହୋଇ ଯାଇଥିବା ଅଭିଯୋଗ ହୋଇଛି। ଫଳରେ ପୂର୍ତ୍ତ ବିଭାଗର ଲକ୍ଷାଧିକ ଟଙ୍କା ପାଣିରେ ଭାସିଗଲା ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପଟେ ନିର୍ମାଣ କାର୍ଯ୍ୟରେ ତଞ୍ଚକତା କରି ଉକ୍ତ ଅର୍ଥକୁ ଠିକା ସଂସ୍ଥା ଓ ବିଭାଗୀୟ ଅଧିକାରୀ ତୁଷାରପାତ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ପୂର୍ତ୍ତ ବିଭାଗର ଖାମ ଖିଆଲି କାର୍ଯ୍ୟ ସରକାରୀ ବ୍ୟବସ୍ଥା ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏଥିପ୍ରତି ଜିଲ୍ଲା ପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି। ଉକ୍ତ ରାସ୍ତା ଉନ୍ନତି କରଣ ପାଇଁ ରାଜ୍ୟ ରାଜକୋଷରୁ ପୂର୍ତ୍ତ ବିଭାଗ ଜରିଆରେ ୨୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ହୋଇଥିବା ସୂଚନା ରହିଛି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଯୋଡ଼ା, ୫।୭ (ସମିସ):** କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ହେସାବେଡ଼ା ସ୍ଥିତ ଜରିବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ଶିକ୍ଷୟିତ୍ରୀ ଅରୁଣା କୁଅଁର ଓ ଲଳିତା ସାହୁ, ପାଚିକା ବିଳାସିନୀ ତନ୍ତୀଙ୍କ ତତ୍ତ୍ୱାବଧାନରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜଜାଙ୍ଗ କ୍ଲଷ୍ଟରର



ସିଆର୍‌ସିସି ରମାକାନ୍ତ ଓଝା, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ରାମ ସିଂ ମୁଣ୍ଡା, ସନିଆ ମୁଣ୍ଡା ଓ ସ୍ଥାନୀୟ ଗ୍ରାମବାସୀ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକ ଅଲେଖ କୁମାର ସାହୁଙ୍କୁ ଶୁଭେଚ୍ଛା ଓ କୃତଜ୍ଞତା ଜଣାଇଥିଲେ। ପ୍ରଧାନ ଶିକ୍ଷକ ଉକ୍ତ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ଯୋଗଦାନ କରି ଦୀର୍ଘ ୧୫ ବର୍ଷ କାଳ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରି ଗତ ୩୦ ଜୁନରେ ଅବସର ଗ୍ରହଣ କରିଥିଲେ।

● ପାଟଣା ପଞ୍ଚାୟତ ସମିତି ବୈଠକ

## ବିଦ୍ୟୁତ୍‌କାଟ୍‌କୁ ନେଇ ଉଦ୍‌ବେଗ



**ତୁରୁମୁଙ୍ଗା, ୫।୭ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସଭା ଗୃହରେ ଶୁକ୍ରବାର ପଞ୍ଚାୟତ ସମିତିର ଷଷ୍ଠ ଅଧିବେଶନ ବୈଠକ ପାଟଣା ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗ ଦେଇ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହ ବିନା ଦୁର୍ନୀତିରେ ସ୍ୱଚ୍ଛତାର ସହ ସରକାରୀ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଆବାସିକ ସ୍କୁଲ୍‌ର ଶୌଚାଳୟ ଅବସ୍ଥା ସୁଧାରିବାକୁ ଅଧିକାରୀଙ୍କୁ ତାଗିଦ କରିଥିଲେ। ଏଥିରେ ଶିକ୍ଷା ଓ ସ୍ୱାସ୍ଥ୍ୟ ଗମନା ଗମନ ପାନୀୟ ଜଳ ମହିଳା ଶିଶୁ ବିକାଶ ଉପରେ ଆଲୋଚନା ହୋଇଥିଲା। ବିନା କାରଣରେ ବୈଠକରେ ଅନୁପସ୍ଥିତି ଥିବା ପାଟଣା ବ୍ଲକ ଶିକ୍ଷା ଅଧିକାରୀ, ପୂର୍ତ୍ତ ବିଭାଗ ଅଧିକାରୀ ଉଠା ଜଳ ସେଚନ ଓ କ୍ଷୁଦ୍ର ଜଳସେଚନ ଅଧିକାରୀ, ପାଟଣା ସହକାରୀ କୃଷି ଉଦ୍ୟାନ ଅଧିକାରୀଙ୍କୁ ବିଧାୟକଙ୍କ ନିର୍ଦ୍ଦେଶରେ ବ୍ଲକ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏଥି ସହ ଅଘୋଷିତ ବିଦ୍ୟୁତକାଟ ଯୋଗୁଁ ଉଦ୍‌ବେଗ ପ୍ରକାଶ ପାଇବା ସହ ବଡ଼ପାଟଣା ସମିତିସଭ୍ୟ ପ୍ରଶ୍ନ ଉଠାଇ ବିଦ୍ୟୁତକାଟ କାରଣ ଏସ୍‌ଡିଓ ଜନ୍ମଜୟ ବେହେରାକୁ ପ୍ରଶ୍ନ କରିଥିଲେ। ସମିତିସଭ୍ୟଙ୍କ ପ୍ରଶ୍ନବାଣରେ ଏସ୍‌ଡିଓ ଘାଇଲା ହୋଇ ସନ୍ତୋଷ ଜନକ ଉତ୍ତର ନଦେଇ ହାତୀ ଆଳ ଦେଖାଇଥିଲେ। କାର୍ଯ୍ୟକ୍ରମରେ ବିଡିଓ ଶିବଶଙ୍କର ମୁର୍ମୁ, ଏବିଡିଓ ଚିତ୍ତରଞ୍ଜନ ନାୟକ, ବ୍ଲକ୍ ଉପାଧ୍ୟକ୍ଷ ବୀଣାପାଣୀ ନାୟକ, ଜିଲା ପରିଷଦ ସଭ୍ୟା ରୁନୁ ମହାନ୍ତ, ସୌଭାଗ୍ୟ ମଞ୍ଜରୀ ନାୟକ, ପ୍ରଫୁଲ୍ଲ ନାୟକ, ସାଂସଦଙ୍କ ପ୍ରତିନିଧି ପ୍ରହଲ୍ଲାଦ ପଲେଇ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ରାଧାକାନ୍ତ ମହାନ୍ତ, ପଲାଶଘାଟି ସମିତିସଭ୍ୟ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱ ନାଥ ନାଏକ, ସହକାରୀ ଯନ୍ତ୍ରୀ ସିଦ୍ଧ ମାଝୀ, ଜିପିଇଓ ରଶ୍ମିରେଖା ମହାନ୍ତି, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଶୁଭେନ୍ଦୁ କୁମାର ବଳ, ଏପିଓ ଦୀପକ ବେହେରା, ପାନୀୟ ଜଳ ଓ ପରିମଳ ବିଭାଗର ଯନ୍ତ୍ରୀ ସସ୍ମିତା ନାଏକ, ଯନ୍ତ୍ରୀ ମନୋଜ କୁମାର ପଣ୍ଡା, ଅଜୟ କୁମାର ଝା, ମୋନାଲିସା ଚକ୍ର, ମିହିର ଟୁଡୁ, ଲାଖାଇ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

ଏସ୍‌ଏଚ୍‌ଜି ମହିଳାଙ୍କୁ ଦୁର୍ବ୍ୟବହାର ମାମଲା

## ଭଣ୍ଡାରିଡିହା ସରପଞ୍ଚଙ୍କ ପୁଅଙ୍କ ନାମରେ ମାମଲା

**ଆନନ୍ଦପୁର, ୫।୭ (ସମିସ):** ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ବୈଠକରେ ବଳପୂର୍ବକ ପ୍ରବେଶ କରି ଦୁର୍ବ୍ୟବହାର କରିବା ଓ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ଘଟଣାରେ ସ୍ଥାନୀୟ ଭଣ୍ଡାରିଡିହା ଗ୍ରାମରେ ଉତ୍ତେଜକ ପରିସ୍ଥିତି ସୃଷ୍ଟି ହୋଇଛି। ଏନେଇ ସ୍ୱୟଂ ସହାୟିକ ଗୋଷ୍ଠୀର ସଦସ୍ୟା ମଧୁସ୍ମିତା ପଟ୍ଟନାୟକ ଘସିପୁରା ଥାନାରେ ଭଣ୍ଡାରିଡିହା ସରପଞ୍ଚଙ୍କ ପୁଅ ସଂଗ୍ରାମ କେଶରୀ ରାଉତଙ୍କ ନାମରେ ଅଭିଯୋଗ କରିଥିବା ଜଣାଯାଇଛି। ଅଭିଯୋଗକୁ ଆଧାର କରି ଘସିପୁରା ଥାନା ଇନ୍ସପେକ୍ଟର ସୁନିଲ କୁମାର କର ଭଣ୍ଡାରିଡିହା ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ କରିବା ପରେ ଥାନା କେଶ୍ ନଂ.୨୮୧ରେ ଅଭିଯୁକ୍ତ ସଂଗ୍ରାମଙ୍କ ନାମରେ ମାମଲା ରୁଜୁ କରିଥିବା ଜଣାଯାଇଛି। ତେବେ ଘଟଣା ପରେ ସଂଗ୍ରାମ ଫେରାର ଥିବାରୁ ଗିରଫ ହୋଇପାରିନଥିବା ପୁଲିସ ସୂତ୍ରରୁ ପ୍ରକାଶ। ମିଳିଥିବା ସୂଚନାନୁଯାୟୀ, ଭଣ୍ଡାରିଡିହା ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଏକ କମିଟି ଗଠନ କରାଯିବାକୁ ବୈଠକ ଡକାଯାଇଥିଲା। ମହିଳା ସଦସ୍ୟା ମାନେ ସର୍ବସମତି କ୍ରମେ ଜନୈକା ମହିଳାଙ୍କୁ କମିଟି ସଦସ୍ୟା କରିବାକୁ ନିଷ୍ପତି ନେଇଥିଲେ। ତେବେ ଉକ୍ତ ମହିଳାଙ୍କୁ କମିଟିରେ ରଖାଯିବ ନାହିଁ ବୋଲି ସଫା ସଫା ମନା କରିଥିଲେ ସରପଞ୍ଚଙ୍କ ପୁଅ ସଂଗ୍ରାମ। ଏହା ପରେ ସେ ମହିଳାମାନଙ୍କୁ ଦୁର୍ବ୍ୟବହାର କରିବା ସହିତ ଟଣାଓଟରା କରିଥିଲେ। ଏହି ଘଟଣାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ମହିଳାମାନେ ଏନେଇ ଥାନାରେ ଅଭିଯୋଗ କରିଥିଲେ।

# ବ୍ଲକ୍‌ସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମର ଶୁଭାରମ୍ଭ

**କେନ୍ଦୁଝର, ୫।୭ (ସମିସ)**




ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଜାନୁଆରୀ ୨୦୨୩ ରେ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଉଦଘାଟନ ହୋଇଥିଲା। ନିତି ଆୟୋଗଙ୍କ ଦ୍ୱାରା ପରିଚାଳିତ ଏହି ଅଭିଯାନ ମାଧ୍ୟମରେ ଦେଶର ୫୦୦ଗୋଟି ଦୁର୍ଗମ ଓ ଅନୁନ୍ନତ ବ୍ଲକ ମାନଙ୍କୁ ପ୍ରଗତିର ଶୀର୍ଷରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନାରେ କେନ୍ଦୁଝର ଜିଲ୍ଲାର ଦୁଇ ଗୋଟି ବ୍ଲକ ବାଂଶପାଳ ଓ ହରିଚନ୍ଦନପୁରକୁ ସାମିଲ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ନୀତି ଆୟୋଗ ଦ୍ୱାରା ଏହି ସଂପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମ ଉଭୟ ବାଂଶପାଳ ଏବଂ ହରିଚନ୍ଦନପୁର ବ୍ଲକରେ ଆରମ୍ଭ ହୋଇଛି। ନୀତି ଆୟୋଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ଦ୍ରୁତ ବିକାଶକୁ ସୁନିଶ୍ଚିତ କରିବା। ଏହି କାର୍ଯ୍ୟକ୍ରମ ଜୁଲାଇ ୪ ତାରିଖରୁ ଆରମ୍ଭ ହୋଇଥିବା ବେଳେ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ। ବିଶେଷକରି ଏଥିରେ ୬ ଟି ସୂଚଙ୍କାକକୁ ଗୁରୁତ୍ୱ ଦିଆଯାଇଛି, ସେଗୁଡ଼ିକ ହେଲା ସ୍ୱାସ୍ଥ୍ୟ ପ୍ରସବ ଯତ୍ନ, ଡାଇବେଟିସ୍ ଓ ଉଚ୍ଚ ରକ୍ତଚାପ ପରୀକ୍ଷଣ, ପୋଷକ ତତ୍ୱ, କୃଷି ମୃତ୍ତିକା ପରୀକ୍ଷା, ସାମାଜିକ ବିକାଶ ଆର୍ଥିକ ପରିଚାଳନା କ୍ଷମତା ଭବନ ପାଇଁ ଘୂର୍ଣ୍ଣନ ପାଣ୍ଠି ଅନ୍ତର୍ଭୁକ୍ତ। ବାଂଶପାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଫକୀର ଚରଣ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ଅଭିଯାନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ନୀତି ଆୟୋଗର ବରିଷ୍ଠ ଅଧିକାରୀ ସୁଶ୍ରୀ ମୋନିକା ଯୋଗଦେଇ ଏହି ଅଭିଯାନକୁ ସଫଳ କରିବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଲଳିତ ସୋରେଙ୍ଗ, ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକରାଣୀ କିସପାଟା, ଜିଲ୍ଲାପରିଷଦ ସଭ୍ୟ ଅରୁଣ କୁମାର ବାରିକ, ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ଗଜେନ୍ଦ୍ର କୁମାର ବେହେରା ଏବଂ ପଞ୍ଚାୟତସ୍ତରୀୟ ବିଭିନ୍ନ ଜନପ୍ରତିନିଧି ଉପସ୍ଥିତି ରହିଥିଲେ। ସେହିପରି ହରିଚନ୍ଦନପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝରର ସାଂସଦ ଅନନ୍ତ ନାୟକ ଯୋଗ ଦେଇ ଏହି ଯୋଜନାର ବିଭିନ୍ନ ଦିଗ ଉପରେ ଉପସ୍ଥିତ ଜନସାଧାରଣଙ୍କୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରିଚନ୍ଦନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନେଲି ନାଏକ, ଉପାଧ୍ୟକ୍ଷ ବିଜୟ କୁମାର ସାହୁ, ତହସିଲଦାର ହିମାଂଶୁ ଶେଖର ପଣ୍ଡା ଏବଂ ବିଡ଼ିଓ ଦୁଲାରାମ ମାରାଣ୍ଡି ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ, ଛାତ୍ରଛାତ୍ରୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ଯୋଗଦେଇଥିଲେ।

● ଜିଏସ୍‌ଟି ଚଢ଼ଉ

## ୪୦ ହଜାରରୁ ଉର୍ଦ୍ଧ୍ୱ ଜରିମାନା ଆଦାୟ

**ଚମ୍ପୁଆ, ୫।୭ (ସମିସ):** ସିଟି ଏଣ୍ଡ ଜିଏସ୍‌ଟି ବିଭାଗ ପକ୍ଷରୁ ଆଜି ଚମ୍ପୁଆ ତହସିଲ ଛକ ନିକଟରେ ଦୁଇ ଗୋଟି ଗାଡି ଉପରେ ଚଢ଼ଉ କରାଯାଇ ୪୪ ହଜାର ୩୬୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ବିଭାଗୀୟ ଅଧିକାରୀ କିଶୋର ଚନ୍ଦ୍ର ଜେନା ସୂଚନା ଦେଇଛନ୍ତି। ସୂଚନା ମୁତାବକ ଚମ୍ପୁଆ ଏକ ଉପାନ୍ତ ଅଂଚଳ ହୋଇଥିବା ବେଳେ ପୋଡଶୀ ଝାଡଖଣ୍ଡ ରାଜ୍ୟ ସହ ବ୍ୟବସାୟୀକ ସଂପର୍କ ରହିଛି। ଏହାର ସୁଯୋଗ ନେଇ ବ୍ୟବସାୟୀ ମାନେ ବହୁ ସମୟରେ ବିଭାଗ ଆଖିରେ ଧୂଳି ଦେଇ ଟିକସ ଫାଙ୍କି ବ୍ୟବସାୟ ଚଳାଉଛନ୍ତି। ଏହାକୁ ଆଖି ଆଗରେ ରଖି ଆଜି ସକାଳ ୮ ଘଟିକା ସମୟରେ ସିଟି ଏଣ୍ଡ ଜିଏସ୍‌ଟି ପକ୍ଷରୁ ତହସିଲ ନିକଟରେ ଦୁଇ ଗୋଟି ଗାଡିକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ କାଗଜ ପତ୍ରରେ ତ୍ରୁଟି ଥିବା ଜଣାଯିବା ପରେ କିଶୋର ଚନ୍ଦ୍ରଙ୍କ ଜେନାଙ୍କ ନେତୃତ୍ୱରେ ସହକାରୀ ଅଧିକାରୀ ଭୀମଶେନ ମହାନ୍ତି ଓ ଅଜୟ କୁମାର ମଲ୍ଲିକ ଦୁଇ ଗୋଟି ଗାଡିକୁ ୨୫ ହଜାର ଓ ୧୮ ହଜାର ୩୬୦ ଟଙ୍କାର ଫାଇନ କାଟିଥିଲେ ଆଗକୁ ଏହି ଚଢ଼ଉ ଜାରି ରହିବ ବୋଲି ଶ୍ରୀ ଜେନା ସୂଚନା ଦେଇଛନ୍ତି।



# ଭଦ୍ରକ ଉପଭୋକ୍ତା ସମାଧାନ ଆୟୋଗଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ସିଣ୍ଡିକେଟ୍ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଆର୍ଥିକ ଦଣ୍ଡାଦେଶ

**ଭଦ୍ରକ,୫।୭(ସମିସ)**

ଭଦ୍ରକ ଉପଭୋକ୍ତା ବିବାଦ ସମାଧାନ ଆୟୋଗ ଏକ ଉପଭୋକ୍ତା ଜନିତ ମାମଲାର ବିଚାର କରି ତାଙ୍କ ରାୟରେ ଭଦ୍ରକ ଶାଖା ସିଣ୍ଡିକେଟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଆର୍ଥିକ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ବିବରଣୀରୁ ପ୍ରକାଶ ଯେ, ଭଦ୍ରକ ସହର ଅପର୍ତିବିନ୍ଧା ଅଞ୍ଚଳର ସ୍ୱର୍ଗତ ପଦ୍ମନାଭ କରଙ୍କ ପୁଅ ତାପସ କର ଭଦ୍ରକ ଶାଖା ସିଣ୍ଡିକେଟ ବ୍ୟାଙ୍କର ଡାଇରେକ୍ଟ ସେଲିଂ ଏଜେଣ୍ଟ ବ୍ୟାଙ୍କ ବଜାର ସଂସ୍ଥା ମାଧ୍ୟମରେ ୨ଟି ପର୍ଯ୍ୟାୟରେ ଗତ ୯-୪-୧୩ ତାରିଖରେ ୩୦ହଜାର ଟଙ୍କା ଓ ଗତ ୨-୫-୧୭ତାରିଖରେ ୧୭ହଜାର ୪ଶହ ଟଙ୍କା ଋଣ ନେଇଥିଲେ। ପରେ ସେ ଉକ୍ତ ଋଣ ସମ୍ପୂର୍ଣ୍ଣ ଭାବେ ପରିଶୋଧ କରିଥିଲେ। ତେବେ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କ ପ୍ରତିଶ୍ରୁତି ମୁତାବକ ୧ମାସ ମଧ୍ୟରେ ଋଣ ପରିଶୋଧ କରିଥିବା ତାପସଙ୍କୁ ଏନ୍‌ଓସି ପ୍ରଦାନ କରିନଥିଲେ। ଅନ୍ୟପକ୍ଷରେ ତାପସଙ୍କ ନାମକୁ ସିବିଲ (ଖିଲାପକାରୀଙ୍କ ତାଲିକାଭୁକ୍ତ) ଦର୍ଶାଇଥିଲେ। ଏଥିରେ ବ୍ୟଥିତ ହୋଇ ତାପସ ଗତ ୨୫-୯-୧୮ ତାରିଖରେ ଭଦ୍ରକ ଉପଭୋକ୍ତା ବିବାଦ ସମାଧାନ ଆୟୋଗରେ ଏକ ସିସି ମାମଲା (ନଂ-୬୪/୨୦୨୮) ରୁଜୁ କରିଥିଲେ। ଏଥିରେ ଭଦ୍ରକ ଶାଖା ସିଣ୍ଡିକେଟ୍ ବ୍ୟାଙ୍କ ବ୍ରାଞ୍ଚ ମ୍ୟାନେଜର ଓ ବ୍ୟାଙ୍କର ଡାଇରେକ୍ଟ ସେଲିଂ ଏଜେଣ୍ଟ ବ୍ୟାଙ୍କ ବଜାର ସଂସ୍ଥାକୁ ପକ୍ଷଭୁକ୍ତ କରିଥିଲେ। ତେବେ ବ୍ୟାଙ୍କ ବଜାର କର୍ତ୍ତୃପକ୍ଷଙ୍କ ଏଥିରେ ସଂପୃକ୍ତି ନଥିବାରୁ ସେ ହାଜର ହୋଇନଥିଲେ। ତେବେ ସିଣ୍ଡିକେଟ ବ୍ୟାଙ୍କ ବ୍ରାଞ୍ଚ ମ୍ୟାନେଜର ହାଜର ହୋଇ ତାଙ୍କ ପକ୍ଷ ରଖିଥିଲେ। ସେ ଦର୍ଶାଇଥିଲେ ଯେ, ଋଣ ପରିଶୋଧ ପରେ ତାପସ ଏନ୍‌ଓସି ମାଗି ନଥିଲେ ଓ ତାଙ୍କ ନାମ ସିବିଲ ତାଲିକରୁ ବାଦ ଦେବାକୁ କହିଥିଲେ। ଉକ୍ତ ମାମଲାର ସମସ୍ତ ଦଲିଲକୁ ତର୍ଜମା କରିବା ସହ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଗତ ୨ତାରିଖ ଭଦ୍ରକ ଉପଭୋକ୍ତା ବିବାଦ ସମାଧାନ ଆୟୋଗ ସଭାପତି ଶିବପ୍ରସାଦ ମହାନ୍ତି ଓ ସଭ୍ୟା ମଧୁସ୍ମିତା ପାଇଁ ତାଙ୍କ ରାୟରେ ଭଦ୍ରକ ସିଣ୍ଡିକେଟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାରୁ ଉପଭୋକ୍ତା ତାପସଙ୍କ ନାମ ସିବିଲ ବା ଋଣୀ ତାଲିକାଭୁକ୍ତ ହୋଇଥିବା ଦର୍ଶାଇଥିଲେ। ସେହିଭଳି ଋଣ ପରିଶୋଧ ପରେ ଏନ୍‌ଓସି ପ୍ରଦାନ କରିବା ବାଧ୍ୟତାମୂଳକ ବୋଲି ଆୟୋଗ ଦର୍ଶାଇଥିଲେ। ତେଣୁ ବ୍ୟାଙ୍କ ସେବା ପ୍ରଦାନରେ ଖିଲାପ କରିଥିବା ବିବେଚନା କରି ତାଙ୍କ ରାୟରେ ୨୦ହଜାର ଟଙ୍କା ଜରିମାନା ଓ ମାମଲା ବାବଦକୁ ୫ହଜାର ଟଙ୍କା ଖର୍ଚ୍ଚ ମିଶାଇ ମୋଟ ୨୫ହଜାର ରାୟ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ଉପଭୋକ୍ତା ତାପସଙ୍କୁ ପ୍ରଦାନ କରିବାକୁ ଆଦେଶ କରିଛନ୍ତି। ଏହା ନକଲେ ବ୍ୟାଙ୍କ ବର୍ଷକୁ ୬ ପ୍ରତିଶତ ସୁଧ ସହ ସମସ୍ତ ଟଙ୍କା ପୈଠ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ପାଇପ୍ ବୋଝେଇ ଟ୍ରକ୍ ଉପରେ ମାମଲା




**ବାରିକପୁର,୫।୭(ସମିସ):** ଭଣ୍ଡାରିପୋଖରୀ ଥାନା ୧୬ ନମ୍ବର ଜାତୀୟ ରାଜପଥର କହରାପୋଖରୀ ନିକଟରେ ଓଲଟି ପଡିଥିବା ଏକ ପାଇପ ବୋଝେଇ ଟ୍ରକ ଉପରେ ମାମଲା ରୁଜୁ ହୋଇଛି। ସୂଚନା ମୁତାବକ ଗତ ବୁଧବାର ଦିନ ପ୍ରାୟ ୨ଟା ସମୟରେ ଓଡି ୧୧ଇ ୮୩୦୩ ପାଇପ ବୋଝେଇ ଟ୍ରକଟି ପଶ୍ଚିମବଙ୍ଗରୁ ପାଇପ ବୋଝେଇ କରି ହାଇଦରାବାଦ ଯାଉଥିଲା। କହରାପୋଖରୀ ଶାସନ ନିକଟରେ କୌଣସି କାରଣ ବଶତଃ ଟ୍ରକଟି ଭାରସାମ୍ୟ ହରାଇ ଏକ ଇଲେକ୍ଟ୍ରି ପୋଲକୁ ଧକ୍କା ଦେଇ ରାସ୍ତା ପାର୍ଶ୍ୱ ନୟନଯୋରୀ କୁ ଓଲଟି ପଡ଼ିଥିଲା। ଦୁର୍ଘଟଣା ଯୋଗୁଁ ବିଦ୍ୟୁତ୍ ଭିତିଭୂମିର କ୍ଷୟକ୍ଷତି ହୋଇଥିଲା। ବିଭାଗ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଟ୍ରକଟିକୁ ଜବତ କରି ଚାଳକକୁ ଅଟକ ରଖିଓ୍ୱା ସହିତ ୨୯ ୭/୨୪ ରେ ଏକ ମାମଲା ରୁଜୁ କରିଛି।

## କୋଟସିରାଠାରେ ଜବରଦଖଲ ଉଚ୍ଛେଦ



**ବାରିକପୁର/ମଞ୍ଜୁରୀରୋଡ,୫।୭(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରାଜେନ୍ଦ୍ରପୁର ପଞ୍ଚାୟତ କୋଟସିରା ଠାରେ ଆଜି ଜବରଦଖଲ ଉଚ୍ଛେଦ ହୋଇଛି। ଗ୍ରାମର କିଛି ଅସାଧୁ ଶ୍ରେଣୀୟ ବ୍ୟକ୍ତି ସରକାରୀ ଜାଗାକୁ ଅକ୍ତିଆର କରିଥିବା ବେଳେ ଏକ ନଳକୂପର ଜଳ ନିଷ୍କାସନ ପଥକୁ ମଧ୍ୟ ଅବରୋଧ କରିଥିଲେ। ଏନେଇ ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ଏକ ମାମଲା ଦାୟର ହୋଇଥିଲା। ତଦନୁଯାୟୀ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆଜି ତହସିଲଦାରଙ୍କ ନେତୃତ୍ୱରେ ଜବରଦଖଲ ସ୍ଥାନ ଗୁଡିକୁ ଉଚ୍ଛେଦ କରାଯାଇଛି। ମିଳିଥିବା ସୂଚନା ମୁତାବକ ଖାତା ନଂ. ୪୭୦ ମୂଳେ ପ୍ଲଟ ନଂ ୧୫୧୨, ୧୫୧୭, ୧୩୬୮ କିସମ ସର୍ବସାଧାରଣ ରାସ୍ତା ଓ ୧୩୬୯ କୋଦଣ୍ଡା କିସମକୁ ଜବରଦଖଲ ମୁକ୍ତ କରାଯାଇଛି। ଉଚ୍ଛେଦ ସମୟରେ ତହସିଲଦାର ସରୋଜକାନ୍ତ ନାୟକ, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ମୃତ୍ୟୁଞ୍ଜୟ ମହାପାତ୍ର, ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ ଦିବାକର ସାହୁ, ଭାଗିରଥି ଦାସ, ରାଜସ୍ୱ ନିରୀକ୍ଷକ ଦେବୀପ୍ରସନ୍ନ ବାରିକ, ସ୍ଥାନୀୟ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ ଓ ବିଦ୍ୟୁତ ବିଭାଗ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏହାଛଡା ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଥାନା ପକ୍ଷରୁ ପୁଲିସ ଅଧିକାରୀଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।

## ରାତିରେ ଢାଳିଲେ କଂକ୍ରିଟ୍, ସକାଳେ ଧୋଇଗଲା



**ତିହିଡି,୫।୭(ସମିସ):** ତିହିଡି ପୁରୁଣାହାଟ ଛକରୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାର ତହସିଲ ଅଫିସ ନିକଟରେ ପାଣି ପାଇପ ବିଛାଣ ଲାଗି କଂକ୍ରିଟ ରାସ୍ତାକୁ ଖୋଳି ପକା ଯାଇଥିଲା। ତେବେ ପାଇପ ବିଛାଣ ପରେ ଏହାକୁ ନ ପୋତିବା ଯୋଗୁଁ ରାସ୍ତାରେ ପାଣି ଜମିବା ସହ ଯାତାୟାତରେ ଲୋକେ ଅସୁବିଧା ଭୋଗିଥିଲେ। ତେବେ ଏଥିନେଇ ଖବର ପ୍ରସାରଣ ପରେ ଠିକାଦାର ଗତକାଲି ରାତିରେ ଅତି ତରବରିବା ଭାବେ ଏହାକୁ କଂକ୍ରିଟରେ ପୋତି ଦେଇଛନ୍ତି। ତେବେ ବର୍ଷା ମାଡ ଓ ଯାନବାହନ ଚଳାଚଳ ଯୋଗୁଁ ଉକ୍ତ କଂକ୍ରିଟ ଧୋଇଯିବା ସହ ଉକ୍ତ ସ୍ଥାନ ପୁଣି ଦବି ଯାଇଛି। ଯାହା ଆଗକୁ ଆହୁରି ଅସୁବିଧା ସୃଷ୍ଟି କରିବାର ସମ୍ଭାବନା ଦେଖାଦେଇଛି। ସେହିପରି ଉକ୍ତ ରାସ୍ତାର ଆଗକୁ ଅନ୍ୟ ସ୍ଥାନରେ ମଧ୍ୟ ଠିକାଦାର ରାସ୍ତାକୁ ଖୋଳାଖୋଳି କରି ନଷ୍ଟ କରିଥିବା ଯୋଗୁଁ ସାଧାରଣ ଲୋକେ ଯିବାଆସିବାରେ ଅସୁବିଧା ଭୋଗୁଥିବା ବେଳେ ଗାଡି ମଟର ଚଳାଚଳରେ ଅସୁବିଧା ହେଉଛି । ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଯୁବ ଓ ଛାତ୍ର କଂଗ୍ରେସର ଗଣଧାରଣା ଓ ବିକ୍ଷୋଭ



**ଭଦ୍ରକ,୫।୭(ସମିସ):** ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକ ଠାରେ ରାହୁଲ୍ ଗାନ୍ଧିଙ୍କ ଉପରେ ଅଶାଳୀନ ମନ୍ତବ୍ୟ ଓ ଅଗଣତାନ୍ତ୍ରିକ କାର୍ଯ୍ୟକଳାପକୁ ବିରୋଧ କରି ଭଦ୍ରକ ଜିଲ୍ଲା ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ପକ୍ଷରୁ ଭଦ୍ରକ ଏସ୍‌ପିଙ୍କ କାର୍ଯ୍ୟାଳୟ ଠାରେ ଏକ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା ଯୁବ କଂଗ୍ରେସ କମିଟିର ସଭାପତି ବଳରାମ ରାଉତଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରୁ ଏକ ପଟୁଆରା ବାହାରି ଏସ୍‌ପିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କମିଟିର କାର୍ଯ୍ୟକାରୀ ସଭାପତି ସୁବ୍ରତ ବେହୁରିଆ, ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ଇଲ୍ଲିୟାସ ଅଲ୍ଲୀ ଖାନ୍, ଧାମନଗର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଆଲୋକ ସ୍ୱାଇଁ, ବାସୁଦେବପୁର ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସିଦ୍ଧାର୍ଥ ଦାସ, ଟାଉନ୍ ଯୁବ କଂଗ୍ରେସ ସଭାପତି ସୁଶାନ୍ତ ମହାକୁଡ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ଶକ୍ତି ପ୍ରତାପ ବିଶ୍ୱାଳ, ଉପସଭାପତି ପ୍ରଫୁଲ୍ଲ ପୃଷ୍ଟି, ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସାହାଦ ସିଦ୍ଦିକି, ସୁଧାଂଶୁ ନାୟକ ଭଦ୍ରକ ସିଟି କଂଗ୍ରେସ ଯୁବ ସଭାପତି ସୁଶାନ୍ତ ଦାସ, ଭଦ୍ରକ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶେଖ୍ ସାହିଲ୍ କାଦ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ଦେବରୂପ ମାହାନ୍ତି, ବଶିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ମହାନ୍ତି, ପିତବାସ ଧଳ, ରଞ୍ଜନ ଜେନା, କଳ୍ପତରୁ ପରିଡା, ରମେଶ ଚନ୍ଦ୍ର ବେହେରା, ବିଦ୍ୟାଧର ଜେନା ନାରାୟଣ ଚନ୍ଦ୍ର ପାଢ଼ୀ, ବିଶ୍ୱଜିତ୍ ସ୍ୱାଇଁ, ଅରବିନ୍ଦ ନାୟକ , ସଞ୍ଜୟ ମିଶ୍ର, କାଉନସିଲର ଫରୟାଦ ଖାନ, ହେମନ୍ତ ସାହୁ, ମହିଳା ନେତ୍ରୀ ସ୍ୱସ୍ତିକା ପଣ୍ଡା, ପୂର୍ବତନ ସରପଂଚ ଅଶ୍ୱିନୀ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମ ଟିକୁ ସଫଳ କରାଇବା ନିମନ୍ତେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ପ୍ରକାଶଜ୍ୟୋତି ମହାକୁଡ, ହରିହର ମଣ୍ଡଳ, ଶେଖ୍ ଲାଲୁ,ରଞ୍ଜିତ ଦାସ, ଆଶିଷ ନାୟକ, ବିପ୍ଳବ ପାତ୍ର, ସତ୍ୟ ପୁହାଣ, ସୂର୍ଯ୍ୟ ବିଶ୍ୱାଳ ପ୍ରମୁଖଉ ଉପସ୍ଥିତ ଥିଲେ।

## ଏବିଭିପି ଭଦ୍ରକ ଜିଲ୍ଲା ସମିତି ପୁନର୍ଗଠିତ

**ଭଦ୍ରକ,୫।୭(ସମିସ):** ଢେଙ୍କାନାଳରେ ଅନୁଷ୍ଠିତ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ପ୍ରଦେଶର ପ୍ରାନ୍ତ ଅଭ୍ୟାସ ବର୍ଗ- ୨ରେ ଶିକ୍ଷାବର୍ଷ ୨୦୨୪- ୨୫ ପାଇଁ ଏବିଭିପି ଭଦ୍ରକ ଜିଲ୍ଲା ସମିତି ଘୋଷଣା କରାଯାଇଛି। ରାଜ୍ୟ ସଭାପତି ଅଧ୍ୟାପିକା ଗାର୍ଗୀ ବାନାର୍ଜୀଙ୍କ ଅନୁମୋଦନ କ୍ରମେ ରାଷ୍ଟ୍ରୀୟ କାର୍ଯ୍ୟ ସମିତିର ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ତଥା ପୂର୍ବତନ ରାଜ୍ୟ ସଭାପତି ଅଧ୍ୟାପକ ଦିଲ୍ଲୀପ ଦାସ ବିଭିନ୍ନ ସାଙ୍ଗଠନିକ ବିଭାଗ ଏବଂ ଜିଲ୍ଲା ସମିତି ଘୋଷଣା କରିଛନ୍ତି। ଏହି କ୍ରମରେ ଭଦ୍ରକ ଜିଲ୍ଲା ପ୍ରମୁଖ ଭାବେ ସ୍ୱାଧୀନସୁନ୍ଦର ଦାସ, ଜିଲ୍ଲା ସହ ପ୍ରମୁଖ ଶିକ୍ଷାବିତ ପୁରୁଷୋତ୍ତମ ବେହେରା, ଅଧ୍ୟାପକ କିଶୋର କୁମାର ପୃଷ୍ଟି, ଜିଲ୍ଲା ସଂଯୋଜିକା ଭଦ୍ରକ ମହିଳା ମହାବିଦ୍ୟାଳୟର ଛାତ୍ରୀ ପାର୍ବତୀ ମିଶ୍ର, ସହ ସଂଯୋଜକ ଛାତ୍ରନେତା ଶ୍ରୀତମ ସାମଲ, ଆକାଶ ପଣ୍ଡାଙ୍କୁ ମନୋନତୀ କରାଯାଇଛି। ସେହିପରି ବାଲେଶ୍ୱର ବିଭାଗ ସମିତି ପାଇଁ ସଂଗଠନ ସମ୍ପାଦକ ସମ୍ବିତପ୍ରସାଦ ରାଉତ, ସଂଯୋଜକ ଶୁଭ୍ର ସମ୍ବିତ ନାୟକ, ଭଦ୍ରକ ଜିଲ୍ଲାରୁ ବିଭାଗ ପ୍ରମୁଖ ଭାବେ ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା, ସହ ସଂଯୋଜକ ଜ୍ୟୋତିପ୍ରକାଶ ସାହୁ, ଛାତ୍ରୀ ପ୍ରମୁଖ ଶୁଭଲକ୍ଷ୍ମୀ ପୃଷ୍ଟି, ରାଷ୍ଟ୍ରୀୟ କଳାମଞ୍ଚ ସଂଯୋଜିକା ପ୍ରିୟଙ୍କା ଦାଶ, ଏସ୍‌ଏଫଡି ସଂଯୋଜକ ବିଶ୍ୱନାଥ ଲାହା ସାଂଗଠନିକ ଦାୟିତ୍ୱ ଗ୍ରହଣ କରିଛନ୍ତି। ପରବର୍ତ୍ତୀ ସମୟରେ ଜିଲ୍ଲା ଅଭ୍ୟାସ ବର୍ଗରେ ଜିଲ୍ଲା କ୍ଷେତ୍ରରେ ପାରଦର୍ଶୀ ଛାତ୍ରନେତାଙ୍କୁ ଜିଲ୍ଲା ସମିତିରେ ନିଆଯିବ ବୋଲି ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ ପ୍ରକାଶ କରିଛନ୍ତି।



ସ୍ୱାଧୀନସୁନ୍ଦର ଜିଲ୍ଲା ପ୍ରମୁଖ
ପାର୍ବତୀ ଜିଲ୍ଲା ସଂଯୋଜିକା

## ମନ୍ତ୍ରୀ, ବିଧାୟକଙ୍କୁ ସମ୍ବର୍ଦ୍ଧନା ଦେବ ନାଗରିକ ମହାସଂଘ



**ଭଦ୍ରକ,୫।୭(ସମିସ):** ଆସନ୍ତା ୮ତାରିଖ ସୋମବାରରେ ଡାହାଣୀଗାଡ଼ିଆ ନିକଟ ଗୁଜୁରାଟୀଭବନ ସଭାଗୃହରେ ଭଦ୍ରକ ଜିଲ୍ଲାର ନିର୍ବାଚିତ ସାଂସଦ, ବିଧାୟକ ଓ ମନ୍ତ୍ରୀଙ୍କୁ ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ତରଫରୁ ସମ୍ବର୍ଦ୍ଧିତ କରାଯିବ। ଜିଲ୍ଲାର ପ୍ରମୁଖ ଛାମୁଆ ସଂଗଠନ ମାନେ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମ୍ବର୍ଦ୍ଧନା ପ୍ରଦାନକରିବା ପାଇଁ ଆଜିର ପ୍ରସ୍ତୁତି ବୈଠକରେ ନିଷ୍ପତି ହୋଇଛି। ଏଣୁ ଜିଲ୍ଲାର ୨୨ଗୋଟି ବରିଷ୍ଠ ନାଗରିକ ସଂଗଠନର ସଦସ୍ୟ ସଦସ୍ୟା ଓ ଭଦ୍ରକର ପ୍ରମୁଖ ସଂଗଠନ ଏଥବରେ ସାମିଲ ହେବେ ବୋଲି ମହାସଂଘର ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ଉକ୍ତ ବୈଠକରେ ସଭାପତି ଲଲାଟେନ୍ଦୁ ମହାନ୍ତି, କାର୍ଯ୍ୟକାରୀ ସଭାପତି ପଦ୍ମନ ରାୟ, ଉପସଭାପତି ସଚିକାନ୍ତ ପଣ୍ଡା, ସହ ସମ୍ପାଦକ ବିଭୂତି ଭୂଷଣ ସେନାପତି, ଉପଦେଷ୍ଟା ରଙ୍ଗବଲ୍ଲଭ ଯେନା, ଅଜୟ ନାୟକ, ନିହାର ଦାସ, କୋଷାଧକ୍ଷ ବିଜୟକୁମାର ସେନାପତି, ଭକ୍ତହରି ମହାପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ଇଂ.ମହେଶ ପ୍ରସାଦ ଦାସ, ରାଧାରାଣୀ ମହାପାତ୍ର, ଶାନ୍ତନୁ ରାଉତ, କୈଳାଶ ଚନ୍ଦ୍ର ପଣ୍ଡା, ଇନ୍ଦ୍ରମଣି ପଣ୍ଡା, ଲକ୍ଷ୍ମଣ ମହାନ୍ତି,ବୈଲୋଚନ ବେଉରିଆ, ଦିଲ୍ଲୀପ ନାୟକ, ଲକ୍ଷ୍ମୀକାନ୍ତ ବାରିକ, ମଧୁସୂଦନ ସାହୁ, ଅମର ପାଣିଗ୍ରାହୀ, ମହେନ୍ଦ୍ର ସାହୁ,ସଂଗୀତା ଦେ,ସ୍ନେହଲତା ବେହେରା, ଶାନ୍ତିଲତା ବାରିକ, ସଂଯୁକ୍ତା ଯାଦବ, ରାନ୍ଦିଆ ସଂଘର ସହ ସମ୍ପାଦକ ଗୌରାଙ୍ଗ ବାରିକ, ପୁରୁଣାବଜ଼ାର ସଂଘର ସମ୍ପାଦକ ରାମଚନ୍ଦ୍ର କର, ଉପଦେଷ୍ଟା ସୁଧାକର ରାଉତ, ଚରମ୍ପା ସଂଘର ଉପଦେଷ୍ଟା ଭାଗିରଥି ବେହେରା, ଅଜୟ ପାଢ଼ୀ, ଶଙ୍କର୍ଷଣ ସାହୁ,ଅଗରପଡା ସଂଘର ସମ୍ପାଦକ କୈଳାଶ ଚନ୍ଦ୍ର ଧଳ,ଅର୍ଣ୍ଣପାଳ ସଂଘର ସଭାପତି ରଘୁନାଥ ସାହୁ ଆଲୋଚନାରେ ଅଂଶ ଗ୍ରହଣ

## ଓସାର ଆମରଣ ଅନଶନ ଚେତାବନୀ ସ୍ଥଗିତ

**ଭଦ୍ରକ,୫।୭(ସମିସ):** ଡେପୁଟେସନରେ ଥିବା ଭଦ୍ରକ ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ବଙ୍କ ଯୁଜିଯୁପି ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ଅନ୍ୟତ୍ର ବଦଳି ହେବା ପରେ ମଧ୍ୟ ସେ ବିଦ୍ୟାଳୟ ଛାଡ଼ି ଯାଉନଥିବାର ଅଭିଯୋଗ ହେବା ସହ ବିଦ୍ୟାଳୟ ଛାଡ଼ି ନ ଯିବାର କାରଣ କ'ଣ ବୋଲି ଓଡ଼ିଶା ସୂଚନା ଅଧିକାର ଅଭିଯାନ(ଓସା) ଭଦ୍ରକ ଶାଖା ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏନେଇ ଜିଲ୍ଲାପାଳଙ୍କୁ ଅବଗତ କରାଯିବା ସହ ଆଗାମୀ ୭ଦିନ ମଧ୍ୟରେ ଏଥି ନେଇ କୋ÷ଣସି ବିହୀତ ପଦକ୍ଷେପ ନିଆନଗଲେ ଆସନ୍ତା ଜୁଲାଇ ୬ ତାରିଖରେ ଆମରଣ ଅନଶନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଭଦ୍ରକ ଜିଲ୍ଲା ଶାଖା ପକ୍ଷରୁ ସଭାପତି ପ୍ରକାଶ ଜେନା, ସଂଯୋଜକ ବିପ୍ଳବ ହୋତାଙ୍କ ସମେତ ବିଶ୍ୱକେଶରୀ ମହାନ୍ତି, ବିକାଶ ଧଳ, ନରେନ୍ଦ୍ର ସାହୁ, ରବିନ୍ଦ୍ର ଦାସ, ପଞ୍ଚାନନ ବେହେରା, ପର୍ଶୁରାମ ଓଝା, ଚନ୍ଦ୍ରଶେଖର ରାଉତ ପ୍ରମୁଖ କର୍ମକର୍ତ୍ତା ଅନଶନରେ ବସିବାର ଚେତାବନୀ ମଧ୍ୟ ଦେଇଥିଲେ। କିନ୍ତୁ ସରକାରୀ ଛୁଟି ଯୋଗୁଁ ଉକ୍ତ ଦିବସରୁ ଆରମ୍ଭ ହେବାକୁ ଥିବା ଅନଶନକୁ ସ୍ଥଗିତ ରଖାଯିବା ସହ ଆସନ୍ତା ଜୁଲାଇ ୧୮ ତାରିଖରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି କାର୍ଯ୍ୟାଳୟ ଭଦ୍ରକ ଜିଲ୍ଲାପାଳଙ୍କୁ ପୁନଃ ଅବଗତ କରାଯାଇଥିବା ଜଣାପଡ଼ିଛି।

## ବରିଷ୍ଠ ନାଗରିକ ସଙ୍ଘର କାର୍ଯ୍ୟକାରିଣୀ ବୈଠକ



**ତିହିଡ଼ି,୫।୭(ସମିସ):** ତିହିଡ଼ି ବ୍ଲକ ବରିଷ୍ଠ ନାଗରିକ ସଙ୍ଘର କାର୍ଯ୍ୟକାରିଣୀବୈଠକ ଉପସଭାପତି ମହେଶ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଗତ ବାର୍ଷିକ ଉତ୍ସବର ଆୟବ୍ୟୟର ହିସାବ କୋଷାଧକ୍ଷ ମଥୁରୀମୋହନ ବେହେରା ଉପସ୍ଥାପିତ କରିଥିଲେ। ବ୍ଲକ ସମ୍ପାଦକ ବିଭୂତିଭୂଷଣ ସେନାପତି ଭାରତୀୟ ନାଗରିକ ସୁରକ୍ଷା ସଂହିତା - ୨୦୨୩କୁ ଜୁଲାଇ ମାସ ଏକ ତାରିଖ ଠାରୁ ଲାଗୁ କରାଯାଇଥିବାରୁ ୫୧୧ ଦଫା ବଦଳରେ ୩୫୮ଟି ଦଫାକୁ ବରିଷ୍ଠମାନେ ପାଳନ କରିବା ପାଇଁ ଅବଗତ କରାଇଥିଲେ। ତିହିଡ଼ି ବ୍ଲକର ବରିଷ୍ଠମାନେ ବିଭିନ୍ନ ସମୟରେ ବ୍ୟାଙ୍କ୍, ଡାକ୍ତରଖାନା ତଥା ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟରେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଥିବାରୁ ଉଦ୍‌ବେଗ ପ୍ରକାଶ କରାଗଲା। ଆଗାମୀ ଦିନରେ ଏବିଷୟରେ ସରକାରଙ୍କୁ ଓ ଭଦ୍ରକ ଜିଲ୍ଲା ସଙ୍ଘକୁ ଅବଗତ କରିବା ପାଇଁ ସ୍ଥିରକରାଗଲା। ଆଗାମୀ ବୈଠକରେ ବରିଷ୍ଠ ନାଗରିକ ସଙ୍ଘର ନୂତନ କର୍ମକର୍ତା ମନୋନୟନ କରିବା ପାଇଁ ନିଷ୍ପତି ନିଆଗଲା। ସୁରେନ୍ଦ୍ରନାୟକ, ସାଧୁଚରଣ ସେଠୀ, ସନ୍ନ୍ୟାସୀଚରଣ ବ୍ରହ୍ମ, ଧନେଶ୍ୱର ବିଶ୍ୱାଳ, ପି.ହୃଷିକେଶ, ଅକ୍ଷୟବ୍ରହ୍ମ, ବଳରାମସେନାପତି ଓ ହରିଶ୍ଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଜମାକାରୀଙ୍କ ସଞ୍ଚୟଖାତା ଓ ଟଙ୍କା ହଡ଼ପ ଅଭିଯୋଗ

# ପୋଷ୍ଟ ମାଷ୍ଟର ଫେରାର



**ଭଦ୍ରକ/ଭଣ୍ଡାରିପୋଖରୀ/ଦୋବଲ,୫।୭(ସମିସ):** ଭଣ୍ଡାରିପୋଖରୀ ବ୍ଲକ କୁରିଗାଁ ଡାକ ସେବା ଶାଖା ପୋଷ୍ଟ ମାଷ୍ଟର ଗ୍ରାହକଙ୍କ ଟଙ୍କା ଓ ସଞ୍ଚୟ ଜମା ଖାତା ନେଇ ଫେରାର ହୋଇ ଯାଇଥିବା କେତେକ ଜମାକାରୀ ଅଭିଯୋଗ କରିଛନ୍ତି। ଜମାକାରୀ ମାନେ କରିଥିବା ଅଭିଯୋଗ ଅନୁଯାୟୀ ପୋଷ୍ଟ ମାଷ୍ଟର ସଞ୍ଚୟ ଜମାଖାତା ରଖି ଟଙ୍କା ହଡ଼ପ କରିଛନ୍ତି। ପୁଣି କାହାର ଦସ୍ତଖତ ଓ ଗ୍ରାହକଙ୍କ ଠାରୁ ଟଙ୍କା ନେଇ ଜମା ନକରି ଟଙ୍କା ହଡ଼ପ କରିଥିବା ଅଭିଯୋଗ କରିଛନ୍ତି ଜମାକାରୀ ମାନେ। ଭାଗ୍ୟବତୀ ସେଠୀ, ନମି ସେଠୀ, ଗୋପାଳ କୃଷ୍ଣ ସେଠୀ, ଅନୁରାଧା ସାମଲ ପ୍ରମୁଖ ମହିଳା ଓ ପୁରୁଷ ଜମାକାରୀଙ୍କ ଅଭିଯୋଗ ଅନୁଯାୟୀ ସେମାନଙ୍କ ଠାରୁ ପୋଷ୍ଟ ମାଷ୍ଟର ଜଣକ ବିଭିନ୍ନ ପ୍ରକାରର ଜାଲିଆତି କରି ଅଢେଇ ଲକ୍ଷ ଟଙ୍କ ହଡ଼ପ କରିଥିବା କହିଛନ୍ତି। ଧାମନଗର ଡାକ ସେବା ଓ ଭଦ୍ରକ ଜିଲ୍ଲା ଡ଼ାକ ସେବା କେନ୍ଦ୍ରରେ ଜମାକାରୀ ଅଭିଯୋଗ କରିଛନ୍ତି। ଡାକ ସେବା କେନ୍ଦ୍ର ଆଗରେ ଜମାକାରୀ ମାନେ ଧାରଣାରେ ବସିବା ପରେ ଭଦ୍ରକ ଜିଲ୍ଲା ଡାକ ବିଭାଗର ପଶ୍ଚିମ ଉପଖଣ୍ଡର ଅଧିକାରୀ ମହେନ୍ଦ୍ର ବେହେରା ପହଞ୍ଚି ଜମାକାରୀଙ୍କୁ ବୁଝାଶୁଝା କରିବା ସହ ତଦନ୍ତ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଘଟଣାର ତଦନ୍ତ କରାଗଲେ ଅନେକ ଲୋକଙ୍କ ଲକ୍ଷ ଲକ୍ଷ ଟଙ୍କା ହଡ଼ପ ହୋଇଥିବା ସାମ୍ନାକୁ ଆସିବାର ସମ୍ଭାବନା ରହିଛି ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି।

## ଆଦାନୀ ଫାଉଣ୍ଡେସନ ପକ୍ଷରୁ ଶିକ୍ଷା ଉପକରଣ ପ୍ରଦାନ

**ଭଦ୍ରକ,୫।୭(ସମିସ):** ଆଦାନୀ ଧାମରା ପୋର୍ଟ ପାରିପାର୍ଶ୍ୱସ୍ଥ ବିଦ୍ୟାଳୟର ଆଦାନୀ ଗ୍ରୁପଅଫ୍ କମ୍ପାନୀର ସିଏସ୍‌ଆର୍ ବିଭାଗ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଶିକ୍ଷା ଉପକରଣ ପ୍ରଦାନ କରାଯାଇଛି। ୧୦ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଡେସ୍କ, ବେଞ୍ଚ୍ ପ୍ରଦାନ କରିଥିବା ବେଳେ ୩୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟକୁ କ୍ରୀଡ଼ା ସାମଗ୍ରୀ ସହିତ ଷ୍ଟଡି ଟେବୁଲ ଏବଂ ପ୍ରାଥମିକ ବିଦ୍ୟାଳୟର ୩୨୦୦ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ୍ ବଣ୍ଟନ କରାଯାଇଛି। ୨୦୦୯ ମସିହାଠାରୁ ଆଦାନୀ ଫାଉଣ୍ଡେସନ ୧୮ଟି ସ୍କୁଲର ନୂତନ ଶ୍ରେଣୀଗୃହ, ୪୫ଟି ସ୍କୁଲରେ ବାଳିକା ଶୌଚାଳୟ, ୧୨ଟି ସ୍କୁଲର ଶ୍ରେଣୀଗୃହ ପୁନଃନିର୍ମାଣ, ୧୭ଟି ସ୍କୁଲର ଲାଇବ୍ରେରୀ, ୧୦ଟି ସ୍କୁଲରେ ବିଜ୍ଞାନ ସାମଗ୍ରୀ, ୬ଟି ସ୍କୁଲରେ କମ୍ପ୍ୟୁଟର, ୧୦୦ଟି ସ୍କୁଲରେ କ୍ରୀଡା ଉପକରଣ ଯୋଗାଇ ଦେଇଆସୁଅଛି। ୧୦୪ଟି ସ୍କୁଲକୁ ଫ୍ୟାନ୍-ଲାଇଟ୍, ୭୬ଟି ସ୍କୁଲକୁ ବସିବା ପାଇଁ ମ୍ୟାଟ୍, ୨୨ଟି ସ୍କୁଲକୁ ୫୦ଟି ଆର୍‌ଓ, ୧୫ଟି ସ୍କୁଲକୁ ୱାଲ ମାଉଣ୍ଟେବଲ ଆର୍‌ଓ, ୨୦ଟି ସ୍କୁଲକୁ ମାନୁ୍ୟଆଲ୍ ୱାଟର ପ୍ୟୁରିଫାୟାର, ୩୦ଟି ସ୍କୁଲ ପାଇଁ ଡେସ୍କ, ବେଂଚ, ୩୫ଟି ସ୍କୁଲକୁ ଫାଷ୍ଟଏଡ୍ ବକ୍ସ ଆଦି ଯୋଗାଇ ଦିଆଯାଇଛି। ଏତଦ୍‌ବ୍ୟତୀତ ଆଦାନୀ ଫାଉଣ୍ଡେସନ ବାଳିକା କ୍ରୀଡା ପ୍ରତିଯୋଗିତା, ଇଣ୍ଟର ହାଇସ୍କୁଲ ଟୁର୍ଣ୍ଣାମେଣ୍ଟ, ବିଜ୍ଞାନ ମେଳା, ସ୍ୱେଚ୍ଛାଗ୍ରହ ଭଳି କାର୍ଯ୍ୟକ୍ରମ କରିଆସୁଛି। ଛାତ୍ରଛାତ୍ରୀଙ୍କ ଗଣିତ ଜ୍ଞାନ ବୃଦ୍ଧି ନିମନ୍ତେ ବ୍ଲକ ଶିକ୍ଷା କାର୍ଯ୍ୟାଳୟଙ୍କ ମିଳିତ ସହଯୋଗରେ ଚାନ୍ଦବାଲି ବ୍ଲକର ଦୋସିଙ୍ଗା, ପାଇକସାହି, କରଞ୍ଜମାଳ ୩ଟି ଶିକ୍ଷା କ୍ଲଷ୍ଟର ଅଧୀନସ୍ଥ ୬ଟି ଗ୍ରାମ ପଞ୍ଚାୟତର ୪୬ଟି ପ୍ରାଥମିକ ବିଦ୍ୟାଳୟରେ ଉତ୍‌ଥାନ ପ୍ରକଳ୍ପ କାର୍ଯ୍ୟ କରାଯାଉଅଛି।



## ଆଷାଢ଼ ସରିବାକୁ ବସିଲାଣି; କେନାଲରେ ପାଣି ନାହିଁ

# ଚାଷ ଜମିରେ ଗୋରୁ ଚରୁଛି

ଅସୁରାଳି, ୫ ।୭ (ସମିସ)



ଧାମନଗର ବ୍ଲକରେ ଚଳିତ ଖରିଫ୍ ଋତୁରେ ୧୬ହଜାର ହେକ୍ଟର ଜମିରେ ଧାନ ଚାଷ ହେବାର ଲକ୍ଷ୍ୟ ରଖାଯାଇଛି । କିନ୍ତୁ ଆଷାଢ ସରିବାକୁ ବସିଥିଲେ ମଧ୍ୟ କେନାଲରେ ପାଣି ନ ଥିବାରୁ ହେକ୍ଟର ହେକ୍ଟର ଜମି ଏବେ ପଡ଼ିଆ ପଡ଼ିଛି । ଫଳରେ ଧାନ କ୍ଷେତରେ ଗୋରୁ ଚରୁଛି । ନା ତଳି ପକାଇବାକୁ ପ୍ରସ୍ତୁତି କରି ପାରୁଛନ୍ତି ନା ଧାନ ବୁଣି ପାରୁଛନ୍ତି । ପାଖାପାଖି ୨ହଜାର ହେକ୍ଟର ଜମିରେ ଧାନ ତଳି ପଡ଼ିଥାଏ । ଏ ପର୍ଯ୍ୟନ୍ତ ସରକାରୀ ବିଶୋଧିତ ବିହନ କୌଣସି ସ୍ୱୀକୃତି ପ୍ରାପ୍ତ ଡିଲରଙ୍କ ଠାରେ ଉପଲବ୍ଧ ହୋଇପାରିନାହିଁ । ଧାମନଗର ବ୍ଲକର ଅଧିକାଂଶ ଅଞ୍ଚଳ ଅଣ ଜଳସେଚିତ ହୋଇଥିବାରୁ ସେମାନେ ବିଶେଷତଃ ନଦୀ, ଚୁଆ ଓ ବର୍ଷା ଜଳ ଉପରେ ନିର୍ଭର କରିଥାନ୍ତି । ତଳୁଆ ଅଞ୍ଚଳରେ ପ୍ରତିବର୍ଷ ବନ୍ୟା ଯୋଗୁଁ ଧାନ ଫସଲ ଧୋଇଯାଏ । ସେଥି ପାଇଁ ସେଇ ସବୁ ଅଞ୍ଚଳରେ ଦୁଇ ତିନି ଥର ତଳି ରୋଇବାକୁ ପଡ଼ିଥାଏ । ବିହନ ମିଳିବାରେ ବିଳମ୍ବ ହେତୁ ଲୋକେ ଆତରା ତଳି ପକାଇବାକୁ ବାଧ ହୋଇଥାନ୍ତି । କିନ୍ତୁ ଆତରା ତଳିରେ ଉଚିତ୍ ପରିମାଣରେ ଫସଲ ଅମଳ ହୋଇନଥାଏ । ଆଷାଢ଼ ମାସ ସରିବାକୁ ବସିଲାଣି; ହେଲେ ବର୍ତ୍ତମାନ୍ ସୁଦ୍ଧା ଅନିୟମିତ ବର୍ଷା କାରଣରୁ ଚାଷୀ ବିହନ ମୁଠିଏ ଘରୁ କାଢ଼ିପାରୁନି । କେନାଲ ସୁବିଧା ଥିବା ଅଞ୍ଚଳରେ ମଧ୍ୟ ଉପଯୁକ୍ତ ସମୟରେ ସଠିକ୍ ଜଳ ପରିଚାଳନା ହେଉ ନଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । କେନାଲ ଡିଭିଜନ ଦାୟିତ୍ୱରେ ଥିବା ଅଧିକାରୀମାନେ ସମୟ ପୂର୍ବରୁ କୌଣସି ବର୍ଷ ତ୍ରୁଟି ସୁଧାରୁନାହାନ୍ତି; ଯାହାକୁ ନେଇ ସବୁ ସମୟରେ ଅସନ୍ତୋଷ ଦେଖାଦେଉଛି । ସରକାରୀ ସବସିଡ ବିହନ ପାଇବାକୁ ପଞ୍ଜୀକରଣ କରିଥିବା ଚାଷୀମାନେ ଅଦ୍ୟାବଧି ଡିଲରଙ୍କ ଠାରୁ ବିହନ ପାଇବାକୁ ସକ୍ଷମ ହୋଇପାରିନାହାନ୍ତି । ବ୍ଲକ କିମ୍ବା ଡିଲରଙ୍କ ଠାରୁ କେବେ ବିହନ ମିଳିବ ତାର ମଧ୍ୟ କୌଣସି ସଠିକ୍ ନିର୍ଦ୍ଧାରିତ ସମୟ କାହାକୁ ଜଣା ନାହିଁ । ତେଣୁ ଚାଷୀ ଏବେ ଚିନ୍ତାରେ । ସରକାରୀ ବିହନରେ ସବ୍‌ସିଡ ଚାଷୀର ଆକାଉଣ୍ଟକୁ ଆସିବାର ଥିଲେ ବି ୨୦କିଲୋଗ୍ରାମ ବିହନ ମୂଲ୍ୟ ୭୩୦ଟଙ୍କା ରଖାଯାଇଛି; ଯାହାକି ଚାଷୀଙ୍କ ପାଇଁ ଅଧିକ ହୋଇଯାଇଛି । ତେବେ ଉପଯୁକ୍ତ ବିହନ ଯୋଗାଇ ଦେବା ସହିତ ବିଭିନ୍ନ କେନାଲରେ ଥିବା ଅବ୍ୟବସ୍ଥା ତ୍ରୁଟି ଗୁଡ଼ିକୁ ସମୟ ପୂର୍ବରୁ ସଜାଡି ନେବାକୁ ଚାଷୀମାନେ ଦାବି କରିଛନ୍ତି ।

## ■ କ୍ୱିଣ୍ଟାଲରେ କାଟୁଛନ୍ତି ୪/୫ କିଲୋ

# ଚାଉଳ ବଣ୍ଟନକୁ କେନ୍ଦ୍ର କରି ତାଲା ପକାଇଲେ ହିତାଧିକାରୀ

**ବାସୁଦେବପୁର, ୫ ।୭ (ସମିସ):** ପୌରପାଳିକାର ୧୩ ନମ୍ବର ୱାର୍ଡର ଆଜାଦ ବସ୍ତିରେ କ୍ଲବ ଗୃହ ମଧ୍ୟରେ ଚାଉଳ ବଣ୍ଟା ଚାଲିଥିଲା । ଲୋକମାନେ ଚାଉଳ ନେବା ବେଳେ ଓଜନକୁ ନେଇ କେତେକ ହିତାଧରକାରୀଙ୍କ ମନରେ ସନ୍ଦେହ ଜାତ ହୋଇଥିଲା । ତେବେ ଏମିତିସ୍ଥିତିରେ ଚାଉଳ ନେବା ପରେ କେତେକ ହିତାଧିକାରୀ ଅନ୍ୟତ୍ର ଏକ କଣ୍ଟାରେ ମାପ କରି ୧ କ୍ୱିଣ୍ଟାଲରେ ୪ ରୁ ୫ କିଲୋ ଚାଉଳ କମ୍ ଥିବା ଜାଣିବାକୁ ପାଇଥିଲେ । ସ୍ଥାନୀୟ ଲୋକେ କମ୍ ଚାଉଳ କାହିଁକି ଦେଉଛ ବୋଲି ଅଭିଯୋଗ କରିବାରୁ ଡିଲର ଲୋକଙ୍କୁ ସେ କଣ୍ଟା ଭୁଲ ଅଛି ବୋଲି ଭୁଆଁ ବୁଲେଇବାକୁ ଚେଷ୍ଟା କରିଥିଲା । ହେଲେ ଲୋକମାନେ ଉତ୍ୟକ୍ତ ହୋଇ ଡିଲରଙ୍କ ସମେତ ସାମଗ୍ରୀ ଓ ଓଜନ କଣ୍ଟା ଆଦି ଚାବି ପକାଇ ଦେଇଥିଲେ । ଏଥିସହିତ ଯୋଗାଣ ବିଭାଗକୁ ସୂଚନା ମଧ୍ୟ ଦେଇଥିବା ଜଣାପଡ଼ିଛି । ଖବର ପାଇ ଯୋଗାଣ ନିରୀକ୍ଷକ ହିମାଂଶୁ ଦାସ ଓ କେତେକ ଲୋକ ପ୍ରତିନିଧି ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ସହିତ କଣ୍ଟାକୁ ସିଜ କରି ଓଜନ ବିଭାଗକୁ ପଠାଇଥିଲେ । ହେଲେ ଡିଲର ମହାଶୟ ଜଣକ କୌଶଳକ୍ରମେ ସ୍ଥାନୀୟ ସହରର ଏକ ମେକାନିକ ଦୋକାନରେ ତରବରିଆ ଭାବେ ଟ୍ୟାମ୍ପରିଂ ଓଜନ କଣ୍ଟାକୁ ସଜାଡିବାକୁ ପ୍ରୟାସ କରୁଥିବା ସମୟରେ କେତେକ ଗ୍ରାମବାସୀ ଧରି ପକାଇଥିଲେ । ସେଠାରେ ପୁଣି ହୋ ହାଲ୍ଲା ଚାଲିବା ପରେ ସ୍ଥାନୀୟ ବ୍ଲକ ରୋଡ୍‌ରେ ଥିବା ଏକ ଅସ୍ଥାୟୀ ଓଜନ ଓ ମାପ ବିଭାଗକୁ ହସ୍ତାନ୍ତର କରିଥିଲେ । ଓଜନ ବିଭାଗ ତଦନ୍ତ କରି ଏହା ଟ୍ୟାମ୍ପରିଂ ହୋଇଥିବା ସୂଚନା ଦେଇଛି । ତେବେ ଏହି ଘଟଣାକୁ ନେଇ ଖାଉଟି ମହଲରେ ଚିନ୍ତାର କାରଣ ପାଲଟିଥିବା ବେଳେ ଯୋଗାଣ ବିଭାଗ ସକ୍ରିୟ ହେବା ଓ ଅନୀୟମିତତାରେ ସମ୍ପୃକ୍ତ ଡିଲରମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଅନ୍ୟପଟେ ଓଜନ ଓ ମାପ ବିଭାଗ ସକ୍ରୀୟ ଥିବା ବେଳେ କିପରି ସହରରେ ବିଭିନ୍ନ ମେକାନିକମାନେ ଓଜନ କଣ୍ଟାକୁ ସଜାଡୁଛନ୍ତି ତା'ଛଡା ଟ୍ୟାମ୍ପରି ବି କରୁଥିବା ଘଟଣା ସାମନାକୁ ଆସିବା ପରେ ଏବେ ବିଭାଗ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବାରେ ଲାଗିଛି । ତେବେ ଏହି ଘଟଣାକୁ ନେଇ ନିରୀକ୍ଷକ ଶ୍ରୀ ଦାସ ଗୁରୁତର ସହ ନେବେ ବୋଲି କହିଛନ୍ତି ।

# ଅତିରିକ୍ତ ଜିଲ୍ଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଭଦ୍ରକ, ୫ ।୭ (ସମିସ):** ଚାକିରିରେ ବଦଳି ହୁଏ । ତେବେ ଦାୟିତ୍ୱ ନିର୍ବାହ କ୍ଷେତ୍ରରେ ନିଜର ନିଷ୍ଠା, ସାଧୁତା ଓ ସେବା ମନୋବୃତ୍ତି ଜଣେ ସରକାରୀ କର୍ମଚାରୀଙ୍କୁ ସ୍ମରଣୀୟ କରି ରଖିଥାଏ ବୋଲି ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ଗଡ଼ନାୟକଙ୍କ ସମ୍ବର୍ଦ୍ଧନା ଉତ୍ସବରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମତପ୍ରକାଶ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଗଡ଼ନାୟକଙ୍କ ୪ ମାସ ଦାୟିତ୍ୱ ନିର୍ବାହରେ ତାଙ୍କର କାର୍ଯ୍ୟଦକ୍ଷତା ପ୍ରକାଶ କରିଛନ୍ତି । ଆଉକିଛି ଦିନ ରହିଥିଲେ ଜିଲ୍ଲାର ବହୁ ଉନ୍ନତି ହୋଇପାରିଥାନ୍ତା । ଏତେ କମ ଦିନ ମଧ୍ୟରେ ତାଙ୍କର କର୍ମ ପ୍ରବଣତା ସ୍ମରଣୀୟ ହୋଇରହିବ । ସୂଚନାଯୋଗ୍ୟ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ଗଡ଼ନାୟକ ଗତ ମାର୍ଚ୍ଚ ୧୧ ତାରିଖରେ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ତେବେ ନୂଆ ସରକାର ଆସିବା ପରେ ତାଙ୍କୁ ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀଙ୍କ ପ୍ରାଇଭେଟ୍ ସେକ୍ରେଟାରୀ ଭାବେ ଦାୟିତ୍ୱ ତୁଲାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ଆଜି ତାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳଙ୍କ ସଂଯୋଜନାରେ ସଦ୍‌ଭାବନା ଗୃହରେ ଆୟୋଜିତ ଏହି ଉତ୍ସବରେ ଅନ୍ୟତମ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି, ଉପଜିଲ୍ଲାପାଳ ମନୋଜ ପାତ୍ର ଓ ଡେପୁଟି କଲେକ୍ଟର ସାଗରିକା ସାହୁ, ରେଭିନ୍ୟୁ ଅଫିସର ପ୍ରଜ୍ଞା ହୋତା, ଇଷ୍ଟାବ୍ଲିସ୍‌ମେଣ୍ଟ ଅଫିସର ପ୍ରମିଳା ମଲ୍ଲିକ, ନିଜାରତ୍ ଅଧିକାରୀ ତନ୍ମୟ ଜେନା, ଏମର୍‌ଜେନ୍ସି ଅଫିସର ତନ୍ମିତା କର, ଜିଲ୍ଲା ଷ୍ଟାଫ କମିଟିର ଅମୂଲ୍ୟ ସାହୁ, ଶ୍ୟାମସୁନ୍ଦର ଜେନା, ଅଭିନେତ୍ରୀ ମହାନ୍ତି, ଏଲିନା ସେନାପତି, ଭାବଗ୍ରାହୀ ପଣ୍ଡା, ନବିନ ସେନାପତି, ନିରଞ୍ଜନ ସେଠୀ, ସ୍ୱାଗତିକା ସାହୁ, କୃଷ୍ଣଚନ୍ଦ୍ର ରାଉତ, ହେମନ୍ତ ପ୍ରଧାନ, ଓମ୍‌କାର ଦାସ, ଆଇଜାକ ମହାନ୍ତି ଓ ରାଇଚରଣ ମହାନ୍ତି ପ୍ରମୁଖ ବହୁ କର୍ମଚାରୀ ଯୋଗ ଦେଇଥିଲେ ।

## ନେତାଙ୍କ କଥା ଶୁଣୁନାହାନ୍ତି ଯନ୍ତ୍ରୀ

# ବିପର୍ଯ୍ୟସ୍ତ ଆକୁଳିକଣା ମାଇନର କେନାଲ ରାସ୍ତା



**ବାରିକପୁର, ୫ ।୭ (ସମିସ):** ସାଧାରଣ ଲୋକଙ୍କ ଅଭିଯୋଗ ତ ଦୂରର କଥା ଜଣେ ବରିଷ୍ଠ ନେତାଙ୍କ ଦାବିକୁ ମଧ୍ୟ ଶୁଣୁନାହାନ୍ତି ଜଳସମ୍ପଦ ବିଭାଗ ଯନ୍ତ୍ରୀ । ଫଳରେ ଯାତାୟାତ ଜନିତ ସମସ୍ୟା ଭୋଗୁଛନ୍ତି ଶହସ୍ରାଧିକ ଗ୍ରାମବାସୀ । ଏମିତି ଏକ ଚିତ୍ର ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ଆକୁଳିକଣା ଠାରେ । ସୂଚନା ମୁତାବକ ଆକୁଳିକଣା ସ୍କୁଲ ଠାରୁ ୩ ନମ୍ବର କେନାଲ ମୁଣ୍ଡକୁ ଏକ ଗ୍ରାମ୍ୟ ରାସ୍ତା ସଂଯୋଗ ହୋଇଛି । ଆକୁଳିକଣା ମାଇନର କେନାଲ ବନ୍ଧ ଉପରେ ଉକ୍ତ ଗ୍ରାମ୍ୟ ରାସ୍ତାଟି ନିର୍ମାଣ ହୋଇଥିବା ବେଳେ ରାତିପାହିଲେ ଏହା ଉପରେ ଯାତାୟତ ପାଇଁ ଶହଶହ ଲୋକ ନିର୍ଭର କରିଥାନ୍ତି । ସ୍ଥାନୀୟ ଗ୍ରାମ ସମେତ ସୈସଲାପୁର, ସୁରୁବଣ, ଡିହସାହି, ଭୁଷୁକା ଓ ରାସ୍ତା ପାର୍ଶ୍ୱ ଆଦିବାସୀ ସାହି ଲୋକମାନେ ଏହା ଉପରେ ଯାତାୟତ କରିଥାନ୍ତି । ଏହାର ଦୈର୍ଘ୍ୟ ପ୍ରାୟ ୮୦୦ ମିଟର ହୋଇଥିବା ବେଳେ ସମ୍ପୂର୍ଣ୍ଣ ରାସ୍ତାଟି ଏବେ ଖାଲ ଖମାରେ ଭର୍ତ୍ତିର୍ ହୋଇଗଲାଣି । ଶୃଙ୍ଖଳା ପାଗରେ ଯେନତେନ ଉପାୟରେ ଲୋକେ ଯାତାୟତ କରୁଥିବା ବେଳେ ଅସରାଏ ବର୍ଷା ହେଲେ ଲୋକଙ୍କ ପାଇଁ ଗମନାଗମନ ସଂକଟାପନ୍ନ ହୋଇଯାଉଛି । ସୃଷ୍ଟି ହୋଇଥିବା ଗର୍ତ୍ତରେ ପାଣି ଜମି ଜରାଜୀର୍ଣ୍ଣ ଅବସ୍ଥା ସୃଷ୍ଟି ହେଉଥିବା ବେଳେ ପାଦରେ ଚାଲି ଚାଲି ଯାଉଥିବା ଲୋକଟିଏ ଅତ୍ୟନ୍ତ ଯନ୍ତ୍ରଣା ଭୋଗୁଛି । ଏପରିକି ସାଇକେଲ ଓ ମୋଟରସାଇକେଲ ଆରୋହୀ କଦର୍ଯ୍ୟ ରାସ୍ତା କୁ ଅତିକ୍ରମ କରିବା ପାଇଁ ଥକି ଯାଉଛନ୍ତି । ଏନେଇ ଗତ ୧୫ଦିନ ପୂର୍ବରୁ ଗ୍ରାମର ବରିଷ୍ଠ ନାଗରିକ ତଥା ପୂର୍ବତନ ଜିଲ୍ଲା ବିଜେପି ସଭାପତି ଅକ୍ଷୟ ସାହୁ ଧାମନଗର ଜଳସମ୍ପଦ ବିଭାଗ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଗତ ୧୦ବର୍ଷ ପୂର୍ବରୁ ରକ୍ଷଣାବେକ୍ଷଣ ବାବଦରେ ବିଭାଗ ମୋରମ ମୁଠିଏ ପକାଇଥିବା ବେଳେ ତାହା ଧୀରେ ଧୀରେ ମାଟିରେ ମିଶି ଗଲାଣି । ବର୍ଷା ଦିନେ ଛୋଟିଆ ରାସ୍ତାଟି ଗ୍ରାମବାସୀ ଓ ସ୍କୁଲ କଲେଜ ପିଲାଙ୍କ ପାଇଁ ବିପଦ ପୂର୍ଣ୍ଣ ହେଉଛି । ତେଣୁ ବର୍ଷା ଚାରିମାସକୁ ଆଖିଆଗରେ ରଖି ରାସ୍ତାଟିର ମରାମତି ପାଇଁ ଶ୍ରୀ ସାହୁ ଦାବି କରିଥିଲେ । ବିଭାଗୀୟ ଯନ୍ତ୍ରୀ ଏନେଇ ଭାଜପା ନେତାଙ୍କୁ ପ୍ରତିଶୃତି ଦେଇଥିଲେ ସୁଦ୍ଧା ମରାମତି କାର୍ଯ୍ୟ ପାଇଁ ମୋରମ ମେଟାଂଲ ପକାଇବା ତ ଦୂରର କଥା ଏଯାଏଁ କ୍ଷେତ୍ରକୁ ଆସି ସାମାନ୍ୟ ଅନୁଧ୍ୟାନ ଟିକିଏ କରିନାହାନ୍ତି । ଯାହାକି ଅଞ୍ଚଳବାସୀଙ୍କ ପାଇଁ ପରିତାପର ବିଷୟ ପାଲଟିଛି । ତେଣୁ ଏହା ଉପରେ ଉଚ୍ଚପଦସ୍ଥ ଅଧିକାରୀ ମାନେ ଦୃଷ୍ଟି ଦେବାକୁ ପୁନର୍ବାର ଦାବି ହୋଇଛି ।

# ଭଦ୍ରକ କରଣ ମହାସଭାର ୮ମ ବାର୍ଷିକ ଉତ୍ସବ



ଭଦ୍ରକ, ୫ ।୭ (ସମିସ): କେବଳ ରାଜନୀତି କାହିଁକି; ସାହିତ୍ୟ, ବିଜ୍ଞାନ, କଳା ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ କରଣମାନଙ୍କର ପ୍ରଭାବ ଦେଖିବାକୁ ମିଳେ । ଅନେକ ପ୍ରତିଭାଧରମାନଙ୍କ ପାଇଁ କରଣ ସମାଜ ଆଜି ଗର୍ବିତ ବୋଲି ଭଦ୍ରକ କରଣ ମହାସଭାର ଅଷ୍ଟମ ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ମତ ପ୍ରକାଶ କରିଛନ୍ତି । ଅନୁଷ୍ଠାନର ସଭାପତି ସୀତାକାନ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ନିହାର ରଞ୍ଜନ ପଟ୍ଟନାୟକ ଓ ବରେଣ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଓ ସାହିତ୍ୟିକ ଗୁରୁକଲ୍ୟାଣ ମହାପାତ୍ର ଯୋଗଦେଇ କରଣ ସମାଜର ବିଭିନ୍ନ ସାଂସ୍କୃତିକ ଐତିହ୍ୟ ବିମଣ୍ଡିତ ଉତ୍କର୍ଷତା ଉପରେ ଆଲୋକପାତ କରିଥିଲେ । ସମ୍ପାଦକ ଡା.ପ୍ରଭାସ କୁମାର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ, ଅଜିତ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଚଳିତ ବର୍ଷ ମହାସାଆନ୍ତ ଭାବେ ସୁବାସ ଦାସ ଏବଂ ମହାସାଆନ୍ତାଣୀ ଭାବେ ଚିତ୍ରଲେଖା ମହାନ୍ତି ଓ ସରୋଜିନୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାହିତ୍ୟକ ମନୀନ୍ଦ୍ର କୁମାର ମହାନ୍ତି ଓ ରୂପକ ବିହାରୀ ରାୟଙ୍କ ସମ୍ପାଦନାରେ ଅନୁଷ୍ଠାନର ମୁଖପତ୍ର 'ଲେଖନୀ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଚଳିତ ବର୍ଷ ନୂତନ ସଭାପତି ଭାବେ ଅଶୋକ କୁମାର ମହାନ୍ତି ଓ ସମ୍ପାଦକ ଭାବେ ବିଚିତ୍ରାନନ୍ଦ ମହାନ୍ତିଙ୍କୁ ଚୟନ କରାଯାଇଥିଲା । ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତିଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସରୋଜବାଳା ମହାନ୍ତି, ଆରତୀ ମହାନ୍ତି, ନେପାଳ ଚନ୍ଦ୍ର ଦାସ, ସତ୍ୟବ୍ରତ ମହାନ୍ତି, ଭବତୋଷ ମହାନ୍ତି, ସୁଶୀଳ ପଟ୍ଟନାୟକ ଓ ଜଗବନ୍ଧୁ ମହାନ୍ତି ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ■ ସକାଳ ପ୍ରଭାବ

# ନିର୍ମାଣ ହେଲା ନୂତନ ପୋଲ



ବନ୍ତ/ଆଗରପଡ଼ା, ୫।୭ (ସମିସ): ଗତ ସେପ୍ଟେମ୍ବର ମାସ ୧୬ ତାରିଖ ଶନିବାର 'ପୋଲର ନାହିଁ ସୁରକ୍ଷା ବାଡ଼; ଦୁର୍ଘଟଣା ଆଶଙ୍କା' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା । ଖବର ପ୍ରକାଶ ପାଇବା ପରେ ଇତି ମଧ୍ୟରେ ଉକ୍ତ ସ୍ଥାନରେ ବିପଦ ଶଙ୍କୁଳ ଅବସ୍ଥାରେ ଥିବା ପୋଲକୁ ଭାଙ୍ଗି ବିଭାଗ ନୂତନ ପୋଲ ନିର୍ମାଣ କରିଥିବାର ଜଣାପଡ଼ିଛି । ବନ୍ତ ବ୍ଲକ ବଡ଼ବର୍ଚ୍ଚିକୟାଁ ପଞ୍ଚାୟତ ଅନ୍ତର୍ଗତ ଆପ୍ତିରା ଗ୍ରାମ ଓ କାଦବରାଙ୍ଗ ପଞ୍ଚାୟତ ଅନ୍ତର୍ଗତ କାଦବରାଙ୍ଗ ଦେଇ ଯାଇଥିବା କେନାଲ ପୋଲର ସୁରକ୍ଷା ବାଡ଼ା ନଥିବାରୁ ଦୁର୍ଘଟଣା ଘଟିବା ଆଶଙ୍କା ଦେଖାଦେଇଥିଲା । ଉକ୍ତ ପୋଲ ଦ୍ୱୟ ଉପରେ ବଡ଼ବର୍ଚ୍ଚିକୟାଁ ଓ କାଦବରାଙ୍ଗ ପଞ୍ଚାୟତ ସମେତ ଆଡ଼ିଆ, ପୁରୁଷଣ୍ଡ, ଅଣିଜୋ ସମତେ ଅନ୍ୟାନ୍ୟ ପଞ୍ଚାୟତର ବାସିନ୍ଦା ଯାତାୟାତ କରିଥାନ୍ତି । ବହୁଦିନ ହେବ ଉକ୍ତ ପୋଲ ଦ୍ୱୟର ମରାମତି କାର୍ଯ୍ୟ ହୋଇନଥିବାରୁ ଉକ୍ତ ପୋଲ ଉପରେ ଗୋରୁଗାଈ ଯାଉଥିବା ବେଳେ ପେଲାଠେଲା ହୋଇ ତଳକୁ ଖସି ମୃତ୍ୟୁ ବରଣ କରିବାର ସମ୍ଭାବନା ଦେଖାଯାଇଥିବା ବେଳେ ପିଲାମାନଙ୍କ ସମେତ ରାତ୍ରି ସମୟରେ ଗାଡ଼ି ଚାଳକଙ୍କ ପାଇଁ ମଧ୍ୟ ଏହା ବିପଦ ସୃଷ୍ଟି କରୁଥିଲା । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ସୁରକ୍ଷା ବାଡ଼ା ନିର୍ମାଣ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଆସୁଥିବା ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା ।

# ରଗ୍‌ବୀରେ ତିଲୋତ୍ତମାଙ୍କୁ ସ୍ୱର୍ଣ୍ଣ ପଦକ

ବନ୍ତ/ଆଗରପଡ଼ା, ୫।୭ (ସମିସ): ପୁନେ ସ୍ଥିତ ଶିବ ଛତ୍ରପତି ସ୍ପୋର୍ଟସ କମ୍ପ୍ଲେକ୍ସରେ ଖେଳାଯାଇଥିବା ସିନିୟର ମହିଳା ଜାତୀୟ ରଗବୀ ୭ଏସ ଚମ୍ପିଅନସିପର ଫାଇନାଲ ମ୍ୟାଚରେ ଓଡ଼ିଶା ବିହାରକୁ ୧୭-୫ରେ ପରାସ୍ତ କରି ଚମ୍ପିଅନ ଆଖ୍ୟା ଅର୍ଜନ କରିଛି । ଉକ୍ତ ଦଳରେ ବନ୍ତ ବ୍ଲକ ଅନ୍ତର୍ଗତ ମହାନ୍ତିପଡ଼ା ପଞ୍ଚାୟତର କୁଣ୍ଡି ଗ୍ରାମର ରମେଶ ଚନ୍ଦ୍ର ସାହୁଙ୍କ ଝିଅ ତିଲୋତ୍ତମା ଅଂଶଗ୍ରହଣ କରି ସ୍ୱର୍ଣ୍ଣପଦକ ହାସଲ କରିଥିବା ଜଣାପଡ଼ିଛି । ଉକ୍ତ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ବାତାବରଣ ଖେଳି ଯାଇଛି ।




# ବାସୁଦେବପୁର ପୌରପାଳିକାର ବୈଠକ



**ବାସୁଦେବପୁର, ୫ ।୭ (ସମିସ):** ବାସୁଦେବପୁର ପୌରପାଳିକାର ନିର୍ବାଚନ ପରେ ଆଜି ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାଗୃହ ପରିସରରେ ଅଧ୍ୟକ୍ଷା ନିବେଦିତା ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ବିଧାୟକ ଅଶୋକ ଦାସ ଯୋଗଦେଇ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ଏମିତିକି କାର୍ଯ୍ୟକାରୀ ହେଉଥିବା ସମସ୍ତ ସରକାରୀ ଯୋଜନା କୌଣସି ପରିସ୍ଥିତିରେ ଉଚିତ ଲୋକଙ୍କୁ ବଞ୍ଚିତ କରା ନଯାଉ ବୋଲି ତାଗିଦ କରିଥିଲେ । ଏଥିସହିତ ଏମିତି ନହେଉ ସରକାରୀ ଯୋଜନାକୁ ଠିକ ଭାବେ ପରିଚାଳନା ନକରି କୌଣସି ଅଧିକାରୀ ଅବା କର୍ମଚାରୀ ଏଥିରେ ସମ୍ପୃକ୍ତ ନରୁହନ୍ତୁ, ଯାହାଦ୍ୱାରା ଉକ୍ତ ଅଧିକାରୀଙ୍କ ବିରୁଦ୍ଧରେ ମୋ କଲମ ନଚାଲୁ ବୋଲି ଚେତାବନୀ ଦେଇଥିଲେ । ଏଥିସହିତ ବାସୁଦେବପୁର ପୌରପାଳିକାକୁ ରାଜ୍ୟର ଏକ ପ୍ରମୁଖ ପୌରପାଳିକା ଭାବେ ଗଢି ତୋଳିବାକୁ ଆହ୍ୱାନ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଉତମ କୁମାର ବାରିକ, ପୌର ନିର୍ବାହୀ ଅଧିକାରୀ ସମୀରଞ୍ଜନ ଦାଶ, ବରିଷ୍ଠ କାଉନସିଲର ଭକ୍ତରଞ୍ଜନ ପଟ୍ଟନାୟକ, ଜଗବନ୍ଧୁ ଦାସ, କାର୍ତ୍ତିକ ଖିଲାର, ସନ୍ତୋଷ ସାହୁ, ଆରତୀ ବିଶ୍ୱାଳଙ୍କ ସମେତ ସମସ୍ତ ଲୋକ ପ୍ରତିନିଧି ଓ ପୌର କର୍ମଚାରୀ ଉପସ୍ଥିତ ରହି ବିଭିନ୍ନ ବିଭାଗରେ ସମୀକ୍ଷା କରିଥିଲେ ।

## ଅସାମାଜିକ ଯୁବକଙ୍କ ମାଡ଼ରେ ସ୍କୁଲ ଶିକ୍ଷକ ଆହତ ଘଟଣା

# ମାମଲା ରୁଜୁ କରି ହାତ ବାନ୍ଧି ବସିଛି ପୁଲିସ

ବାସୁଦେବପୁର, ୫।୭ (ସମିସ)



ବାସୁଦେବପୁର ବ୍ଲକର ନାୟକାଣିଡିହୀ ଥାନା ସ୍ଥିତ ଦଧିବାମନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ପାଚିକାମାନଙ୍କୁ ଜଣେ ନିଶାସକ୍ତ ଗାଁ ଯୁବକ ଅଶ୍ରାବ୍ୟ ଭାଷାରେ ଗାଳି କରିବା ସହିତ ମାଡମାରି

**● ପ୍ରତିବାଦରେ ୩ ଦିନ ଧରି ବିଦ୍ୟାଳୟ ଆସୁ ନାହାନ୍ତି ଶିକ୍ଷକ**

ରକ୍ତାକ୍ତ କରିବା ଘଟଣା ଏବେ ଭିନ୍ନ ରୂପ ଧାରଣ କରିଛି । ଗତ ୨ ତାରିଖ ଅପରାହ୍ନ ୩ଟା ସମୟରେ ବିଦ୍ୟାଳୟରେ ପାଠ ପଢ଼ା ଚାଲିଥିବା ବେଳେ ଉକ୍ତ ଗାଁର ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ଆସି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପାଚିକାଙ୍କୁ ଗାଳି ଗୁଲଜ କରିଥିଲା । ଏହାକୁ ନେଇ ପାଠ ପଢ଼ାରେ ବ୍ୟାଘାତ ଦେଖା ଦେବା ସହିତ ହୋ ହାଲ୍ଲା ପରିସ୍ଥିତି ଦେଖା ଦେଇଥିଲା । ତେବେ ଗାଳି କରିବା ଘଟଣାକୁ ନେଇ ସ୍ଥାନୀୟ ଗ୍ରାମର ନିୟୋଜିତ ପାଚିକା ଜଣକ କାରଣ କ'ଣ ବୋଲି ପଚାରିବାରୁ ତାଙ୍କୁ ବି ଛାଡି ନଥିଲା । ନାନା ଅଶ୍ରାବ୍ୟ ଭାଷାରେ ଗାଳି କରିବା ସହିତ ବାହାରକୁ ଆସିଲେ ସମସ୍ତଙ୍କୁ ହାଣି ବି ବୋଲି ଧମକ ଦେବାକୁ ପଛାଇ ନଥିଲା । ଏମିତିସ୍ଥିତିରେ ଅପରାହ୍ନ ୪ଟା ହେବାରୁ ବିଦ୍ୟାଳୟ ଛୁଟି ହୋଇଥିଲା । ପିଲାମାନେ ଘରକୁ ପଳାଇବା ପରେ କାର୍ଯ୍ୟରତ ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଗେଟ ବାହାରକୁ ବାହାରିବା ସମୟରେ ପ୍ରଧାନ ଶିକ୍ଷକ କିଶୋର କୁମାର ଦାସଙ୍କୁ ଉକ୍ତ ଯୁବକ ଜଣକ ମାଡ ମାରି ଲହୁଲୁହାଣ କରିଥିବା ଅଭିଯୋଗରେ ପ୍ରଧାନ ଶିକ୍ଷକ ବିଦ୍ୟାଳୟକୁ ପାଠ ପଢ଼ାଇବାକୁ ଆସି ଶିକ୍ଷକଙ୍କୁ ବିନା କାରଣରେ ମାଡ ମାରିବା ଘଟଣାକୁ ସାରା ଗାଁଟା ଯାକର ଲୋକେ ଦେଖୁଥିଲେ ବି ଆହା ପଦେ କହିବା ତ ଦୂରର କଥା ତେବେ ତିନି ଦିନ ଧରି ବିଦ୍ୟାଳୟରେ ତାଲା ଝୁଲୁଥିଲେ ବି ଖୋଲିବା ପାଇଁ କାହାରି ଏଥିପ୍ରତି ଟିକେ ପ୍ରୟାସ ନାହିଁ । ଏଭଳି ଅମାନବୀୟ କାଣ୍ଡ ଘଟାଇଥିବା ଘଟଣାର ଶିକ୍ଷକଙ୍କ ଅଭିଯୋଗରେ ଯୁବକ ନାମରେ ସ୍ଥାନୀୟ ପୁଲିସ ଏକ ମାମଲା ରୁଜୁ କରି ହାତ ବାନ୍ଧି ବସିଛି । ଏପଟେ ଅସାମାଜିକ ଯୁବକଜଣକ ଖୋଲାଆମ ବୁଲିବା ସହିତ ନାନା ଧମକ ଦେଉଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ ଜୀବନ ପ୍ରତି ଭୟ ଥିବା କାରଣରୁ ବିଦ୍ୟାଳୟର ମାଟି ମାଡୁ ତିନିଦିନ ଧରି ବିଦ୍ୟାଳୟର ମାଟି ମାଡୁନାହାଁନ୍ତି । ଏମିତିକି ଶିକ୍ଷା ବିଭାଗ ମଧ୍ୟ ସେମିତି କିଛି ଆଖି ଦୃଶିଆ ପଦକ୍ଷେପ ନେବା ଠାରୁ ଦୂରରେ ରହିଛନ୍ତି । ଏମିତି ଦୁସ୍ଥ ପରିସ୍ଥିତିରେ ଫାଟକରେ ତାଲା ପଡ଼ିଥିବା କାରଣରୁ ୧୬୦ପିଲା ବିଦ୍ୟାଳୟ ଆସି ଫେରିବାକୁ ଶ୍ରେୟ ଦେଇଛନ୍ତି । ତେବେ ଆଜି ତାଲା ପଡ଼ିବା ଘଟଣା ଖବର ସଂଗ୍ରହ ପାଇଁ ଯାଇଥିବା ଆମ ପ୍ରତିନିଧି ଶୁଣିବାକୁ ପାଇଛନ୍ତି ଯେ, ଉକ୍ତ ଅସାମାଜିକ ଯୁବକ ଜଣକର ସ୍ଥାନୀୟ ଅଞ୍ଚଳରେ ଦବାଦବା ରହିଛି । ସେଥିପାଇଁ ସମସ୍ତେ ଡରି ମୁହଁ ଖୋଲିବାକୁ ସାହସ ଜୁଟାଇ ପାରୁ ନଥିବା ଗ୍ରାମବାସୀଙ୍କ ମୁହଁରୁ ଶୁଣିବାକୁ ପାଇଛନ୍ତି । ତେବେ ଆଜି ସ୍ଥାନୀୟ ଥାନାଧିକାରୀ କେତେକ ଗାଁ ଲୋକଙ୍କ ସମେତ ବିଦ୍ୟାଳୟ ସଭାପତିଙ୍କୁ ଡକାଇ ତଦନ୍ତ କରିଥିବା ଜଣାପଡ଼ିଛି । ଏହି ଘଟଣାକୁ ନେଇ ସ୍ଥାନୀୟ ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଘଟଣାକୁ ତିବ୍ର ନିନ୍ଦା କରିବା ସହିତ ସ୍ଥାନୀୟ ଥାନା ଓ ସେଠାକାର ଲୋକ ପ୍ରତିନିଧିଙ୍କୁ ଅବଗତ କରିଛନ୍ତି ବୋଲି କହିଛନ୍ତି ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୨୫
- ପାଉଣ୍ଡ ୧୦୬.୮୬
- ୟୁରୋ ୯୦.୧୯
- ୟେନ୍ ୦.୫୨

**ସୁନା, ରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୭,୦୧୦ (ନୂଆଦିଲ୍ଲୀ)
- ରୁପା : ୯୩,୧୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୯,୯୯୬.୦୦
- ନିଫ୍ଟି ୨୪,୩୦୩.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

ମୋବାଇଲ ଫୋନ୍ ଟାରିଫ ବୃଦ୍ଧିକୁ ନେଇ କେନ୍ଦ୍ରକୁ ଘେରିଲା କଂଗ୍ରେସ

# 'ୟୁଜରଙ୍କ ଉପରେ ବାର୍ଷିକ ୩୪,୮୨୪ କୋଟିର ଅତିରିକ୍ତ ବୋଝ'

**ନୂଆଦିଲ୍ଲୀ,୫।୭(ଏଜେନ୍ସି):** ଦେଶରେ ମୋବାଇଲ ଫୋନ୍‌ର ଟାରିଫ ବୃଦ୍ଧିକୁ ନେଇ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଷଲାଚନା କରିଛି। ଜୁଲାଇ ୩ ରୁ ଦେଶରେ ମୋବାଇଲ ଫୋନ୍ ଟାରିଫ୍ ବୃଦ୍ଧି ହୋଇଛି। ମୋବାଇଲ ଫୋନ ସେବା ଶୁଳ୍କ ବୃଦ୍ଧି ଯୋଗୁ ଲୋକଙ୍କୁ ଏବେ ଅତିରିକ୍ତ ଅର୍ଥ ପୈଠ କରିବାକୁ ପଡିବ। ଟାରିଫ୍‌ରେ ବୃଦ୍ଧି ଘଟାଇ



ଟେଲିକମ୍ ଅପରେଟରମାନେ ଏବେ ଦେଶର ୧୦୯ କୋଟି ମୋବାଇଲ ଫୋନ୍ ୟୁଜରଙ୍କ ଉପରେ ବାର୍ଷିକ ୩୪,୮୨୪ କୋଟି ଟଙ୍କାର ଅତିରିକ୍ତ ବୋଝ ଲଦି ଦେଇଥିବା ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି କଂଗ୍ରେସ ନେତା ରଣଦୀପ ସୂରଜେୱାଲା କହିଛନ୍ତି।

ଦେଶର ୧୧୯ କୋଟି ମୋବାଇଲ ଫୋନ୍ ୟୁଜରଙ୍କ ମଧ୍ୟରୁ ୧୦୯ କୋଟି କେବଳ ଜିଓ, ଏୟାରଟେଲ ଓ ଭୋଡା ଫୋନର ଗ୍ରାହକ। ଏହି କମ୍ପାନୀଗୁଡିକର ବଜାର ଅଂଶ ୯୧.୬ ପ୍ରତିଶତ। ସେ କହିଛନ୍ତି ଯେ, ମୋଦି ସରକାର ଶୁଳ୍କ ବଢାଇ ଜନତାଙ୍କ ଉପରେ ଆର୍ଥିକ ବୋଝ ଲଦିବାର କାମ କରିଛନ୍ତି। ସରକାରଙ୍କ ସହମତିରେ ଘରୋଇ କମ୍ପାନୀମାନେ ଶୁଳ୍କ ବୃଦ୍ଧି କରିଛନ୍ତି। ୧୧୯ କୋଟି ମୋବାଇଲ ଫୋନ ଗ୍ରାହକଙ୍କ ମୂଲ୍ୟରେ ୩ କମ୍ପାନୀଙ୍କୁ ଲାଭାନ୍ୱିତ କରିବାକୁ ଉଦ୍ୟମ କରିଛନ୍ତି। ଅପରେଟରମାନେ ନିଜ ନିଜ ମଧ୍ୟରେ ସଲାସୁତୁରା ହୋଇ ଶୁଳ୍କ ବୃଦ୍ଧି କରିଛନ୍ତି। ସର୍ଭିସ ପ୍ରୋଭାଇଡରମାନେ କୌଣସି ରେଗୁଲେସନ, ନିୟମ ଓ ଦେଖରେଖ ବିନା ଏକତରଫା ଭାବେ ଶୁଳ୍କ ବୃଦ୍ଧି କରିଛନ୍ତି। ତେବେ ସରକାର ଏଥିପାଇଁ ସେମାନଙ୍କୁ ଅନୁମତି କିପରି ଦେଲେ ସେ ନେଇ ସୂରଜେୱାଲା ଆଶ୍ଚର୍ଯ୍ୟ ବ୍ୟକ୍ତ କରିଛନ୍ତି।

କ୍ରିସିଲ୍ ରିପୋର୍ଟ | ପନିପରିବା ଦର ବୃଦ୍ଧିର ପ୍ରଭାବ

# ନିରାମିଷ ଥାଳିରେ ମହଙ୍ଗା ମାଡ଼

**ନୂଆଦିଲ୍ଲୀ,୫।୭(ଏଜେନ୍ସି)**

- ଜୁନ୍‌ରେ ଦର ୧୦ ପ୍ରତିଶତ ବଢ଼ିଲା
- ଆଳୁ,ପିଆଜ, ଟମାଟୋ ଦର ବୃଦ୍ଧି ପ୍ରମୁଖ କାରଣ

ପୁଣି ଖାଉଟିଙ୍କ ଉପରେ ହୋଇଛି ମହଙ୍ଗା ମାଡ଼।ଜୁନ୍ ମାସରେ ବଢ଼ିଛି ନିରାମିଷ ଥାଳି ଦାମ୍। ଜୁନ୍‌ରେ ନିରାମିଷ ଥାଳି ମୂଲ୍ୟ ହାରାହାରି ୧୦ ପ୍ରତିଶତ ବୃଦ୍ଧି ହୋଇଛି। ବିଶେଷ କରି ପନିପରିବାର ଉଚ୍ଚ ଦର ପ୍ରଭାବରେ ଖାଥଇବା ଥାଳି ମହଙ୍ଗା ହୋଇଛି। ଆଉ ଏହି ମୂଲ୍ୟ ବୃଦ୍ଧିର ଅନ୍ୟତମ କାରଣ ହେଉଛି ପିଆଜ, ଟମାଟୋ ଏବଂ ଆଳୁ ଦାମ୍‌ରେ ହୋଇଥିବା ବୃଦ୍ଧି। କ୍ରିସିଲ୍ ପକ୍ଷରୁ ଜାରି କରାଯାଇଥିବା ଏହାର ମାସିକ ରିପୋର୍ଟ 'ରୋଟି ରାଇସ ରେଟ୍'ରେ ଏ ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ରିପୋର୍ଟ ଅନୁଯାୟୀ, ଜୁନ୍‌ରେ ନିରାମିଷ ଥାଳି ମୂଲ୍ୟରେ ୧୦ ପ୍ରତିଶତ ବୃଦ୍ଧି ଘଟି ଥାଳି ପିଛା ଦାମ୍ ୨୯.୪ ଟଙ୍କା ହୋଇଛି। ଯାହା ଗତ ବର୍ଷ ଜୁନ୍ ମାସରେ ୨୬.୭ ଟଙ୍କା ରହିଥିଲା। ତେବେ ଚଳିତବର୍ଷ ମେ' ମାସରେ ୨୭.୮ ଟଙ୍କା ରହିଥିଲା। ନିରାମିଷ ଥାଳିରେ ରୁଟି, ପିଆଜ, ଟମାଟୋ ତଥା ଆଳୁ, ଚାଉଳ, ଡାଲି, ଦହି ଏବଂ ସାଲାଡ ଆଦି ଖାଦ୍ୟ ସାମିଲ ରହିଛି। ତେବେ ଟମାଟୋ ଦାମ୍‌ରେ ୩୦ ପ୍ରତିଶତ, ଆଳୁ ୫୯ ପ୍ରତିଶତ ଏବଂ ପିଆଜ ମୂଲ୍ୟରେ ୪୬ ପ୍ରତିଶତ ବୃଦ୍ଧି ହୋଇଥିବା ରିପୋର୍ଟରେ କୁହାଯାଇଛି। ସେହିଭଳି ଆମିଷ ଥାଳିର ମୂଲ୍ୟରେ କିନ୍ତୁ ଜୁନ୍ ମାସରେ ହ୍ରାସ ଦେଖିବାକୁ ମିଳିଛି। ଜୁନ୍‌ରେ ଆମିଷ ଥାଳିର ଦାମ୍ ହାରାହାରି ୫୮ ଟଙ୍କା ହୋଇଛି। ଯେତେବେଳେ କି ୨୦୨୩ ଜୁନ୍‌ରେ ଆମିଷ ଥାଳିର ଦାମ୍ ହାରାହାରି ୬୦.୫ ଟଙ୍କା ରହିଥିଲା।



ରିପୋର୍ଟ ଅନୁଯାୟୀ, ଗତ ବର୍ଷ ତୁଳନାରେ ବ୍ରଏଲର କୁକୁଡ଼ାର ମୂଲ୍ୟରେ ପ୍ରାୟ ୧୪ ପ୍ରତିଶତ ହ୍ରାସ ଦେଖିବାକୁ ମିଳିଛି। ଏହା ସହ ପର୍ଯ୍ୟାପ୍ତ ପରିମାଣ ଏବଂ କମ୍ ଚାରା ଖର୍ଚ୍ଚ କାରଣରୁ ଆମିଷ ଥାଳି ମୂଲ୍ୟରେ ହ୍ରାସ ଦେଖିବାକୁ ମିଳିଛି। ଏଥିଯୋଗୁ ଆମିଷ ଥାଳି ମୂଲ୍ୟରେ ହ୍ରାସ ହୋଇଛି। ଅପରପକ୍ଷେ ନିରାମିଷ ଥାଳି ମୂଲ୍ୟରେ ବୃଦ୍ଧିର ପ୍ରମୁଖ କାରଣ ହେଉଛି, ରବି ଫସଲରେ ହ୍ରାସ ଯୋଗୁଁ ପିଆଜ ଦର ବଢ଼ିବା ଏବଂ ମାର୍ଚ୍ଚରେ ଅସ୍ୱାଭାବିକ ବର୍ଷା ଯୋଗୁ ଆଳୁ ଉତ୍ପାଦନ ପ୍ରଭାବିତ ହୋଇଛି। ଆହୁରି ମଧ୍ୟ କର୍ଣ୍ଣାଟକ ତଥା ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ ଅତ୍ୟଧିକ ତାପମାତ୍ରା କାରଣରୁ ଖରାଦିନିଆ ଫସଲରେ ସଂକ୍ରମଣ ଫଳରେ ଟମାଟୋ ଉତ୍ପାଦନ ଗତ ବର୍ଷ ତୁଳନାରେ ଚଳିତବର୍ଷ ୩୫ ପ୍ରତିଶତ ହ୍ରାସ ପାଇଛି। ଏସବୁବାଦ୍ ବର୍ତ୍ତମାନ ବଜାରରେ ଚାଉଳ ମୂଲ୍ୟରେ ୧୩ ପ୍ରତିଶତ ବୃଦ୍ଧି ହୋଇଛି।

# ଲାଲ୍‌ଚାନ୍ଦ ଜୁଏଲର୍ସର ମନ୍‌ସୁନ୍ ସେଲ୍ ଅଫର୍

**ଭୁବନେଶ୍ୱର,୫।୭(ସମିସ):** ସାରା ଓଡ଼ିଶାରେ ଚାଲିଛି ଏବେ ମୌସୁମୀ ଋତୁ। ଏହି ମୌସୁମୀ ଋତୁକୁ ସ୍ମରଣୀୟ କରିବା ପାଇଁ ପୂର୍ବଭାରତର ସର୍ବାଧିକ ନିର୍ଭରଯୋଗ୍ୟ ତଥା ଲୋକପ୍ରିୟ ଅଳଙ୍କାର ପ୍ରତିଷ୍ଠାନ ଲାଲ୍‌ଚାନ୍ଦ ପକ୍ଷରୁ ମନ୍‌ସୁନ୍ ସେଲ୍‌ର ଅଫରର ଘୋଷଣା କରାଯାଇଛି। ବିଶେଷ କରି ସୁନା, ରୁପା ଏବଂ ହୀରାର ସର୍ବୋତ୍କୃଷ୍ଟ ସଂଗ୍ରହରେ ଲାଲ୍‌ଚାନ୍ଦ ଆକର୍ଷଣୀୟ ଅଫରର ବର୍ଷା କରିଛି। ଏହି କ୍ରମରେ ସମସ୍ତ ଏଚ୍‌ୟୁଆଇଡି ହଲିମାର୍କଯୁକ୍ତ ସୁନା ଗହଣାର ଗଢ଼ାମୂଲ୍ୟ ପ୍ରତି ଗ୍ରାମ୍ ପିଛା ଫ୍ଲାଟ୍ ୯୯୯ ଟଙ୍କା ରହିଥିବାବେଳେ ହୀରା ଗହଣାର ଗଢ଼ାମୂଲ୍ୟକୁ ଛାଡ଼ କରାଯାଇଛି। ଏହାସହ ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୪୦%, ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡର ଏମ୍‌ଆରପି ଉପରେ ଫ୍ଲାଟ୍ ୨୦% ଏବଂ ବ୍ରାଣ୍ଡେଡ୍ ଆଇଟମ୍‌ର ମୂଲ୍ୟ ଉପରେ ଫ୍ଲାଟ୍ ୧୫% ରିଆତି ରଖାଯାଇଛି। ସେହିପରି ମନ୍‌ସୁନ୍ ସେଲ୍‌ର ଅନ୍ୟ ଏକ ଆକର୍ଷଣୀୟ ଅଫର୍ ମଧ୍ୟରେ ୧.୫ ଲକ୍ଷ ଟଙ୍କା ମୂଲ୍ୟର ସୁନା ଗହଣାର ପ୍ରତ୍ୟେକ କ୍ରୟ ଉପରେ ୧୦୦ ମିଲିଗ୍ରାମ୍‌ର ସ୍ୱର୍ଣ୍ଣ ମୁଦ୍ରା ମାଗଣା ପ୍ରଦାନ କରାଯାଉଥିବା ଲାଲ୍‌ଚାନ୍ଦ୍ ପକ୍ଷରୁ ସୂଚନା ମିଳିଛି। ଏହାସହ ଏହାର ପ୍ରତ୍ୟେକ ଶୋ'ରୁମ୍‌ର ବିଆଇଏସ୍ ହଲ୍‌ମାର୍କଯୁକ୍ତ ପୁରୁଣା ସୁନାର ଏକ୍ସଚେଞ୍ଜ ଉପରେ ୧୦୦% ସୁନା ମୂଲ୍ୟ ମିଳୁଛି। ପୂର୍ବ ଭାରତର ଅଳଙ୍କାର ବଜାରରେ ଲାଲ୍‌ଚାନ୍ଦ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା ଗହଣା ଉପରେ ସର୍ବନିମ୍ନ ଗଢ଼ାମୂଲ୍ୟ ଅଫର୍ ପ୍ରଦାନ କରୁଥିବା ବେଳେ ଅନ୍ୟ ଜୁଏଲର୍ସମାନେ ୧୫୦୦ରୁ ୨୨୦୦ ଟଙ୍କା ପର୍ଯ୍ୟନ୍ତ ଗଢ଼ା ମଜୁରୀ ନେଉଛନ୍ତି। ଭୁବନେଶ୍ୱର, ବ୍ରହ୍ମପୁର, କଟକ ଓ ନୂଆଦିଲ୍ଲୀର ଅଳଙ୍କାର ବଜାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଲାଲ୍‌ଚାନ୍ଦ ସର୍ବଦା ଗ୍ରାହକଙ୍କ ସଚେତନ ପାଇଁ ମିଡିଆ କ୍ୟାମ୍ପେନ୍ ଚଳାଇ ଆସୁଛି। ଏହି ମିଡିଆ ସଚେତନତା ଅଭିଯାନରେ ଲାଲ୍‌ଚାନ୍ଦ ଜୁଏଲର୍ସ ଗ୍ରାହକଙ୍କୁ ସୁନାର ଗୁଣବତ୍ତା ସହ 'ଅପ୍ ଟୁ' ସ୍କାମ୍ ଓ ସର୍ତ୍ତମୂଳକ ଅଫରରୁ ବର୍ତ୍ତିବା ସର୍ବଦା ଫ୍ଲାଟ୍ ଓ ସ୍ୱଚ୍ଛ ଗଢ଼ା ମଜୁରୀକୁ ଚୟନ କରିବା ନେଇ ପରାମର୍ଶ ଦେଇଆସୁଛି।




ବଢୁଛି ଶିଳ୍ପ ପ୍ରଦୂଷଣ

# ୧.୩ କୋଟି ଲୋକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ

**ଭୁବନେଶ୍ୱର,୫।୭(ସମିସ)**




ଆଇସିସି ତୃତୀୟ ପୂର୍ବାଞ୍ଚଳ ଶକ୍ତି ସମ୍ମିଳନୀ

ଭାରତରେ କୋଇଲାକୁ ବିଭିନ୍ନ କଳ କାରଖାନା ଓ ବ୍ରଏଲର ପ୍ଲାଣ୍ଟରେ ଶକ୍ତିର ମୁଖ୍ୟ ଉତ୍ସ ଭାବେ ବ୍ୟବହାର କରାଯାଇଥାଏ। ତେଣୁ କୋଇଲାରୁ ଅଧିକ ପ୍ରଦୂଷଣ ସୃଷ୍ଟି ହେଉଛି। ପ୍ରଦୂଷଣ ମାତ୍ରା ବଢିବା ସହ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେଉଛି। ତେଣୁ ବର୍ତ୍ତମାନ ପରିସ୍ଥିତିରେ ଯେତେବେଳେ ଆମେ ବିକଶିତ ଭାରତ କଥା ଚିନ୍ତା କରୁଛୁ ସେହି ସମୟରେ ଆମକୁ ଶକ୍ତି ବୃଦ୍ଧିର ଆବଶ୍ୟକତା ଥିବା ବେଳେ ପ୍ରଦୂଷଣ ମାତ୍ରାକୁ ନେଟ୍ ଜିରୋ କରିବାର ଆବଶ୍ୟକତା ରହିଛି। ସାରା ବିଶ୍ୱରେ ୧୩ ନିୟୁତ ବା ୧.୩ କୋଟି ଲୋକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ)ର ରିପୋର୍ଟ ଅନୁସାରେ ବିଶ୍ୱର ୯୯% ଲୋକ ଏହା ସଂସ୍ପର୍ଶରେ ଆସୁଛନ୍ତି। ସେଥିରେ ୮ ଲକ୍ଷ କୋଟି (୮ ଟ୍ରିଲିୟନ ଡ଼ଲାର) ଏହି ସ୍ୱାସ୍ଥ୍ୟ ସମସ୍ୟାର ପୁନଃରୁଦ୍ଧାର ପାଇଁ ଖର୍ଚ୍ଚ ହେଉଥିବା ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ପକ୍ଷରୁ ଆୟୋଜିତ 'ତୃତୀୟ ପୂର୍ବାଞ୍ଚଳ ଶକ୍ତି ସମ୍ମିଳନୀ'ରେ ଯୋଗଦେଇ ଅତିଥି ଭାବେ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଡ଼. ମଳୟ କୁମାର ପ୍ରଧାନ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ମୁଖ୍ୟ ପରିବେଶ ଇଞ୍ଜିନିୟର ରବି ନାରାୟଣ ପୃଷ୍ଟି କହିଲେ ଶକ୍ତି କ୍ଷେତ୍ରରେ କୋଇଲା ଜଳିବା ନିହାତି ଜରୁରୀ। ଏହା ଦ୍ୱାରା ବାୟୁ ପ୍ରଦୂଷଣ ହେବା ସହ ଫ୍ଲାଇଆସ୍ ସୃଷ୍ଟି ହୋଇଥାଏ। ତେଣୁ ଏହି ବାୟୁ ପ୍ରଦୂଷଣକୁ ସୀମା ମଧ୍ୟରେ ରଖିବା ଏବଂ ଫ୍ଲାଇଆସକୁ ପରିଚାଳନା କରିବା ନିମନ୍ତେ ଫ୍ଲାଇଆସ୍ ନୋଟିଫିକେସନ୍‌ର ନିୟମ ଅନୁଯାୟୀ କିପରି ବିସ୍ଥାପନ କରାଯିବ ସେ ନେଇ ଯଥେଷ୍ଟ ଧ୍ୟାନ ଦେବା ଉଚିତ୍। ଯଦିଓ ଓଡ଼ିଶାର କେତୋଟି ସୀମିତ ଜିଲ୍ଲାରେ କୋଇଲା ଉପଲବ୍ଧ ଅଛି। ସେହି ସ୍ଥାନଗୁଡିକରେ ପ୍ରଦୂଷଣ ବଢିବାର ଆଶଙ୍କା ରହିଛି। ପାୱାର ପ୍ଲାଣ୍ଟ ଜନିତ ପ୍ରଦୂଷଣ ଏବଂ ୱେଷ୍ଟ ମ୍ୟାନେଜମେଣ୍ଟ ବାବଦରେ ସରକାରଙ୍କ ଅନେକ ନିୟମାବଳୀ ରହିଥିଲେ ମଧ୍ୟ ଆଗାମୀ ଦିନରେ ଆସିବାକୁ ଥିବା ନିୟମାବଳୀ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍‌ର ଉପଦେଷ୍ଟା ବିଭୁ ମିଶ୍ର ଓ ଏସାର ପାୱାର ସିଇଓ କୁଶ୍ ସିଂହ, ସେଲ୍ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ସିଏସିଆଇଆର୍-ଆଇଏମ୍‌ଏମ୍‌ଟି ନିର୍ଦ୍ଦେଶକ ଡ଼.ରାମାନୁଜ ନାରାୟଣ ଉପସ୍ଥିତ ଥିଲେ। ଆଇସିସି ଓଡ଼ିଆ ରାଜ୍ୟ ପରିଷଦର ବରିଷ୍ଠ ସଦସ୍ୟ ବିଭୁ ପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିବାବେଳେ ଆଇସିସି ଆଞ୍ଚଳିକ ନିର୍ଦ୍ଦେଶକ ଜେପି ପାଲ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।

# ରଥ ପଥକୁ ସ୍ୱଚ୍ଛ କରିବ ଆଇଟିସି ନିମାଇଲ୍: ଏକ ଶୁଦ୍ଧ ଶୁଭାରମ୍ଭ

**ଭୁବନେଶ୍ୱର,୫।୭(ସମିସ):** ଛେରା ପହଁରା ନୀତିରୁ ପ୍ରେରଣା ନେଇ ଆଇଟିସି ନିମାଇଲ ରଥଯାତ୍ରା ସମୟରେ ରଥଗୁଡିକର ସମଗ୍ର ମାର୍ଗକୁ ସଫା କରିବା ପାଇଁ ପ୍ରସ୍ତୁତ ହୋଇଛି। ଏହି କାର୍ଯ୍ୟକ୍ରମ ଜୁଲାଇ ୬ ଶନିବାର ସକାଳ ୧୦ଟା ସମୟରେ ଆୟୋଜିତ ହେବ ଯେଉଁଥିରେ ଲୋକପ୍ରିୟ ଓଡିଆ ଅଭିନେତ୍ରୀ ପ୍ରକୃତି ମିଶ୍ର, ଶିବାନୀ ସଙ୍ଗୀତା ଓ ସଞ୍ଜୟ ଶ୍ରୀନିବାସ ପ୍ରମୁଖ ଯୋଗଦେବେ।

# ଥ୍ରେଡସ୍ ୟୁଜର ସଂଖ୍ୟା ୧୭୫ ନିୟୁତ ଟପିଲା

**ନୂଆଦିଲ୍ଲୀ,୫।୭(ଏଜେନ୍ସି):** ଗତ ବର୍ଷ ୫ ଜୁଲାଇରେ ମେଟା ଏହାର ଇନଷ୍ଟାଗ୍ରାମରେ ଲେଟେଷ୍ଟ ଟେକ୍ସ୍ଟ ଏକ୍ସଟେନସନରେ ପ୍ଲାଟଫର୍ମ ଥ୍ରେଡସ୍‌ର ଶୁଭାରମ୍ଭ କରିଥିଲା। ଆଜି ଏହାକୁ ବର୍ଷେ ପୁରିଛି। ଏକ ବର୍ଷ ପୁରୁଥିବାରୁ ସିଇଓ ମାର୍କ ଜୁକରବର୍ଗ ଖୁସି ବ୍ୟକ୍ତ କରିଛନ୍ତି। ଗୋଟିଏ ବର୍ଷ ପୂର୍ଣ୍ଣ ହେବା ପୂର୍ବରୁ ହିଁ ଥ୍ରେଡସର ୧୭୫ ମିଲିୟନରୁ ଅଧିକ ୟୁଜର୍ସ ହୋଇସାରିଛନ୍ତି। ଏହା ପ୍ଲେ ଷ୍ଟୋରରେ ଲଞ୍ଚ ହେବା ପରେ ଏହାର ଟକ୍କର ମାଇକ୍ରୋ ବ୍ଲଗିଂ ସାଇଟ ଏକ୍ସ (ପୂର୍ବର ଟ୍ୱିଟର) ସହ ହୋଇଥିଲା। ଥ୍ରେଡସ, ନିଜ ଆଡକୁ ୟୁଜର୍ସଙ୍କୁ ଟାଣିବା ଏକ ଆହ୍ୱାନ ଥିଲା, ମାତ୍ର ଏହା ସଫଳ ହୋଇଥିବା ଏବେ ଅନୁମାନ କରାଯାଉଛି। ଥ୍ରେଡସ ଲଞ୍ଚ ହେବାର ଗୋଟିଏ ସପ୍ତାହ ମଧ୍ୟରେ ହିଁ ଏହାର ବ୍ୟବହାରକାରୀଙ୍କ ସଂଖ୍ୟା ପ୍ରାୟ ୧୦୦ ନିୟୁତ ହୋଇଯାଇଥିଲା। ଏହାର କାରଣ ହେଉଛି ଇନଷ୍ଟାଗ୍ରାମ ୟୁଜର୍ସ ସହଜରେ ଥ୍ରେଡସ ପ୍ରୋଫାଇଲକୁ ସେଟ୍ କରି ପାରିବା ଭଳି ବ୍ୟବସ୍ଥା ଏଥିରେ ରହିଛି।

# ଫ୍ରାଙ୍କ୍‌ଲିନ୍ ଇଣ୍ଡିଆ ମଲ୍ଟିକ୍ୟାପ୍ ଫଣ୍ଡର ଶୁଭାରମ୍ଭ

**ମୁମ୍ବଇ, ୫।୭:** ଫ୍ରାଙ୍କଲିନ ଟେମ୍ପେଲଟନ (ଇଣ୍ଡିଆ) ଆଜି ଏହାର ବିବିଧ ଇକ୍ୱିଟି ଫଣ୍ଡ ଯୁକ୍ତ ମୁକ୍ତ ମଲ୍ଟିକ୍ୟାପ ଶୁଭାରମ୍ଭର ଘୋଷଣା କରିଛି, ଯାହା ଫ୍ରାଙ୍କଲିନ ଇଣ୍ଡିଆ ମଲ୍ଟି କ୍ୟାପ ଫଣ୍ଡ (ଏଫଆଇଏମସିଏଫ) ଭାବେ ପରିଚିତ। ବୃହତ୍ ମଧ୍ୟମ ଏବଂ କ୍ଷୁଦ୍ର କ୍ୟାପ କମ୍ପାନୀ ଗୁଡ଼ିକର ଇକ୍ୱିଟି ତଥା ଇକ୍ୱିଟି ସମ୍ପର୍କିତ ପୋର୍ଟଫୋଲିଓ ଗୁଡ଼ିକରେ ବିନିଯୋଗ ପୂର୍ବକୁ ଏଥିରୁ ଲମ୍ବା -ଅବଧିର ମୂଳଧନ ସନ୍ତୁଷ୍ଟି ଲାଭ କରିବା ଏହି ଫଣ୍ଡର ମୂଳ ଲକ୍ଷ୍ୟ। ନିୟମାମ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବୃହତ୍, ମଧ୍ୟମ ଏବଂ କ୍ଷୁଦ୍ର କ୍ୟାପର ପ୍ରତ୍ୟେକ ବିଭାଗ ପାଇଁ ସର୍ବନିମ୍ନ ୨୫ ପ୍ରତିଶତର ଏକ ସର୍ବମୋଟ ସମ୍ପତ୍ତି ପ୍ରଦର୍ଶନ ଏଫଆଇଏମସିଏଫ ପରିଚାଳନା କରିବ ଏହି ନୂଆ ଫଣ୍ଡର ଅଫର ଜୁଲାଇ ୮,୨୦୨୪ରୁ ଆରମ୍ଭ ହୋଇ ଜୁଲାଇ ୨୨ରେ ସମାପ୍ତ ହେବ ଏବଂ ଏହାର ପ୍ରତ୍ୟେକ ୟୁନିଟ୍ ୧୦ ଟଙ୍କାରେ ଉପଲବ୍ଧ ହେବ ବୋଲି ଏହି ଫଣ୍ଡର ଶୁଭାରମ୍ଭ କରି ଜାନକୀରମଣ ଆର (ମୁଖ୍ୟ ବିନିଯୋଗକାରୀ ଅଧିକାରୀ-ଏମରଜିଂ ମାର୍କେଟସ ଇକ୍ୟୁଟି) କହିଛନ୍ତି।

# ମାଲାବାର ପକ୍ଷରୁ 'ମାଇନ୍ ଡାଏମଣ୍ଡ ଶୋ'




**ଭୁବନେଶ୍ୱର,୫।୭(ସମିସ):** ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ପକ୍ଷରୁ 'ମାଇନ୍ ଡାଏମଣ୍ଡ ଶୋ'ର ଆରମ୍ଭ କରାଯାଇଛି। ମାଲାବାରର ପରିଚାଳନା ଟିମ୍ ଏବଂ ଗ୍ରାହକଙ୍କ ଉପସ୍ଥିତିରେ ପାର୍ଶ୍ୱ ଗାୟିକା ପ୍ରଜ୍ଞା ହୋତା ଏହି ଶୋ'ର ଶୁଭାରମ୍ଭ କରିଥିଲେ। ଏହି ଫେଷ୍ଟିଭାଲ ଚଳିତମାସ ୫ରୁ ଜାନୁଆରୀ ୧୪ ତାରିଖ ଯାଏ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସର ଶହିଦ ନଗର ଷ୍ଟୋରରେ ଚାଲିବ। ଏହି ଏକ୍ସକ୍ଲୁସିଭ୍ ଶୋ' ଏବଂ ଡାଏମଣ୍ଡ ପ୍ରଦର୍ଶନୀ ଅବସରରେ ଗ୍ରାହକମାନେ ବ୍ରାଇଡାଲ,ସଲିଟେୟାର, ନିତିଦିନିଆ କେଲକ୍ସନ୍, ସେଲିବ୍ରେସନ୍ ନେକ୍‌ଲେସ୍, ମେନ୍ସ ଜୁଏଲେରୀ, ଏବଂ ପ୍ଲାଟିନମ୍ ଜୁଏଲେରୀର ବିସ୍ତୃତ କଲେକ୍‌ସନ୍‌ଗୁଡିକୁ ପାଇପାରିବେ ବୋଲି ଷ୍ଟୋରର ମୁଖ୍ୟ ମିଃ ଆସନଫ୍ କହିଛନ୍ତି। ମାଲାବାର ଏହାର ଗ୍ରାହକମାନଙ୍କ ଲାଗି 'ୱାନ୍ ଇଣ୍ଡିଆ ୱାନ୍ ଗୋଲ୍ଡ ରେଟ୍' ଅଭିଯାନ ଆରମ୍ଭ କରିଛି, ଯେଉଁଥିରେ ଗ୍ରାହକମାନେ ଭାରତରେ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସର ସମସ୍ତ ଷ୍ଟୋରରେ ସର୍ବୋତ୍ତମ ସୁନା ମୂଲ୍ୟ ପାଇପାରିବେ। ମାଲାବାରର ସମସ୍ତ ହୀରା ଅଳଙ୍କାର ଆଇଜିଆଇ ପ୍ରମାଣୀକୃତ। ଏଥିରେ ଗ୍ରାହକ ବାଏ ବ୍ୟାକ୍ ଗ୍ୟାରେଣ୍ଟି ସହ ଜୀବନବ୍ୟାପୀ ମେଣ୍ଟେନାନ୍ସ ଏବଂ ଏକ ବର୍ଷର ସୁନିଶ୍ଚିତ ବୀମା ଭଳି ମୂଲ୍ୟଯୁକ୍ତ ସେବା ପାଇପାରିବେ।

ଫାଡା ରିପୋର୍ଟ

# ଜୁନ୍‌ରେ ଯାତ୍ରୀବାହୀ ଯାନ ବିକ୍ରି କମିଲା

**ନୂଆଦିଲ୍ଲୀ,୫।୭(ଏଜେନ୍ସି)**

- ପ୍ରବଳ ଖରା ତାତିରେ ଶୋ' ରୁମ୍‌କୁ ଆସିଲେନି ଗ୍ରାହକ
- ଗତବର୍ଷ ତୁଳନାରେ ଖୁଚୁରା ବିକ୍ରିରେ ୭ ପ୍ରତିଶତ ହ୍ରାସ



ଚଳିତବର୍ଷର ଖରା ତାତି ପୂର୍ବ ସମସ୍ତ ରେକର୍ଡ ଭାଙ୍ଗିଛି। ହେଲେ ଏହାର ପ୍ରଭାବ ଦେଶର ଗାଡି ବଜାର ଉପରେ ପଡିଛି। ଏଥିଯୋଗୁ କମିଛି ଗାଡ଼ି ବିକ୍ରି। ପ୍ରବଳ ଖରା ତାତି ଯୋଗୁ ଶୋ' ରୁମ୍‌କୁ ଆସିପାରିଲେନି ଗ୍ରାହକ। ଏଥିଯୋଗୁ ଯାନର କ୍ରୟ ଅନୁସନ୍ଧାନ କମିଲା। ଏହାର ସିଧାସଳଖ ପ୍ରଭାବ ଗାଡ଼ି ବିକ୍ରି ଉପରେ ପଡିଛି। ଫଳସ୍ୱରୂପ ଜୁନ୍ ମାସରେ ଗାଡ଼ି ବିକ୍ରିରେ ହ୍ରାସ ପରିଲକ୍ଷିତ ହୋଇଥିବା ଫେଡେରେସନ୍ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏସନ୍ (ଫାଡା ) କହିଛି। କେବଳ ଏତିକି ନୁହେଁ ବିଳମ୍ବିତ ମୌସୁମୀ ପ୍ରବାହ ମଧ୍ୟ ଗାଡ଼ ବିକ୍ରିକୁ ପ୍ରଭାବିତ କରିଛି। ଫଳରେ ଗ୍ରାମାଞ୍ଚଳ କ୍ଷେତ୍ରରେ ଗାଡ଼ି ବିକ୍ରି ହ୍ରାସ ଘଟିଛି। ଯଦିବା ଦୁଇ ଚକିଆ ଆଉ ତିନି ଚକିଆ ଯାନ ବିକ୍ରି ବଢ଼ିଛି ତଥାପି ଯାତ୍ରିବାହୀ, ବାଣିଜ୍ୟିକ ଯାନ ଏବଂ ଟ୍ରାକ୍ଟର ବିକ୍ରି କମିଥିବା ଫାଡା ରିପୋର୍ଟରେ କୁହାଯାଇଛି।

ଭାରତରେ ଯାତ୍ରୀବାହୀ ଯାନର ଖୁଚୁରା ବିକ୍ରି ଗତ ବର୍ଷ ତୁଳନାରେ 7 ପ୍ରତିଶତ ହ୍ରାସ ପାଇଛି। ଏହାର ମୁଖ୍ୟ କାରଣ ହେଉଛି ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଶୋ'ରୁମକୁ ଆସୁଥିବା ଲୋକଙ୍କ ସଂଖ୍ୟାରେ ୧୫ ପ୍ରତିଶତ ଏ ସମ୍ପର୍କରେ ଫାଡା ଶୁକ୍ରବାର କହିଛନ୍ତି ଯେ, ମୋଟ ଯାତ୍ରୀବାହୀ ଯାନ ପଞ୍ଜିକରଣ ଗତ ମାସରେ ୨,୮୧,୫୬୬ ୟୁନିଟ୍ ରହିଥିବାବେଳେ ୨୦୨୩ ଜୁନ୍‌ରେ ଏହା ୩.୦୨,୦୦୦ ୟୁନିଟ୍ ରହିଥିଲା। ଫେଡେରେସନ୍ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏସନ୍ (ଫାଡା)ର ସଭାପତି ମନୀଷ ରାଜ ସିଙ୍ଗାନିଆ କହିଛନ୍ତି ଯେ, ଉତ୍ତମ ଉତ୍ପାଦ ଉପଲବ୍ଧତା ଏବଂ ଚାହିଦାକୁ ଉତ୍ସାହିତ କରିବା ପାଇଁ ପର୍ଯ୍ୟାପ୍ତ ରିହାତି ସତ୍ତ୍ୱେ ପ୍ରବଳ ଖରା ଏବଂ ମୌସୁମୀ ବିଳମ୍ବ ହେତୁ ଗ୍ରାହକଙ୍କ ପାଦ ୧୫% ହ୍ରାସ ପାଇଛି। ଏହାର କାରଣ ହେଉଛି ବଜାର ଏବେ ମାନ୍ଦା ପଡିଯାଇଛି। ସେ କହିଛନ୍ତି ଯେ ଡିଲରଙ୍କ ଅନୁଯାୟୀ ଗ୍ରାହକମାନେ ଗାଡି ବିଷୟରେ କମ୍ ସୂଚନା ଏବଂ କ୍ରୟ ନିଷ୍ପତ୍ତିରେ ବିଳମ୍ବ ଭଳି ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ସିଙ୍ଗାନିଆ କହିଛନ୍ତି ଯେ ପାର୍ବଣ ଋତୁ ପାଇଁ ଆଉ କିଛି ଦିନ ବାକି ରହିଛି, ତେଣୁ ଯାତ୍ରୀବାହୀ ଯାନ ମୂଳ ଯନ୍ତ୍ରପାତି ନିର୍ମାତା (ଓଇଏମ୍)ଗୁଡିକ ସତର୍କତା ଅବଲମ୍ବନ କରିବା ଜରୁରୀ। ଜୁନ୍ ମାସରେ ଦୁଇ ଚକିଆ ଯାନର ପଞ୍ଜୀକରଣ ବାର୍ଷିକ ଆଧାରରେ ପାଞ୍ଚ ପ୍ରତିଶତ ବୃଦ୍ଧି ପାଇ ୧୩,୭୫,୮୮୯ ୟୁନିଟ୍ରେ ପହଞ୍ଚିଛି। ସେ କହିଛନ୍ତି ଯେ ବିଳମ୍ବିତ ମୌସୁମୀ ଏବଂ ନିର୍ବାଚନ ସମ୍ବନ୍ଧୀୟ ବଜାର ମନ୍ଥରତା ଗ୍ରାମୀଣ ବିକ୍ରି ଉପରେ ବିଶେଷ ପ୍ରଭାବ ପକାଇଛି, ଯାହା ମେ' ମାସରେ ୫୯.୮ ପ୍ରତିଶତରୁ ଜୁନ୍ ମାସରେ ୫୮.୬ ପ୍ରତିଶତକୁ ଖସିଆସିଛି। ଗତ ମାସରେ ବାଣିଜ୍ୟିକ ଯାନର ବିକ୍ରି ୫ ପ୍ରତିଶତ ହ୍ରାସ ପାଇ ୨୦୨୩ ଜୁନ୍ ର ୭୬,୩୬୪ ୟୁନିଟ୍‌ରୁ ୭୨,୭୪୭ ୟୁନିଟ୍‌କୁ ହ୍ରାସ ପାଇଥିଲା। ସେହିପରି ତିନି ଚକିଆ ପଞ୍ଜିକରଣ ଜୁନ୍ ମାସରେ ପାଞ୍ଚ ପ୍ରତିଶତ ବୃଦ୍ଧି ପାଇ ୯୪,୩୨୧ ୟୁନିଟ୍ ରେ ପହଞ୍ଚିଛି, ଯାହାକି ଏକ ବର୍ଷ ପୂର୍ବେ ସମାନ ମାସରେ ୮୯,୭୪୩ ୟୁନିଟ୍ ରହିଥିଲା। ଜୁନ୍ ମାସରେ ମୋଟ ଖୁଚୁରା ବିକ୍ରିରେ ସାମାନ୍ୟ ବୃଦ୍ଧି ଘଟି ଏହା ୧୮,୯୫,୯୫୫୨ ୟୁନିଟ୍‌ରେ ପହଞ୍ଚିଛି।

# ଇଚ୍ଛାଶକ୍ତି ଓ ଦକ୍ଷତାକୁ ପ୍ରସ୍ଫୁଟିତ କରାଏ ଦ 'ସମ୍ଭବ'




**ଭୁବନେଶ୍ୱର,୫।୭(ସମିସ):** ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଓ ଇକାସା ପକ୍ଷରୁ ଦୁଇଦିନିଆ ୧୭ତମ ମେଗା ସିଏ ଛାତ୍ର ସମ୍ମିଳନୀ ୨୦୨୪ ଦ 'ସମ୍ଭବ' ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୯୦୦ରୁ ଅଧିକ ସିଏ ଛାତ୍ର ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ସମ୍ମାନୀତ ଅତିଥି ଭାବେ ପୂର୍ବତନ ଭୁବନେଶ୍ୱର ଶାଖା ଅଧ୍ୟକ୍ଷ ରାଜୀବ ଶେଖର ସାହୁ ଏବଂ ଆଇସିଆଇର ସମ୍ମିଳନୀ ନିର୍ଦ୍ଦେଶକ ସିଏ ସୁଶୀଲ କୁମାର ଗୋଏଲଙ୍କ ସହିତ ଅନ୍ୟତମ ଅତିଥି ଭାବେ କନ୍‌ଫରେନ୍ସ ହୋଷ୍ଟିଂ କମିଟି ଅଧ୍ୟକ୍ଷ ସିଏ ପ୍ରଣବ କୁମାର ଦାସ ପଟ୍ଟନାୟକ, ଶାଖା ଅଧ୍ୟକ୍ଷା ସିଏ ଜାହ୍ନବୀ ଦେଓ, ଶାଖା ଉପାଧ୍ୟକ୍ଷ ତଥା ଛାତ୍ର ସଙ୍ଗଠନର ଅଧ୍ୟକ୍ଷ ସିଏ ମହେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସଚିବ ସିଏ ଗୌତମ ଲେଙ୍କା ,ସିଏ ଶାଶ୍ୱତ ତ୍ରିପାଠୀ, କୋଷାଧ୍ୟକ୍ଷ, ସିଏ ପ୍ରଦୀପ କୁମାର ସାହୁ, ପୂର୍ବତନ ଅଧ୍ୟକ୍ଷ, ସିଏ ରଞ୍ଜନ କୁମାର ପୃଷ୍ଟି, ପୂର୍ବତନ ଅଧ୍ୟକ୍ଷ , ସିଏ ଗଗନ ବିହାରୀ ଦାସ, ପରିଚାଳନା କମିଟି ସଦସ୍ୟ ପରିଚାଳନା କରିଥିଲେ।

# ସୁମନ

ସକାଳ THE SAKALA
www.sakalaepaper.com

## ମୁନାର ରଥଯାତ୍ରା




ସୁବ୍ରତ ଦାସ

ଭାରି ଇଚ୍ଛା ଥାଏ ମୁନାର ଏଥର ରଥଯାତ୍ରା ଦେଖିବା ପାଇଁ। ପ୍ରତିବର୍ଷ ମୁନା ବାପାଙ୍କୁ କହେ, ବାପା ଆମେ ରଥଯାତ୍ରା ଦେଖିବା ପାଇଁ ଶ୍ରୀକ୍ଷେତ୍ର ଧାମ ପୁରୀକୁ ଯିବା । ବାପା କୁହନ୍ତି, ବାବାରେ ତୁ ଟିକେ ବଡ଼ ହୋଇ ଯା। ଆମେ ସାଙ୍ଗରେ ସବୁ ପରିବାର ସହ ମିଶି ଯିବା । ତୋତେ ଏବେ ମାତ୍ର ଆଠ ବର୍ଷ ପୁରି ନ ବର୍ଷ ହେଲା । ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ । ଭକ୍ତି ଥିଲେ ଭଗବାନ ଦେଖା ହୁଅନ୍ତି । ତୁ ଘରେ ଥାଇ ମଧ୍ୟ ଜଗନ୍ନାଥଙ୍କୁ ଦର୍ଶନ କରିପାରିବୁ। ତୁ ସେଥିପାଇଁ ମନରେ ଭକ୍ତି ରଖ । ମୁନାର ମନ ବ୍ୟାକୁଳ ହେଲା । ସେ ଜଗନ୍ନାଥଙ୍କୁ ଦର୍ଶନ କରିବ। ଜଗନ୍ନାଥଙ୍କ ରଥଦଉଡ଼ି ଟାଣିବ । ଆହୁରି କେତେ କ'ଣ ଭାବି ହେଉଥାଏ, ଏହି ସମୟର ମା' ଆସି ଡାକିଲେ। ଆରେ ମୁନା, କ'ଣ ବସି ଭାବୁଛୁ ! ମୁନା, ମା' ପାଖକୁ ଦଉଡ଼ି ଗଲା। ପଚାରିଲା ମା', ଆମେ କ'ଣ ଜଗନ୍ନାଥଙ୍କୁ ଦର୍ଶନ କରି ପାରିବା ନାହିଁ। ମା' କହିଲେ, ହଁ, କାହିଁକି ନୁହେଁ। ଜଗନ୍ନାଥ ସବୁ ଆଡ଼େ ଅଛନ୍ତି। ଜଗନ୍ନାଥଙ୍କ ପାଖରେ ଛୋଟ ବଡ଼ର ଭେଦଭାବ ନ ଥାଏ । ଯାହାର ଯେତେ ଭକ୍ତି ଭଗବାନ ତାକୁ ଦର୍ଶନ ଦିଅନ୍ତି । ତୁ ଚାହିଁଲେ, ରଥଯାତ୍ରା ଦିନ ଆମ ଗାଁ ଜଗନ୍ନାଥ ଦାଣ୍ଡରୁ ରଥ ବାହାରିବ। ତୁ ସେଦିନ ସକାଳୁ ଭୋର୍ ଉଠି ଗାଧୁଆପାଧୁଆ ସାରି ଠାକୁରଙ୍କ ପାଇଁ ଫୁଲ ମାଳ ତିଆରି କରିବୁ । ରଥ ସଜ୍ଜିତ ପାଇଁ ସୁନ୍ଦର ସୁନ୍ଦର କୁଞ୍ଜ କାଗଜ, ଫୁଲ ମାଳ, ରଙ୍ଗିନ କପଡ଼ା, ଆମ୍ବପତ୍ର ଚାନ୍ଦୁଆ, ପ୍ରସ୍ତୁତି ହେବ। ତୁ ବାପାଙ୍କ ସହିତ ଯାଇ ଏଥର ରଥ ସଜାରେ ସାହାଯ୍ୟ କରିବୁ । କେତେ ଶଙ୍ଖ, ଘଣ୍ଟ, ମୃଦଙ୍ଗ, ବାଜି 'ଜୟ ଜଗନ୍ନାଥ' ଧ୍ୱନିରେ ବଡ଼ଦାଣ୍ଡ କମ୍ପି ଉଠିବ। ସମସ୍ତେ ଘରେଘରେ ଠାକୁରଙ୍କ ଲାଗି ଭୋଗ କରିବେ। ନଡ଼ିଆ ପିଟା ହେବ, ବ୍ରାହ୍ମଣ ମନ୍ତ୍ର ଉଚ୍ଚାରଣ କରିବେ । ଧୂପ, ଦୀପ, ଚାମର ସହ ମନ୍ତ୍ର ଉଚ୍ଚାରଣରେ ଜଗନ୍ନାଥ, ବଳଭଦ୍ର, ମାତା ସୁଭଦ୍ରାଙ୍କୁ ପୂଜା କରିବେ। ଆମ ଗାଁ ସରପଞ୍ଚ ଦୈତାରି ନନା ଏଥର ରଥ ଆଗରେ ଝାଡୁ ପହଁରା କରିବେ । ଗାଁର ସବୁ ଛୁଆ, ବଡ଼ ମଣିଷ, ବୃଦ୍ଧ ସମସ୍ତେ ରଥରେ ଲାଗିଥିବା ଦୁଇ ଦଉଡ଼ି ଧରି ହୁଳୁହୁଳି ପକାଇ 'ଜୟ ଜଗନ୍ନାଥ' କହି ରଥ ଟାଣିବେ । ରଥ ଆଗରେ ପବିତ୍ର ପାଣି ଛିଞ୍ଚା ହେଉଥିବ, ନଡ଼ିଆ ବାଡ଼ା ହେଉଥିବ, ଘୋ ...ଘୋ .. ହୋଇ ରଥ ଗଡୁ ଥିବ । ଗୋଟିଏ ରଥରେ ତ୍ରିମୂର୍ତ୍ତୀ ବସିଥିବେ । ବାମରେ ବଳଭଦ୍ର, ମଝିରେ ଭଉଣୀ ସୁଭଦ୍ରା ଓ ଶେଷରେ କାଳିଆ ଠାକୁର ବସି ସମସ୍ତଙ୍କୁ ଚାହୁଁଥିବେ। ଆମେ ଭକ୍ତିର ସହ ମୁଁ ଠାକୁରଙ୍କୁ ସ୍ମରଣ କଲେ ସେ ଆମ କଥା ଶୁଣି ପାରିବେ। କାଳିଆ ଠାକୁର ଭାବର ଠାକୁର, ଭକ୍ତିର ଠାକୁର । ରଥଟଣା ହୋଇ ଘରକୁ ଘର, ସାହି କି ସାହି ହୋଇ ଗାଁ ଭ୍ରମଣ ସାରି ଶେଷରେ ମାଉସୀ ମା' ମନ୍ଦିର ପାଖରେ ପହଞ୍ଚିବ । ସେଠାରେ ଅନ୍ନ ପ୍ରସାଦ ହୋଇଥିବ । ତିନି ଠାକୁରଙ୍କୁ ତାଙ୍କ ଆସ୍ଥାନରେ ସଜ୍ଜିତ କରି ରଖାଯିବ । ଭୋଗ, ଆଳତି ହେବ । ମାଇକ୍ ବାଜୁଥିବ। ତା'ପରେ ବ୍ରାହ୍ମଣ ପୂଜା ପାଠ ସାରି ସମସ୍ତଙ୍କୁ ପ୍ରସାଦ ବଣ୍ଟନ କରିବେ । ସାତଦିନ ଧରି ପୂଜା ବିଧି ଚାଲିବ। ନିତି ସନ୍ଧ୍ୟାରେ ଆଳତି ହେବ । ପ୍ରତିଦିନ ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିରରେ ଭଜନ ଗାହାଣ ହେବ । ଜୟ ଜଗନ୍ନାଥ କାଳିଆ ସାଆନ୍ତେ ପାଖରେ ଆମର ସବୁ ଦୁଃଖ କଷ୍ଟ ଭକ୍ତି ସହକାରେ ଜଣେଇବା । ନିଶ୍ଚୟ କାଳିଆ ଠାକୁର ଆମର ଦୁଃଖ ଲାଘବ କରିବେ। ସେଥିପାଇଁ ସାରା ବିଶ୍ୱର ଲୋକ ଜଗନ୍ନାଥଙ୍କୁ ପୂଜା କରନ୍ତି । ମୁନା ଏଥର ବୁଝିଲା, ଠିକ୍ କଥା ସବୁ ସାଙ୍ଗ ମାନଙ୍କୁ ଡାକିବ । ଏଥର ରଥଯାତ୍ରାରେ ବାପାଙ୍କ ସହିତ ଜଗନ୍ନାଥ ଦାଣ୍ଡକୁ ଯିବ, ସମସ୍ତଙ୍କୁ ସାହାଯ୍ୟ କରିବ । ଯେଉଁଠି ରାସ୍ତାରେ ଖାଲ, ଢିପ ମାନ ଅଛି, ସେସବୁ କିପରି ସମତୁଲ ହୋଇପାରିବ ସରପଞ୍ଚ ଦୈତାରି ନନାଙ୍କୁ କହିବ। ବଡ଼ ହେଲେ ବାପା, ମା' ଙ୍କ ସହ ଶ୍ରୀକ୍ଷେତ୍ର ଧାମ ପୁରୀ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରିବ ଏବଂ ରଥଦଉଡ଼ି ଟାଣି ସମସ୍ତଙ୍କର ମଙ୍ଗଳ କାମନା କରିବ ।■

- ରାଜେନ୍ଦ୍ରପୁର, ଭଦ୍ରକ
ମୋ : ୯୪୩୭ ୭୩୧୯୦୩

## କୁନି ତାରକା


ଲକ୍ଷ୍ମୀପ୍ରିୟା

## ଶିଶୁ ପ୍ରତିଭା

### କଳା ନିପୁଣା ସ୍ମରଣିକା

**କାଗଜ ଓ ପଥରରେ ଆଙ୍କୁଛନ୍ତି ଆକର୍ଷଣୀୟ ଛବି**

**ସୋସିଆଲ ମିଡିଆ କାହା ପାଇଁ ଟାଇମ୍ ପାସ୍‌ର ମାଧ୍ୟମ ତ ସାଜେ ତ କାହାପାଇଁ ମନୋରଞ୍ଜନର ଖୋରାକ। ତେବେ ସୋସିଆଲ ମିଡିଆକୁ ବ୍ୟବହାର କରି ଅନେକ ଟଙ୍କା ରୋଜଗାର ମଧ୍ୟ କରିଲେଣି। ଏବେ କୁନି କୁନି ପିଲାମାନେ ବି ସୋସିଆଲ ମିଡିଆ ତଥା ୟୁଟ୍ୟୁବ୍ ବ୍ୟବହାର କରିବା ବି ଶିଖି ଗଲେଣି। ମାତ୍ର ଏମିତି କିଛି ପିଲା ଅଛନ୍ତି ଯେଉଁମାନେ ୟୁଟ୍ୟୁବ୍‌ରୁ ବେଶ୍ କିଛି ଶିକ୍ଷଣୀୟ ଜିନିଷ ଶିଖୁଛନ୍ତି। ଆଉ ୟୁଟ୍ୟୁବ୍‌କୁ ଗୁରୁ କରିଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ସ୍ମରଣିକା ରଣା। ବୟସ ୧୧ ବର୍ଷ। ଚିତ୍ରାଙ୍କନରେ କୌଣସି ତାଲିମ୍ ନ ନେଇ ସେ ୟୁଟ୍ୟୁବ୍ ଦେଖି ବେଶ୍ ସୁନ୍ଦର ଚିତ୍ର ଆଙ୍କୁଛନ୍ତି। ତେବେ କେବଳ କାଗଜ ଉପରେ ନୁହେଁ, ସେ ପଥରରେ ମଧ୍ୟ ସୁନ୍ଦର ଛବି ଆଙ୍କି ଚାରିଆଡ଼ୁ ପ୍ରଶଂସା ସାଉଁଟିଛନ୍ତି।**

ବେତନଟୀସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲରେ ଷଷ୍ଠ ଶ୍ରେଣୀରେ ପାଠ ପଢୁଛନ୍ତି ସ୍ମରଣିକା। ସେ ଜଣେ ମେଧାବୀ ଛାତ୍ରୀ। ପ୍ରଥମ ଶ୍ରେଣୀରୁ ଆଜି ପର୍ଯ୍ୟନ୍ତ ସବୁ ଶ୍ରେଣୀରେ ସେ ପ୍ରଥମ ସ୍ଥାନ ଅଧିକାର କରିଆସୁଛନ୍ତି। ତାଙ୍କ ପିତା ସୁଶାନ୍ତ କୁମାର ରଣା ଓ ମାତା ସାଗରିକା ମହାପାତ୍ର। ସୁଶାନ୍ତ କନ୍ଧମାଳ ବିଇଡି କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଅଛନ୍ତି। ସାଗରିକା ବାରିପଦାରେ ଚାକିରି କରନ୍ତି। ୨୦୨୨ରେ ଗୁଣପୁରରୁ ଆସି ସ୍ମରଣିକା ବେତନଟୀରେ ରହୁଛନ୍ତି। ପିଲାଟି ଦିନରୁ ସ୍ମରଣିକାଙ୍କର ନୃତ୍ୟ ଓ ଚିତ୍ର ପ୍ରତି ଅହେତୁକ ଦୁର୍ବଳତା ରହିଆସିଛି। ମାତ୍ର ୪ ବର୍ଷ ବୟସରେ ସ୍ମରଣିକା ୟୁଟ୍ୟୁବ୍ ଦେଖି ଚିତ୍ର କରିବା ଆରମ୍ଭ କରିଥିଲେ। ଫୁଲ, ଫଳ, ପ୍ରକୃତି, ଦେବଦେବୀଙ୍କ ଚିତ୍ର କରିବା ଆରମ୍ଭ କରିଥିଲେ। ବର୍ତ୍ତମାନ ସେ ୟୁଟ୍ୟୁବ୍ ଦେଖି ବେଶ୍ ସୁନ୍ଦର ଓ ଆକର୍ଷଣୀୟ ଚିତ୍ର ଆଙ୍କୁଛନ୍ତି। ଯେକୌଣସି ଛବି ଆଖି ଆଗରେ ପଡ଼ିଲେ ତାହାକୁ ସେ ନିଜ ପେନସିଲ୍ ଓ ତୂଳୀରେ ଜୀବନ୍ତ କରିବାକୁ ଚେଷ୍ଟା କରନ୍ତି। ଖାଲି ସେତିକି ନୁହେଁ, ଷ୍ଟୋନ୍ ଆର୍ଟ କରିବାରେ ମଧ୍ୟ ସେ ବେଶ୍ ପାରଙ୍ଗମ। ଅନଲାଇନ୍ ମାଧ୍ୟମରେ ପଥର କିଣି ସ୍ମରଣିକା ସେଥିରେ ବିଭିନ୍ନ ଚିତ୍ର ଆଙ୍କି ଏହାକୁ ଆକର୍ଷଣୀୟ କରି ଦେଉଛନ୍ତି। ଓଡ଼ିଶୀ ନୃତ୍ୟରେ ମଧ୍ୟ ପାରଙ୍ଗମ ସ୍ମରଣିକା। ସ୍କୁଲରେ ଯେକୌଣସି କାର୍ଯ୍ୟକ୍ରମ ହେଲେ ସେ ନୃତ୍ୟ ପରିବେଷଣ କରନ୍ତି। ଯଦିଓ ପ୍ରାରମ୍ଭରେ ସେ କିଛିଦିନ ନୃତ୍ୟରେ ତାଲିମ ନେଇଥିଲେ ପରେ ଆଉ ଏହା ସମ୍ଭବ ହୋଇ ନ ଥିଲା। ଅନେକ ମଞ୍ଚରେ ସେ ନୃତ୍ୟ ପରିବେଷଣ କରି ପ୍ରଶଂସା ସାଉଁଟିଛନ୍ତି। ଚିତ୍ରାଙ୍କନ, ବିତର୍କ ଓ ନୃତ୍ୟ ଆଦି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କାର ଓ ସାର୍ଟିଫିକେଟ୍ ହାସଲ କରିଛନ୍ତି। ଏହାବ୍ୟତୀତ ସ୍କୁଲରେ ଷ୍ଟୋରି ଟେଲିଂରେ ସେ ଅନେକ ଥର ପୁରସ୍କୃତ ମଧ୍ୟ ହୋଇଛନ୍ତି। ସଡ଼କ ସୁରକ୍ଷା ଉପରେ ଆୟୋଜିତ ବ୍ଲକ୍ ସ୍ତରୀୟ ବିତର୍କ ପ୍ରତିଯୋଗିତାରେ ବି ସ୍ମରଣିକା ପୁରସ୍କାର ପାଇଛନ୍ତି। ଭବିଷ୍ୟତରେ ଆଇଏଏସ୍ ହୋଇ ଦେଶ ସେବା କରିବାକୁ ଲକ୍ଷ୍ୟ ରଖିଛନ୍ତି ସ୍ମରଣିକା। ଏଥିସହିତ ନିଜ ଚିତ୍ରକଳାକୁ ମଧ୍ୟ ଆଗକୁ ନେବାକୁ ଚେଷ୍ଟା କରିବେ ବୋଲି ସେ କହିଛନ୍ତି। ■







ରିପୋର୍ଟ: ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି, ବାଲେଶ୍ୱର



- ଆଷାଢ଼ ମାସରେ ଯାତରାଟିଏ
ପ୍ରଭୁଙ୍କ ପାଇଁ କି ପାଳିତ ହୁଏ
ଭାବରେ ଭକତ ବିହ୍ୱଳ ହୋଇ
ଆସିଥାନ୍ତି ପରା ଦର୍ଶନ ପାଇଁ
ମହାପ୍ରଭୁ ବଡ଼ଦାଣ୍ଡକୁ ଆସି
ଭକତ ମେଳରେ ହୁଅନ୍ତି ଖୁସି
ଓଡ଼ିଶାର ଗର୍ବ ଗୌରବ ସିଏ
ନାମଟି ତାହାର କହିବ କିଏ ?
ଉ-ରଥ ଯାତରା

- କାଠରେ ନିର୍ମିତ ହୁଅଇ ସିଏ
ମନ୍ଦିର ପରିକା ସେ ଦିଶୁଥାଏ
ପ୍ରଭୁ ଯିବାପାଇଁ ଗୁଣ୍ଡିଚା ଘର
ବ୍ୟବହୃତ ପରା ହୁଅଇ ତା'ର
ତା' ଉପରେ ପ୍ରଭୁ କରିଲେ ବିଜେ
ଭକ୍ତ ତାଙ୍କୁ ଭିଡ଼ି ନିଅନ୍ତି ନିଜେ
ମହାପ୍ରଭୁଙ୍କର ଯାନଟି ସିଏ
ନାମଟି ତାହାର କହିବ କିଏ ?
ଉ-ରଥ

- ଚାରୋଟି ଅକ୍ଷର ନାମଟି ସିଏ
ମୁଖିଆ ବୋଲିକି ଦୁନିଆଁ କୁହେ
ହାତୀ ଅନ୍ୟନାମ ପ୍ରଥମ ଦୁଇ
ଶେଷ ଦୁଇରେ ସ୍ୱାମୀ ସେ ହୋଇ
ଦ୍ୱିତୀୟ ତୃତୀୟ ମିଶିଲା ପରେ
ନବ ବାରମ୍ବାର ନେଲେ ତୁଣ୍ଡରେ
ପ୍ରଥମ ଓ ଶେଷ ଯଦି ମିଶିବ
ଯିବାର ଅର୍ଥକୁ ବୁଝାଉଥିବ
ଖୋଲିଦେଲେ ଥରେ ବୁଦ୍ଧିର ଚାବି
କଅଣ ହୋଇବ କହିଲ ଭାବି ?
ଉ-ଗଜପତି

- ଭକତି ଭାବକୁ ମନରେ ଭରି
ସୁନାର ଝାଡୁକୁ ହାତରେ ଧରି
ଗଜପତି ସଫା କରନ୍ତି ଯେବେ
ପ୍ରଭୁ ରଥାରୂଢ଼ ହୁଅନ୍ତି ସେବେ
ସେବା ଆଉ ନୀତି ଅଟଇ ସେହି
କିଏ ସେ ପାରିବ ନାମ ତା' କହି ?
ଉ-ଛେରାପହଁରା

- ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୩୧୦୩୨୮୩୪୫

## ମୋ କୁନି ରଥ

ସୁଧାକର ରାଉତ

କୁନି ହାତରେ ମୁଁ ଗଢ଼ିଛି ରଥ
ଆସ ସେଠିକି ହେ ଜଗତ ନାଥ ।
ଭାଇ ଭଉଣୀଙ୍କୁ ସଙ୍ଗତେ ଘେନି
ବସ ତହିଁ ମୋ' ସାନ କଥା ମାନି ।
କେଡ଼େ ଯତନେ ସଜାଇଛି ମୁହିଁ
ମନା କରନି ହେ ଜଗତ ସାଇଁ ।
ମନ୍ତ୍ର, ତନ୍ତ୍ର ଜଣା ନାହିଁଟି ମୋତେ
'ଭାବ' ବି ଧରା ଦିଏନି ମୋ' ହାତେ ।
ତୁମ କଥା ଭାବି ଦୀପଟେ ଜାଳି
ଖୁସିରେ ପକାଇବି ହୁଳହୁଳି ।
ଫୁଲ ଗୁନ୍ଥି ମୁହିଁ କରିଛି ହାର
ପିନ୍ଧିବ ତାହାକୁ ନ ଭାବି ପର ।
ମନରେ ତୁମର କିଛି ନ ଧରି
ଯାହା ଦେବି ତାକୁ ନେବଟି ହରି ।
ସବୁ ଲୋକଙ୍କର ମନର କଥା
ଜାଣିପାରି ଦୂର କରଟି ବ୍ୟଥା ।
କହୁଥିଲେ ପରା ଆମରି ଜେଜେ
ତାଙ୍କ କଥା ମାନି ତୁମକୁ ପୂଜେ ।
ହେଲେ ତାଙ୍କୁ ଏବେ ହୋଇଛି ରୋଗ
ତାଙ୍କୁ ଭଲ କରି ଦିଅଟି ଆଗ ।
ମାଗୁନାହିଁ ତୁମକୁ କିଛି ଆଉ
ତାଙ୍କ ଦେହଟି ଖାଲି ଭଲ ହେଉ ।
ତୁମକୁ ଆଉ ମୁଁ ମାଗିବି କିସ
ଯା' ଇଚ୍ଛା ତା' କର ଜଗତ ଈଶ ।■

ପ୍ରତାପ ନଗରୀ, କଟକ
ମୋ - ୮୨୪୯ ୯୩୨୭ ୯୨

✂
## ସକାଳ ଶିଶୁ କୁଇଜ୍-୧୨୫

(୧) 'ବିଚିତ୍ର ରାମାୟଣ' ପୁସ୍ତକର ରଚୟିତା କିଏ?
ଉତ୍ତର : ______

(୨) ରଥଯାତ୍ରାରେ କାହାର ରଥ ପ୍ରଥମେ ଗଡ଼ିଥାଏ?
ଉତ୍ତର : ______

(୩) ଆଣ୍ଡାମାନ ନିକୋବରରେ କେତୋଟି ଦ୍ୱୀପ ଅଛି?
ଉତ୍ତର : ______

(୪) କେଉଁ ଦେଶକୁ ନୀଳ ନଦୀର ଦାନ କୁହାଯାଏ?
ଉତ୍ତର : ______

(୫) ଇସ୍ରୋର ମୁଖ୍ୟାଳୟ କେଉଁଠାରେ ଅଛି?
ଉତ୍ତର : ______

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

### ଗତ ସପ୍ତାହର କୁଇଜ୍ ବିଜେତା

- ରୋଜାଲିନ୍ ଷଡ଼ଙ୍ଗୀ, ଧର୍ମଶାଳା
- ସନ୍ତୋଷ କୁମାର ବାରିକ୍, କପ୍ତିପଦା, ମୟୂରଭଞ୍ଜ
- ବିକାଶ କୁମାର ସାହୁ, ଜଟଣୀ

### ଆମର ଯୋଗାଯୋଗ ଠିକଣା

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର,
ଭୁବନେଶ୍ୱର-୭୫୧୦୧୯

## ଟିକି ପିଲା ଡାକେ ଶରଧାରେ


ଅନନ୍ତ କୁମାର ସେନାପତି

ଟିକି ମନ ଟିକି ଇଚ୍ଛା ଟିକି ଅଗଣାରେ,
ସଜାଇଛି ଟିକି ଫୁଲ ଡାକେ ଶରଧାରେ ।
ପାରିନି ମୁଁ ରଥ ଗଢ଼ି ନୁହେଁ କାରିଗର,
ମନ ମନ୍ଦିର ଆସିବ କାଳିଆ ଠାକୁର ।
ଧୂପ, ଦୀପ ଜାଳିବିନି ଟିକି ଅଛି ବୋଲି,
ଟିକି ପାଦେ ତୁମ ପାଖ ନ ପାରଇ ଚାଲି ।
ସର, ଲବଣି ଓ ଖିରି, ବେସର କି ଡାଲି,
ଅବା ପୋଡ଼ପିଠା, ମିଠା କରିନି ତିଆରି ।
ଡାକିଥିଲା ପ୍ରହଲ୍ଲାଦ ଯେଉଁ ଭକତିରେ,
ସେ ଭକତି ଶିଖି ନାହିଁ ଟିକି ହୃଦୟରେ ।
ଟିକି ଟିକି ସପନରେ ତୁମେ ଆସ ବୋଲି,
ମୋ ମନର କଥା ସବୁ ଖୋଲି କହିଦେଲି ।
ଟିକି ବୋଲି ଭାବିବନି କରିଅଛି ଆଶା,
ମନ ରଥେ ବସିବାକୁ ରଖିଛି ଭରସା ।■

ବାଣ୍ଟୁପଡ଼ା, ରାଜଗାଙ୍ଗପୁର
ମୋ- ୭୦୦୮୩୦୪୨୨୫

## ତୁମେ ଆଙ୍କିଲ ଛବି




ସାଇ ନମ୍ରତା ମହାପାତ୍ର
ତୃତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା




ବୈଭବ କୁମାର ପାତ୍ର
ପଞ୍ଚମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର




ମୟୂରେଶ ବେହେରା
ଷଷ୍ଠ ଶ୍ରେଣୀ
ମଡର୍ଣ୍ଣ ପବ୍ଲିକ୍ ସ୍କୁଲ
ବାଲେଶ୍ୱର




ସିମନ୍
ଚତୁର୍ଥ ଶ୍ରେଣୀ
ଗାଇଡାନ୍ସ ଇଂରାଜୀ ମାଧ୍ୟମ ସ୍କୁଲ
ଡୁମୁଡୁମା, ଭୁବନେଶ୍ୱର

### କୋପା ଆମେରିକା ଫୁଟବଲ

# ଇକ୍ୱେଡର୍ ପରାସ୍ତ: ସେମିରେ ଆର୍ଜେଣ୍ଟିନା



**ହଷ୍ଟନ,୫।୭(ଏଜେନ୍ସି):** ଆମେରିକାର ଚାଲିଥିବା କୋପା ଆମେରିକା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଗତଥରର ଚାମ୍ପିଅନ ଲିଓନେଲଙ୍କ ମେସିଙ୍କ ଆର୍ଜେଣ୍ଟିନା ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଟୁର୍ଣ୍ଣାମେଣ୍ଟରେ ୧୫ଥର ଟାଇଟଲ ଜିତିଥିବା ଆର୍ଜେଣ୍ଟିନା କ୍ୱାର୍ଟର ଫାଇନାଲରେ ଉରୁଗୁଏକୁ ସୁଟ୍‌ଆଉଟ୍‌ରେ ପରାସ୍ତ କରି ସେମି ଟିକଟ୍ ହାସଲ କରିଛି। ସ୍ଥାନୀୟ ଏନ୍‌ଆରଜି ଷ୍ଟାଡିୟମରେ ଶୁକ୍ରବାର ସକାଳେ ଆର୍ଜେଣ୍ଟିନା ଓ ଉରୁଗୁଏ ମଧ୍ୟରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟରଫାଇନାଲ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ଫଳରେ ପେନାଲ୍ଟି ସୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଆର୍ଜେଣ୍ଟିନା ୪-୨ରେ ବିଜୟୀ ହୋଇ ବାଜି ମାରିଥିଲା। ମ୍ୟାଚ୍‌ର ୩୫ତମ ମିନିଟ୍‌ରେ ଲିଜାଣ୍ଡ୍ରୋ ମାର୍ଟିନେଜ ଗୋଲ ସ୍କୋର କରି ଆର୍ଜେଣ୍ଟିନାକୁ ଅଗ୍ରଣୀ କରାଇଥିଲେ। ମ୍ୟାଚ୍ ଶେଷ ହେବାର କିଛି ମୁହୂର୍ତ୍ତ ପୂର୍ବରୁ ଇଞ୍ଜୁରି ଟାଇମ୍‌ର ପ୍ରଥମ ମିନିଟ୍‌ରେ ଇକ୍ୱେଡରର କେଭିନ୍ ରୋଡ୍ରିଗ୍ୱେଜ୍ ଗୋଲ ସ୍କୋର କରି ମ୍ୟାଚ୍‌କୁ ବାରବର ସ୍ଥିତିକୁ ଆଣିଥିଲେ। ଏହା ପରେ ଗୋଲ ନେହେବା କାରଣରୁ ପେନାଲ୍ଟି ସୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଏବେ ଜୁଲାଇ ୯ରେ ଆର୍ଜେଣ୍ଟିନା ସେମିଫାଇନାଲରେ କାନାଡା କିମ୍ବା ଭେନେଜୁଏଲାକୁ ଭେଟିବ।

ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଆର୍ଜେଣ୍ଟିନା ଆଶାନୁରୂପ ପ୍ରଦର୍ଶନ କରିପାରି ନଥିଲା। ସଟ୍‌ରେ ଆର୍ଜେଣ୍ଟିନା ପଛରେ ରହିଥିଲା ଓ ସଟ୍ ଅନ୍ ଟାର୍ଗେଟ୍‌ରେ ଦୁଇ ଦଳ ବରାବର ପ୍ରଦର୍ଶନ କରିଥିଲେ। ସେହିପରି ବଲ୍ ପଜେସନ, ପାସ ଓ ପାସ୍ ଆକ୍ୟୁରେସିରେ ଆର୍ଜେଣ୍ଟିନା ସାମାନ୍ୟ ଆଗରେ ରହିଥିଲା। ୯୧ତମ ମିନିଟ୍‌ରେ ଗୋଲ ସ୍କୋର କରି ରୋଡ୍ରିଗ୍ୱେଜ ଗୋଲ ସ୍କୋର କରି ଆର୍ଜେଣ୍ଟିନା ହାତରୁ ଏକ ପ୍ରକାର ବିଜୟ ଛଡ଼ାଇ ନେଇଥିଲେ।

### ପ୍ରାରମ୍ଭିକ ପେନାଲ୍ଟି ମିସ୍ କଲେ ମେସି

ପେନାଲ୍ଟି ସୁଟ୍ ଆଉଟ୍‌ରେ ଆଘାତ ସମସ୍ୟା ଦେଇ ଗତି କରୁଥିବା ସୁପରଷ୍ଟାର ମେସି ବିଫଳ ହୋଇଥିଲେ। ସୁଟ୍ ଆଉଟ୍‌ରେ ମେସିଙ୍କ ସଟ୍ ଗୋଲପୋଷ୍ଟ ଉପରବାରରେ ବାଜି ଉପରକୁ ଉଠିଥିଲା। ଫଳରେ ମେସି ଓ ଆର୍ଜେଣ୍ଟିନା ଖେଳାଳି ନିରାଶ ହୋଇଥିଲେ। କିନ୍ତୁ ଏହାପରେ ଆର୍ଜେଣ୍ଟିନା ନ ହୋଇ ସୁଟ୍ ଆଉଟ୍‌ରେ ୪ଟି ଗୋଲ ଦେଇଥିଲେ। ଦଳ ତରଫରୁ ଜୁଲିଆନ ଆଲଭାରେଜ, ଆଲେକ୍ସିଜ ମ୍ୟାକ ଆଲିଷ୍ଟର, ଗୋଞ୍ଜାଲୋ ମଣ୍ଟିଏଲ ଓ ନିକୋଲାସ ଓଟାମେଣ୍ଡି ଗୋଲ ଦେଇଥିଲେ। ଅନ୍ୟପଟେ ଇକ୍ୱେଡର ତରଫରୁ ସୁଟ୍ ଆଉଟ୍‌ରେ ଦୁଇଟି ଗୋଲ ଦିଆଯାଇଥିଲା।

### ଭେନେଜୁଏଲା- କାନାଡା କ୍ୱାର୍ଟର ଆଜି

କୋପା ଆମେରିକାର ଶନିବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଦକ୍ଷିଣ ଆମେରିକୀୟ ଦେଶ ଭେନେଜୁଏଲା ଓ ପଦାର୍ପଣ କରିଥିବା ଉତ୍ତର ଆମେରିକା ଦେଶ କାନାଡା ପରସ୍ପରକୁ ଭେଟିବେ। ଏହି ମୁକାବିଲାରେ ଭେନେଜୁଏଲା ଫେବରାଇଟ୍ ବିବେଚିତ ହେଉଛି। ଗ୍ରୁପ୍ ବି'ରେ ଭେନେଜୁଏଲା ୩ଟି ମ୍ୟାଚ୍ ଖେଳି ସବୁଥିରେ ବିଜୟୀ ହୋଇ ୯ ପଏଣ୍ଟ ହାସଲ କରି ଶୀର୍ଷରେ ରହିବା ସହ କ୍ୱାର୍ଟରକୁ ଉଠିଥିଲା। ଅନ୍ୟପଟେ କାନାଡା ଗ୍ରୁପ୍ ଏ'ରେ ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ଡ୍ର ଓ ପରାଜୟ ସହ ୪ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟରକୁ ଉଠିଥିଲା। ଏହି ମ୍ୟାଚ୍ ଟେକ୍ସାସର ଏଟି ଆଣ୍ଡ ଟି ଷ୍ଟାଡିୟମରେ ସକାଳ ୬.୩୦ରେ ଖେଳାଯିବ।

### ପ୍ୟାରିସ ଅଲିମ୍ପିକ୍ସ ଆଉ ୧୯ ଦିନ

# ସିନ୍ ନଦୀ ପାଣିର ମାନରେ ଉନ୍ନତି



**ପ୍ୟାରିସ,୫।୭(ଏଜେନ୍ସି):** ବିଶ୍ୱକ୍ରୀଡ଼ାର ସର୍ବଶ୍ରେଷ୍ଠ ମହାକୁମ୍ଭ ଅଲିମ୍ପିକ୍ସର ୩୩ତମ ସଂସ୍କରଣ ଏଥର ଫ୍ରାନ୍ସ ରାଜଧାନୀ ପ୍ୟାରସ୍‌ରେ ଆୟୋଜନ ହେବ। ଅଲିମ୍ପିକ୍ସ ଆରମ୍ଭ ହେବାକୁ ଆଉ ୨୧ ଦିନ ଅର୍ଥାତ ୩ ସପ୍ତାହ ବାକି ରହିଛି। ଜୁଲାଇ ୨୬ରୁ ଅଗଷ୍ଟ ୧୧ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ମେଗା ଇଭେଣ୍ଟ ଉପରେ ଏବେ ସାରା ବିଶ୍ୱର ନଜର ରହିଛି। ସିନ ନଦୀକୂଳରେ ପ୍ୟାରିସ ଅବସ୍ଥିତ ହୋଇଥିବାରୁ ଏହି ନଦୀ ଉପରେ ଅଲିମ୍ପିକ୍ସର କେତୋଟି ଆଉଟ୍ ଡୋର ସନ୍ତରଣ ପ୍ରତିଯୋଗିତା ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ସିନ ନଦୀର ପାଣିର ମାନଙ୍କୁ ନେଇ ବିଭିନ୍ନ ଦେଶ ପ୍ରଶ୍ନ ଉଠାଇଥିଲେ। କିନ୍ତୁ ସଦ୍ୟତମ ପରୀକ୍ଷାରେ ସିନ୍ ନଦୀ ପାଣିର ମାନରେ ଯଥେଷ୍ଟ ଉନ୍ନତି ଆସିଛି ବୋଲି ଅଲିମ୍ପିକ୍ସ ଆୟୋଜକମାନେ ସୂଚନା ଦେଇଛନ୍ତି। ଫଳରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଏଠାରେ ବିଭିନ୍ନ ସନ୍ତରଣ ଇଭେଣ୍ଟ ଆୟୋଜନ ହେବା ନେଇ ଅନୁକୂଳ ସ୍ଥିତି ସୃଷ୍ଟି ହୋଇଛି।

ସିନ ନଦୀ ଉପରେ ଜୁଲାଇ ୩୦ ଓ ୩୧ ଓ ଅଗଷ୍ଟ ୫ରେ ସନ୍ତରଣର ଟ୍ରାଇଆଥଲନ ଆୟୋଜନ ହେବ। ସେହିପରି ଏହି ନଦୀ ଉପରେ ଅଗଷ୍ଟ ୮ ଓ ୯ରେ ଓପନ୍ ୱାଟର ସୁଇମିଂ ଇଭେଣ୍ଟ ମଧ୍ୟ ଆୟୋଜନ ହେବ। ଗତ ଏକ ଦଶନ୍ଧି ମଧ୍ୟରେ ଫ୍ରେଞ୍ଚ୍ କର୍ତ୍ତୃପକ୍ଷ ପ୍ୟାରିସର ସ୍ୱେରେଜ ପ୍ରଣାଳୀରେ ସୁଧାର ଆଣିବା ସହ ସିନ ନଦୀର ପାଣିକୁ ସଫା କରିବା ପାଇଁ ଓ ନୂଆ ଜଳ ପ୍ରସାଧାନ ଓ ସଂରକ୍ଷଣ ସୁବିଧା ପାଇଁ ୧.୫ ବିଲିଅନ ଆମେରିକୀୟ ଡଲାର ବା ପାଖାପାଖି ୧,୨୪, ୮୪ କୋଟି ଟଙ୍କା ଖର୍ଚ୍ଚ କରିଛି। ଉଲ୍ଲେଖଥାଉ କି, ଉତ୍ତର ଫ୍ରାନ୍ସରେ ଅବସ୍ଥିତ ସିନ ନଦୀର ଲମ୍ବ ୭୭୭ କିଲୋମିଟର।

### ଖେଳାଳିମାନେ ଶତ ପ୍ରତିଶତ ପ୍ରଦର୍ଶନ କରିବେ: ପ୍ରଧାନମନ୍ତ୍ରୀ

ଅଗାମୀ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯାଉଥିବା ଭାରତୀୟ ଖେଳାଳିମାନେ ଶତ ପ୍ରଦର୍ଶନ ଦେବାକୁ ପ୍ରୟାସ କରିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଦେଶର ୧୪୦ କୋଟି ନାଗରିକ ଏହି ଖେଳାଳିମାନଙ୍କ ଉପରେ ଭରସା କରିଛି ବୋଲି ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଥିବା ଆଥଲେଟ୍‌ଙ୍କ ସହ ଚର୍ଚ୍ଚା କରିବା ଅସବସରରେ ସେ ଏହି କଥା କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ କରି ସବୁ ତାରକା ଆଥଲେଟମାନେ ବେଶ୍ ଉତ୍ସାହ ଅନୁଭବ କରିଥିଲେ ବୋଲି କହିଛନ୍ତି।

# ଆଣ୍ଟୋନୀ ଫର୍ଣ୍ଣାଣ୍ଡିଜ୍ ଓଡ଼ିଶା ଏଫ୍‌ସି ସହକାରୀ ପ୍ରଶିକ୍ଷକ



**ଭୁବନେଶ୍ୱର,୫।୭(ଏଜେନ୍ସି):** ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ର ଭୁବନେଶ୍ୱର ଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ନୂଆ ସହାକାରୀ ପ୍ରଶିକ୍ଷକ ନିଯୁକ୍ତି କରିଛି। ଓଡ଼ିଶା ଆଣ୍ଟୋନୀ ଫର୍ଣ୍ଣାଣ୍ଡିଜ୍‌ଙ୍କୁ ଏହି ନୂଆ ଦାୟିତ୍ୱ ପ୍ରଦାନ କରିଛି। ଶୁକ୍ରବାର ଏ ନେଇ ଓଡିଶା ଏଫ୍‌ସି ତରଫରୁ ଘୋଷଣା କରାଯାଇଛି। ଫ୍ଲୟଡ ପିଣ୍ଟୋ ବ୍ୟକ୍ତିଗତ କାରଣ ଦର୍ଶାଇ ସହକାରୀ ପ୍ରଶିକ୍ଷକ ପଦରୁ ଇସ୍ତଫା ଦେବା ପରେ ପର୍ଣ୍ଣାଣ୍ଡିଜଙ୍କୁ ନିଯୁକ୍ତ କରାଯାଇଛି।

କୋଚିଂକୁ ଆସିବା ପୂର୍ବରୁ ଫର୍ଣ୍ଣାଣ୍ଡିଜ୍ ଜଣେ ସଫଳ ଫୁଟବଲର ରହିଥିଲେ। ସେ ବିଭିନ୍ନ କ୍ଲବ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ସେ ଏହାପୂର୍ବରୁ ଏଆର ଇଣ୍ଡିଆ ଏଫ୍‌ସିର ପ୍ରଶିକ୍ଷକ ଥିଲେ ଓ ପରେ ମଧ୍ୟବର୍ତ୍ତୀକାଳୀନ ମୁଖ୍ୟ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ମୁମ୍ବାଇ ସିଟି ଏଫ୍‌ସି ସହକାରୀ ପ୍ରଶିକ୍ଷକ ଭାବେ ସେ ବେଶ୍ ସଫଳତା ହାସଲ କରି ନିଜ କୋଚିଂ କ୍ୟାରିୟରକୁ ନୂଆ ଦିଶା ପ୍ରଦାନ କରିଥିଲେ। ଯୁବ ଖେଳାଳିଙ୍କୁ ବିକଶିତ କରିବା ସହ ସେ ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିବାରେ ସିଦ୍ଧହସ୍ତ। ଫର୍ଣ୍ଣାଣ୍ଡିଜ ସହକାରୀ କୋଚ୍ ନିଯୁକ୍ତ ହେବା ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା କହିଛନ୍ତି। ସେ ଜଣେ ପେସାଦାର ଓ ବଳିଷ୍ଠ ବ୍ୟକ୍ତିତ୍ୱ ସମ୍ପର୍ଣ୍ଣ ବ୍ୟକ୍ତି। ସେ ମୋତେ ଦଳର ପ୍ରଶିକ୍ଷଣ ସାହାଯ୍ୟ କରିବେ ବୋଲି ଲୋବେରୋ କହିଛନ୍ତି। ଅନ୍ୟପଟେ ଦଳରେ ଯୋଗଦେଇ ବେଶ୍ ଆନନ୍ଦିତ ଅଛି ବୋଲି ଫର୍ଣ୍ଣାଣ୍ଡିଜ କହିଛନ୍ତି। ଏଥର ଓଡ଼ିଶାକୁ ଆଇଏସ୍‌ଏଲ୍ ଚାମ୍ପିଅନ କରାଇବାକୁ ସବୁପ୍ରକାର ପ୍ରୟାସ କରିବି ଓ ଲୋବେରୋଙ୍କ ସହ କାର୍ଯ୍ୟକରିବାକୁ ଉତ୍ସାହିତ ଅଛି ବୋଲି ସେ କହିଛନ୍ତି।

### କାନାଡା ଓପନ୍ ବ୍ୟାଡ୍‌ମିଣ୍ଟନ

# କ୍ୱାର୍ଟରଫାଇନାଲରେ ପ୍ରିୟାଂଶୁ



**କାଲଗାରୀ,୫।୭(ଏଜେନ୍ସି):** ଏଠାରେ ଚାଲିଥିବା କାନାଡା ଓପନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ଉଦୀୟମାନ ଖେଳାଳି ପ୍ରିୟାଂଶୁ ରାଜାୱତ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ଏକକ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ରାଜାୱତ ୨୧-୧୯, ୨୧-୧୯ ସିଧାସଳଖ ଗେମ୍‌ରେ ଜାପାନର ତାକୁମା ଓବାୟାସୀଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ଏହାପୂର୍ବରୁ ପ୍ରିୟାଂଶୁ ପ୍ରଥମ ରାଉଣ୍ଡରେ ଡେନମାର୍କର ରାସମୁସ୍ ଗେମ୍‌କେଙ୍କୁ ୧୭-୨୧, ୨୧-୧୬, ୨୧-୧୪ରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଥିଲେ। ଏବେ ସେ କ୍ୱାର୍ଟରରେ ଅନ୍ୟତମ ଡେନମାର୍କ ଖେଳାଳି ଆଣ୍ଡର୍ସ ଆନଟନସେନ୍‌ଙ୍କୁ ଭେଟିବେ।

### ତ୍ରିଶା- ଗାୟତ୍ରୀ କ୍ୱାର୍ଟରରେ

ମହିଳା ଯୁଗଳ ପ୍ରତିଯୋଗିତାରେ ତୃତୀୟ ସିଡ ମାନ୍ୟତା ପାଇଥିବା ଭାରତର ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଯୋଡି ପ୍ରି- କ୍ୱାର୍ଟରରେ ୧୭-୨୧, ୨୧-୧୭, ୨୧-୮ରେ ଡଚ୍ ଖେଳାଳି ଆଲିସା ତିର୍ତୋସେଣ୍ଟୋ ଓ ଏନ୍‌ପି ଆଣ୍ଟୋନୀସେନଙ୍କୁ ପରାସ୍ତ କରି କ୍ୱାର୍ଟରରେ ପ୍ରବେଶ କରିଛନ୍ତି। କ୍ୱାର୍ଟରେ ତ୍ରିଶା ଓ ଗାୟତ୍ରୀ ଏବେ ସିଏ ପେଇ ସାନ ଓ ହଙ୍ଗ ଏନ୍-ଜୁଙ୍କୁ ଭେଟିବେ। ମହିଳା ଏକକରେ ଭାରତର ଅନୁପମା ଉପାଧ୍ୟାୟ ପ୍ରି- କ୍ୱାର୍ଟରରେ କାନାଡାର ମିଚେଲେ ଲିଙ୍କଠାରୁ ୨୧-୧୪, ୧୭-୨୧, ୨୧-୧୩ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ସେହିପରି ଅନ୍ୟତମ ଭାରତୀୟ ମହିଳା ଖେଳାଳି ତାନ୍ୟା ହେମନ୍ତ ଅନ୍ୟଏକ ପ୍ରି- କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଥାଇଲାଣ୍ଡ ତାରକା ବୁସାନନ ଅଙ୍ଗବାମରଙ୍ଗଫାନ୍‌ଙ୍କଠାରୁ ୧୧-୨୧, ୧୩-୨୧ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ପୁରୁଷ ଯୁଗଳ ପ୍ରତିଯୋଗିତାରେ ଭାରତର କେପି ଗରଗ ଓ କେଏସ୍ ପ୍ରତୀକ ୧୯-୨୧, ୨୧-୧୮, ୧୭-୨୧ରେ ତାଇୱାନ ଯୋଡି ଲନ୍ ବିଙ୍ଗ୍ ୱେଇ ଓ ସୁ ଚିଙ୍ଗ- ହେନଙ୍କଠାରୁ ପରାସ୍ତ ହୋଇଛନ୍ତି। ମିଶ୍ରିତ ଯୁଗଳରେ ଭାରତର ରୋହନ କପୁର ଓ ଗାଡେ ରୁଥଭିକା ଶିବାନୀ ଦ୍ୱିତୀୟ ରାଉଣ୍ଡରେ ୧୫-୨୧, ୨୧-୧୯, ୯-୨୧ରେ ସୁ ଇନ୍ ହୁଇ ଓ ଚେନ ଚେଙ୍ଗ କୁଆନଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

# ଘରୋଇ ମାଟିରେ ପାକିସ୍ତାନ ଖେଳିବ ୭ ଟେଷ୍ଟ

**କରାଚି,୫।୭(ଏଜେନ୍ସି):** ଚଳିତ କ୍ରିକେଟ ସିଜନ ଲାଗି ପାକିସ୍ତାନ କ୍ରିକେଟ ଦଳର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଏହି କାର୍ଯ୍ୟସୂଚୀ ଅନୁଯାୟୀ ପାକିସ୍ତାନ ଘରୋଇ ମାଟିରେ ୭ଟି ଟେଷ୍ଟ ମ୍ୟାଚ୍ ଖେଳିବ। ଏହା ମଧ୍ୟରୁ ଅଗଷ୍ଟ ୨୧ରୁ ସେପ୍ଟେମ୍ବର ୩ ମଧ୍ୟରେ ବାଂଲାଦେଶ ସହ ୨ଟି, ଅକ୍ଟୋବର ୭ରୁ ୨୮ ମଧ୍ୟରେ ଇଂଲଣ୍ଡ ସହ ୩ଟି ଓ ଆସନ୍ତାବର୍ଷ ଜାନୁଆରୀ ୧୬ରୁ ୨୮ ମଧ୍ୟରେ ୱେଷ୍ଟଇଣ୍ଡିଜ୍ ସହ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବ। ଏହା ଫଳରେ ବିଶ୍ୱଟେଷ୍ଟ ଚାମ୍ପିଅନସିପ ଲାଗି ପଏଣ୍ଟ ସଂଗ୍ରହରେ ଦଳକୁ ଫାଇଦା ମିଳିବ। ଏହା ବ୍ୟତୀତ ଫେବୃଆରୀ ୮ରୁ ୧୪ ମଧ୍ୟରେ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ସହ ଏକ ତ୍ରିରାଷ୍ଟ୍ରୀୟ କ୍ରିକେଟ ସିରିଜ୍ ଓ ଫେବୃଆରୀ ୧୯ରୁ ମାର୍ଚ୍ଚ ୯ ମଧ୍ୟରେ ଆଇସିସି ଦିନିକିଆ ଚାମ୍ପିଅନ୍ସ ଟ୍ରଫି ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ବିଦେଶ ମାଟିରେ ନଭେମ୍ବର ୪ରୁ ୧୮ ମଧ୍ୟରେ ଅଷ୍ଟ୍ରେଲିଆ ସହ ୩ଟି ଦିନିକିଆ ଓ ୩ଟି ଟି-୨୦, ନଭେମବର ୨୪ରୁ ଡିସେମ୍ବର ୫ ମଧ୍ୟରେ ଜିମ୍ବାୱେ ସହ ୩ଟି ଦିନିକିଆ ଓ ୩ଟି ଟି-୨୦, ଡିସେମ୍ବର ୧୦ରୁ ଜାନୁଆରୀ ୭ ମଧ୍ୟରେ ଦକ୍ଷିଣ ଆଫ୍ରିକା ସହ ୩ ଦିନିକିଆ, ୩ ଟି-୨୦ ଓ ୨ ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।



ବିଶ୍ୱକପ୍ କନିଷ୍ଠ ଚେସ୍ (୮ ବର୍ଷରୁ କମ୍) ପଦକ ବିଜେତା ସାତ୍ୱିକ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି

# ଆମେରିକା ମେଜର ଲିଗ୍‌ର ଗୁରୁତ୍ୱ ବୃଦ୍ଧି

**ନ୍ୟୁୟର୍କ, ୫।୭(ଏଜେନ୍ସି):** ଆମେରିକାରେ ଟି-୨୦ ବିଶ୍ୱକପ୍ ଆୟୋଜନ ପରେ ଏହି ଦେଶ କ୍ରିକେଟ ମାନଚିତ୍ରରେ ସ୍ଥାନ ପାଇଛି। ଏହା ଫଳରେ ଏଠାରେ ଗତବର୍ଷ ଆରମ୍ଭ ହୋଇଥିବା ମେଜର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁତ୍ୱ ଚଳିତବର୍ଷ ଢ଼େର ବଢ଼ିଯାଇଛି। ଏହି ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ ଧୂମଧାମରେ ଆରମ୍ଭ ହୋଇଛି। ପୂର୍ବପରି ଆମେରିକାର ଏହି ମେଗା ଇଭେଣ୍ଟରେ ୬ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏଗୁଡ଼ିକ ହେଲେ ଏମ୍‌ଆଇ ନ୍ୟୁୟର୍କ, ଟେକ୍ସାସ ସୁପର କିଙ୍ଗ୍‌ସ, ଲସ୍ ଏଞ୍ଜେଲ୍ସ ନାଇଟ୍ ରାଇଡର୍ସ, ସିଏଟଲ ଓର୍କାସ, ୱାଶିଂଟନ ଫ୍ରିଡମ ଓ ସାନ ଫ୍ରାନ୍ସିସ୍କୋ ଫ୍ରିଡମ୍। ଏହି ଟୁର୍ଣ୍ଣାମେଣ୍ଟ ଲିଗ୍ କମ୍ ନକ୍‌ଆଉଟ ଭିତ୍ତିରେ ଖେଳାଯିବ। ପ୍ରତ୍ୟେକ ଦଳ ଅନ୍ୟସହ ଥରେ ଲେଖାଏଁ ଲିଗ୍ ପର୍ଯ୍ୟାୟରେ ମୁକାବିଲା କରିବେ। ଏହା ପରେ ଆଇପିଏଲ୍ ଢ଼ାଞ୍ଚାରେ ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଚୟନ ହେବ। ଜୁଲାଇ ୫ ଅର୍ଥାତ୍ ଆଜି ରାତିରୁ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ଜୁଲାଇ ୨୮ରେ ଶେଷ ହେବ। ଡଲାସ ଓ ମୋରିସଭିଲେର ସମସ୍ତ ମ୍ୟାଚ୍ ଖେଳାଯିବ। ଚଳିତବର୍ଷ ଅନ୍ତର୍ଜାତୀୟ କ୍ରିକେଟ ତାରକାଙ୍କ ବୃଦ୍ଧି ଏହି ଟୁର୍ଣ୍ଣାମେଣ୍ଟରେ ଦେଖିବାକୁ ମିଳିବ। ନିକଟରେ ଶେଷ ହୋଇଥିବା ଟି-୨୦ ବିଶ୍ୱକପ୍ ଖେଳିଥିବା ଅଷ୍ଟ୍ରେଲିଆ ଦଳର ୭ଜଣ ସଦସ୍ୟ ଏହି ଲିଗ୍‌ରେ ପଦାର୍ପଣ କରିବେ। ପ୍ୟାଟ କମିନ୍ସ, ଗ୍ଲେନ୍ ମ୍ୟାକ୍ସୱେଲ, ଟ୍ରାଭିସ୍ ହେଡ, ଟିମ୍ ଡେଭିଡ, ମାର୍କସ ଷ୍ଟୋଇନିସ ଅନ୍ୟତମ। ଦୁଇ ବିଗତ ତାରକା ଷ୍ଟିଭେନ ସ୍ମିଥ ଓ ଡେଭିଡ ୱାର୍ଣ୍ଣରଙ୍କ ସମେତ ଉଦୀୟମାନ ତାରକା ଜେକ୍ ଫ୍ରେଜରଙ୍କୁ ଦେଖିବାକୁ ମିଳିବ। ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ଦଳରୁ ଡେଭିଡ ମିଲର, କାଗିସୋ ରାବାଡା, ଆଇଡେନ ମାର୍କରାମ, ହେନରିକ୍ କ୍ଲାସେନ ଓ ଆନରିକ୍ ନୋର୍ଜେ ମଧ୍ୟ ଖେଳିବେ। ୱେଷ୍ଟଇଣ୍ଡିଜ୍‌ର ଅନ୍ତର୍ଜାତୀୟ ଓ ଜାତୀୟ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥାନ୍ତି। ନିକୋଲସ ପୂରନ, ସୁନିଲ ନାରିନ, ଆନ୍ଦ୍ରେ ରସେଲ ଏମାନଙ୍କ ମଧ୍ୟରେ ବେଶ ଲୋକପ୍ରିୟତା ହାସଲ କରିଛନ୍ତି। ନ୍ୟୁଜିଲାଣ୍ଡର ତାରକା ଖେଳାଳିଙ୍କ ମଧ୍ୟରେ ଏଥର ଟ୍ରେଣ୍ଟ ବୋଲ୍ଟ ଓ ଏକି ଫର୍ଗୁସନ ପ୍ରଥମଥର ସାମିଲ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ଆମେରିକା ବିଶ୍ୱକପ୍ ଦଳର ସମସ୍ତ ଖେଳାଳି ଖେଳୁଛନ୍ତି।

# ଜିଏମ୍ ଜିଆଉରଙ୍କ ପରଲୋକ



**ଢ଼ାକା,୫।୭(ଏଜେନ୍ସି):** ବାଂଲାଦେଶର ପ୍ରତିଷ୍ଠିତ ଚେସ ଖେଳାଳି ଗ୍ରାଣ୍ଡମାଷ୍ଟର ଜିଆଉର ରହମନଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ଏଠାରେ ଚାଲିଥିବା ବାଂଲାଦେଶ ଜାତୀୟ 'ଏ' ଚେସ୍ ଚାମ୍ପିଅନସିପ୍‌ରେ ଖେଳୁଥିବାବେଳେ ୫୦ ବର୍ଷୀୟ ରହମନ୍ ହଠାତ୍ ହୃଦ୍‌ଘାତର ଶିକାର ହୋଇଥିଲେ। ତାଙ୍କୁ ଚିକିତ୍ସା ଲାଗି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭାରତରେ ସେ ଜଣେ ଲୋକପ୍ରିୟ ଖେଳାଳି ଓ ସେ ଅନେକ ଟାଇଟଲ ବିଜୟୀ ହୋଇଥିଲେ।

### ୧୯ ବର୍ଷରୁ କମ୍ ବାଳକ ଏକଦିବସୀୟ ଆନ୍ତଃଜିଲ୍ଲା କ୍ରିକେଟ

# କେନ୍ଦ୍ରାପଡ଼ା, ଭଦ୍ରକ, ସମ୍ବଲପୁରର ବିଜୟ






**କଟକ,୫।୭(ସମିସ):** ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚ୍‌ରେ ଭୁବନେଶ୍ୱର-ବି ୧୧୦ରନରେ ସୁନ୍ଦରଗଡକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର-ବି ୮ ୱିକେଟ ବିନିମୟରେ ୨୪୨ରନ କରିଥିଲା। କୁମାର ଆର୍ଯ୍ୟନ ୮୧ରନ ଏବଂ ଜନ୍ମେଜୟ ସାହୁ ୪୦ରନ ସଂଗ୍ରହ କରିଥିଲେ। ସୁନ୍ଦରଗଡର ଅନୁରାଗ ପ୍ରିୟଦର୍ଶୀ ୪ ୱିକେଟ ଦଖଲ କରିଥିଲେ। ୨୪୩ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ସୁନ୍ଦରଗଡ ୧୩୨ରନରେ ଅଲଆଉଟ ହୋଇଥିଲା। ଅଭିଷେକ ସିଂହ ୪୨ରନର ଅପରାଜିତ ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିଲେ। ଭୁବନେଶ୍ୱର-ବି ପକ୍ଷରୁ ସୟଦ ଟି ଅହମ୍ମଦ ୩୦ରନ ବିନିମୟରେ ୫ଟି ୱିକେଟ ଦଖଲ କରିବା ସହ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ସନସାଇନ ଗ୍ରାଉଣ୍ଡରେ କେନ୍ଦ୍ରାପଡା ୪ ୱିକେଟରେ ବୌଦ୍ଧକୁ ହରାଇଥିଲା। ପ୍ରିୟାଂଶୁ ସାହୁଙ୍କ ୮୨ରନ ବଳରେ ବୌଦ୍ଧ ୭ ୱିକେଟ ହରାଇ ୨୩୧ରନ କରିଥିଲା। ଜବାବରେ ୪୨ତମ ଓଭରରେ କେନ୍ଦ୍ରାପଡା ବିଜୟ ଲକ୍ଷ୍ୟ ହାସଲ କରିଥିଲା। ୭୨ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିବା ମୋହନରାଜ ରାଉତ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ସେହିପରି ଡ୍ରିମସ ଷ୍ଟାଡିୟମରେ ଭଦ୍ରକ ୯ ୱିକେଟରେ ଦେବଗଡକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଦେବଗଡ ମାତ୍ର ୯୦ରନରେ ଅଲଆଉଟ ହୋଇଥିଲା। ଭଦ୍ରକର ଅଙ୍କିତ ଦାସ ୫ରନ ବିନିମୟରେ ୫ଟି ୱିକେଟ ଦଖଲ କରିଥିଲେ। ଆକାଶ ମହାପାତ୍ରଙ୍କ ୬୧ରନ ଏବଂ ସ୍ୱୟଂଭୂ ପଲାଇଙ୍କ ୨୨ରନ ସହଯୋଗରେ ଭଦ୍ରକ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ଅଙ୍କିତ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ବିଡାନାସୀ ଗ୍ରାଉଣ୍ଡରେ ଏକ ଲୋ ସ୍କୋରିଂ ମ୍ୟାଚ୍‌ରେ କଟକ-ଏ ୭ ୱିକେଟରେ ମୟୂରଭଞ୍ଜକୁ ପରାସ୍ତ କରିଛି। ମୟୂରଭଞ୍ଜ ମାତ୍ର ୫୨ରନରେ ଅଲଆଉଟ ହୋଇଥିଲା। କଟକ-ଏର ଜନ୍ମେଜୟ ଜେନା ୧୯ରନ ବ୍ୟୟ କରି ୬ଟି ୱିକେଟ ଅକ୍ତିଆର କରିଥିଲେ। ୭ମ ଓଭରରେ କଟକ-ଏ ବିଜୟୀ ହୋଇଥିବା ବେଳେ ଜନ୍ମେଜୟ ଶ୍ରେଷ୍ଠ ବିବେଚିତ ହୋଇଥିଲେ। ଏମଜିଏମ ଗ୍ରାଉଣ୍ଡରେ ସମ୍ବଲପୁର-ବି ବିଜୟୀ ହୋଇଛି। ଦଳ ୪୭ରନରେ ରାୟଗଡାକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର ସମସ୍ତ ୱିକେଟ ହରାଇ ୧୧୧ରନ କରିଥିଲା। ରାୟଗଡା ପକ୍ଷରୁ ଥୋଟା ଏଲ କୁମାର ଏବଂ ଶ୍ରୀତମ ଗୌଡ ଯଥାକ୍ରମେ ୩ଟି ଏବଂ ୨ଟି ୱିକେଟ ଅକ୍ତିଆର କରିଥିଲେ। ୧୧୨ରନର ବିଜୟ ଲକ୍ଷ୍ୟକୁ ପିଛା କରି ରାୟଗଡା ୬୪ରନରେ ସୀମିତ ରହିଥିଲା। ୩ ୱିକେଟ ଦଖଲ କରି ଦଳ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିବା ସମ୍ବଲପୁର-ବି'ର ମୁସ୍ତାଫା ଖାନ ଶ୍ରେଷ୍ଠ ବିବେଚିତ ହୋଇଥିଲେ।

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱ ଦୋଳଗୋବିନ୍ଦ ତ୍ରିପାଠୀ
ରତାଡିଆ ଖଣ୍ଡସାହି (ଡକ୍ଷପଡ଼ା), କେନ୍ଦ୍ରାପଡ଼ା
ଆବିର୍ଭାବ: ତା.୨୨.୦୩.୧୯୪୦
ତିରୋଧାନ: ତା.୨୯.୦୬.୨୦୨୨

ଦେଖୁଁ ଦେଖୁଁ ଦୁଇବର୍ଷ ବିତିଗଲା, ଏବେ ଆପଣଙ୍କ ଅବର୍ତ୍ତମାନକୁ ମର୍ମେ ମର୍ମେ ଅନୁଭବ କରୁଛୁ। ଆପଣଙ୍କ ଅନାବିଳ ସ୍ନେହ ଶ୍ରଦ୍ଧା ଆମ ସମସ୍ତଙ୍କର ସ୍ମୃତି ହୋଇ ରହିବ। ଆଜି ଏହି କେତେ୍ରାତ୍ସବ ଦିନରେ ସମସ୍ତଙ୍କ ଲୁହଭିଜା ନେତ୍ର ସବୁବେଳେ ଆପଣଙ୍କୁ ଦେଖିବା ଭଳି ଲାଗୁଛି। ଆଜି ଦ୍ୱିତୀୟ ଶ୍ରାଦ୍ଧ ଦିବସରେ ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ଆମେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ଅଳି କରୁଛୁ।

ଶୋକସନ୍ତପ୍ତ: ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ

## ଆଜିଠାରୁ ଭାରତ-ଜିମ୍ବାୱେ ଟି-୨୦ ସିରିଜ୍

# ଅଧିନାୟକ ଗିଲ୍‌ଙ୍କ ଲାଗି ଅଗ୍ନିପରୀକ୍ଷା

**ହରାରେ, ୫।୭ (ଏଜେନ୍ସି):** ଭାରତ ଓ ଜିମ୍ବାୱେ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଆସନ୍ତାକାଲିଠାରୁ ସ୍ଥାନୀୟ ସ୍ପୋର୍ଟ୍ସ କ୍ଲବ୍ ପରିସରରେ ଅନୁଷ୍ଠିତ ହେବ। ଆସନ୍ତା ୧୪ ତାରିଖଯାଏ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ଲାଗି ଶୁବମାନ ଗିଲ୍‌ଙ୍କୁ ଭାରତୀୟ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଭାରତ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହେବା ପରେ ବରିଷ୍ଠ ଖେଳାଳି ତଥା ଅଧିନାୟକ ରୋହିତ ଶର୍ମା, ବିରାଟ କୋହଲି ଓ ରବୀନ୍ଦ୍ର ଜାଡେଜା ଟି-୨୦ ଅନ୍ତର୍ଜତୀୟ କ୍ରିକେଟରୁ ଅବସର ନେଇଛନ୍ତି। ଅନ୍ୟ ବରିଷ୍ଠ ଖେଳାଳିମାନଙ୍କୁ ମଧ୍ୟ ବିଶ୍ରାମ ଦିଆଯାଇଛି। ଗିଲ୍‌ଙ୍କ ନତୃତ୍ୱ ଏକ ଯୁବ ଦଳ ଘୋଷଣା କରାଯାଇଛି। ଭାରତୀୟ ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିବା ଯଶସ୍ୱୀ ଜୟସ୍ୱାଲ, ୱିକେଟରକ୍ଷକ ସଞ୍ଜୁ ସାମସନ ଓ ଶିବମ ଦୁବେ ମନୋନୀତ ହୋଇଥିଲେ ମଧ୍ୟ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଖେଳିବେ ନାହିଁ। ସେମାନଙ୍କ ସ୍ଥାନରେ ସାଇ ସୁଦର୍ଶନ, ୱିକେଟ ରକ୍ଷକ ଜିତେଶ ଶର୍ମା, ହର୍ଷିତ ରାଣାଙ୍କୁ ପ୍ରଥମ ଦୁଇଟି ମ୍ୟାଚ୍ ଲାଗି ଦଳରେ ସାମିଲ କରାଯାଇଛି। ଘୂର୍ଣ୍ଣିଝଡ ବେରିଲ ଯୋଗୁ ଚାମ୍ପିଅନ ଭାରତୀୟ ଦଳ ୱେଷ୍ଟଇଣ୍ଡିଜ୍‌ରୁ ଫେରିବାରେ ବିଳମ୍ବ ହେବାରୁ ଉପରୋକ୍ତ ୩ ଜଣ ନିର୍ଦ୍ଧାରିତ ସମୟରେ ହରାରେ ଯାଇ ପାରି ନାହାନ୍ତି। ଏମାନେ ଶେଷ ୩ଟି ମ୍ୟାଚ୍ ଲାଗି ଉପଲବ୍ଧ ହେବେ। କିନ୍ତୁ ବିଶ୍ୱକପ୍ ଦଳରେ ଥିବା ୩ ରିଜର୍ଭ ଖେଳାଳି ରିଙ୍କୁ ସିଂ, ଖଲୀଲ ଅହମ୍ମଦ୍ ଓ ଆଭେଷ ଖାନ ଦଳ ସହ ଅଭ୍ୟାସ କରିଛନ୍ତି। ନବାଗତ ଖେଳାଳିଙ୍କ ମଧ୍ୟରୁ ୨୩ ବର୍ଷୀୟ ଅଭିଷେକ ଶର୍ମା, ଧ୍ରୁବ ଜୁରେଲ, ରିଆନ ପରାଗ, ତୁଷାର ଦେଶପାଣ୍ଡେ ଓ ହର୍ଷିତ ରାଣା ଅନ୍ୟତମ। ଭାରତୀୟ ଦଳର ପ୍ରଶିକ୍ଷକ ରାହୁଲ ଦ୍ରାବିଡ ଏବେ ଅବସର ନେଇଯାଇଛନ୍ତି। ତାଙ୍କ ସ୍ଥାନରେ ନ୍ୟାଶନାଲ କ୍ରିକେଟ ଏକାଡେମୀର ଅଧ୍ୟକ୍ଷ ଭିଭିଏସ୍ ଲକ୍ଷ୍ମଣଙ୍କୁ ଦଳର ପ୍ରଶିକ୍ଷକ ମନୋନୀତ କରାଯାଇଛି।



**ପ୍ରସାରଣ:** ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ
**ଖେଳ ଆରମ୍ଭ:** ଅପରାହ୍ଣ ୪ଟା ୩୦

ଭାରତ ଏବେ ଟି-୨୦ରେ ବିଶ୍ୱଚାମ୍ପିଅନ ହୋଇଥିଲାବେଳେ ଜିମ୍ବାୱେ ଏହି ପ୍ରତିଯୋଗିତା ଲାଗି ଯୋଗ୍ୟତା ଅର୍ଜନ କରିପାରି ନ ଥିଲା। ଏହା ମଧ୍ୟରେ ଭାରତର ୩ଜଣ ବରିଷ୍ଠ ଖେଳାଳି ଅବସର ନେଇଥିଲାବେଳେ ଏହି ଦଳରୁ ଆଉ ୩ଜଣ ଖେଳାଳି ସେମାନଙ୍କ ସ୍ଥାନ ପୂରଣ କରିବା ଲାଗି ଦାବି ଉପସ୍ଥାପନ କରିବେ। ଅନ୍ୟ ପକ୍ଷରେ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ପରବର୍ତ୍ତୀ ବିଶ୍ୱକପ୍ ଲାଗି ଏହି ଟୁର୍‌ରୁ ଭାରତ ପ୍ରସ୍ତୁତି ଆରମ୍ଭ କରିବ। ଯୁବ ଖେଳାଳିଙ୍କର ନେତୃତ୍ୱ ନେଇ ଗିଲ ଏକ ନୂଆ ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି। ବ୍ୟାଟ୍ସମ୍ୟାନ ଗିଲ ଏହି ସିରିଜ୍‌ରେ ବିଶେଷ ଅସୁବିଧାର ସମ୍ମୁଖୀନ ହେବେ ନାହିଁ। କିନ୍ତୁ ଅଧିନାୟକ ଗିଲଙ୍କ ଲାଗି ଏହି ସିରିଜ୍ ଅଗ୍ନିପରୀକ୍ଷା ସଦୃଶ। ଏଥିରେ ସେ କେତେଦୂର ସଫଳ ହେଉଛନ୍ତି ତାହା ଦେଖିବାକୁ ବାକି ରହିଛି।

### ଜିମ୍ବାୱେ ଦଳରୁ ବରିଷ୍ଠଙ୍କୁ ବାଦ୍

ବାଂଲାଦେଶଠାରୁ ୧-୪ ବ୍ୟବଧାନରେ ଟି-୨୦ ସିରିଜ୍ ହାରିଥିବା ଜିମ୍ବାୱେ ଦଳରୁ ଦୁଇ ବରିଷ୍ଠ ଖେଳାଳି କ୍ରେଗ୍ ଇର୍ଭିନ ଓ ସିନ୍ ୱିଲିୟମ୍ସଙ୍କୁ ବାଦ୍ ଦିଆଯାଇଛି। ଦଳ ମଧ୍ୟ ଉଗାଣ୍ଡା ଓ ନାମିବ୍ୟାକୁ ହଟାଇ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିପାରି ନାହିଁ। ଏଣୁ ଅଧିନାୟକ ସିକନ୍ଦର ରାଜାଙ୍କ ଲାଗି ଏହି ସିରିଜ୍ ବେଶ ଗୁରୁତ୍ୱପୂର୍ଣ୍ଣ। କିଛି ଯୁବ ଖେଳାଳିଙ୍କୁ ଦଳରେ ନିଆଯାଇଥିଲାବେଳେ ଆଉ କିଛି ଖେଳାଳି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏଭଳି ସ୍ଥିତିରେ ରାଜା କିପରି ଦଳର ମଙ୍ଗ ଧରିବେ ତାହାକୁ ନେଇ ଅନେକ ସନ୍ଦିହାନ। ଭାରତରେ ଯୁବ ଖେଳାଳି ଥିଲେ ମଧ୍ୟ ଏମାନେ ଆଇପିଏଲ୍ ଖେଳି ନିଜର ଦକ୍ଷତା ପ୍ରତିପାଦିତ କରିସାରିଛନ୍ତି। ଏଣୁ ମ୍ୟାଚ୍ ଜିତିବା ଲାଗି ଭାରତ ଉପରେ ଅଧିକ ଚାପ ପଡ଼ି ନ ପାରେ, କିନ୍ତୁ ନଜରରେ ଗିଲ ରହିବେ। ସେହିପରି ପାକିସ୍ତାନ ବଂଶୋଦ୍ଭବ ୨୫ ବର୍ଷୀୟ ଅଲରାଉଣ୍ଡର ଅନ୍ତୁମ ନକ୍‌ଭିଙ୍କୁ ଜିମ୍ବାୱେ ନାଗରିକତ୍ୱ ମିଳିବା ପରେ ତାଙ୍କୁ ପ୍ରଥମଥର ଦଳରେ ନିଆଯାଇଛି। ତାଙ୍କ ସଫଳତା ଜିମ୍ବାୱେକୁ ଫାଇଦାରେ ରଖିବ। ନକ୍‌ଭି ପ୍ରଥମ ଶ୍ରେଣୀ କ୍ରିକେଟରେ ସର୍ବାଧିକ ସ୍କୋର ଅପରାଜିତ ୩୦୦ ରନ୍ କରି ନଜରରେ ରହିଛନ୍ତି। ଘରୋଇ କ୍ରିକେଟରେ ସେ ୭୩.୪୨ ହାରରେ ରନ୍ ସଂଗ୍ରହ କରି ବେଶ ଚର୍ଚ୍ଚାରେ ରହିଛନ୍ତି।

ଏହି ସିରିଜ୍‌ର ସମସ୍ତ ମ୍ୟାଚ୍ ହରାରେ ସ୍ଥିତ ସ୍ପୋର୍ଟ୍ସ କ୍ଲବ୍‌ରେ ଖେଳାଯିବ। ମ୍ୟାଚ୍ ଗୁଡିକ ଜୁଲାଇ ୫, ୬, ୧୦, ୧୩ ଓ ୧୪ରେ ଅନୁଷ୍ଠିତ ହେବ। ଭାରତରେ ଏହି ମ୍ୟାଚ୍‌ର ସିଧା ପ୍ରସାରଣ ସୋନି ସ୍ପୋର୍ଟ୍ସ ଚ୍ୟାନେଲରେ ସିଧାସଳଖ ପ୍ରସାରଣ କରାଯିବ। ଏହା ବ୍ୟତୀତ ସୋନି ଲିଭ ଆପ୍ ଓ ୱେବ୍‌ସାଇଟ୍‌ରେ ମଧ୍ୟ ମ୍ୟାଚ୍‌ର ପ୍ରସାରଣ ଉପଲବ୍ଧ ହେବ।

### ଖେଳାଳି ଦଳ

**ଭାରତ :** ଶୁବମାନ ଗିଲ୍ (ଅଧିନାୟକ), ଋତୁରାଜ ଗାଏକୱାଡ, ସାଇ ସୁଦର୍ଶନ, ଅଭିଷେକ ଶର୍ମା, ରିଙ୍କୁ ସିଂ, ଜିତେଶ ଶର୍ମା ଓ ଧ୍ରୁବ ଜୁରେଲ (ୱିକେଟରକ୍ଷକ), ହର୍ଷିତ ରାଣା, ରିଆନ ପରାଗ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ଆଭେଷ ଖାନ୍, ଖଲୀଲ ଅହମ୍ମଦ୍, ମୁକେଶ କୁମାର ଓ ତୁଷାର ଦେଶପାଣ୍ଡେ। (ପ୍ରଥମ ୨ଟି ମ୍ୟାଚ୍ ପାଇଁ)

**ପ୍ରଶିକ୍ଷକ:** ଭିଭିଏସ୍ ଲକ୍ଷ୍ମଣ।

**ଜିମ୍ବାୱେ :** ସିକନ୍ଦର ରାଜା (ଅଧିନାୟକ), ଖରାଗ ଆକ୍ରମ, ଅନ୍ତୁମ ନକ୍‌ଭୀ, ବ୍ରିଆନ ବେନେଟ୍, ଜୋନାଥନ କ୍ୟାମ୍ପବେଲ, ତେଣ୍ଡାଇ ଚାଟରା, ଲ୍ୟୁକ ଜୋଙ୍ଗୱେ, ଇନୋସେଣ୍ଟ କାଇଆ, କ୍ଲାଇଭ୍ ମାଦାଣ୍ଡେ, ୱେସ୍‌ଲୀ ମାଧେଭେରେ, ଟି. ମାରୁମନି, ୱେଲିଂଟନ ମାସକାଦ୍‌ଜା, ବ୍ରାଣ୍ଡନ ମାଭୂତା, ବ୍ଲେସିଙ୍ଗ ମୁଜରବାନି, ଡିଓନ ମାୟର୍ସ, ରିଚାର୍ଡ ଏନ୍‌ଗାରଭା ଓ ମିଲଟନ ଶୁମ୍ବା।

# ଭାରତୀୟ କ୍ରିକେଟ ଦଳକୁ ମହାରାଷ୍ଟ୍ର ଦେବ ୧୧ କୋଟି

**ମୁମ୍ବଇ, ୫।୭ (ଏଜେନ୍ସି):** ଟି-୨୦ ବିଶ୍ୱକପ୍ ଟାଇଟଲ ହାସଲ କରିଥିବା ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ ପୁରସ୍କାରର ସୁଅ ଛୁଟିଛି। ଏବେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିଣ୍ଡେ ଭାରତୀୟ ଦଳ ପାଇଁ ୧୧ କୋଟି ଟଙ୍କାର ଆର୍ଥିକ ପୁରସ୍କାର ଦେବାକୁ ଘୋଷଣା କରିଛନ୍ତି। ରାଜ୍ୟ ବିଧାନ ଭବନରେ ମୁମ୍ବଇର ୪ ଖେଳାଳି ଯଥା ରୋହିତ, ସୂର୍ଯ୍ୟକୁମାର ଯାଦବ, ଯଶସ୍ୱୀ ଜୟସ୍ୱାଲ ଓ ଶିବମ ଦୁବେଙ୍କୁ ସମ୍ବର୍ଦ୍ଧିତ କରିବା ଅସବରସରେ ସିଣ୍ଡେ ଏହି ଘୋଷଣା କରିଥିଲେ। ସଦ୍ୟ ସମାପ୍ତ ଟି-୨୦ ବିଶ୍ୱକପ୍‌ରେ ଅପରାଜେୟ ରହି ଦୀର୍ଘ ୧୭ ବର୍ଷ ପରେ ଭାରତ ଦ୍ୱିତୀୟଥର ପାଇଁ ଟାଇଟଲ ହାସଲ କରିଛି ଓ ଏହା ଏକ ବଡ଼ ଉପଲବ୍ଧି ବୋଲି ସଣ୍ଡେ ବକ୍ତବ୍ୟ ଦେବା ଅବସରରେ କହିଥିଲେ। ଗତ ଶନିବାର ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଫାଇନାଲ ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବ ଧରିଥିବା କ୍ୟାଚ୍‌କୁ ସେ ଭୂୟସୀ ପ୍ରଶଂସା କରିଥିଲେ। ସେହିପରି ସପୋର୍ଟ ଷ୍ଟାଫ୍ ଭାବେ ଦଳ ପାଇଁ କାର୍ଯ୍ୟ କରିଥିବା ପାରସ ମାହାମ୍ବ୍ରେ ଓ ଅରୁନ କନଡେଙ୍କୁ ମଧ୍ୟ ସେ ପ୍ରଶଂସା କରିଥିଲେ। ଗୁରୁବାର ଅନୁଷ୍ଠିତ ଭାରତୀୟ ଦଳର ବିଜୟ ଶୋଭାଯାତ୍ରରେ ଭିଡକୁ ଖୁବ୍ ସୁନ୍ଦର ଭାବେ ନିୟମନ୍ତ୍ରଣ କରିଥିବା ମୁମ୍ବଇ ପୁଲିସର ଶୃଙ୍ଖଳିତ କାର୍ଯ୍ୟକୁ ମଧ୍ୟ ସେ ଉଚ୍ଚ ପ୍ରଶଂସା କରିଥିଲେ।

# ରୋହିତ-ବୁମ୍ରା ପ୍ରତିଦ୍ୱନ୍ଦ୍ୱିତା

## ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର

**ନୂଆଦିଲ୍ଲୀ, ୫।୭ (ଏଜେନ୍ସି):** ଜୁନ୍ ମାସ ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପ୍ଲେୟାର ଅଫ୍ ଦି ମନ୍ଥ ପୁରସ୍କାର ଘୋଷଣା କରିବ। ଏହି ପୁରସ୍କାର ଦୌଡ଼ ଭାରତର ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଦଳର ଦୁଇଜଣ ସଦସ୍ୟ ଅଧିନାୟକ ରୋହିତ ଶର୍ମା ଓ ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ସାମିଲ ହୋଇଛନ୍ତି। ପୁରସ୍କାର ପାଇଁ ପ୍ରକାଶିତ ସଂକ୍ଷିପ୍ତ ତାଲିକାରେ ଆଫଗାନିସ୍ତାନ ଓପନର ରହମାନୁଲ୍ଲା ଗୁରୁବାଜ ମଧ୍ୟ ସାମିଲ ହୋଇଛନ୍ତି। ଏହି ୩ ଖେଳାଳି ଆମେରିକା ଓ ୱେଷ୍ଟଇଣ୍ଡିଜରେ ସଦ୍ୟ ସମାପ୍ତ ଟି-୨୦ ବିଶ୍ୱକପ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ବିଶ୍ୱକପ୍‌ରେ ଗୁରବାଜ ୩୫.୧୨ ହାରରେ ସର୍ବାଧିକ ୨୮୧ ରନ ସଂଗ୍ରହ କରିଥିଲେ। ସେହିପରି ରୋହିତ ୧୫୬.୭ ଷ୍ଟ୍ରାଇକ୍‌ରେଟ୍‌ରେ ୨୫୭ ରନ ସଂଗ୍ରହ କରି ଦ୍ୱିତୀୟ ସର୍ବାଧିକ ସ୍କୋରର ବିବେଚିତ ହୋଇଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ସୁପର-୮ ମୁକାବିଲାରେ ସେ ୪୧ ବଲରୁ ୭ ଚୌକା ଓ ୮ ଛକା ସହ ୯୨ ରନର ବିସ୍ଫୋରକ ପାଳି ଖେଳିଥିଲେ। ସେହିପରି ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ସେ ୫୭ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେହିପରି ବୁମ୍ରା ୪.୧୭ ଇକୋନୋମି ରେଟ୍‌ରେ ୧୫ଟି ୱିକେଟ ଅକ୍ତିଆର କରି ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲ ମ୍ୟାଚ୍‌ରେ ସେ ୧୬ ରନକୁ ଡିଫେଣ୍ଡ କରି ଭାରତକୁ ଚାମ୍ପିଅନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## ୱିମ୍ବଲଡନ୍ ଟେନିସ୍

# ଚତୁର୍ଥ ରାଉଣ୍ଡରେ ଆଲକାରାଜ, ଦିମିତ୍ରୋଭ

**ଲଣ୍ଡନ, ୫।୭ (ଏଜେନ୍ସି):** ଚଳିତ ୱିମ୍ବଲଡନ ଟେନିସ ଟୁର୍ଣ୍ଣାମେଣ୍ଟରେ ସ୍ପେନ୍‌ର କାର୍ଲୋସ ଆଲକାରାଜ, ବୁଲଗେରିଆର ଗ୍ରିଗର ଦିମିତ୍ରୋଭ, ଆମେରିକାର ଟିମୋ ପଲ୍ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ ଏକକ ପ୍ରତିଯୋଗିତାରେ ଶୁକ୍ରବାର ଅନୁଷ୍ଠିତ ତୃତୀୟ ରାଉଣ୍ଡ ମୁକାବିଲାରେ ତୃତୀୟ ସିଡ୍ ଆଲକାରାଜ ୫-୭, ୬-୨, ୪-୬, ୭-୬, ୬-୨ ସେଟ୍‌ରେ ଆମେରିକାର ୨୯ତମ ସିଡ୍ ଖେଳାଳି ଫ୍ରାନ୍‌ସେସ୍ ଟିଆଫୋଏଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସେହିପରି ୧୦ମ ସିଡ୍ ମାନ୍ୟତା ପାଇଥିବା ଡିମିତ୍ରୋଭ ୬-୩, ୬-୪, ୬-୩ ସେଟ୍‌ରେ ଫ୍ରାନ୍ସର ଗାଏଲ୍ ମନଫିଲ୍ସଙ୍କୁ ହରାଇ ୪ର୍ଥ ରାଉଣ୍ଡକୁ ଉଠିଛନ୍ତି। ଦ୍ୱାଦଶ ସିଡ୍ ଟିମୋ ପଲ ୬-୩, ୬-୪, ୬-୨ ସେଟ୍‌ରେ କାଜାଖସ୍ତାନର ଆଲେକଜାଣ୍ଡର ବଲ୍‌ବିକଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଅନ୍ୟପଟେ ଚତୁର୍ଥ ସିଡ୍ ଜର୍ମାନୀର ଆଲେକଜାଣ୍ଡର ଜ୍ୱେରେଭ ୬-୨, ୬-୧, ୬-୪ ସେଟ୍‌ରେ ଆମେରିକାର ମାର୍କସ ଗିରୋନ ହରାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି।



କାର୍ଲୋସ ଆଲକାରାଜ

### କିଜ୍, ପାଓଲିନି, ନାଭାରୋ ଚତୁର୍ଥ ରାଉଣ୍ଡକୁ ଉନ୍ନିତ

ମହିଳା ଏକକ ପ୍ରତିଯୋଗିତାରେ ଆମେରିକାର ମାଡିନସନ କିଜ୍ ଓ ଇମା ନାଭାରୋ, ଇଟାଲୀର ଜାସମିନ ପାଓଲିନି ଅନ୍ୟ ତାରକା ଖେଳାଳିମାନେ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି। ଶୁକ୍ରବାର ଅନୁଷ୍ଠିତ ତୃତୀୟ ରାଉଣ୍ଡ ମୁକାବିଲାରେ ଦ୍ୱାଦଶ ସିଡ ମାନ୍ୟତା ପାଇଥିବା କିଜ୍ ୬-୪, ୬-୩ ସିଧାସଳଖ ସେଟ୍‌ରେ ୟୁକ୍ରେନର ମାର୍ତ୍ତା କୋଷ୍ଟିକଙ୍କୁ, ସପ୍ତମ ସିଡ୍ ପାଓଲିନି ୭-୬, ୬-୧ ସେଟ୍‌ରେ କାନାଡାର ବାଇଆଙ୍କା ଆନ୍ଦ୍ରିସ୍କୁଙ୍କୁ, ୧୯ତମ ସିଡ୍ ନାଭାରୋ ୨-୬, ୬-୩, ୬-୪ ସେଟ୍‌ରେ ରୁଷିଆର ଡାଏନା ସ୍ନାଇଡରଙ୍କୁ, ସ୍ପେନର ପାଉଲା ବଡୋସା ୭-୬, ୪-୬, ୬-୪ ସେଟ୍‌ରେ ରୁଷିଆରେ ୧୪ତମ ସିଡ୍ ଖେଳାଳି ଡାରିଆ କାସାତକିନାଙ୍କୁ ହରାଇ ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି।



ଜାସମିନ ପାଓଲିନି

### ଯୁଗଳରେ ଭାମ୍ବ୍ରି ହାରିଲେ

ୱିମ୍ବଲଡନ ପୁରୁଷ ଯୁଗଳ ପ୍ରତିଯୋଗିତାରେ ଭାରତର ୟୁକି ଭାମ୍ବ୍ରି ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାମ୍ବ୍ରି ଓ ତାଙ୍କ ଫ୍ରେଞ୍ଚ୍ ସାଥି ଅଲମାନୋ ଓଲିଭେଟ୍ଟି ୬-୪, ୪-୬, ୩-୬ ସେଟ୍‌ରେ ପ୍ରତିପକ୍ଷ ଜର୍ମାନୀ ଯୋଡି କେଭିନ୍ କ୍ରୱିଜ ଓ ଟିମ୍ ପୁଇଜ୍‌ଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ପୂର୍ବରୁ ପ୍ରଥମ ରାଉଣ୍ଡରେ ଏହି ଯୋଡି କାଜାଖସ୍ତାନର ଆଲେକଜାଣ୍ଡର ବଲ୍‌ବିକ୍ ଓ ଆଲେକଜାଣ୍ଡର ଶେଭଚେଙ୍କୋଙ୍କୁ ୬-୪, ୬-୪ ସିଧାସଳଖ ସେଟ୍‌ରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ।

# ଦ.ଆଫ୍ରିକାର ପ୍ରଥମ ବିଜୟ

## ମହିଳା ଟି-୨୦ ସିରିଜ୍

**ଚେନ୍ନଇ, ୫।୭ (ଏଜେନ୍ସି):** ଟାଜ୍ମିମ ବ୍ରିଟ୍ସ ଓ ମାରିଜାନ କାପ୍ପଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ଆରମ୍ଭ ହୋଇଥିବା ୩ ମ୍ୟାଚ୍ ବିଶିଷ୍ଟ ମହିଳା ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୧୨ ରନ୍‌ରେ ଆୟୋଜକ ଭାରତକୁ ପରାସ୍ତ କରିଛି। ଏହା ଫଳରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଚଳିତ ସିରିଜ୍‌ରେ ପ୍ରଥମ ବିଜୟ ହାସଲ କରିବା ସହ ଟି-୨୦ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ଏହି ସିରିଜ୍‌ର ଦ୍ୱିତୀୟ ଓ ତୃତୀୟ ମ୍ୟାଚ ଏହିଠାରେ ଆସନ୍ତା ୭ ଓ ୯'ରେ ଖେଳାଯିବ। ଦକ୍ଷିଣ ଆଫ୍ରିକା ପାଳିରେ ୫୬ ବଲ୍ ଖେଳି ୧୦ ଚୌକା ଓ ୩ ଛକା ସହ ୮୧ ରନ୍ କରିଥିବା ବ୍ରିଟ୍ସଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚରେ ଟସ୍ ଜିତିଥିବା ଭାରତ ପ୍ରଥମେ ଫିଲ୍ଡିଂ କରିଥିଲା। ଏହା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୧୮୯ ରନ୍‌ର ବିଶାଳ ସ୍କୋର କରିଥିଲା। ଦଳ ପକ୍ଷରୁ ବ୍ରିଟ୍ସଙ୍କ ବ୍ୟତୀତ କାପ୍ପ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୩୩ ବଲ୍‌ରେ ୮ ଚୌକା ଓ ୧ଛକା ସହ ୫୭ ଓ ଅଧିନାୟିକା ଲୌରା ଉଲଭାର୍ଟ ୩୩ ରନ୍ କରିଥିଲେ। ଭାରତ ପକ୍ଷରୁ ପୂଜା ବସ୍ତ୍ରାକାର ଓ ରାଧା ଯାଦବଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା।

ଜବାବରେ ୧୯୦ ରନ୍‌ର ବିଶାଳ ଲକ୍ଷ୍ୟକୁ ପିଛା କରି ଭାରତ ଷଷ୍ଠ ଓଭରରେ ବିସ୍ଫୋରକ ବ୍ୟାଟର ଶେଫାଳି ବର୍ମାଙ୍କ ୱିକେଟ ହରାଇଥିଲା। ଏହା ପରେ ସ୍ମୃତି ମନ୍ଧାନା ୩୦ ବଲ୍‌ରେ ୪୬ ଓ ଡି ହେମଲତା ୧୭ ବଲ୍‌ରେ ୧୪ ରନ୍ କରିଆଉଟ ହୋଇଥିଲେ। ୮୭ ରନ୍‌ରେ ଦଳ ୩ ୱିକେଟ ହରାଇ ବିପଦରେ ପଡ଼ିଥିଲାବେଳେ ଦୁଇ ଅଭିଜ୍ଞ ବ୍ୟାଟର ତଥା ଅଧିନାୟିକା ହରମନପ୍ରୀତ୍ କୌର ଓ ଜେମିମା ରୋଡ୍ରିଗ୍ସେଜ୍ ୫୯ ବଲ ବା ପାଖାପାଖି ୧୦ ଓଭର ଖେଳି ୯୦ ରନ୍ ସଂଗ୍ରହ କରିଥିଲେ ମଧ୍ୟ ଦଳକୁ ଜିତାଇ ପାରି ନ ଥିଲେ। ପ୍ରାଥମିକ ପର୍ଯ୍ୟାୟରେ ଉଭୟ ଖେଳାଳି ଦ୍ରୁତ ରନ୍ ସଂଗ୍ରହ କରିଥିଲେ। ଫଳରେ ଦଳକୁ ଶେଷ ୫ ଓଭରରେ ମ୍ୟାଚ୍ ଜିତିବାକୁ ୬୫ ରନ୍ ଦରକାର ହେଉଥିଲା। ଏହି ସମୟରେ ସମସ୍ତ ଦକ୍ଷିଣ ଆଫ୍ରିକା ବୋଲର ଧୈର୍ଯ୍ୟର ସହ ବୋଲିଂ କରି ଏହି ଦୁଇ ବ୍ୟାଟରଙ୍କୁ ବିଶେଷ ସୁଯୋଗ ଦେଇ ନ ଥିଲେ। ଫଳରେ ଏମାନେ ଶେଷ ୫ ଓଭରରେ ୫୨ ରନ୍ ଉଠାଇ ବିଜୟ ଲକ୍ଷ୍ୟଠାରୁ ୧୩ ରନ୍ ଦୂରରେ ରହିଯାଇଥିଲେ। ପାଳିର ଶେଷ ବଲରେ କୌର ଷ୍ଟମ୍ପ ଆଉଟ ହୋଇଥିଲେ। ସେ ୨୯ ବଲ୍‌ରୁ ୩୫ ରନ୍ କରିଥିଲେ। କିନ୍ତୁ ରୋଡ୍ରିଗ୍ସେଜ୍ ୩୦ ବଲ୍‌ରୁ ୭ ଚୌକା ଓ ୧ ଛକା ସହ ୫୩ ରନ୍ କରି ଶେଷ ଯାଏ ଅପରାଜିତ ରହିଥିଲେ। ଚଳିତ ସିରିଜ୍‌ରେ ଭାରତ ୩ଟି ଯାକ ଦିନିକିଆ ଓ ଏକ ମାତ୍ର ଟେଷ୍ଟରେ ବିଜୟୀ ହେବା ପରେ ପ୍ରଥମ ପରାଜୟ ବରଣ କରିଛି।



## ୟୁରୋକପ୍ ଫୁଟବଲ୍

# ଇଂଲଣ୍ଡ-ସ୍ୱିଜରଲାଣ୍ଡ କ୍ୱାର୍ଟର ଆଜି

**ଷ୍ଟୁଟଗାର୍ଟ, ୫।୭ (ଏଜେନ୍ସି):** ଚଳିତ ୟୁରୋକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଶନିବାର ଦୁଇଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ଦ୍ୱିତୀୟ କ୍ୱାର୍ଟରରେ ଇଂଲଣ୍ଡ ଓ ସ୍ୱିଜରଲାଣ୍ଡ ପରସ୍ପରକୁ ଭେଟିବେ। ସେହିପରି ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ନେଦରଲାଣ୍ଡସ ଓ ତୁର୍କୀ ପରସ୍ପରକୁ ଭେଟିବେ। ଗତ ସଂସ୍କରଣରେ ଇଂଲଣ୍ଡ ଫାଇନାଲରେ ଇଟାଲୀଠାରୁ ପରାସ୍ତ ହୋଇ ରର୍ନସଅପ୍ ହୋଇଥିଲା। ତେଣୁ ଏଥର ଟାଇଟଲ ହାସଲ କରିବାକୁ ହେଲେ ଇଂଲଣ୍ଡକୁ କ୍ୱାର୍ଟରରେ ସ୍ୱିଜରଲାଣ୍ଡକୁ ପରାସ୍ତ କରିବାକୁ ହେବ। ଗ୍ରୁପ୍ ସି'ରେ ସ୍ଥାନ ପାଇଥିବା ଇଂଲଣ୍ଡ ୩ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ଦୁଇଟି ଡ୍ର ସହ ୫ ପଏଣ୍ଟ ପାଇ ଶୀର୍ଷରେ ରହିଥିଲା ଓ ଏହାପରେ ପ୍ରି- କ୍ୱାର୍ଟରରେ ୨-୧ ଗୋଲରେ ସ୍ଲୋଭାକିଆକୁ ହରାଇ କ୍ୱାର୍ଟରକୁ ଉଠିଥିଲା। ଅନ୍ୟପଟେ ସ୍ୱିଜରଲାଣ୍ଡ ଗ୍ରୁପ୍ ଏ'ରେ ୩ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ଦୁଇଟି ଡ୍ର ସହ ୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା ଓ ଏହାପରେ ରାଉଣ୍ଡ ଅଫ୍ ୧୬ରେ ୨-୦ ଗୋଲରେ ଗତଥରର ଚାମ୍ପିଅନ ଇଟାଲୀକୁ ହରାଇ କ୍ୱାର୍ଟରକୁ ଉଠିଥିଲା। ସେହିପରି ନେଦରଲାଣ୍ଡସ ରାଉଣ୍ଡ ଅଫ୍ ୧୬ରେ ୩-୦ ଗୋଲରେ ରୋମାନିଆକୁ ହରାଇ କ୍ୱାର୍ଟରକୁ ଉଠିଥିଲା। ଅନ୍ୟପଟେ ତୁର୍କୀ ୨-୧ ଗୋଲରେ ଅଷ୍ଟ୍ରିଆକୁ ହରାଇ କ୍ୱାର୍ଟରକୁ ଉଠିଥିଲା। ନେଦରଲାଣ୍ଡ ଗ୍ରୁପ୍ ଡି'ରେ ତୃତୀୟ ଓ ତୁର୍କୀ ଗ୍ରୁପ୍ ଏଫ୍‌ର ଦ୍ୱିତୀୟ ସ୍ଥାନରେ ରହିଥିଲା।



## ଓଡ଼ିଶା କ୍ରିକେଟ ଲିଗ୍-୨୦୨୪

# ୧ ରନ୍‌ରେ ପାନ୍ଥର୍ସକୁ ହରାଇଲା ଚିତାସ୍

**କଟକ, ୫।୭ (ସମିସ):** ଓଡ଼ିଶା କ୍ରିକେଟ ଲିଗ୍(ଓସିଏଲ)ର ଚଳିତ ସଂସ୍କରଣରେ ଶୁକ୍ରବାର ୨ଟି ମ୍ୟାଚ୍ ଖେଳାଯାଇଥିଲା। ଶୁକ୍ରବାର ଟୁର୍ଣ୍ଣାମେଣ୍ଟର ବିଶ୍ରାମ ଦିବସ ଥିବା ସତ୍ତ୍ୱେବର୍ଷା ଯୋଗୁଁ ପୂର୍ବରୁ ବାତିଲ ହୋଇଥିବା ଦୁଇଟି ମ୍ୟାଚ୍ ଓସିଏ ପକ୍ଷରୁ ଆୟୋଜନ କରାଯାଇଥିଲା। ପୂର୍ବାହ୍ନରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ଚିତାସ୍ ୧ ରନରେ ଓଡ଼ିଶା ପାନ୍ଥର୍ସକୁ ପରାସ୍ତ କରିଥିଲା। ଚିତାସ୍ ଅଧିନାୟକ ବିପ୍ଳବ ସାମନ୍ତରାୟ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଶ୍ରେୟାଂଶ ଭରଦ୍ୱାଜ ୫୩ରନ, ଅଧିନାୟକ ବିପ୍ଳବ ୩୩ରନର ପାଳି ଖେଳିଥିଲେ। ସର୍ବେଶ୍ୱର ମହାନ୍ତି ୧୬ରନ, ଓମଟି ମୁଣ୍ଡେ ଏବଂ ଆଶୀର୍ବାଦ ସ୍ୱାଇଁ ୧୫ରନ ଲେଖାଏ କରିବା ଯୋଗୁଁ ଚିତାସ୍ ୬ ୱିକେଟ ବିନିମୟରେ ୧୬୭ରନ ସଂଗ୍ରହ କରିଥିଲା। ପାନ୍ଥର୍ସ ପକ୍ଷରୁ ଦେବବ୍ରତ ପ୍ରଧାନ ୪ଟି ଏବଂ ଅଙ୍କିତକାର ଜୈସୱାଲ ୨ଟି ୱିକେଟ ହାସଲ କରିଥିଲେ। ମଧ୍ୟକ୍ରମ ବ୍ୟାଟିଂ ବିଫଳତା ଯୋଗୁଁ ପାନ୍ଥର୍ସକୁ ପରାଜୟର ସମ୍ମୁଖୀନ ହେବାକୁ ପଡିଥିଲା। ଓପନର ରଘୁନାଥ ମଲ୍ଲ ୪୨ରନରେ ଆଉଟ ହେବା ପରେ ଅନ୍ୟ ବ୍ୟାଟର ଆଶାନୁରୂପ ପ୍ରଦର୍ଶନ କରି ପାରିନଥିଲେ। ଅନ୍ୟତମ ଓପନର ତଥା ପାନ୍ଥର୍ସ ଅଧିନାୟକ ସନ୍ଦୀପ ପଟ୍ଟନାୟକ ଶୂନରେ ଆଉଟ ହୋଇଥିଲେ। ରାଜେଶ ଧୂପର ୫ରନ, ରାଘବେନ୍ଦ୍ର ତ୍ରିପାଠୀ ୯ରନ, ସତ୍ୟକାମ ଭରଦ୍ୱାଜ ୧ରନ ଓ ଦେବବ୍ରତ ପ୍ରଧାନ ୦ରେ କ୍ରିଜ ଛାଡିଥିଲେ। ଆଶିଷ ପରିଜା ୨୮ରନର ଧିମା ଇନିଂସ ଖେଳିଥିବା ବେଳେ ଶୁଭମ ଶତ୍ରୁଜିତ ଦ୍ରୁତ ୨୦ରନ କରିଥିଲେ। ୧୫ ଓଭର ଖେଳ ଶେଷ ସୁଦ୍ଧା ପାନ୍ଥର୍ସ ୭ ୱିକେଟ ହରାଇ ୧୨୭ରନ ସଂଗ୍ରହ କରିଥିବା ବେଳେ ବର୍ଷା ଯୋଗୁଁ ମ୍ୟାଚ୍ ସ୍ଥଗିତ ରହିଥିଲା। ପରେ ପୁର୍ନବାର ଖେଳ ସମ୍ଭବ ନହେବାରୁ ଡିଏଲଏସ୍ ପଦ୍ଧତିରେ ଚିତାସ୍‌କୁ ୧ରନରେ ବିଜୟୀ ଘୋଷିତ କରାଯାଇଥିଲା। ବିଜୟୀ ଦଳ ତରଫରୁ ସୁଶୀଲ ବାରିକ ଏବଂ ସର୍ବେଶ୍ୱର ମହାନ୍ତି ୨ଟି ଲେଖାଏ, ତାପସ ଦାସ ଏବଂ ବିପ୍ଳବ ସାମନ୍ତରାୟ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଅର୍ଦ୍ଧଶତୀକୟ ଇନିଂସ ଖେଳିଥିବା ଶ୍ରେୟାଂଶୁଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା।

ଅନ୍ୟଏକ ମ୍ୟାଚ୍‌ରେ ଓଡ଼ିଶା ପୁମାସ୍ ୫ ୱିକେଟରେ ଓଡ଼ିଶା ଜାଗୁଆର୍ସକୁ ହରାଇଛି। ଜାଗୁଆର୍ସ ଅଧିନାୟକ ଅନୀଲ ପରିଡା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦଳ ୯ ୱିକେଟ ହରାଇ ୯୮ରନ କରିଥିଲା। ସମ୍ବିତ ବରାଳ ସର୍ବାଧିକ ୨୭ରନ କରିଥିଲେ। ପୁମାସ୍ ପକ୍ଷରୁ ରାଜେଶ ମହାନ୍ତି ସର୍ବାଧିକ ୪ଟି, ବିଶ୍ୱଜିତ ମହାପାତ୍ର ୨ଟି ଏବଂ ସୌଭାଗ୍ୟ ରାଉତ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ୧୫.୧ ଓଭରରେ ୫ ୱିକେଟ ହରାଇ ଓଡ଼ିଶା ପୁମାସ୍ ବିଜୟୀ ହୋଇଥିଲା। ଓପନର ସ୍ୱସ୍ତିକ ସାମଲ ୨୬ବଲରୁ ଦ୍ରୁତ ୪୨ରନ କରିଥିଲେ। ଗିରିଜା ଶଙ୍କର ବାରିକ ୨୬ରନ, ମାନବ ଭଟ୍ଟାଚାର୍ଯ୍ୟ ୧୭ରନ କରିଥିଲେ। ଜାଗୁଆର୍ସ ଦଳର କ୍ରୀଷ୍ଣା ପଲାଇ ୩ଟି ୱିକେଟ ହାସଲ କରିଥିବା ବେଳେ ଆଶିଷ ରଏ ଏବଂ ବାଦଲ ବିଶ୍ୱାଳଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା। ରାଜେଶ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA